୪୫

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୮/୨୦୧୮ (୧୬ ପୃଷ୍ଠା+ସାହିତ୍ୟାୟନ) Bhubaneswar, Wednesday, November 28/ 2018 | ★★★★

୪୫ଶ ଭାଗ ୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



**ବିସିସିଆଇକୁ ମିଥାଲିଙ୍କ ଚିଠି**

ମହିଳା କ୍ରିକେଟର ମିଥାଲି ରାଜ ସିଓଏ ସଦସ୍ୟା ଡାଏନା ଇଡୁଲ୍‌ଜୀ ଏବଂ କୋଚ୍ ରମେଶ ପାୱାରଙ୍କ ବିରୋଧରେ ବିସିସିଆଇକୁ ଚିଠି ଲେଖିଛନ୍ତି।

୧୫

୦୫

**ସିନେମାରେ ପ୍ରେମ ପ୍ରଣୟକୁ ପସନ୍ଦ କରନ୍ତି ଦର୍ଶକ**

ସିନେମାରେ ପ୍ରେମ ପ୍ରଣୟ ରହିଲେ ଏହା ଦର୍ଶକଙ୍କ ପାଇଁ ଖୁବ୍ ରୋମାଞ୍ଚକର ହୋଇଥାଏ ବୋଲି ବଲିଉଡ୍ ଅଭିନେତ୍ରୀ ତବୁ ପ୍ରକାଶ କରିଛନ୍ତି।



## ଧର୍ମେନ୍ଦ୍ର ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ: ଜୁଏଲ




ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ୍ ଓରାମ ।

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ନିକଟରେ ଭିଆର୍‌ଏସ୍ ନେଇଥିବା ଆଇଏଏସ୍ ଅଫିସର ଅପରାଜିତା ଷଡଙ୍ଗୀ ମଙ୍ଗଳବାର ଭାଜପାରେ ଯୋଗଦେଇଛନ୍ତି। ଶେଷରେ ଦୀର୍ଘଦିନ ଧରି ରାଜନୀତିରେ ତାଙ୍କର ଯୋଗଦାନ ନେଇ ଚାଲିଥିବା ଚର୍ଚ୍ଚାର ଅବସାନ ଘଟିଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଉପସ୍ଥିତ ଥିଲେ। ଅନ୍ୟପଟେ ଅପରାଜିତାଙ୍କ ଭଳି ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀଙ୍କୁ ଆଣି ଭାଜପା ଓଡିଶାରେ ତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବାକୁ ଚାହୁଁଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ହେଲେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏକଥାକୁ ସିଧା ଖଣ୍ଡନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହିଁ ଓଡ଼ିଶାରେ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବୋଲି ଜୁଏଲ କହିଛନ୍ତି। ଏପରି କି ଓଡ଼ିଶାରେ ଧର୍ମେନ୍ଦ୍ରଙ୍କ ନେତୃତ୍ୱରେ ଆମେ ନିର୍ବାଚନ ଲଢ଼ିବୁ। ଏଥିରେ ସନ୍ଦେହ କରିବାର ପ୍ରଶ୍ନ ଉଠୁନାହିଁ। ଆମର ପ୍ରମୁଖ ଲକ୍ଷ୍ୟ ଓଡିଶାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାମିଲ ଶାସନ ଯିବା ଦରକାର। ସେହି ଦିଗରେ ଦଳ କାମ କରୁଛି। ଏ ସମ୍ପର୍କରେ ଆଗରୁ କହିଥିଲି, ଏବେ ବି କହୁଛି ବୋଲି ଜୁଏଲ କହିଛନ୍ତି।





ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍. ରହମନ, ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ସମେତ ଅଭିନେତା ଶାହରୁଖ୍ ଖାନ୍ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

# ହକି ବିଶ୍ୱକପ ଉଦ୍‌ଘାଟିତ

ଭୁବନେଶ୍ୱର, ୨୭।୧୧(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ସୋମବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିବାବେଳେ ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ବାତ୍ରା ଉପସ୍ଥିତ ରହି ଏପରି ଏକ ଆୟୋଜନରେ ଅଭିଭୂତ ହୋଇଥିଲେ। ଆଖି ଝଲସାଇଦେବାଭଳି କାର୍ଯ୍ୟକ୍ରମର ମୁଖ୍ୟ ନାୟିକା ସାଜିଥିଲେ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ। ସେ ପୃଥିବୀ ମାତା ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଅଭିନେତା ଶାହରୁଖ ଖାନ ଏବଂ ବିଶ୍ୱର ଅନ୍ୟତମ ☞ପୃଷ୍ଠା–୧୧

## ନୃତ୍ୟଗୀତରେ ଚମକିଲା କଳିଙ୍ଗ

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ଇତିହାସ ରଚିଲା କଳିଙ୍ଗ ଷ୍ଟାଡିୟମ୍। ତୃତୀୟଥର ପାଇଁ ଭାରତରେ ହକି ବିଶ୍ୱକପ୍‌ର ଆୟୋଜକ ହେବାର ସୌଭାଗ୍ୟ ଅର୍ଜନ କଲା ଭୁବନେଶ୍ୱର। ତାରକା ଖଚିତ ସନ୍ଧ୍ୟାରେ ୧୬ଟି ରାଷ୍ଟ୍ରର କ୍ରୀଡାବିତ୍ ଓ ଦର୍ଶକଙ୍କୁ ସ୍ୱାଗତ କଲା ଓଡ଼ିଶା। ଆତସବାଜି ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରୁ ପଡ଼ିଲା ହକି ମହାକୁମ୍ଭର ଶୁଭ୍ ଉଦ୍‌ଘାଟନୀ। ସାରା ବିଶ୍ୱ ଦେଖିଲା ଓଡ଼ିଶା କଳା, ସଂସ୍କୃତି ଓ ଐତିହ୍ୟର ଝଲକ। କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତର ବିଭିନ୍ନତା ମଧ୍ୟରେ ଥିବା ଏକତା ପ୍ରତିଫଳନ ହେଲା କଳିଙ୍ଗ ଷ୍ଟାଡିୟମ୍‌ରେ। ୧୧୦୦ରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀଙ୍କ ସହ ଏ.ଆର୍. ରହମନ୍, ଶାହରୁଖ ଖାନ୍ ଓ ମାଧୁରୀ ଦୀକ୍ଷିତଙ୍କ ଭଳି ଖ୍ୟାତନାମା ସେଲିବ୍ରିଟି ଏହି ବିଶ୍ୱସ୍ତରୀୟ ଇଭେଣ୍ଟକୁ ଦେଲେ ଏକ ସଫଳ ନାମ। ହକି ପାଇଁ ସ୍ପନ୍ଦିତ ହେଲା ସମସ୍ତଙ୍କ ହୃଦୟ। କ୍ଲାସିକାଲ୍‌ରୁ ୱେଷ୍ଟର୍ନ, ☞ପୃଷ୍ଠା–୧୧

## ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

## ମହମ୍ମଦ ଅଜିଜ୍‌ଙ୍କ ପରଲୋକ



ମୁମ୍ବାଇ,୨୭।୧୧

ଲୋକପ୍ରିୟ ଗାୟକ ମହମ୍ମଦ ଅଜିଜ୍‌ଙ୍କ ପରଲୋକ ହୋଇଛି। ତାଙ୍କୁ ୬୪ ବର୍ଷ ହୋଇଥିଲା। 'ମାଇଁ ନେମ୍ ଇଜ୍ ଲଖନ୍', 'ଆପ୍ କେ ଆ ଜାନେ ସେ', 'ଦିଲ୍ ଲେ ଗୟି ତେରି ବିନ୍ଦିୟା' ଭଳି ଗୀତ ଗାଇ ଶ୍ରୋତାଙ୍କ ମନ ଜିଣିଥିବା ଅଜିଜ୍ ମଙ୍ଗଳବାର ଅପରାହ୍ଣ ୩ଟା ୧୭ରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ହୃଦ୍‌ଘାତ ଯୋଗୁ ତାଙ୍କ ମୃତ୍ୟୁ ହୋଇଥିବା ମୁମ୍ବାଇସ୍ଥିତ ନାନାବତୀ ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ହିନ୍ଦୀ, ଓଡ଼ିଆ ଓ ବଙ୍ଗଳା ଫିଲ୍ମରେ ୨୦,୦୦୦ରୁ ଅଧିକ ଗୀତରେ ସେ କଣ୍ଠଦାନ କରିଛନ୍ତି। ସେ ମଧ୍ୟ ଅନେକ ☞ପୃଷ୍ଠା–୧୧

**ଆଜିର ସମ୍ପାଦକୀୟ**

ଭୁବନେଶ୍ୱରରେ ବିଶ୍ୱ

**ଆଜିର ମନ୍ତବ୍ୟ**

"ବଂଶବାଦ ଉପରେ ବିଶ୍ୱାସ ରଖୁଥିବା କଂଗ୍ରେସ ସାଙ୍ଗିଆକୁ 'ରାଜନୈତିକ ବ୍ରାଣ୍ଡ' ଭାବେ ଧରିନେଇଛି ।

– ଅରୁଣ ଜେଟ୍‌ଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ

■ **ବଳରାମପୁର ଗଛକଟା ପ୍ରସଙ୍ଗରେ ଏନ୍‌ଜିଟି ଛାଟ**

## ରାଜ୍ୟ ସରକାରଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ବଳରାମପୁରଠାରେ ପ୍ରସ୍ତାବିତ ବିୟର ବଟଲିଂ ପ୍ଲାଣ୍ଟ ପାଇଁ ଅଞ୍ଚଳବାସୀଙ୍କ ତୀବ୍ର ବିରୋଧ ସତ୍ତ୍ୱେ ସେଠାରେ ଶତାଧିକ ଗଛ କାଟି ଦିଆଗଲା। ଏହାକୁ ନେଇ ଜନଆନ୍ଦୋଳନ ଉଗ୍ରରୂପ ନେବାରୁ ରାଜ୍ୟ ସରକାର ପ୍ଲାଣ୍ଟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଲେ। ବର୍ତ୍ତମାନ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ଛାଟ ପଡ଼ିଛି। ଗଛକଟାରେ ଜଙ୍ଗଲ ଆଇନ ୧୯୮୦ର ଖୋଲା ଉଲ୍ଲଂଘନ ହୋଇଥିବା ଏନ୍‌ଜିଟି କହିଛନ୍ତି। କେଉଁ ପରିସ୍ଥିତିରେ ଶତାଧିକ ମୂଲ୍ୟବାନ ଗଛ କାଟିଦିଆଗଲା ସେନେଇ ଆସନ୍ତା ଜାନୁୟାରୀ ୨୧ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ ☞ପୃଷ୍ଠା–୧୧

# ଟିକିରା, ବ୍ରାହ୍ମଣୀରେ ମିଶିଲା ଏନ୍‌ଟିପିସି ପାଉଁଶ ପାଣି

ତାଲଚେର/କଣିହାଁ, ୨୭।୧୧ (ନି.ପ୍ର.)

କଣିହାଁ ସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପର ପାଉଁଶ ପୋଖରୀରୁ ମଙ୍ଗଳବାର ପ୍ରବଳ ମାତ୍ରାରେ ପାଉଁଶ ମିଶା ପାଣି ଟିକିରା ଦେଇ ବ୍ରାହ୍ମଣୀ ନଦୀରେ ମିଶିଛି। ଏହାକୁ ନେଇ ଅଞ୍ଚଳବାସୀ ଓ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ବର୍ଷ ବର୍ଷ ଧରି ଏପରି ପାଉଁଶ ପାଣି ମିଶି ନଦୀ ଜଳକୁ ଦୂଷିତ କରୁଥିଲେ ହେଁ କୌଣସି ସ୍ଥାୟୀ ପ୍ରତିକାର କରାଯାଉ ନ ଥିବାରୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସର୍ବୋପରି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନୀରବତା ଆଶ୍ଚର୍ଯ୍ୟଜନକ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, କିଛି ଦିନ ହେଲା ଏନ୍‌ଟିପିସି ପାଉଁଶ ପୋଖରୀର ଉଦ୍‌ବୃତ୍ତ ପାଉଁଶ ପାଣି ବାଙ୍ଗୁଲି ନାଳ ଦେଇ ପ୍ରବାହିତ ହେଉଥିଲା। କିନ୍ତୁ ସୋମବାର ରାତିରୁ ଏହା ପ୍ରବଳ ମାତ୍ରାରେ ଟିକିରା ଓ ବ୍ରାହ୍ମଣୀ ନଦୀରେ ମିଶୁଛି। ଫଳରେ ଉଭୟ ନଦୀର ଜଳ ପ୍ରଦୂଷିତ ହେଉଛି। ଟିକିରା ନଦୀକୂଳ ବଣଭୋଜି ନିମନ୍ତେ ଏକ ପ୍ରକୃଷ୍ଟ ସ୍ଥାନ ହୋଇଥିବାରୁ ଡିସେମ୍ବର, ଜାନୁୟାରୀରେ ଏଠାକୁ ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସିଥାନ୍ତି। କିନ୍ତୁ ନଦୀ ପାଣି



ଟିକିରା ନଦୀରେ ମିଶୁଥିବା ଏନ୍‌ଟିପିସି ପାଉଁଶ ପାଣି।

ଦୂଷିତ ହେଉଥିବାରୁ ଆଉ ପୂର୍ବ ଭଳି ଲୋକେ ବଣଭୋଜି ପାଇଁ ନଦୀପଠାକୁ ଆସୁନାହାନ୍ତି। ଏପରି କି ଆସୁଥିବା ଲୋକମାନେ ସାଥିରେ ପାଣି ଧରି ଆସୁଥିବା ଦେଖାଯାଉଛି। ଟାକୁଆ ଗ୍ରାମର ଲକ୍ଷ୍ମୀଧର ସେଠୀ କୁହନ୍ତି, ବର୍ଷବର୍ଷ ଧରି ଏପରି ସମସ୍ୟାର ସମ୍ମୁଖୀନ ହେଉଛୁ। ଗ୍ରାମର ୨ଜଣ ଅଜଣା ରୋଗର ଶିକାର ହୋଇଛନ୍ତି। ଶ୍ରୀଧର ସାହୁ କହିଛନ୍ତି, ପାଉଁଶ ମିଶା ନଦୀ ପାଣିରେ ଗାଧୋଇବା ଦ୍ୱାରା ଦେହ କୁଣ୍ଡେଇ ହେବା ସହ ଫୋଟକା ହୋଇଯାଉଛି। ବେଳେ ବେଳେ ପାଉଁଶ ପାଣି ଗ୍ରାମ ଡ୍ରେନ ଦେଇ ପ୍ରବାହିତ ହେଉଛି। ଟୋଲକବେଡା ଲକ୍ଷ୍ମୀ ନାରାୟଣ ୟୁଥ୍ ଟ୍ରଷ୍ଟ ସଭାପତି ସୌରଭ ପ୍ରଧାନ କୁହନ୍ତି, ଟିକିରା ନଦୀକୂଳବାସୀ ପ୍ରଦୂଷଣର ଶିକାର ହେଉଛନ୍ତି। ପ୍ରତିକାର କରା ନ ଗଲେ ଆନ୍ଦୋଳନ କରାଯିବ। କଣିହାଁ ବଜାର ବାସିନ୍ଦା କର୍ଣ୍ଣକୁମାର ଭୂତିଆ କୁହନ୍ତି, ଟାକୁଆର ପାଣି ଏଭଳି ହୋଇଛି ଯେ ଗୋରୁ ମଧ୍ୟ ଆଉ ମୁହଁବୁଡ଼ାଉ ନାହାନ୍ତି।

ସମସ୍ୟା ସମ୍ପର୍କରେ ଏନ୍‌ଟିପିସି ଅଧିକାରୀ ଏଲ.ଡି. ସାହୁ କହିଛନ୍ତି, ବେଳେ ବେଳେ ସ୍ଥାନ ଅଭାବରୁ ଅସହାୟ ହୋଇପଡୁଛୁ। ନଦୀକୁ ପାଣି ଯିବା କ୍ଷଣି ପ୍ରତିକାର ବ୍ୟବସ୍ଥା କରାଯାଉଛି। ଏବେ ଉକ୍ତ ପାଉଁଶ ମିଶା ପାଣିକୁ ବନ୍ଦକରି ଦିଆଯାଇଛି। ☞ପୃଷ୍ଠା–୧୧

NECC NATIONAL EGG CO-ORDINATION COMMITTEE 27.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 69 | 118 | 128 |
| DKL | 70 | 119 | 129 |
| BDK | 69 | 118 | 128 |
| BLS | 70 | 119 | 129 |
| ANG | 72 | 122 | 132 |

*Conditions Apply

Eggs Retail Price- 48/-Dozen

Issued in the Interest of Consumers

# ଡାଡିଲେ ଜମାକାରୀ, ଏଜେଣ୍ଟ୍

ବ୍ରହ୍ମପୁର ଅଫିସ୍,୨୭।୧୧

ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଜିଏଲପି (ଗୋଲଡେନ୍ ଲ୍ୟାଣ୍ଡ ପ୍ରମୋଟର୍ସ) ଲିଃର ବ୍ରହ୍ମପୁରରେ ରହୁଥିବା ଆର୍‌ଏମ୍ (ରିଜିଓନାଲ୍ ମ୍ୟାନେଜର୍ କମ୍ ଓଡିଶା ଷ୍ଟେଟ୍ ଡାଇରେକ୍ଟର) ରମେଶ ପାତ୍ରଙ୍କ ଘର ସମ୍ମୁଖରେ ମଙ୍ଗଳବାର ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଜମାକାରୀ ଓ ଏଜେଣ୍ଟ ଧାରଣା ଦେବା ସହିତ ହୋହଲ୍ଲା କରିଥିଲେ। ଲୋକେ କିଛି ସମୟ ଧରି ଉତ୍ତେଜିତ ହୋଇ ଘର ଉପରକୁ ଢେଲା, ପଥର ମାଡ କରିଥିଲେ। ପଥର ମାଡରେ ଝରକା କାଚ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ୬ ଏଜେଣ୍ଟ ଆର୍‌ଏମଙ୍କ ଘରକୁ ଯାଇ ଆଲୋଚନା କରି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୨ଟା ୩୦ ପର୍ଯ୍ୟନ୍ତ ଜମାକାରୀ ଓ ଏଜେଣ୍ଟମାନେ ସେଠାରେ ହରତାଳ କରିବା



ଆର୍‌ଏମ୍ ରମେଶ ପାତ୍ରଙ୍କ ଘର ସମ୍ମୁଖରେ ଜମାକାରୀ ଓ ଏଜେଣ୍ଟମାନେ ପାଟିତୁଣ୍ଡ କରୁଛନ୍ତି।

ପରେ ନିରାଶ ହୋଇ ଫେରି ଯାଇଥିଲେ।

ପ୍ରକାଶଯେ, ୧୯୮୮ରୁ ଏହି କମ୍ପାନୀ ଆରମ୍ଭ ହୋଇ ୧୯୯୦ରେ ଓଡିଶାରେ ପ୍ରଥମ ପ୍ରବେଶ କରିଥିଲା। ଜମାକାରୀଙ୍କୁ ବିଭିନ୍ନ ସ୍କିମ୍ ମାଧ୍ୟମରେ ପ୍ରଲୋଭନ ଦେଖାଇ ୫୬୭ କୋଟି ଟଙ୍କାର ଠକି ନେଇଥିଲା। ପରବର୍ତ୍ତୀ ସମୟରେ ୨୦୧୩, ମେ ୧୦ ତାରିଖରେ ସମସ୍ତ ବ୍ରାଞ୍ଚଗୁଡିକରେ ଚଢାଉ କରାଯାଇ ସିଲ୍ କରାଯାଇଥିଲା। ମାମଲାରେ ଆର୍‌ଏମ୍ ରମେଶ ପାତ୍ରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛି ମାସ ପରେ ସେ ଜାମିନରେ ଆସି ବ୍ରହ୍ମପୁର ମୟୂର ବିହାର

■ **ଆର୍‌ଏମ୍‌ଙ୍କ ଘର ସାମ୍‌ନାରେ ଧାରଣା, ପଥର ମାଡ଼**

ଚତୁର୍ଥ ଲେନ୍‌ରେ ରହୁଛନ୍ତି। ମାମଲା କୋର୍ଟରେ ବିଚାରାଧୀନ ଥିବାରୁ କୌଣସି ନିଷ୍କର୍ଷ ବାହାରି ନ ଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅର୍ଥ ଫେରସ୍ତ ଦାବି କରି ଆସୁଛନ୍ତି। ଉଭୟ ଏଜେଣ୍ଟ ଓ ଜମାକାରୀ। ଅର୍ଥନୈତିକ ଅପରାଧ ବିଭାଗ ପକ୍ଷରୁ କମ୍ପାନୀର ସମସ୍ତ ସମ୍ପତ୍ତି ଜବତ କରାଯାଇ ନ ଥିବା ବେଳେ କେବଳ ୩୦ରୁ ୪୦ ପ୍ରତିଶତ ଭାଗ ଜବତ କରାଯାଇଥିବା ଏଜେଣ୍ଟ ଓ ଜମାକାରୀମାନେ କହିଛନ୍ତି। ସମ୍ପୂର୍ଣ୍ଣ ସମ୍ପତ୍ତି ଜବତ ହୋଇ ନ ଥିବାରୁ କମ୍ପାନୀ ଆର୍‌ଏମ୍ ପାତ୍ର ଏବଂ ତାଙ୍କ ସହଯୋଗୀମାନେ କମ୍ପାନୀ ନାମରେ ରହିଥିବା ବିଭିନ୍ନ ସମ୍ପତ୍ତି ଚଞ୍ଚକତା କରି ନିଜ ନାମରେ କରାଇ ଦେଇଛନ୍ତି ବୋଲି ଅଭିଯୋଗ ହୋଇଛି ।

ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡ୍‌ୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ: ଯାଜପୁର:** ଅଜୟ କୁମାର ଯାଦବ (୭୬୦୮୯୯୮୬୦୧) **ଜଗତ୍‌ସିଂହପୁର:** ଦେବରାଜ ସାମଲ (୯୯୩୮୧୩୭୭୪୬) **କେନ୍ଦ୍ରାପଡ଼ା/କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫) **ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧)

ଦୂରଭାଷ: ୦୬୭୪–୨୫୮୦୧୦୧/୨୫୪୯୩୦୨



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନ୍‌ଡିଏ ସରକାରର ବିଫଳତାରୁ ଲୋକଙ୍କ ଧ୍ୟାନ ହଟାଇବାକୁ ଉଦ୍ୟମ କରୁଛନ୍ତି। ଏଥିପାଇଁ ସେ ନିର୍ବାଚନ ପ୍ରଚାର ବେଳେ ନିଜକୁ ପୀଡ଼ିତ ଭାବେ ଦର୍ଶାଉଛନ୍ତି।

-ମନୀଷ ତିୱାରୀ, କଂଗ୍ରେସ ମୁଖପାତ୍ର

## ସଂକ୍ଷେପରେ

### ୨୬/୧୧ ଆକ୍ରମଣ
### ଭାରତୀୟଙ୍କ ସହ ଆମେରିକା



ୱାଶିଂଟନ,୨୭।୧୧(ପି.ଟି.): ୨୬/୧୧ ମୁମ୍ବାଇ ଆକ୍ରମଣକୁ ଦଶବର୍ଷ ପୂରିଛି। ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ଯେପରି ନ୍ୟାୟ ପାଇବେ ସେଥିପାଇଁ ଆମେରିକା ଭାରତୀୟଙ୍କ ସହିତ ରହିଛି। ଏହି ଆକ୍ରମଣର ଦଶମ ବାର୍ଷିକୀ ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହା କହିଛନ୍ତି। ଲଶ୍କର-ଇ-ତୋଇବାର ୧୦ ଆତଙ୍କବାଦୀ ୨୦୦୮ ନଭେମ୍ବର ୨୬ରେ ମୁମ୍ବାଇରେ ଆକ୍ରମଣ କରିଥିଲେ। ଏଥିରେ ୬ ଆମେରିକୀୟଙ୍କ ସମେତ ୧୬୬ ଜଣ ପ୍ରାଣ ହରାଇଥିଲେ । ଏହି ଘଟଣାକୁ ୧୦ ବର୍ଷ ବିତିଥିଲେ ମଧ୍ୟ ଏପର୍ଯ୍ୟନ୍ତ ମୃତକଙ୍କ ପରିବାରକୁ ନ୍ୟାୟ ମିଳିନାହିଁ। ସେମାନେ ଯେପରି ନ୍ୟାୟ ପାଇପାରିବେ ଏଥିପାଇଁ ଆମେରିକା ସର୍ବଦା ଭାରତ ପାଖରେ ଛିଡା ହୋଇଛି । ଆତଙ୍କବାଦୀଙ୍କୁ କଦାପି ଜିତିବାକୁ ଦିଆଯିବ ନାହିଁ ବୋଲି ସେ ଟୁଇଟ୍ କରିଛନ୍ତି।

### [ଇତିହାସର ଆଇନାରେ]
### ନଭେମ୍ବର ୨୮ର ପ୍ରମୁଖ ଘଟଣା

୧୯୭୧ ନଭେମ୍ବର ୨୮ରେ ଜୋର୍ଡାନ ପ୍ରଧାନମନ୍ତ୍ରୀ ୱାସ୍‌ଫି ଅଲ୍-ଟାଲ୍‌ଙ୍କୁ ହତ୍ୟା କରାଯାଇଥିଲା। ପାଲେଷ୍ଟାଇନ୍ ଲିବରେଶନ୍ ଅର୍ଗାନାଇଜେଶନର ‘ବ୍ଲାକ୍ ସେପ୍ଟେମ୍ବର’ ୟୁନିଟ୍ ଏହି ହତ୍ୟାକାଣ୍ଡ ଭିଆଇଥିଲେ।

୧୯୧୯ ନଭେମ୍ବର ୨୮ରେ ନାନ୍ସି ୱିଚର୍ ଲାଙ୍ଗହର୍ନ ଆଷ୍ଟର୍ ପ୍ରଥମ ମହିଳା ଭାବେ ବ୍ରିଟେନ୍ ପାର୍ଲାମେଣ୍ଟକୁ ଯାଇଥିଲେ। ନିର୍ବାଚନରେ ପ୍ଲାଏମାଉଥ୍ ଆସନରୁ ବିଜୟୀ ହେବା ପରେ ସେ ବ୍ରିଟେନ୍ ପାର୍ଲାମେଣ୍ଟର ହାଉସ୍ ଅଫ୍ କମନ୍ସର ସଦସ୍ୟା ଭାବେ ସ୍ଥାନ ପାଇଥିଲେ।

### କେନ୍ଦ୍ର ଚାହୁଁଥିଲା କଶ୍ମୀରରେ ଯୋଗାଡ଼ିଆ ସରକାର
# ଧରାପଡ଼ିଲା ଭିତିରି ଚାଲ୍

ଶ୍ରୀନଗର,୨୭।୧୧

ମୁଁ କେନ୍ଦ୍ର ସରକାରଙ୍କ କଥା ଶୁଣିଥିଲେ ପିପୁଲ୍ସ କନ୍‌ଫରେନ୍ସ (ପିସି) ଅଧ୍ୟକ୍ଷ ସଜାଦ୍ ଲୋନ୍ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ। କିନ୍ତୁ ମୁଁ ଦିଲ୍ଲୀର କଥା ଶୁଣିନାହିଁ କି ସେପରି କିଛି କରିନାହିଁ। ଯାହା ବି କରିଛି ଠିକ୍ କରିଛି। ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକ୍ ଏପରି ଦାବି କରିଛନ୍ତି। ତାଙ୍କର ଏହି ମନ୍ତବ୍ୟ କ୍ୟାମେରାରେ କଏଦ୍ ହେବା ପରେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଏଥିରୁ କେନ୍ଦ୍ରରେ କ୍ଷମତାସୀନ ଏନ୍‌ଡିଏ ସରକାରଙ୍କ ଭିତିରି ଚାଲ୍ ଧରାପଡ଼ିଯାଇଛି।

ସପ୍ତାହେ ତଳର କଥା। ଜମ୍ମୁ-କଶ୍ମୀରରେ ମେଣ୍ଟ ସରକାର ଗଠନ ପାଇଁ ପୁଣିଥରେ ହୋଇଥିଲା ଜୋର୍‌ଦାର ଉଦ୍ୟମ। ଗୋଟିଏ ପଟେ କଂଗ୍ରେସ ଏବଂ ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି) ସମର୍ଥନରେ ସରକାର ଗଢ଼ିବାକୁ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍‌ତି ୨୧ ତାରିଖରେ ରାଜ୍ୟପାଳଙ୍କ ନିକଟକୁ ପତ୍ର ଲେଖି ଦାବି ଜଣାଇଥିଲେ। ପିଡିପିର ୨୯, ଏନ୍‌ସିର ୧୫ ଓ କଂଗ୍ରେସର ୧୨ ସଦସ୍ୟଙ୍କ ସମର୍ଥନକ୍ରମେ ମେଣ୍ଟର ବିଧାୟକ ସଂଖ୍ୟା ୫୬ରେ ପହଞ୍ଚିଥିବାରୁ ସରକାର ଗଠନ ଲାଗି ସୁଯୋଗ ଦିଆଯାଉ ବୋଲି ମେହବୁବା ଏଥିରେ ଦାବି କରିଥିଲେ। ସେପଟେ ଭାଜପାର ୨୫ ଓ ଅନ୍ୟ ଦଳର ୧୮ ବିଧାୟକଙ୍କ ସମର୍ଥନ ସହ ରାଜ୍ୟପାଳଙ୍କ ନିକଟରେ ଅନୁରୂପ ଦାବି ଜଣାଇଥିଲେ ପିସି ନେତା ସଜାଦ୍ ଲୋନ୍। ମେହବୁବାଙ୍କ ନିଜ ପତ୍ର ରାଜ୍ୟପାଳଙ୍କ ନିକଟକୁ ପଠାଇବାବେଳେ ରାଜଭବନର ଫ୍ୟାକ୍ସ ମେଶିନ୍ କାମ କରି ନ ଥିଲା। ଏହାକୁ ନେଇ ବିବାଦ ଉଠିଥିଲା। ଉଭୟ ପକ୍ଷରୁ ସରକାର ଗଠନ ଲାଗି ଦାବି ଉଠିବା ପରେ ଘୋଡ଼ାବେପାରର ଆଳ ଦେଖାଇ ଓ ବିଷମ ଜାତୀୟ ଦଳର ସରକାର ଗଠନ ହେଲେ ସ୍ଥାୟୀ ହୋଇ ରହିପାରିବ ନାହିଁ ଦର୍ଶାଇ ରାଜ୍ୟପାଳ ସେହି ରାତିରେ ଜମ୍ମୁ-କଶ୍ମୀର ବିଧାନସଭାକୁ ଭଙ୍ଗ କରିଦେଇଥିଲେ। ଏହି ନାଟକୀୟ ଘଟଣାକ୍ରମକୁ ନେଇ ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଥିଲା। ଏହାର ସପ୍ତାହେ ପରେ ରାଜ୍ୟପାଳଙ୍କ ଏକ ମନ୍ତବ୍ୟର ଭିଡିଓର କିଛି ଅଂଶ ସାମ୍ନାକୁ ଆସିବା ପରେ ଚର୍ଚ୍ଚାର ବିଷୟ ପାଲଟିଛି। ଶନିବାର ମଧ୍ୟପ୍ରଦେଶର ଗ୍ୱାଲିଅରସ୍ଥିତ ଆଇଟିଏମ୍ ଛାତ୍ରୀଛାତ୍ରଙ୍କୁ ଏକ କାର୍ଯ୍ୟକ୍ରମରେ ସମ୍ବୋଧିତ କରି ସତ୍ୟପାଲ କହିଥିଲେ, କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ମାନିଥିଲେ ସେ ଲୋନ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରାଇଥାନ୍ତେ। ସେ ଲୋନ୍‌ଙ୍କୁ ସୁଯୋଗ ଦେଇଥିଲେ ଇତିହାସରେ ଜଣେ ବେଇମାନ ଲୋକ ଭାବେ ପରିଗଣିତ ହୋଇଥାନ୍ତେ। କିନ୍ତୁ ସେ ସମସ୍ତ ବିଷୟକୁ ଅନୁଧ୍ୟାନ କରିବା ପରେ ସରକାର ଗଠନର ଦ୍ୱାର ବନ୍ଦ କରିଦେଇଥିଲେ। ଯିଏ ତାଙ୍କ ବିରୋଧରେ ଯାହା କହୁଛି କହୁ। ସେ ଯାହା କରିଛନ୍ତି ତାହା ନିର୍ଭୁଲ ନିଷ୍ପତ୍ତି ବୋଲି ରାଜ୍ୟପାଳ କହିଛନ୍ତି। ବିରୋଧୀ ରାଜ୍ୟପାଳଙ୍କୁ କେନ୍ଦ୍ର ସରକାରଙ୍କ ହାତ କଣ୍ଢେଇ ବୋଲି ଅଭିହିତ କରୁଥିବାବେଳେ ତାଙ୍କର ଏହି ମନ୍ତବ୍ୟ ସାମ୍ନାକୁ ଆସିଛି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ଜମ୍ମୁ-କଶ୍ମୀରରେ ଯେନତେନ ପ୍ରକାରେ ଯୋଗାଡ଼ିଆ ସରକାର ଗଠନ ହେଉ ବୋଲି କେନ୍ଦ୍ର ଚାହୁଁଥିଲା। କାରଣ ଲୋନ୍‌ଙ୍କ ନିକଟରେ ସଂଖ୍ୟାଗରିଷ୍ଠ ବିଧାୟକଙ୍କ ସମର୍ଥନ ନ ଥିଲା।

ସୂଚନାଯୋଗ୍ୟ ଯେ, ପିଡିପି ନେତୃତ୍ୱାଧୀନ ମେଣ୍ଟ ସରକାରରୁ ଭାଜପା ସମର୍ଥନ ପ୍ରତ୍ୟାହାର କରିବା ପରେ ଜୁନ୍ ୧୯ରେ ଜମ୍ମୁ-କଶ୍ମୀରରେ ରାଜ୍ୟପାଳ ଶାସନ ଜାରି ହୋଇଥିଲା। ଡିସେମ୍ବର ୧୯ରେ ରାଜ୍ୟପାଳ ଶାସନ ଅବଧି (୬ ମାସ) ପୂରିବାକୁ ଥିବାବେଳେ ଏହାପୂର୍ବରୁ ପିଡିପି-ଏନ୍‌ସି ଏବଂ କଂଗ୍ରେସ ମେଣ୍ଟ ସରକାର ଗଠନ ପାଇଁ ଅଣ୍ଟାଭିଡ଼ିଥିଲେ। ଭାଜପା ଓ କେନ୍ଦ୍ର ସରକାରଙ୍କ ଚାଲ୍ ଯୋଗୁ ଶେଷ ମୁହୂର୍ତ୍ତରେ ମେଣ୍ଟ ସରକାର ଗଠନ ଉଦ୍ୟମ ଭଣ୍ଡୁର ହୋଇଯାଇଥିଲା। ତେଣୁ କେନ୍ଦ୍ରର ଇଙ୍ଗିତରେ ରାଜ୍ୟପାଳ ବିଧାନସଭାକୁ ଭଙ୍ଗ କରିଦେଇଥିବା ଏଥିରୁ ସ୍ପଷ୍ଟ ହେଉଛି କଂଗ୍ରେସ କହିଛି। ରାଜ୍ୟପାଳ କେନ୍ଦ୍ରର କଥାକୁ ଗୁରୁତ୍ୱ ଦେଇ ନ ଥିବାରୁ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ଏବଂ ଏନ୍‌ସି ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ମୁଁ କେନ୍ଦ୍ରର କଥା ମାନିଥିଲେ ସଜାଦ୍ ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ: ରାଜ୍ୟପାଳ



ସତ୍ୟପାଲ ମଲିକ



ସଜାଦ୍ ଲୋନ୍

### ଆତଙ୍କବାଦୀ ଥିଲେ, ଶହୀଦ ହେଲେ



ନାଜିର ଅହମଦ ୱାନି

ଶ୍ରୀନଗର,୨୭।୧୧(ପି.ଟି.)

ଜମ୍ମୁ-କଶ୍ମୀର ସୋପିଆନ ଜିଲାରେ ରବିବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୬ ଆତଙ୍କବାଦୀ ନିହତ ହୋଇଥିଲେ। ଏହି ଆତଙ୍କବାଦ ନିରୋଧୀ ଅପରେଶନ ବେଳେ ଲାନ୍ସ ନାଏକ ନାଜିର ଅହମଦ ୱାନି ଶହୀଦ ହୋଇଥିଲେ। ୱାନି ଏକଦା ଜଣେ ଆତଙ୍କବାଦୀ ଥିଲେ। ଆତ୍ମସମର୍ପଣ ପରେ ସେ ସେନାରେ ଯୋଗଦେଇଥିଲେ। ଜଣେ ଦୁଃସାହସୀ ଯବାନ ଭାବେ ପରିଚିତ ନାଜିର ବୀରତା ଲାଗି ୨୦୦୭ରେ ଏବଂ ଚଳିତ ବର୍ଷ ଅଗଷ୍ଟରେ ସେନା ମେଡାଲରେ ସମ୍ମାନିତ ହୋଇଥିଲେ। କୁଲଗାମ୍ ଜିଲାର ଆତଙ୍କବାଦୀ ଅଧ୍ୟୁଷିତ ଚେକି ଅଶମୁଜି ଗ୍ରାମରେ ତାଙ୍କ ଘର। ୨୦୦୪ରେ ସେ ସେନାର ୧୬୨ ବାଟାଲିୟନରେ ଯୋଗଦେଇଥିଲେ। ସୋମବାର ତାଙ୍କ ମରଶରୀର ଜନ୍ମସ୍ଥାନରେ ପହଞ୍ଚିବା ପରେ ୨୧ ତୋପସଲାମୀ ସହିତ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ୩ ଆତଙ୍କବାଦୀ ନିହତ

ଶ୍ରୀନଗର,୨୭।୧୧(ପି.ଟି.)

ଜମ୍ମୁ-କଶ୍ମୀରର କୁଲଗାମ୍ ଓ ପୁଲୱାମା ଜିଲାରେ ମଙ୍ଗଳବାର ପୃଥକ ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହୋଇଥିବାବେଳେ ଜଣେ ଯବାନ ଶହୀଦ ହୋଇଛନ୍ତି। କୁଲଗାମ୍ ଏନ୍‌କାଉଣ୍ଟରରେ ଲଶ୍କର-ଇ-ତୋଇବାର ୨ ଜଣ ଏବଂ ପୁଲୱାମାରେ ଆଇଏସ୍‌ଆଇଏସ୍‌ର ଶାଖା ସଙ୍ଗଠନ ଅନ୍‌ସାର ଘଜୱାତୁଲ ହିନ୍ଦ୍‌ର ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି।

ଆତଙ୍କବାଦୀମାନେ କୁଲଗାମ୍‌ର ରେଡୱାନି ଅଞ୍ଚଳରେ ଆତ୍ମଗୋପନ କରିଥିବା ଖବର ପାଇବା ପରେ ସୁରକ୍ଷା ବଳ ସୋମବାର ରାତିରୁ ଉକ୍ତ ଅଞ୍ଚଳକୁ ଘେରି ତଲାସି ଚଳାଇଥିଲା। ଆତଙ୍କବାଦୀମାନେ ପ୍ରଥମେ ଗୁଳି ଚଳାଇବାରୁ ସୁରକ୍ଷା ବାହିନୀ ଏହାର ପାଲଟା ଜବାବ ଦେଇଥିଲା। ଏନ୍‌କାଉଣ୍ଟର ବେଳେ ୩ ଜଣ ଯବାନ ଆହତ ହୋଇଥିଲାବେଳେ ସେମାନଙ୍କ ମଧ୍ୟରୁ ଜଣେ ହସ୍ପିଟାଲରେ ପ୍ରାଣ ହରାଇଛନ୍ତି। ଶହୀଦ ଯବାନ ଜଣକ ହେଲେ ସାପେର ପ୍ରକାଶ ଯାଦବ। ଏନ୍‌କାଉଣ୍ଟର ସ୍ଥଳରୁ ବିପୁଳ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ ହୋଇଛି। ନିହତ ଆତଙ୍କବାଦୀ ହେଲେ ଆଜାଦ ଅହମଦ ମାକ୍‌ରୁ ଏବଂ ୱାରିସ ଅହମଦ ମଲିକ। ଏମାନେ ବିଭିନ୍ନ ଆକ୍ରମଣରେ ସମ୍ପୃକ୍ତ ଥିଲେ। ମକ୍‌ରୁ ଏଲଇଟି କମାଣ୍ଡର ନଭିଦ ଜାଟ ଏବଂ ଆଜାଦ ଦାଦାଙ୍କ ଘନିଷ୍ଠ ସହଯୋଗୀ। ସେହିପରି ପୁଲୱାମାର ତ୍ରାଲ ଏନ୍‌କାଉଣ୍ଟରରେ ନିହତ ଆତଙ୍କବାଦୀ ଅନ୍‌ସାର ଘଜୱାତୁଲ ହିନ୍ଦ୍ ସଙ୍ଗଠନର ଶାକିର ହାସାନ ।

## ଫିଙ୍ଗୁନି ସମାଧାନ ବାଟ

ଥିରୁଭାନନ୍ଥପୁରମ୍,୨୭।୧୧(ପି.ଟି.)



ରେହାନା ଫାଥିମା

**ସାବରିମାଳା ବିବାଦ**
- ବେସରକାରୀ ବିଲ୍ ଖାରଜ କଲେ କେରଳ ବାଚସ୍ପତି
- ରେହାନା ଫାଥିମା ଗିରଫ

କେରଳର ପ୍ରସିଦ୍ଧ ସାବରିମାଳା ମନ୍ଦିରରେ ମହିଳାଙ୍କ ଦର୍ଶନକୁ ନେଇ ଲାଗିରହିଥିବା ବିବାଦ ତୁଟୁନାହିଁ। ସମସ୍ୟାର ସମାଧାନ ଲାଗି ଏକ ବିଧେୟକ ଆଣିବାକୁ କଂଗ୍ରେସ ବିଧାୟକ ଏମ୍. ଭିନ୍‌ସେଣ୍ଟ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏହି ବେସରକାରୀ ବିଲ୍‌କୁ ବିଧାନସଭାରେ ଉପସ୍ଥାପନ କରିବାକୁ ଅନୁମତି ଦେଲେ ନାହିଁ ବାଚସ୍ପତି ପି. ଶ୍ରୀରାମକ୍ରିଷ୍ଣନ୍। ଭଗବାନ ଆୟାପ୍ପାଙ୍କ ଭକ୍ତଙ୍କୁ ପୃଥକ୍ ଧର୍ମୀୟ ଗୋଷ୍ଠୀ ଭାବେ ପରିଗଣିତ କରିବା ସହ ସେମପାଙ୍କ ପ୍ରଥା ଓ ପରମ୍ପରା ରକ୍ଷା ଲାଗି ନୂଆ ଆଇନ ଆଣିବା ପାଇଁ ଏଲ୍‌ଡିଏଫ୍ ସରକାର ଚିନ୍ତା କରନ୍ତୁ ବୋଲି ଉକ୍ତ ବିଲ୍‌ରେ ଦର୍ଶାଯାଇଛି। କିନ୍ତୁ ଏ ସଂକ୍ରାନ୍ତ ବିଲ୍ ଆଣିବା ଅସାମ୍ବିଧାନିକ ବୋଲି ଆଇନ ବିଭାଗ ପରାମର୍ଶ ଦେବା ପରେ ତାହା ଖାରଜ ହୋଇଯାଇଥିବା ବାଚସ୍ପତିଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

ସବୁ ବୟସର ମହିଳାଙ୍କୁ ଭଗବାନ ଆୟାପ୍ପାଙ୍କ ଦର୍ଶନ ଲାଗି ଅନୁମତି ମିଳୁ ବୋଲି ସୁପ୍ରିମକୋର୍ଟ ରାୟ ଦେବା ପରେ ତାହାକୁ କାର୍ଯ୍ୟକାରୀ କରିବା ଲାଗି ରାଜ୍ୟର ସିପିଏମ୍ ନେତୃତ୍ୱାଧୀନ ଏଲ୍‌ଡିଏଫ୍ ସରକାର ବିରୋଧ ସମ୍ମୁଖୀନ ହେଉଛନ୍ତି। ଗତମାସ ସାବରିମାଳା ମନ୍ଦିରକୁ ପ୍ରବେଶ ଲାଗି ଉଦ୍ୟମ କରିଥିବା ସାମାଜିକ କର୍ମୀ ରେହାନା ଫାଥିମାଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ଫେସ୍‌ବୁକ୍‌ରେ ବିବାଦୀୟ ପୋଷ୍ଟ କରି ସେ ଲୋକଙ୍କ ଧର୍ମୀୟ ଭାବନାକୁ କୁଠାରାଘାତ କରିଥିବା ସେ ଦର୍ଶାଇଛନ୍ତି। ସେପଟେ ସାବରିମାଳା ବିବାଦକୁ ନେଇ ଭାଜପା ପକ୍ଷରୁ ମଙ୍ଗଳବାର ପଣ୍ଡିଚେରୀରେ ବନ୍ଦ ପାଳନ ହୋଇଥିଲା।







■ ଆଜି ମହାପ୍ରଭୁଙ୍କ ବନକଲାଗି

# ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

**ପୁରୀ ଅଫିସ,୨୭।୧୧**

ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ଣ ପ୍ରାୟ ସାଢେ ୪ଟାରୁ ରାତି ସାଢେ ୮ଟା ଅର୍ଥାତ୍ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ତାଙ୍କ ସୂଚନା ମୁତାବକ, ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ ହେବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥା'ନ୍ତି।




# ଓଟିଇଟି ଦେବେ ଅଣତାଲିମପ୍ରାପ୍ତ ଶିକ୍ଷକ

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ):** ସିଟି ଏବଂ ବି.ଏଡ୍ ତାଲିମ ନ ନେଇ ଶିକ୍ଷକତା କରୁଥିବା ଶିକ୍ଷକମାନେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓପନ ସ୍କୁଲିଂ(ଏନଆଇଓଏସ୍)ରେ ଡି.ଇ.ଏଲ୍.ଇଡି. ପ୍ରଶିକ୍ଷଣ ନେଉଥିଲେ ସେମାନଙ୍କୁ ଓଟିଇଟି ଦେବାକୁ ପଡିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହି ନିଷ୍ପତ୍ତି ନେଇଛି। ବିଭାଗୀୟ ଯୁଗ୍ମ ସଚିବ ହରେକୃଷ୍ଣ ନାୟକ ଏ ନେଇ କଟକ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟକୁ ନୋଟିସ ମାଧ୍ୟମରେ ଜଣାଇଛନ୍ତି। ଗତ ୨୪ ତାରିଖରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ରାଜ୍ୟରେ ଥିବା ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଣତାଲିମ୍‌ପ୍ରାପ୍ତ ଶିକ୍ଷକମାନେ ଏନ୍‌ଆଇଓଏସ୍‌ରେ ତାଲିମ ନେଉଥିଲେ ଓଟିଇଟି ପରୀକ୍ଷା ଦେବା ବାଧ୍ୟତାମୂଳକ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏଥିପାଇଁ ଓଟିଇଟି ଆବେଦନ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଆବେଦନ କରିବାର ଶେଷ ତାରିଖ ଆଗାମୀ ଡିସେମ୍ବର ୧୦ ତାରିଖକୁ ବୃଦ୍ଧି କରାଯାଇଛି। ଏନ୍‌ଆଇଓଏସ୍‌ରେ ତାଲିମ୍ ନେଉଥିବା ଶିକ୍ଷକ ସଂସ୍ଥାରୁ ଏକ ସାର୍ଟିଫିକେଟ ଦେଖାଇବାକୁ ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି।

■ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌ର ଋଣ ବୋଝ

# ସଂସଦୀୟ କମିଟି ଯାଞ୍ଚ କରିବେ

**ନୂଆଦିଲ୍ଲୀ,୨୭।୧୧:** ଆର୍ଥିକ ବ୍ୟାପାର ସଂସଦୀୟ କମିଟି ଆର୍ଥିକ ସଙ୍କଟର ସାମ୍ନା କରୁଥିବା ଇନଫ୍ରାଷ୍ଟ୍ରକଚର ଲିଜିଂ ଆଣ୍ଡ ଫାଇନାନ୍ସ ସର୍ଭିସେସ୍(ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍) ଗ୍ରୁପ୍ ସମ୍ପର୍କରେ ସମୀକ୍ଷା କରିବେ। ଡିସେମ୍ବର ୩ରୁ ତିନି ଦିନ ପାଇଁ ଏହା ଚାଲିବ। ସୂଚନାଥାଉ କି, ଏକାଧିକ ଥର ସୁଧ ଦେବାରେ ବିଫଳ ହେବା ପରେ କେନ୍ଦ୍ର ସରକାର ଏନସିଏଲ୍‌ଟିଙ୍କ ନିର୍ଦ୍ଦେଶରେ ଅକ୍ଟୋବର ପହିଲାରେ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ ବୋର୍ଡକୁ ଭାଙ୍ଗି ଦେଇ ଟପ୍ ବ୍ୟାଙ୍କର ଉଦୟ କୋଟାକ୍‌ଙ୍କ ଅଧ୍ୟକ୍ଷତାରେ ଏକ ନୂଆ ବୋର୍ଡ ଗଠନ କରିଥିଲେ। ଅକ୍ଟୋବର ୮ ସୁଦ୍ଧା ଉକ୍ତ ଗ୍ରୁପ୍ ଉପରେ ୯୪,୨୧୫.୬ କୋଟି ଟଙ୍କାର ଋଣ ବୋଝ ରହିଛି। ଡିସେମ୍ବର ୩ରୁ ୫ ତାରିଖ ପର୍ଯ୍ୟନ୍ତ ସଂସଦୀୟ କମିଟି ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ଗ୍ରୁପ୍‌ର ଅଧିକାରୀ, ବୋର୍ଡ ସଦସ୍ୟ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କୁ ଭେଟିବେ ବୋଲି ଜଣାପଡିଛି।










## ସଂକ୍ଷେପରେ

### ଖାରବେଳଙ୍କୁ ଆକ୍ରମଣ ଘଟଣା
## ତଦନ୍ତ ଆରମ୍ଭ କଲା କ୍ରାଇମ୍‌ବ୍ରାଞ୍ଚ ଟିମ୍

**କାଶୀପୁର,୨୭।୧୧(ଡ଼ି.ଏନ.ଏ):** ଉତ୍କଳ ଭାରତ ସଭାପତି ଶ୍ରୀ ଖାରବେଳ ସ୍ୱାଇଁଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିବା ଜଣେ ଯୁବକ ସୋମବାର କାଶୀପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ପି.ଗୋବିନ୍ଦ ରାଓ। ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚାଲିଥିବା ପୋଲିସ କହିଛି। ସୋମବାର କ୍ରାଇମବ୍ରାଞ୍ଚ ଟିମ୍ କାଶୀପୁର ଯାଇ ତଦନ୍ତ କରିବାର କାର୍ଯ୍ୟକ୍ରମ ଥିଲା। ହେଲେ ଖବର ଲେଖାଯିବା ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚର କୌଣସି ଟିମ୍ କାଶୀପୁରରେ ପହଞ୍ଚି ନ ଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଶନିବାର ଉତ୍କଳ ଭାରତ ସଭାପତି ଖାରବେଳ ସ୍ୱାଇଁ କାଶୀପୁରରେ ଏକ ପଥପ୍ରାନ୍ତ ସଭା କରୁଥିଲେ। ଏଠାରେ ସେ ବିଜେଡି ସରକାରଙ୍କ ଅପାରଗତା ଓ ଦୁର୍ନୀତି ବିରୋଧରେ କହୁଥିବା ବେଳେ କିଛି ଯୁବକ ହଠାତ୍ ଆସି ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ସଭାରେ ଉପସ୍ଥିତ ଥିବା ପ୍ରତ୍ୟୁଷ ନାଏକ ଗୁରୁତର ଆହତ ହୋଇଥିଲେ। ସେମାନେ ଖାରବେଳ ଓ ତାଙ୍କ ସହଯୋଗୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ବିଜେଡି ବିରୋଧରେ କିଛି କହିଲେ ହାଣି ଦେବୁ ବୋଲି ଧମକ ମଧ୍ୟ ଦେଇଥିଲେ। ଏହି ଘଟଣାରେ ପୋଲିସ ଶନିବାର ସୁମନ୍ତ ନାଏକ ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



ମଙ୍ଗଳବାର ଭାଜପାରେ ଯୋଗଦେଇଥିବା ପୂର୍ବତନ ପ୍ରଶାସନିକ ଅଧିକାରୀ ଅପରାଜିତା ଷଡ଼ଙ୍ଗୀଙ୍କୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଫୁଲତୋଡ଼ା ଦେଇ ସ୍ୱାଗତ କରୁଛନ୍ତି। ନିକଟରେ ଅଛନ୍ତି ଓଡ଼ିଶାର ଦଳୀୟ ସଭାପତି ବସନ୍ତ ପଣ୍ଡା ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ଭାଜପାରେ ମିଶିଲେ ଅପରାଜିତା

**ନୂଆଦିଲ୍ଲୀ,୨୭।୧୧**

ପୂର୍ବତନ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଅପରାଜିତା ଷଡ଼ଙ୍ଗୀ ଭାଜପାରୁ ଆସନ୍ତା ନିର୍ବାଚନ ଲଢ଼ି ନିଜ ରାଜନୈତିକ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ଏଥିପାଇଁ ସେ ମଙ୍ଗଳବାର ଭାଜପାରେ ଯୋଗଦେଇଛନ୍ତି।

ନୂଆଦିଲ୍ଲୀରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ବାସଭବନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶା ଭାଜପା ସଭାପତି ବସନ୍ତ ପଣ୍ଡାଙ୍କ ଉପସ୍ଥିତିରେ ସେ ଦଳରେ ଯୋଗଦେଇଛନ୍ତି। ଅପରାଜିତା କେଉଁ ଆସନରୁ ନିର୍ବାଚନ ଲଢ଼ିବେ ସେନେଇ ଖବରଦାତାମାନେ ପ୍ରଶ୍ନ କରିବାରୁ ସେ କହିଥିଲେ, ଏନେଇ ଦଳ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ନିର୍ବାଚନ ଲଢ଼ିବା ଏକ ବଡ଼ ଚ୍ୟାଲେଞ୍ଜ। ଏପରି ଚ୍ୟାଲେଞ୍ଜକୁ ଗ୍ରହଣ କରିବାକୁ ସେ ଭଲ ପାଆନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଧାରା ପ୍ରତି ପ୍ରଭାବିତ। ବହୁ ଲୋକଙ୍କ ସହ ଆଲୋଚନା କରିବା ପରେ ଭାଜପାରେ ଯୋଗଦେବା ପାଇଁ ସେ ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ ଯେ, ୧୯୯୪ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଅପରାଜିତା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଅଧୀନ ଏମ୍‌ଜିଏନ୍‌ଆର୍‌ଇଜିଏର ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରୁଥିଲେ। ସେ ସେପ୍ଟେମ୍ବରରେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିଲେ। ଗତ ୧୬ ତାରିଖରେ ତାଙ୍କ ଆବେଦନକୁ ପ୍ରଧାନମନ୍ତ୍ରୀ ଅନୁମୋଦନ କରିଥିଲେ। ଅପରାଜିତା ବୁଧବାର ଓଡ଼ିଶା ଫେରିବା ପରେ ରାଜ୍ୟ ଭାଜପା ମୁଖ୍ୟାଳୟରେ ତାଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯିବ ବୋଲି ଜଣାପଡ଼ିଛି।

# ଦଳିତ ବିରୋଧୀ,ସାମ୍ପ୍ରଦାୟିକ ଶକ୍ତି ବିରୋଧରେ ଏକଜୁଟ୍ ହୁଅ

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

ଦଳିତମାନଙ୍କୁ ବର୍ଷବର୍ଷ ଧରି ନିଷ୍ପେଷିତ କରି ରଖାଯାଇଛି। ବିଗତ ୪ ବର୍ଷରେ ତାହା ଅହେତୁକ ଭାବେ ବୃଦ୍ଧି ପାଇଛି। ବି.ଆର ଆମ୍ବେଡକର ହିଁ ସମାନତା ନେଇ ଲଢିଥିଲେ। ସାରା ଭାରତରେ ଦଳିତ ସଙ୍ଗଠିତ ହେଉଛନ୍ତି। ଆଗାମୀ ଦିନରେ ଓଡ଼ିଶାରେ ଦଳିତମାନେ ସଙ୍ଗଠିତ ହେବେ। ୨୦୧୯ ନିର୍ବାଚନରେ ଦଳିତ ବିରୋଧୀ ସାମ୍ପ୍ରଦାୟିକ ଶକ୍ତିକୁ ହରାଇବା ପାଇଁ ସମସ୍ତେ ଏକାଠି ହେବାର ସମୟ ଆସିଛି। ପିସିସି ପକ୍ଷରୁ ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀ ପଡିଆରେ ହୋଇଥିବା ଦଳିତ ସମ୍ମାନ ସମାବେଶରେ ଯୋଗଦେଇ ଗୁଜରାଟ ବିଧାୟକ ଜିଗ୍ନେଶ ମେବାନୀ ଏହି କଥା କହିଛନ୍ତି।

ଜିଗ୍ନେଶ ନିଜ ବକ୍ତବ୍ୟରେ କୁନ୍ଦୁଲୀ ପୀଡିତା ପ୍ରସଙ୍ଗରେ ମଧ ବକ୍ତବ୍ୟ ରଖିଥିଲେ। ସେ କହିଛନ୍ତି ଯେ, ରାଜ୍ୟରେ ଦଳିତ ବିରୋଧୀ ହିଂସା ହେଉଥିଲେ ବି ତାହା ଗଣମାଧ୍ୟମ ଉପସ୍ଥାପନ କରୁନାହିଁ। କୁନ୍ଦୁଲୀ ପୀଡିତା ଆତ୍ମହତ୍ୟା କଲେ, ହେଲେ ନ୍ୟାୟ ପାଇଲେ ନାହିଁ। ସାରା ଭାରତରେ ଦଳିତ ବିରୋଧୀ ହିଂସା ଓ ଆକ୍ରମଣ ବଢିଚାଲିଛି। ବହୁଜନ ହୋଇଥିଲେ ବି ସେମାନଙ୍କ ସ୍ୱରକୁ ଚାପି ଦିଆଯାଉଛି। ମନୁବାଦୀ ତଥା ସାମ୍ପ୍ରଦାୟିକ ଶକ୍ତି ବିରୋଧରେ ସମସ୍ତଙ୍କୁ ଏକାଠି ହେବାକୁ ପଡିବ। ଭାରତ ବର୍ଷରେ ଦଳିତମାନଙ୍କ ମଧ୍ୟରେ ଏକ ଜାଗରଣ ସୃଷ୍ଟି ହୋଇଛି। ଏହା ଓଡ଼ିଶାରେ ଜାରି ରହିବ ବୋଲି ଜିଗ୍ନେଶ ମତପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜବାଦୀ ପାର୍ଟି ସଭାପତି ରବି ବେହେରା, ବାମପନ୍ଥୀ ନେତା ଜନାର୍ଦ୍ଦନ ପତି ଏବଂ ରାମକୃଷ୍ଣ ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଦଳିତ ସମାବେଶରେ ପିସିସି ଏସ୍‌ସି ସେଲ୍ ଅଧ୍ୟକ୍ଷ ବିଭୁ ତରାଇ ସଭାପତିତ୍ୱ କରିଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା ,ଶରତ ପଟ୍ଟନାୟକ ଏବଂ ବିରୋଧୀ ଦଳ ନେତା ନରସିଂହ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଜିଗ୍ନେଶ ମେବାନୀ

## କୃଷ୍ଣଙ୍କ ଚିଠିକୁ ନେଇ ଚର୍ଚ୍ଚା

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

ପିସିସି ଏସ୍‌ସି ସେଲ୍‌ର ପୂର୍ବତନ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ସଗରିଆ ଜିଗ୍ନେଶଙ୍କୁ ଲେଖିଥିବା ଖୋଲା ଚିଠି କଂଗ୍ରେସ ରାଜନୀତିକୁ ସରଗରମ କରିଛି। କୃଷ୍ଣ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଦଳିତ ସମସ୍ୟା ଉପସ୍ଥାପନ କରିବା ପାଇଁ ଆପଣ ଓଡ଼ିଶା ଆସିଥିବାରୁ ମୁଁ ଖୁସି। ବର୍ଷକ ପୂର୍ବରୁ ୧୪ ବର୍ଷର ଏକ ଦଳିତ ବାଳିକାକୁ ୟୁନିଫର୍ମରେ ଥିବା କେତେକ ବ୍ୟକ୍ତି ଗଣବଳାତ୍କାର କରିଥିଲେ। ଏହି କଥା ପଦାକୁ ଆସିବା ପରେ ଝିଅଟି ନ୍ୟାୟ ପାଇଁ ସବୁ କିଛି କରିଥିଲା। ହେଲେ ନ୍ୟାୟ ନ ପାଇ ଶେଷରେ ଆତ୍ମହତ୍ୟା କରିଥିଲା। ତାହାର ପ୍ରତୀକାତ୍ମକ ପ୍ରତିବାଦ ପାଇଁ ବିଧାୟକ ପଦରୁ ମୁଁ ଇସ୍ତଫା ଦେଇଛି। ଏମିତିକି କଂଗ୍ରେସ ଦଳର ନେତା ତଥା ବିଧାୟକ ଦଳ ନେତା ନରସିଂହ ମିଶ୍ର ବିଧାନସଭାରେ ଏହି ପ୍ରସଙ୍ଗ ଉପସ୍ଥାପନ କରି ନ ଥିବା କୃଷ୍ଣ ଅଭିଯୋଗ କରିଛନ୍ତି। ଅପରପକ୍ଷରେ କଂଗ୍ରେସର ବହୁ ତୁଙ୍ଗ ନେତା ଦଳିତ ବିଧାୟକ କୃଷ୍ଣ ସଗରିଆଙ୍କ ଇସ୍ତଫା ପ୍ରସଙ୍ଗ ଉଠାଇ ନ ଥିଲେ।

# ଫୁଲବାଣୀ, ଦାରିଙ୍ଗବାଡ଼ିରେ ବଢୁଛି ଶୀତ ପ୍ରକୋପ

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)**

ଫୁଲବାଣୀ ଏବଂ ଦାରିଙ୍ଗବାଡିରେ ସର୍ବନିମ୍ନ ତାମପାତ୍ରା ନିୟମିତ ହ୍ରାସ ପାଇବାରେ ଲାଗିଛି। ଫଳରେ ଦୁଇ ଅଞ୍ଚଳରେ ପ୍ରବଳ ଶୀତ ଅନୁଭୂତ ହେଉଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଫୁଲବାଣୀ ସହରର ସର୍ବନିମ୍ନ ତାପମାତ୍ରା ୭.୮ ଡିଗ୍ରୀ ସେଲସିୟସ୍‌କୁ ଖସି ଆସିଥିବାବେଳେ ଦାରିଙ୍ଗବାଡିରେ ୮.୨ ଡିଗ୍ରୀ ସେଲସିୟସ୍ ରହିଥିଲା। ଗତ ୪ଦିନ ହେଲା କେତେକ ଅଞ୍ଚଳରେ ରାତିରେ ପାରଦ ୨ରୁ ୩ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ଖସୁଥିବାରୁ ଶୀତ ଅନୁଭୂତ ହେଉଛି। ଆଗକୁ ଆହୁରି ଦୁଇରୁ ତିନିଦିନ ଯାଏ ରାତିରେ ୨ରୁ ୩ ଡିଗ୍ରୀ ସେଲସିୟସ୍ ପାରଦ କମିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ୧୪ ସହରରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା। ତାଳଚେର ସହରରେ ସର୍ବାଧିକ ତାପମାତ୍ରା ୩୧.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ଦକ୍ଷିଣ, ଆଭ୍ୟନ୍ତରୀଣ ଅଞ୍ଚଳରେ ଘନ କୁହୁଡି ଆଚ୍ଛାଦିତ ହେବ ବୋଲି ପାଣିପାଗ କେନ୍ଦ୍ରରୁ ସୂଚନା ଦିଆଯାଇଛି।

# ସିନେମାରେ ପ୍ରେମ ପ୍ରଣୟକୁ ପସନ୍ଦ କରନ୍ତି ଦର୍ଶକ: ତବୁ



**ନୂଆଦିଲ୍ଲୀ:** ସିନେମାରେ ପ୍ରେମ ପ୍ରଣୟ ରହିଲେ ଏହା ଦର୍ଶକଙ୍କ ପାଇଁ ଖୁବ୍ ରୋମାଞ୍ଚକର ହୋଇଥାଏ। ଦୀର୍ଘ ୩ ଦଶନ୍ଧି ଧରି ବଲିଉଡ୍‌ରେ ନିଖୁଣ ଅଭିନୟ କରି ଦର୍ଶକଙ୍କୁ ମୁଗ୍ଧ କରି ଆସିଥିବା ବଲିଉଡ୍ ଅଭିନେତ୍ରୀ ତବୁ ଏହା ପ୍ରକାଶ କରିଛନ୍ତି। ସେ 'ଦୃଶ୍ୟମ୍'ରେ କଡା ପୋଲିସ ଅଫିସର, 'ଫାନା'ରେ ଜଣେ ଆତଙ୍କବାଦ ନିରୋଧୀ ବ୍ୟୁରୋ ଏଜେଣ୍ଟ ଏବଂ 'ହୁ ତୁ ତୁ'ରେ ଜଣେ ଆତ୍ମଘାତୀ ବୋମା ବିସ୍ଫୋରଣକାରୀ ଭାବେ ଅଭିନୟ କରିଛନ୍ତି। ସେ ଅନେକ ଫିଲ୍ମରେ କଡା ମିଜାଜ୍‌ର ବ୍ୟକ୍ତି ଭାବେ ଅଭିନୟ କରିଥିଲେ ହେଁ ସ୍କ୍ରିନ୍ ଉପରେ ପ୍ରେମ ପ୍ରଣୟକୁ ବିରୋଧ କରନ୍ତି ନାହିଁ। ସେ କହନ୍ତି, ପ୍ରେମ ସବୁବେଳେ ମହାନ୍। ଏହା ସର୍ବଦା ତାର ସ୍ଥିତି ବଜାୟ ରଖେ। ତେବେ ସିନେମାରେ ପ୍ରେମଦୃଶ୍ୟକୁ ଦର୍ଶକ ପସନ୍ଦ କରନ୍ତି ଏବଂ ପ୍ରତ୍ୟେକ ଏହା ଦ୍ୱାରା ଅନୁପ୍ରେରିତ ହୁଅନ୍ତି। ତେଣୁ ପ୍ରେମକାହାଣୀ ଭିତ୍ତିକ ସିନେମାରେ ଅଭିନୟ କରିବାକୁ ସେ ପସନ୍ଦ କରନ୍ତି ବୋଲି ପ୍ରକାଶ କରିଛନ୍ତି। 'ପେହେଲା ପେହେଲା ପ୍ୟାର୍', 'ପ୍ରେମ' ଏବଂ 'ଚେନି କୁମ୍' ଭଳି ରୋମାଣ୍ଟିକ୍ ଫିଲ୍ମରେ ତବୁ ଅଭିନୟ କରିଛନ୍ତି। ତାଙ୍କ ଅଭିନୀତ 'ଅନ୍ଧାଧୁନ୍'ର ସଫଳତା ନେଇ ସେ ବେଶ୍ ଖୁସି। ଏଥିରେ ରହସ୍ୟ, ରୋମାଞ୍ଚ, ପ୍ରେମ ଓ ଉନ୍ମାଦନାର ଏକ ବିରଳ ସମନ୍ୱୟ ଘଟିଛି।






## ସାଙ୍ଗକୁ ପଥରରେ ଛେଚି ହତ୍ୟା

**ପାଲଲହଡା,୨୭।୧୧ (ଡ଼ି.ଏନ.ଏ.)**

ସାଙ୍ଗକୁ ପଥରରେ ଛେଚି ହତ୍ୟା କରିଛି ସାଙ୍ଗ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଅନୁଗୋଳ ଜିଲା ପାଲଲହଡା ଥାନା ଡିମିରିଆ ଗ୍ରାମରେ। ପୋଲିସ କହିଛି, ଡିମିରିଆ ଗ୍ରାମର ସନାତନ ପେଣ୍ଟଇଙ୍କ ପୁଅ ପୀତବାସ (୩୦) ଏବଂ କେନ୍ଦୁଝର ଜିଲା ତେଲକୋଇ ଥାନା ଅଞ୍ଚଳର ଅର୍ଜୁନ ପାତ୍ରଙ୍କ ପୁଅ ପ୍ରସନ୍ନ ସାଙ୍ଗ ଥିଲେ। ସୋମବାର ସନ୍ଧ୍ୟାରେ ଉଭୟେ ଏକ ଢାବାରେ ମଦ ପିଇ ରାତିରେ ଘରକୁ ଫେରୁଥିଲେ। ହେଲେ କଲୋନୀ ସାହି ନିକଟରେ କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ପ୍ରସନ୍ନ ଉତ୍କ୍ଷିପ୍ତ ହୋଇ ପୀତବାସଙ୍କୁ ତଳେ ପକାଇ ଏକ ପଥରରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ପାଲଲହଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ପୀତବାସଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟ ଓ ସେଠାରୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଅଭିଯୁକ୍ତ ପ୍ରସନ୍ନ ଫେରାର ହୋଇଯାଇଥିବା ବେଳେ ପୋଲିସ ନଂ. ୧୭୩/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ପାଲଲହଡା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପତ୍ର ସୂଚନା ଦେଇଛନ୍ତି।




ଧରିତ୍ରୀ
DHARITRI
ବୁଧବାର, ୨୮ ନଭେମ୍ବର, ୨୦୧୮

> ଗୋଟିଏ ମୁହୂର୍ତ୍ତ ଲାଗି ମଧ୍ୟ ଭୁଲିଯାଅନା ଯେ, ଏସବୁ କିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି– ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି– ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ– ତେବେ ତୁମେ ସବୁ କିଛି ହରାଇ ବସିବ। –ଶ୍ରୀଅରବିନ୍ଦ



# ଭୁବନେଶ୍ୱରରେ ବିଶ୍ୱ

ନଭେମ୍ବର ୨୭, ୨୦୧୮ରେ ପୁରୁଷ ବିଶ୍ୱକପ୍ ହକିର ଉଦ୍‌ଘାଟନୀ ଉତ୍ସବ ଭୁବନେଶ୍ୱରକୁ ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦେଇପାରିଛି। କ୍ରୀଡ଼ା ବିଶେଷକରି ହକି ଓ ଆଥ୍‌ଲେଟିକ୍ସରେ ଏହି ସହରର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଅନେକ ଅଂଶରେ ଫଳପ୍ରଦ ହୋଇପାରିଛି। ବିଭିନ୍ନ ସିନେମା ତାରକା ଯଥା ଶାହରୁଖ ଖାନ୍, ମାଧୁରୀ ଦୀକ୍ଷିତ୍, ବିଶିଷ୍ଟ ସଙ୍ଗୀତଜ୍ଞ ଏ.ଆର. ରହମନ୍, ସୁପ୍ରସିଦ୍ଧ ଡ୍ୟାନ୍ସ ଗୁରୁ ଶମକ୍ ଡାଭର ଓ ତାଙ୍କ ସହିତ ଓଡିଶୀ ଗୁରୁ ଅରୁଣା ମହାନ୍ତିଙ୍କ ସମେତ ଆହୁରି ଅନେକ ନାମୀଦାମୀ କଳାକାର ଏହି କାର୍ଯ୍ୟକ୍ରମକୁ ଜୀବନ୍ତ କରିଦେଇଥିଲେ। ନାଚଗୀତରେ ମନ ଭୁଲାଇବା ପାଇଁ ଏହା ଥିଲା ଏକ ସୁନ୍ଦର ସନ୍ଧ୍ୟା। କିନ୍ତୁ ସେଥିରେ ମଧ୍ୟ ଅନେକ ଏଭଳି ତ୍ରୁଟି ରହିଗଲା, ଯାହାର ପ୍ରତିକାର ତତ୍‌କ୍ଷଣାତ୍ କରାଯାଇପାରିଥାଆନ୍ତା। ସବୁ ଟିକେଟ ଉପରେ କାର୍ଯ୍ୟକ୍ରମ ଆରମ୍ଭ ସମୟ ସ୍ପଷ୍ଟ ଭାବେ ୧୭.୩୦ ଘଟିକା (ଅର୍ଥାତ୍ ଅପରାହ୍ନ ୫.୩୦) ଉଲ୍ଲେଖ କରାଯାଇଥିଲା। 'ଘରେ ନ ପଶୁଣୁ ଚାଳ ବାଜିବା' ଭଳି ଏହା ୫ଟା ୫୦ ପରେ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ଦିନଗୁଡ଼ିକରେ ବିଭିନ୍ନ ଦେଶ ମଧ୍ୟରେ ହେବାକୁ ଥିବା ମ୍ୟାଚଗୁଡ଼ିକ ଏହି ଦୁର୍ଦ୍ଦଶା ଭୋଗିବାକୁ ପଡିବ ନାହିଁ ବୋଲି ସ୍ପଷ୍ଟ ପଦକ୍ଷେପ ନିଆଯିବା ଦରକାର। ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ସମୟାନୁବର୍ତ୍ତୀ ହେବା ଅତ୍ୟନ୍ତ ଆବଶ୍ୟକ ହୋଇଥାଏ। ତାହା ନ କରିପାରିବା ଏକ ବଡଧରଣର ଖୁଣ।

ଏଠାରେ କୁହାଯାଇପାରେ ଯେ, ଓଡ଼ିଆ ଏକ ଅଳସୁଆ ଜାତି। ପେଟ ବାହାରିବାଟା ଆମର ସଫଳତାର ଲକ୍ଷଣ ହୋଇପଡିଲାଣି। ଆଜି ପୃଥିବୀବ୍ୟାପୀ ସମସ୍ତେ ସ୍ୱାସ୍ଥ୍ୟ ସଚେତନ ହେଉଛନ୍ତି। ଏଥିପାଇଁ କ୍ରୀଡ଼ା ବା ଖେଳକୁଦର ଯଥେଷ୍ଟ ଆବଶ୍ୟକତା ରହିଛି। ହେଲେ ଆମ ରାଜ୍ୟର ସହରୀ ଓଡ଼ିଆଙ୍କୁ ଦେଖିଲେ ସେମାନଙ୍କ ବାସ୍ତବ ସ୍ୱାସ୍ଥ୍ୟ ଠିକ୍ ଥିବା ଭଳି ମନେହୁଏ ନାହିଁ। ଏମିତିରେ ଓଡ଼ିଶାରେ ବଡ଼ ସହର ନାହିଁ। ମଧ୍ୟମରୁ ଛୋଟ ସହର ହୋଇଥିବାରୁ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ବଢ଼ିପାରୁ ନାହିଁ। ଆମ ପୂର୍ବପୁରୁଷ ବା ଖ୍ରୀଷ୍ଟପୂର୍ବ ସମୟକୁ ଅନିଷା କଲେ ଏ ରାଜ୍ୟର ଟାଣୁଆ ଯୁବକ ନୌବାଣିଜ୍ୟରେ ଯାଇ ନିଜ ଶକ୍ତିର ପରାକାଷ୍ଠା ଦେଖାଇଥିଲେ। ଏବେ ସହରରେ ଜିମ୍ ଯାଉଥିବା ଯୁବକର ମାଂସପେଶୀ କେବେ ବି ଗାଁର ଚାଷୀର ମାଂସପେଶୀ ସହ ତୁଳନୀୟ ହୋଇପାରିବ ନାହିଁ। କାରଣ ଚାଷୀ ପରିଶ୍ରମ କରି ତା' ଶରୀରକୁ ସର୍ବଦା ଟାଗଡ଼ା କରି ରଖିଥାଏ।

ଏହି ପ୍ରଚ୍ଛଦପଟରେ ଦେଖିଲେ ଏବେ ରାଜ୍ୟରେ ଓଡ଼ିଆଙ୍କ ପାଇଁ ଜୋରଜବରଦସ୍ତ କ୍ରୀଡ଼ାର ଆବଶ୍ୟକତା ରହିଛି ବୋଲି ଅନୁଭବ ହେଉଛି। ସେଥିପାଇଁ ଆଜି ଭୁବନେଶ୍ୱରଠାରେ ପୁରୁଷ ବିଶ୍ୱକପ୍ ହକି ଆୟୋଜନ କରି ଓଡ଼ିଶା ନୂଆ ସମ୍ଭାବନା ସୃଷ୍ଟି କରିଛି। ଏହାଦ୍ୱାରା ଏଠାରେ କ୍ରୀଡ଼ା ଭିତ୍ତିଭୂମି ପ୍ରତିଷ୍ଠା ହେବା ସହ ଯୁବପିଢ଼ିଙ୍କୁ ଖେଳ ପ୍ରତି ଆକର୍ଷିତ କରିବାର ସୁଯୋଗ ଦେଖାଦେଇଛି। ଯଦିଓ ହକିର ଅନ୍ତୁଡ଼ିଶାଳ

**ତଥାଗତ ସତପଥୀ**

ସୁନ୍ଦରଗଡ଼ ରହିଆସିଛି ଓ ଆମର କେତେକ ଖେଳାଳି ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିପାରିଛନ୍ତି, ତଥାପି କ୍ରିକେଟ ପ୍ରେମ ସମସ୍ତଙ୍କୁ ପାଗଳ କରୁଥିଲା। ବାସ୍ତବରେ ଦେଖିଲେ ଯେଉଁ ଦେଶରେ କ୍ରିକେଟ ଜନ୍ମ ନେଇଥିଲା, ତାହା ପଛରେ ବିୟର ପିଇବାର ନିଶା ନିହିତ ଥିଲା। ଏବେ ଏଠାରେ ସେହି ଖେଳକୁ ପଛରେ ପକାଇ ହକି ଆମକୁ ଆକର୍ଷିତ କରିପାରିଥିବାରୁ ଶାରୀରିକ ଓ ମାନସିକ ସ୍ତରରେ ଆମେ ଅଧିକ ସ୍ୱାସ୍ଥ୍ୟବାନ୍ ହୋଇପାରିବା।

ଭୁବନେଶ୍ୱର ଭଳି ଏକ ସହରରେ ହକି ବିଶ୍ୱକପ୍ ହେଉଥିବାରୁ ତାହାକୁ ସବୁଦିଗରୁ ସ୍ୱାଗତ କରାଯିବା ଦରକାର। ତେବେ କୌଣସି କାର୍ଯ୍ୟକୁ ଖୁଣିବା ସହଜ ହୋଇଥାଏ। ଅପରପକ୍ଷରେ ବାସ୍ତବତାକୁ ପ୍ରକାଶ କରିବାରେ ଦ୍ୱିଧା ରହିବା ଠିକ୍ ନୁହେଁ। ନିଜକୁ ମାର୍ଜିତ କରିବା ଲାଗି ନକାରାତ୍ମକ ସମାଲୋଚନାର ମଧ୍ୟ ଆବଶ୍ୟକତା ରହିଛି। ନଭେମ୍ବର ୨୭ର ଉଦ୍‌ଘାଟନୀ ସମାରୋହକୁ ଦେଖିଲେ ପ୍ରାରମ୍ଭିକ ଅବସ୍ଥାରେ କାର୍ଯ୍ୟକ୍ରମ ଅତ୍ୟନ୍ତ ଖାପଛଡ଼ା ଲାଗିଥିଲା ବୋଲି ସେଠାରେ ଉପସ୍ଥିତ ଦର୍ଶକ ନିଶ୍ଚିତ ଏକମତ ହେବେ। କାରଣ ଉପସ୍ଥାପକମାନେ କିଛି ମୁହୂର୍ତ୍ତ କହିବା ପରେ ମଞ୍ଚରୁ ଉଭାନ୍ ହୋଇଯାଉଥିଲେ। ପରେ କିଛି ସମୟ ବ୍ୟବଧାନ ଛାଡ଼ି ଦିଆଯାଉଥିଲା ବାଦ୍ୟଯନ୍ତ୍ର ଓ ଆଲୋକମାଳାକୁ ଉପଭୋଗ କରିବା ପାଇଁ। ଏହା ଅନେକ ଥର ଘଟିବାରୁ କାର୍ଯ୍ୟକ୍ରମ ଧିମେଇଗଲା ପରି ମନେ ହୋଇଥିଲା। ତା'ଠାରୁ ବଳିପଡ଼ିଥିଲା ବମ୍ବେରୁ ଆସିଥିବା ମହିଳା ଆର୍‌ଜେ (ରେଡିଓ ଜକି)ଙ୍କ ଦୂରଦୃଷ୍ଟିବିହୀନ ଉପସ୍ଥାପନା। ସେ ବାରମ୍ବାର ଭାରତୀୟ ଟିମ୍ ଜିତିବ ବୋଲି ଦର୍ଶକଙ୍କୁ ଚିତ୍କାର କରିବାକୁ ଉତ୍ସାହିତ କରୁଥିଲେ। ପ୍ରକୃତରେ ଖେଳୁଆଡ଼ ମନୋଭାବ ରଖିଥିବା ବା ଏପରି ଭାବନାକୁ ସମର୍ଥନ କରୁଥିବା ବ୍ୟକ୍ତି ସର୍ବଦା 'May the best team win' ଚିନ୍ତାଧାରା ପୋଷଣ କରିଥାଆନ୍ତି। ସେହି ଦୃଷ୍ଟିରୁ ଆର୍‌ଜେଙ୍କ ଭୁଲ ଦେଶପ୍ରେମ ଓଡିଶାର ଆତିଥ୍ୟକୁ ବିଶ୍ୱ ସମ୍ମୁଖରେ ନ୍ୟୁନ କରି ଦେଇଛି। କାରଣ ଏଥିରେ ଅନ୍ତର୍ଜାତୀୟ ସ୍ତରର ୧୬ଟି ଟିମ୍ ଅଂଶଗ୍ରହଣ କରିଛନ୍ତି ଓ ସମସ୍ତଙ୍କ ନିକଟରେ ଉତ୍କର୍ଷ କ୍ରୀଡ଼ା ପ୍ରଦର୍ଶନ କରିବାର ଦକ୍ଷତା ରହିଛି। କାର୍ଯ୍ୟକ୍ରମରେ ବାରମ୍ବାର କୁହାଯାଉଥିଲା ଯେ, ଏହା ୧୬ଟି ରାଷ୍ଟ୍ରରେ ସିଧାପ୍ରସାରଣ ହେଉଛି। ସେଭଳି ସ୍ଥାନରେ ଦେଶପ୍ରେମର ପ୍ରଦର୍ଶନ କେବେହେଲେ ଖେଳ ପ୍ରତିଯୋଗିତା ମନୋଭାବକୁ ପ୍ରୋତ୍ସାହନ ଦେବନାହିଁ। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ହେଉ ବା ଶକ୍ତିଶାଳୀ ନେଦରଲାଣ୍ଡସ୍ ଆଦି ଦେଶ, ଯେଉଁଠାରେ ଟେଲିଭିଜନ୍ ଜରିଆରେ ଦର୍ଶକ କାର୍ଯ୍ୟକ୍ରମକୁ ଦେଖିଥିବେ ସେମାନେ ନିଶ୍ଚିତ ଭାବେ ଅବୁଝା ରହିଥିବେ। ୨୦୧୪ରେ ଏଠାରେ ହକି ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ସେତେବେଳେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ମ୍ୟାଚ ବେଳେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଯେଉଁ ପାକିସ୍ତାନ ଖେଳାଳି ଷ୍ଟାଡିୟମ୍‌ରେ ଅଶ୍ଳୀଳ ଭାଷା ବ୍ୟବହାର କରିଥିଲେ, ସେମାନଙ୍କୁ ପାକିସ୍ତାନ ହକି ସଂଘ ଦଣ୍ଡ ଦେଇଥିଲା। କିନ୍ତୁ ଜିତୁଥିବା ପାକିସ୍ତାନ ଟିମକୁ ଭୁବନେଶ୍ୱର ଦର୍ଶକମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଦୀର୍ଘ ସମୟ ପାଇଁ କରିଚାଲିଥିଲେ। ଓଡିଶାରେ ଏଭଳି ଅବାଞ୍ଛିତ ଦେଶପ୍ରେମର ପ୍ରୟୋଜନ ନାହିଁ। ଓଡିଆ ଯୁବତୀ ଯୁବକମାନେ ଅନ୍ତର୍ଜାତୀୟ ସ୍ତରର ଚିନ୍ତାଧାରା ପୋଷଣ କରିବା ସହିତ ବାସ୍ତବ ସ୍ପୋର୍ଟସ୍‌ମ୍ୟାନ ସ୍ପିରିଟ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଏ।

## su | do | ku | ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ନିଷ୍ପ୍ରଭ ସୂର୍ଯ୍ୟର ଇଲାକା



**ନାରାୟଣ ପଣ୍ଡା**

ଏକ ନାତିବୃହତ୍ ମଣ୍ଡଳସ୍ତରୀୟ ସାରସ୍ୱତ ସମାରୋହରେ ଉଦ୍‌ବୋଧନ ଦେଉଥିଲେ ଜନୈକା କବୟିତ୍ରୀ– ସ୍ୱାଧୀନତାର ୭୦ବର୍ଷ ପରେ ପୁରୁଷ ସମାଜର ନାରୀମାନଙ୍କ ପ୍ରତି ଦାସୀସୁଲଭ ଆଚରଣର ବିଲୟରେଖା ଟାଣିଛନ୍ତି ସୁପ୍ରିମ୍‌କୋର୍ଟ। ଏବେ ନାରୀମାନେ ଆଉ ବ୍ୟକ୍ତିଗତ ରୁଚି, ଇଚ୍ଛା, ଅନିଚ୍ଛା, ସଂକଳ୍ପ ଓ ଅଭିଳାଷର ପୂର୍ତ୍ତି ପାଇଁ ପୁରୁଷମାନଙ୍କ ଅନୁମୋଦନ ଆବଶ୍ୟକ କରିବେ ନାହିଁ। ପୁରୁଷମାନେ ସ୍ତ୍ରୀମାନଙ୍କର ମାଲିକ ବୋଲାଇ ପାରିବେ ନାହିଁ। ସମାରୋହରେ ଶତାଧିକ ଦର୍ଶକଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଥିଲେ ନିକଟସ୍ଥ ମହାବିଦ୍ୟାଳୟର ଛାତ୍ରୀ। କବୟିତ୍ରୀ କହିଚାଲିଥିଲେ– ନାରୀମାନେ ବର୍ତ୍ତମାନ ତାଙ୍କ ବିବାହିତ ଜୀବନରେ ପତିଭିନ୍ନ ଅନ୍ୟ ପୁରୁଷ ସହିତ ଶାରୀରିକ ସମ୍ପର୍କ ରଖିପାରିବେ। ଏହି ପରକୀୟା ପ୍ରୀତିକୁ ଆମ ଦେଶର ସୁପ୍ରିମ୍‌କୋର୍ଟ ସ୍ୱୀକୃତି ପ୍ରଦାନ କରିଛନ୍ତି। ପୂର୍ବରୁ ନାରୀମାନେ ଅବୈଧ ସମ୍ପର୍କରୁ ଜନ୍ମ କରୁଥିବା ସନ୍ତାନଙ୍କୁ ବଣବୁଦା, ପାଣିନାଳ କିମ୍ବା ଗୋପନୀୟ ସ୍ଥାନରେ ଫିଙ୍ଗି ଦେଉଥିଲେ। ଏହି ଅବାଞ୍ଛିତ ଶିଶୁମାନଙ୍କ ଜୀବନ ଅକାଳରେ ଝରିପଡୁଥିଲା। ବର୍ତ୍ତମାନ ସେ ସମୟ ଚାଲିଯାଇଛି। ମା'ମାନେ, ଭବିଷ୍ୟତରେ ତୁମ ଜୀବନରେ ଯଦି ଏହିଭଳି ପରିସ୍ଥିତି ସୃଷ୍ଟି ହୁଏ, ମୁଁ ତୁମକୁ କହିବାକୁ ଚାହିଁବି, ତୁମେ ସେ ପିଲାମାନଙ୍କୁ ବାହାରେ ଫୋପାଡି ନ ଦେଇ ବଞ୍ଚାଇ ରଖିବ। ଏମାନଙ୍କର ବଞ୍ଚିବାର ଅଧିକାର ରହିଛି। ଭାରତୀୟ ସଂହିତାରୁ ୪୯୭ ଧାରା ଉଚ୍ଛେଦ ଓ ପରକୀୟା ପ୍ରୀତିକୁ ଆଇନଗତ ବୈଧତା ମିଳିବା ଅବସରରେ ଜଣେ ବର୍ଷୀୟସୀ କବୟିତ୍ରୀଙ୍କର ଏହା ଥିଲା ସମାଜର ନାରୀ ଓ କିଶୋରୀମାନଙ୍କ ପ୍ରତି ସନ୍ଦେଶ। ସତେ ଯେପରି ସମାଜର ସବୁ ପୁରୁଷ ପରକୀୟା ପ୍ରୀତିରେ ପୂର୍ବରୁ ଓ ବର୍ତ୍ତମାନ ସମ୍ପୃକ୍ତ ରହୁଛନ୍ତି ଏବଂ ସେମାନଙ୍କୁ ଉଚିତ ଜବାବ ଦେବା ପାଇଁ ନାରୀମାନଙ୍କୁ ଏକ ଅପୂର୍ବ ସୁଯୋଗ ଦିଆଯାଇଛି! ଯେପରି ପରକୀୟା ପ୍ରୀତିରେ ଲିପ୍ତ ଥିବା ପ୍ରତିଟି ପୁରୁଷଙ୍କର ପତ୍ନୀମାନେ ଅନୁରୂପ କ୍ରିୟାରେ ଲିପ୍ତ ରହି ପ୍ରତିଶୋଧ ନେବାକୁ ଚାହାନ୍ତି ଏବଂ ଏହା ପୁରୁଷତନ୍ତ୍ର ବିରୋଧରେ ନାରୀମାନଙ୍କର ସମୟୋଚିତ ବିଜୟ।

ଭାରତୀୟ ନାରୀ ଗୃହାଶ୍ରମରେ ଜଣେ ପ୍ରତିବଦ୍ଧ ସେବିକା। ତା'ର ପାରିବାରିକ ଦିନଚର୍ଯ୍ୟା, ଆତିଥ୍ୟ, ଧର୍ମାନୁଷ୍ଠାନ, ଦାନପୁଣ୍ୟ ଇତ୍ୟାଦି ଗୃହର ଗରିମା ବୃଦ୍ଧିକରେ। ପତିଭିନ୍ନ ଅନ୍ୟପୁରୁଷକୁ ସ୍ପର୍ଶ କରେନାହିଁ ସେ। ବେଦରେ କୁହାଯାଇଛି, ହେ ଗୃହିଣୀ ପତିଙ୍କ ଜୀବନ ସହିତ ତୁମେ ଆଜୀବନ ଅଭିନ୍ନ ଭାବରେ ସଂଯୁକ୍ତ। ତୁମ ଦାମ୍ପତ୍ୟ ଜୀବନର ସୌରଭ ସମାଜକୁ ସୁବାସିତ କରେ। ତୁମ ଚରିତ୍ର ଓ ଆଚରଣର ଦୀପାଲୋକରେ ଗୃହ ଆଲୋକିତ ହୁଏ। ଗୃହରେ ବାସକରୁଥିବା ବୃଦ୍ଧାବୃଦ୍ଧ, ଯୁବତୀଯୁବକ, ବାଳିକାବାଳକ ଓ ଗୃହପାଳିତ ପଶୁପକ୍ଷୀ ନିର୍ବିଶେଷରେ ସମସ୍ତେ ତୁମର ପ୍ରଜା। ତୁମେ ଗୃହସାମ୍ରାଜ୍ୟର ସଂରାଜ୍ଞୀ। ନାରୀ ବିଶ୍ୱନିର୍ମାଣର ଜନ୍ମବେଦି। ଭାରତୀୟ ସଂସ୍କୃତିରେ କେଉଁଠି ନାରୀଙ୍କୁ ନୀଚ କରାଯାଇ ନାହିଁ। ଏହା ସେମାନଙ୍କର ଆତ୍ମସମ୍ମାନ ଓ ପ୍ରତିଷ୍ଠା ପ୍ରତି ସର୍ବଦା ଯତ୍ନଶୀଳ। ଦାମ୍ପତ୍ୟ ଜୀବନରେ ବେଳେବେଳେ ବିଶ୍ୱାସର ସଙ୍କଟ ସୃଷ୍ଟି ହୁଏ, ତିକ୍ତତା ଉତ୍ପନ୍ନ ହୁଏ କିନ୍ତୁ ଏହା ଭସାବାଦଲ ପରି କ୍ଷଣସ୍ଥାୟୀ। ବିବାହ ପରେ ଅନ୍ୟତ୍ର ସମ୍ପର୍କ ସ୍ଥାପନ ଏବେ ଅସାମ୍ବିଧାନିକ ନ ହୋଇପାରେ। ମାତ୍ର ଏହା ଭାରତୀୟ ସଂସ୍କୃତିର ପରିପନ୍ଥୀ। ଏଠାରେ ନାରୀ ଓ ପୁରୁଷଙ୍କୁ ଭିନ୍ନ ଭିନ୍ନ ତୂଳୀରେ ବିଚାର କରାଯାଇ ନ ପାରେ। ମହିଳାମାନେ ପତିଙ୍କର ସମ୍ପତ୍ତି ନ ହୋଇପାରନ୍ତି, କିନ୍ତୁ ସନ୍ତାନମାନଙ୍କ ପାଇଁ ମା' ଏକ ସ୍ଥାବର ସମ୍ପତ୍ତି। ମା' ନ ଥିଲେ ସନ୍ତାନମାନେ ଦିଗହରା ହେବେ। ଭୁଶୁଡିପଡିବ ସମାଜ। ଏହା ସତ୍ୟ, କେତେକ ମୁଷ୍ଟିମେୟ ଯୋନିକୀଟ ଓ ଅସାମାଜିକ ମାନସିକତାର ବ୍ୟକ୍ତିବିଶେଷ ନାରୀମାନଙ୍କୁ ଉତ୍ପୀଡ଼ନ କରିଆସୁଛନ୍ତି। ସେମାନେ ସମସ୍ତେ ଦଣ୍ଡିତ ହୋଇ ପାରୁନାହାନ୍ତି କିମ୍ବା ଆଇନର ଗଳାବାଟରେ ଖସିଯାଉଛନ୍ତି। ଏହା ସେମାନଙ୍କର ଦୋଷ ନୁହେଁ, ଦୋଷ ଆମ ବ୍ୟବସ୍ଥାର। ବିବାହ ସମୟରେ ବରକନ୍ୟା ଘୋଷଣା କରି କହିଥାନ୍ତି– ହେ ବିଶ୍ୱର ଦେବତାଗଣ, ଆପଣ ଜାଣନ୍ତୁ, ଆମ ଦୁହିଁଙ୍କ ହୃଦୟ ଏକ। ଆମେ ଆଜୀବନ ପରସ୍ପରକୁ ଧାରଣ କରି ରହିବୁ। ଶତ ବାଧାବିଘ୍ନ ସତ୍ତ୍ୱେ କେହି କାହାରିକୁ ପରିତ୍ୟାଗ ନ କରିବାର ଶପଥ ନେଉଛୁ। ଭାରତୀୟ ନାରୀ ପାଇଁ ନିଜ ପତି ସମସ୍ତଙ୍କଠାରୁ ଉତ୍କୃଷ୍ଟ। ନାରୀ ବୀରାଙ୍ଗନା। ତା'ର ସଂସାରରେ ପୁରୁଷଟି କଦବା କେମିତି ଅବାଟରେ ଗଲେ ସେ ତାକୁ ସୁପଥରେ ଆଣିବାକୁ ସାମର୍ଥ୍ୟ ରଖେ। ବିପଥଗାମୀ ପତିଙ୍କୁ ସଂଶୋଧନ କରିବା ପାଇଁ କାହାରି ସାହାଯ୍ୟ ନିଏ ନାହିଁ ସେ। କାମନାର ହୁଙ୍କାରରେ ଓ ବାସନାର ଝଙ୍କାରରେ ପତିପତ୍ନୀ ନିଜର ଅଦମନୀୟ ଜୈବିକ ପିପାସା ପୂରଣ ପାଇଁ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ଏବଂ ଭିନ୍ନ ଭିନ୍ନ ପୁରୁଷ ଓ ନାରୀଙ୍କ ସହିତ ମିଳିତ ହୋଇ ସୁଦ୍ଧା ଗୃହରେ ସୁଖଶାନ୍ତି ଓ ସନ୍ତୋଷର ସହିତ ସନ୍ତୁଳିତ ଦାମ୍ପତ୍ୟ ଜୀବନ ଅତିବାହିତ କରିପାରିବେ, ଏପରି ଭାବିବା ମୂର୍ଖତା ମାତ୍ର। ଏପରି ଗୃହରେ ବୈକୁଣ୍ଠର ସ୍ନିଗ୍ଧଶୀତଳ ପବନ ପ୍ରବାହିତ ହେବନାହିଁ। ଭିନ୍ନ ଭିନ୍ନ ସ୍ଥାନରେ କାର୍ଯ୍ୟରତ ପୁରୁଷ ଓ ସ୍ତ୍ରୀ ଭିନ୍ନ ଭିନ୍ନ ହୋଟେଲରୁ ଖାଇ ଘରକୁ ଫେରିବା ଓ ଭିନ୍ନ ଭିନ୍ନ ସ୍ଥାନରୁ ଦୈହିକ କ୍ଷୁଧା ନିବାରଣ କରି ଘରେ ସନ୍ତାନମାନଙ୍କ ସହିତ ରହିବାରେ ସୁସ୍ଥ ପାରିବାରିକ ଜୀବନ ଉପଲବ୍ଧ ହୁଏ ନାହିଁ। ବୈବାହିକ ଜୀବନରେ ପୁରୁଷ ଓ ସ୍ତ୍ରୀ ପରସ୍ପର ଗୃହ ବାହାରେ ଯୌନ ସ୍ୱାଧୀନତା ଉପଭୋଗ କରିବେ, ଏହା ଗୃହାଚାର ନୁହେଁ। ସାଂସାରିକ ଜୀବନରେ ଯୌନାଚାର ଏକମାତ୍ର ଅଭିଳକ୍ଷିତ ଲକ୍ଷ୍ୟ ନୁହେଁ। ବିବାହ ଦୁଇଟି ହୃଦୟର ମିଳନ। ହୃଦୟରେ ପରସ୍ପର ପ୍ରୀତି ଓ ସଂକଳ୍ପର ଆହୁତି ପ୍ରଦାନ କରି ଗୃହାଗ୍ନିକୁ ପ୍ରଜ୍ୱଳିତ କରି ରଖୁଥିବା ପତିପତ୍ନୀ ଉଭୟଙ୍କର ସାଧନାକ୍ଷେତ୍ର ଗୃହସଂସ୍ଥାକୁ କେବେ ଅପବିତ୍ର କରିବାକୁ ଚାହିଁବେ ନାହିଁ। ପରନ୍ତୁ ଜୈବିକ ଆକର୍ଷଣ ଏକ ମାନବିକ ପ୍ରବୃତ୍ତି। ସମୟେ ସମୟେ ଏମାନଙ୍କ ମଧ୍ୟରୁ କାହାରି ପାଦ ଖସେ। ଏଥିରେ ତାଙ୍କର ବିପରୀତ ଅଙ୍ଗ ସର୍ବାଧିକ ସହିଷ୍ଣୁତା ଅବଲମ୍ବନ କରିବା କଥା। ସମବେଦନା ଓ ସହାନୁଭୂତିର ସଦ୍‌ଗୁଣରେ ପରସ୍ପର ଭୂଷିତ ହେବା ଦାମ୍ପତ୍ୟଜୀବନର ମୂଳମନ୍ତ୍ର। ଏଥିରେ ଅସଲ ତ୍ୟାଗ ଓ କର୍ତ୍ତବ୍ୟବୋଧ ନିହିତ ଅଛି। କ୍ଷମା ଓ ତ୍ୟାଗରେ ଦାମ୍ପତ୍ୟ ଜୀବନର ସିଦ୍ଧି ଦୁନ୍ଦୁଭିତ ହୁଏ।

୪୯୭ ଧାରାର ଉଚ୍ଛେଦ ସମାଜକୁ ଏପରି ସନ୍ଦେଶ ନ ଦେଉ ଯେ ପରିବାରର କେହି ଜଣେ ଭୁଲ୍ କଲେ ଅପର ଜଣକ ଭୁଲ କରିବା ପାଇଁ ନିଜକୁ ପ୍ରସ୍ତୁତ କରିବ। ଉକ୍ତ ଆଇନର ପ୍ରତ୍ୟାହାର ପାଇଁ ଏବେ ମୃଦୁ ପ୍ରତିକ୍ରିୟା ସୃଷ୍ଟି ହେଉଛି। ଗଣମାଧ୍ୟମରେ ଏହାର ବ୍ୟାପକ ଆଲୋଚନା କିଶୋରୀ, ଯୁବତୀ ଓ ଗୃହିଣୀମାନଙ୍କ ମନୋଭୂମିରେ ନବସୀତ୍କାରର କଲ୍ଲୋଳ ସୃଷ୍ଟି କରିଛି। ସେମାନଙ୍କର ଏଥିପ୍ରତି ସମର୍ଥନ ଅଧିକରୁ ଅଧିକ ବଢୁଛି। ଜୀବନ ରାସ୍ତାରେ ପାଦ ଖସିଗଲେ ଅନ୍ତତଃ ଦୋଷାରୋପର ଶିକାର ହେବେ ନାହିଁ, ଏକ ନୀରବ ଆଶ୍ୱସ୍ତି ସେମାନଙ୍କ ପ୍ରାଣମନରେ ଝଲସି ଉଠୁଛି। ଅନେକ କ୍ଷେତ୍ରରେ ଗୃହିଣୀମାନଙ୍କ ମନରେ ସୃଷ୍ଟି ହୋଇଛି ଆନ୍ଦୋଳନ। ଅନ୍ତତଃ ସେମାନେ କାହାରି ଅଧୀନ ନୁହନ୍ତି ଏବଂ ନିଜ ଇଚ୍ଛାର ସାମନ୍ତାଣୀ, ଏହା ସେମାନଙ୍କ କାର୍ଯ୍ୟରେ ଧୀରେ ଧୀରେ ପ୍ରକାଶିତ ହେଉଛି। ସ୍ୱାମୀ ଜଣକ ଠିକ୍ ସମୟରେ ଘରକୁ ନ ଫେରିଲେ ପ୍ରତୀକ୍ଷାର ଯାତନା କର୍କଶ କରୁଛି ତାଙ୍କୁ। ମୁଁ ତୁମର କିଙ୍କର ନୁହେଁ। ଛାତିତଳୁ ତାଙ୍କର ଅସହିଷ୍ଣୁତା ପ୍ରତିଧ୍ୱନି ତୋଳୁଛି। ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ବିଶ୍ୱାସ, ଅନୁରାଗ ଓ ସହଯୋଗ ହିଁ ପରିବାରର ଅପରିହାର୍ଯ୍ୟ ବିଭବ। ଏହା ନ ଥିଲେ ପରିବାରର ଶୃଙ୍ଖଳା ଆସିବ କେଉଁଠୁ? କୋମଳମତି ଶିଶୁମାନେ ମାନିବେ କାହାକୁ? ଧୀରେ ଧୀରେ ଅଶାନ୍ତ ହୋଇଉଠିବ ପାରିବାରିକ ଜୀବନ। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଏହି ଚିତ୍ର ହୁଏତ ଦୂର ଭବିଷ୍ୟତରେ ଦୃଶ୍ୟମାନ ହେବ। ପୂର୍ବରୁ 'ସମ୍ପର୍କରେ ବାସ କରିଥିବା' ଯୁବତୀଯୁବକଙ୍କ ମନରେ ନୂଆ ଢଙ୍ଗର ଜୀବନଚର୍ଯ୍ୟା ପାଇଁ ଆଗ୍ରହ ବଢିବ। ବିଶେଷକରି ଗୃହଠାରୁ ଦୂରରେ ରହୁଥିବା କର୍ମଜୀବୀ ନାରୀପୁରୁଷମାନଙ୍କ କ୍ଷେତ୍ରରେ ଏହା ଏକ ସାଧାରଣ ଘଟଣା ହେଲାଣି। ଯୁବତୀଯୁବକମାନେ ବିନା ବିଚାରରେ ଏଭଳି ସମ୍ପର୍କରେ ରହିବାକୁ ପସନ୍ଦ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ବିବାହ କରିବେ, ପରିବାର ଗଠନ କରିବେ। ଭବିଷ୍ୟତରେ ଏହା ସବୁ ନିର୍ବିଘ୍ନରେ ଯିବନାହିଁ। ପ୍ରାକ୍‌ବିବାହ ଜୀବନର ସମ୍ପର୍କ ଲୁଚି ଲୁଚି ସେମାନଙ୍କ ମନରେ ଆତ୍ମପ୍ରକାଶ କରିବ। ପୁନଶ୍ଚ ସୃଷ୍ଟିହେବ ଦୁର୍ବଳତା। ୪୯୭ର ଉଚ୍ଛେଦ ଏଥିରେ ଅନୁକୂଳ କ୍ଷେତ୍ର ସୃଷ୍ଟି କରିପାରେ। ଅଧିକାରର ସମବଣ୍ଟନ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହାର ନଗ୍ନ ବ୍ୟବହାର ସମାଜ ପାଇଁ ମଙ୍ଗଳଦାୟୀ ହେବା ପରିବର୍ତ୍ତେ ସମାଜକୁ ଏକ ନିଷ୍ପ୍ରଭ ସୂର୍ଯ୍ୟର ଇଲାକାରେ ପରିଣତ କରିବ।

ନୂଆବନ୍ଧସାହି, ନବରଙ୍ଗପୁର, ମୋ–୯୪୩୭୧୧୮୯୬୨

# ସୁନା ପଚାରଇ ଲୁହାକୁ



**ସଂଗ୍ରାମ କେଶରୀ ପୃଷ୍ଟି**

ସ୍ନେହ–ପ୍ରେମ–ମମତା ଏବଂ ବିଶ୍ୱାସକୁ ନେଇ ଗଢି ଉଠୁଥିବା ସୁନ୍ଦର ଓ ମଧୁର ଶବ୍ଦଟିଏ ହେଉଛି ସମ୍ପର୍କ। ଭଲପାଇବା ଓ ବିଶ୍ୱାସ ଥିଲେ ପର ବି ଆପଣାର ପାଲଟିଯାଏ ଓ ଏହାର ଅଭାବରେ ଆପଣା ଲୋକ ବି ପର ହୋଇଯାଏ। ସାମ୍ପ୍ରତିକ ସମାଜରେ ସମ୍ପର୍କ କ୍ରମଶଃ କଳୁଷିତ ହେବାରେ ଲାଗିଛି। ଏହାର ମୂଳ କାରଣ ହେଉଛି ବିଶ୍ୱାସର ଅଭାବ, ଯେଉଁଥିପାଇଁ କି ଆପଣା ଲୋକଙ୍କ ଦ୍ୱାରା ଭୋଗିବାକୁ ପଡୁଛି ଯାବତୀୟ ଯାତନା।

ସବୁ କଷ୍ଟଠାରୁ ସମ୍ପର୍କୀୟଙ୍କ ଦ୍ୱାରା ମିଳୁଥିବା ଯାତନା ଅଧିକ ଯନ୍ତ୍ରଣାଦାୟକ। ଏଥିରେ ନା କିଛି କହିହୁଏ ନା ସହିହୁଏ। ଜୀବନରେ ସବୁଠୁ ଭଲ ପାଉଥିବା ଲୋକମାନେ ଦୁଃଖ ଦେଲାବେଳେ ଆଖିରୁ ଲୁହ ନୁହେଁ ଲହୁ ଝରେ। ମଣିଷରୁ କ୍ରମଶଃ ଅମଣିଷ ପାଲଟିବାର ମୁଖ୍ୟ କାରଣ ହେଉଛି ସ୍ୱାର୍ଥ। ଏହା ମନରେ ଏମିତି ବସା ବାନ୍ଧି ବସେ ଯେ, ସେଥିପାଇଁ ତୁଚ୍ଛ ପାଲଟିଯାଏ ସମ୍ପର୍କ। ପୂର୍ବରୁ ପାଇଥିବା ଉପକାର ଆଖିରେ ଦେଖାଯାଏ ନାହିଁ। ଯାହା ଦେଖାଯାଏ ତାହା ହେଉଛି ଦୋଷ। ପରିବାରରେ ଆସେ ବିପର୍ଯ୍ୟୟ। ସରିଯାଏ ହସଖୁସି। ଏମିତି ସମୟ ଆସେ, ଆଖିରୁ ଲୁହ ପୋଛିବାକୁ ପାଖରେ କେହି ନ ଥାନ୍ତି। ଅଜାଗା ଘା ନା ଦେଖିହୁଏ ନା ଦେଖାଇ ହୁଏ।

ପରିବାରରେ ଝିଅ–ବୋହୂ ମଧ୍ୟରେ ମନାନ୍ତର–ମତାନ୍ତର ସାଧାରଣ କଥା। ତେବେ ଦୁଃଖର ବିଷୟ ଏଠି ଝିଅର ଭୁଲକୁ ଲୁଚାଯାଏ ଅଥଚ ବୋହୂର ଭୁଲକୁ ସର୍ବସାଧାରଣରେ ପ୍ରକାଶ କରାଯାଏ। ବୋହୂକୁ ପୁଅ ଅଧୀନରେ ରଖି ତାକୁ ଯନ୍ତ୍ରଣା ଦିଆଯାଏ। ତେଣେ ଝିଅ କେମିତି ତା' ସ୍ୱାମୀକୁ ନିଜ ନିୟନ୍ତ୍ରଣରେ ରଖିବ ତାକୁ ମନ୍ତ୍ରଣା ଦିଆଯାଏ। ଘରକୁ ନୂଆବୋହୂର ଆଗମନ ପରେ ଘରେ କୌଣସି ଦୈବୀ ଦୁର୍ଘଟଣା ଘଟିଲେ ସବୁ ଦୋଷ ତା' ମୁଣ୍ଡକୁ ଯାଏ। ବାହାର ଲୋକଙ୍କ ଯାତନା ସହିହୁଏ ମାତ୍ର ଆତ୍ମୀୟସ୍ୱଜନ ତା' ଉପରୁ ହରାଇଥିବା ଆସ୍ଥା ଭରସା ପାଇଁ ବୋହୂଟି ଭୀଷଣ ମାନସିକ ଯନ୍ତ୍ରଣା ପାଇଥାଏ।

ପାରିବାରିକ ରକ୍ତଗତ ସମ୍ପର୍କରେ ତିକ୍ତତା ପଛର ପ୍ରମୁଖ କାରଣ ହେଲା ସମ୍ପତ୍ତିବାଡି, ଯାହାକୁ ନେଇ ଦେଖାଦିଏ ବିବାଦ। କ୍ରମଶଃ ତାହା ଉଗ୍ରରୂପ ଧାରଣ କରେ। ସମ୍ପର୍କରେ ଫାଟ ସୃଷ୍ଟି ହୁଏ। ମୁହୂର୍ତ୍ତକ ମଧ୍ୟରେ ବଦଳିଯାଆନ୍ତି ଘରର ମଣିଷମାନେ। ଗୋଟିଏ ଛାତ ତଳେ ରହି ମଧ୍ୟ ପରସ୍ପର ପ୍ରତି ଥାଏ ପ୍ରତିଶୋଧର ଭାବନା। ଜଣେ କେହି ରୋଗଶଯ୍ୟାରେ ପଡି ଛଟଛଟ ହେଉଥିଲେ ମଧ୍ୟ ଅନ୍ୟ କାହାର ସମବେଦନା ନ ଥାଏ। ରୋଗଯନ୍ତ୍ରଣାଠାରୁ ଏ ଯାତନା ବଳିପଡେ। ଘର ଅଗଣାରେ ଝୁଣ୍ଟିପଡି ଅବୋଧ–ନିଷ୍ପାପ ଶିଶୁଟି ରାହା ଧରି କାନ୍ଦୁଥିବା ବେଳେ ରକ୍ତ ସମ୍ପର୍କର ମଣିଷଙ୍କ ମଧ୍ୟରୁ କାହାର ହାତ ସେ ଆଡକୁ ଯାଏନି। କାହିଁକି ନା ତାଙ୍କ ହାତ ସ୍ୱାର୍ଥରେ ହିଁ ବନ୍ଧାଥାଏ। ଅଧିକାଂଶ ଶିଶୁ ଯୌନ ନିର୍ଯାତନା ଓ ବ୍ୟଭିଚାର ପଛରେ ଦାୟୀ ରହନ୍ତି ନିକଟ ସମ୍ପର୍କୀୟ।

ସମ୍ପର୍କୀୟଙ୍କ ଯାତନାରୁ ବାଦ୍ ପଡନ୍ତି ନାହିଁ ଜନ୍ମ ଦେଇଥିବା ବୃଦ୍ଧ ମାତାପିତା। ଯେଉଁ ମାତାପିତା ଜନ୍ମ ଦେଇଥିବା ପାଞ୍ଚ ପିଲାଙ୍କ ପାଇଁ ନିଜ ସମଗ୍ର ଜୀବନକୁ ଉତ୍ସର୍ଗ କରିଦେଇଥାନ୍ତି, ସେମାନେ ବଡ ହୋଇଗଲା ପରେ ମାତାପିତାଙ୍କ ଭରଣପୋଷଣ ପାଇଁ ପାଞ୍ଚ ଜଣକ ମଧ୍ୟରେ ଭାଗ ବସାନ୍ତି। ସେଥିରେ ପୁଣି ଦିଆଯାଏ ଯାବତୀୟ ମାନସିକ ନିର୍ଯାତନା। ସେମାନେ ରୋଗଶଯ୍ୟାରେ ପଡିଥିଲେ ସେବାଶୁଶ୍ରୂଷା ତ ଦୂରର କଥା ଔଷଧ ପଥିର ବି ଅଭାବ ଘଟେ। ଆଦରଯତ୍ନ ତ ବହୁ ଦୂରରେ। ଖାଲି ସେତିକି ନୁହେଁ, ମୃତ୍ୟୁ ପରେ ବି ଭୋଗିବାକୁ ପଡେ ଯାତନା। ଶବ ପାଇଁ କାନ୍ଧର ଅଭାବ ଘଟେ। ମଡା ବାସି ପାଲଟିଯାଏ। ନିଜ ଅହଂକାରକୁ ନେଇ ସମାଜରେ ପ୍ରତିଷ୍ଠିତ ସେହି ପୁଅମାନେ ଅଲଗା ଅଲଗା କ୍ରିୟାକର୍ମ କରି ଆଭିଜାତ୍ୟ ଦେଖାଇବାରେ ଲାଗିପଡନ୍ତି। ଅଗତ୍ୟା ମୃତ୍ୟୁ ପରେ ମଧ୍ୟ ସେ ଅଦୃଶ୍ୟ ଆତ୍ମା ସମ୍ପର୍କର ଯାତନା ସହିବାକୁ ବାଧ୍ୟ ହୁଏ।

ରୁଗ୍‌ଣ ମାନସିକତା ହିଁ ମଣିଷପଣିଆର ବିପର୍ଯ୍ୟୟ ଘଟାଏ। କେତେକ ନିଜର ଔଦ୍ଧତ୍ୟ ଓ ବଡିମା ପ୍ରଦର୍ଶନ କରିବାକୁ ଯାଇ ନିଜ ଲୋକଙ୍କୁ ଶାରୀରିକ ଓ ମାନସିକ ଯାତନା ଦେବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ। ଆବଶ୍ୟକ ସ୍ଥଳେ ନିଜ ଲୋକକୁ ପାଗଳର ଆଖ୍ୟା ଦେଇ ତା' ଗୋଡରେ ବେଡି ପକାଇ ଘର ଭିତରେ ବନ୍ଦୀ କରାଯାଏ। ସତ କହୁଥିବା ଲୋକର ମୁହଁ ବନ୍ଦ କରିବା ପାଇଁ ସେ ଯେ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରେ। ଗଛର ଖଣ୍ଡେ କାଠ ବେଣ୍ଟଟିଏ ସାଜି କୁରାଢି ଦେହରେ ପଶେ ଓ ତାକୁ ଜନ୍ମ ଦେଇଥିବା ଗଛକୁ କାଟେ। କୁରାଢିର ଆଘାତ ଗଛକୁ ଯେତିକି ଯନ୍ତ୍ରଣା ଦେଇ ନ ଥାଏ ତା'ଠୁ ଅଧିକ ଯନ୍ତ୍ରଣା ଦିଏ ବେଣ୍ଟର ଏ ଭାବନା।

ଗୋଟିଏ ଜାଗାରେ ଥିଲା ଦୁଇଟି ଦୋକାନ। ଗୋଟିଏ ବଣିଆ ଦୋକାନ ଓ ଅନ୍ୟଟି କମାରଶାଳ। ତେବେ କାମ କରୁଥିବା ବେଳେ ବଣିଆ ଦୋକାନରୁ କମ୍ ଶବ୍ଦ ଆସୁଥିବା ବେଳେ କମାରଶାଳରୁ ଅଧିକ ଶବ୍ଦ ଆସୁଥିଲା। ଦିନେ ଛିଟିକି ପଡିଥିବା ଲୁହାଖଣ୍ଡକୁ ଦେଖି ସୁନାଖଣ୍ଡ ପଚାରିଲା– ଆମ ଦୁହିଙ୍କୁ ତ ସମାନ ହାତୁଡିରେ ପିଟାଯାଉଛି। ନିଆଁରେ ବି ତରଳାଯାଉଛି। ଦୁହିଙ୍କ କଷ୍ଟ ବି ସମାନ। ହେଲେ ତୁମେ ବେଶି ଚିତ୍କାର ଛାଡୁଛ କାହିଁକି? ଲୁହାଖଣ୍ଡ ଉତ୍ତର ଦେଲା– ଭାଇ ତୁମେ ସୁନା କିନ୍ତୁ ତୁମକୁ ଲୁହା ହାତୁଡି ପିଟୁଛି। ମୁଁ ଲୁହା ଆଉ ମୋତେ ସେଇ ଲୁହା ହାତୁଡି ପିଟୁଛି। ଅନ୍ୟମାନେ କଷ୍ଟ ଦେଲେ ଯେତେ ବାଧେ ନାହିଁ, ନିଜ ଲୋକ କଷ୍ଟ ଦେଲେ ବହୁତ ବାଧେ। ତେଣୁ ମୁଁ ବିକଳରେ ଚିତ୍କାର ଛାଡୁଛି।

ଏ ଦୁନିଆଟା ଏମିତି ଯେ ଶହେଟି ଭଲ କାମ କରି ଗୋଟିଏ ଭୁଲ କାମ କଲେ ଲୋକମାନେ ସବୁ ଭୁଲିଯିବେ, କେବଳ ଭୁଲ କାମଟିକୁ ମନେ ରଖିଥିବେ। ଆଉ ତାକୁ ଠିକ୍ ସମୟରେ ପ୍ରୟୋଗ କରିବେ। ସମ୍ପର୍କ ଭିତରେ ଏ ଭାବନା ବେଶ୍ କଷ୍ଟ ଦିଏ। ଆତ୍ମଘାତୀ କାର୍ଯ୍ୟ ମାରାତ୍ମକ ନିଶ୍ଚିତ। ସମ୍ପର୍କରେ ବାଧା ସୃଷ୍ଟି କରୁଥିବା ମଣିଷମାନେ ଜଣେ ଜଣେ ବିଶ୍ୱାସଘାତକ। ସକାରାତ୍ମକ ଚିନ୍ତାଧାରା ଓ ନିଃସ୍ୱାର୍ଥପର ଭାବନା ସମ୍ପର୍କକୁ ବଜାୟ ରଖିପାରିବ। ଅନ୍ୟର ହସ ଭିତରର କଷ୍ଟ, ରାଗ ଭିତରର ଭଲପାଇବା ଓ ନୀରବତା ଭିତରର ଅପେକ୍ଷାକୁ ବୁଝିପାରିଲେ ସମ୍ପର୍କ ସୁଦୃଢ ହୋଇପାରିବ। ସେଠି ନା ରହିବ ଯାତନା ନା ରହିବ ପ୍ରତାରଣା। ଥିବ ପ୍ରଚୁର ଭଲ ପାଇବା।

ରାଜକିଶୋରନଗର, ଅନୁଗୋଳ, ମୋ–୯୪୩୭୫୪୭୧୪୬

## ଏଇ ଭାରତରେ

ସରକାର ଅନେକ ଯୋଜନା ଘୋଷଣା କରନ୍ତି। କିନ୍ତୁ ତନ୍ମଧ୍ୟରୁ କେତେକ ଯୋଜନା ଲୋକଙ୍କ ପାଖରେ ପହଞ୍ଚିପାରେ ନାହିଁ। ଆଉ କେତେକ ଯୋଜନା ଲୋକଙ୍କ ଦ୍ୱାରଦେଶରେ ପହଞ୍ଚିଥିଲେ ବି ତାହା ଠିକ୍‌ଭାବରେ କାର୍ଯ୍ୟକାରୀ ହୋଇପାରେ ନାହିଁ। ଲୋକଙ୍କୁ ମିଳିଛି ସରକାରୀ ମୋବାଇଲ୍। ଅଥଚ ତାହା ବ୍ୟବହାର କରିବାକୁ ଲୋକଙ୍କୁ ଚଢ଼ିବାକୁ ପଡୁଛି ଗଛ। ଏଥିରେ ପୁଣି ଜୀବନ ପ୍ରତି ବିପଦ ଅଛି। ଏପରି ଘଟଣା ଦେଖିବାକୁ ମିଳିଛି ଛତିଶଗଡ଼ର ଜଗଦଲପୁର ଅନ୍ତର୍ଗତ କାୱାପାଲ ଅଞ୍ଚଳରେ। ଏଠାରେ ମୋବାଇଲ୍ ନେଟ୍‌ୱର୍କ ଧରୁନି। ସଞ୍ଚାର କ୍ରାନ୍ତି ଯୋଜନାରେ ଏଠାକାର ବାସିନ୍ଦାମାନଙ୍କୁ ମାଗଣାରେ ମୋବାଇଲ୍ ହ୍ୟାଣ୍ଡସେଟ୍ ଯୋଗାଇ ଦିଆଯାଇଛି। ମାତ୍ର ଏଠାରେ କୌଣସି ଟାୱାର ନ ଥିବାରୁ ଲୋକେ ମୋବାଇଲ୍ ସେବାର ଲାଭ ଉଠାଇ ପାରୁନାହାନ୍ତି। ମୋବାଇଲ୍‌ରେ କଥାବାର୍ତ୍ତା ହେବାପାଇଁ ଲୋକଙ୍କୁ ୫୦ଫୁଟ ଉଚ୍ଚ ଗଛରେ ଚଢ଼ିବାକୁ ପଡୁଛି। ଏଥିପାଇଁ ଗଛକୁ ଲଗାଇ ଏକ ସ୍ଥାୟୀ ଶିଡି ନିର୍ମାଣ କରାଯାଇଛି। ରାତିରେ ଗର୍ଭବତୀ ମହିଳାଙ୍କର ଯନ୍ତ୍ରଣା ହେଲେ ଗଛରେ ଚଢ଼ି ସଞ୍ଜୀବନୀ ଏକ୍ସପ୍ରେସ୍‌କୁ କଲ୍ କରିବାକୁ ପଡୁଛି। ଏହି ଅଞ୍ଚଳକୁ ସ୍ଥାୟୀ ସଡକପଥ ନିର୍ମାଣ କରାଯାଇଥିଲେ ହେଁ ସ୍ୱାସ୍ଥ୍ୟସେବାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚୁ ନ ଥିବା ଅଭିଯୋଗ ହେଉଛି।

## ଚିରନ୍ତନୀ

ସିନେମା ଯିବାକୁ ଟ୍ୟାକ୍ସିରେ ଚଢ଼ି
ତରୁଣ ବନ୍ଧୁ ଡାକଇ ଆସ
''ଛାତିର ବ୍ରୋଚ୍‌ଟା ଦିଏ ମୁଁ ସଜାଡ଼ି
ନ ହେଲେ ନ ହେଉ ଆଇ ଏ ପାଶ।''
(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୮ ନଭେମ୍ବର ୧୯୯୩

- ପାକିସ୍ତାନ ନିଜ ନୌବାହିନୀର ଜାହାଜଗୁଡ଼ିକର ଆଧୁନିକୀକରଣ କରିବାକୁ ୧୦୦ ନିୟୁତ ଡଲାର ଅର୍ଥ ବ୍ୟୟ କରିବାକୁ ନିଷ୍ପତ୍ତି ନେଇଛି।
- ଇରାକ ନିଜର ପ୍ରତିରକ୍ଷା ଘାଟି ଓ ଅସ୍ତ୍ରଶସ୍ତ୍ର ଦୀର୍ଘମିଆଦୀ ସୂତ୍ରରେ ତଦାରଖ ପାଇଁ ଜାତିସଂଘକୁ ଅନୁମତି ଦେଲା।

## ପାଠକ ଶ୍ରେଷ୍ଠ ବିଚାରକ

### ମୁହଁରେ କପଡ଼ା ବାନ୍ଧିବା ବନ୍ଦ ହେଉ

ମହାଶୟ,

ଦୁଇଚକିଆ ଯାନ ଚଳାଇବା ବେଳେ ହେଲମେଟ୍ ପିନ୍ଧିବା ଜରୁରୀ, ଯାହାକି ଛୋଟବଡ ଦୁର୍ଘଟଣା ତଥା ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କରେ। ହେଲେ ଆଜିକାଲି ଦେଖିବାକୁ ମିଳୁଛି ବାରମ୍ବାର ସଚେତନ କରାଗଲେ ମଧ୍ୟ ବିଶେଷତଃ ମହିଳାମାନେ ମୁଣ୍ଡରେ ହେଲମେଟ୍ ପିନ୍ଧିବା ବଦଳରେ ମୁହଁରେ କପଡା ବାନ୍ଧି ମୁହଁକୁ ସମ୍ପୂର୍ଣ୍ଣ ଲୁଚାଇ ରଖୁଛନ୍ତି। ଉଦ୍ଦେଶ୍ୟ ସେମାନଙ୍କୁ କେହି ଚିହ୍ନି ନ ପାରନ୍ତୁ। ସିନେମା, ପାର୍କ ହୋଟେଲ ଆଦି ସ୍ଥାନକୁ ଗଲେ ବା କୌଣସି ବୟଫ୍ରେଣ୍ଡ ସହିତ ବୁଲିଲେ କେହି ଚିହ୍ନିପାରିବେ ନାହିଁ। ତେଣୁ ଏହା ଉପରେ ସରକାରୀ ସ୍ତରରେ କଟକଣା ହେବା ଉଚିତ।

ମହେନ୍ଦ୍ର ନାଥ ରାଉତ, ସହକାରୀ ଶିକ୍ଷକ, ମହାବୀର ହାଇସ୍କୁଲ, ବରିମୁଣ୍ଡେଇ, ନିଆଳି, କଟକ

### ଶିକ୍ଷା ଓ ନୈତିକ ମୂଲ୍ୟବୋଧ

ଆଗରୁ ପିଲାମାନେ ଆଦର୍ଶ ନୀତିନିଷ୍ଠ ମଣିଷ ହେବା ପାଇଁ ପ୍ରାଥମିକ ସ୍ତରରୁ ଶିକ୍ଷା ପାଉଥିଲେ। କିନ୍ତୁ ଆଜିକାଲି କେଉଁ ପାଠ ପଢିଲେ ଅଧିକ ଧନ ରୋଜଗାର ହୋଇପାରିବ ତାହାକୁ ଦୃଷ୍ଟିରେ ରଖି ପାଠ୍ୟକ୍ରମ ସ୍ଥିର କରାଯାଉଛି। ମଣିଷ ଯେତେ ଜ୍ଞାନର ଅଧିକାରୀ ହେଲେ ମଧ୍ୟ ଯଦି ତା'ର ନୈତିକତା, ସାଧୁତା ଓ ମାନବିକତା ନାହିଁ ତେବେ ସେ ଜ୍ଞାନର ମୂଲ୍ୟ କିଛିନାହିଁ। ନୈତିକତା ବିହୀନ ଜ୍ଞାନ ମଣିଷକୁ ଅବାଟରେ ନେଇଯାଏ। ଫଳରେ ମଣିଷ ଅସାଧୁ ଓ ଦୁର୍ନୀତିଗ୍ରସ୍ତ ହୁଏ। ତେଣୁ ଶିକ୍ଷା ସହିତ ନୈତିକତା ଶିକ୍ଷା ଦିଆଗଲେ ଭବିଷ୍ୟତରେ ଜଣେ ଛାତ୍ର ଭଲ ମଣିଷ ହେବା ସହ ନିଜର ଓ ସମାଜର ମଙ୍ଗଳ କରିପାରିବ। ଏ ପରିପ୍ରେକ୍ଷୀରେ ଧରିତ୍ରୀ (୧୦।୧୧)ରେ ପ୍ରକାଶିତ ଡ. ଛୟାକାନ୍ତ ଷଡଙ୍ଗୀଙ୍କ ଲେଖା 'ଶିକ୍ଷା ଓ ନୈତିକ ମୂଲ୍ୟବୋଧ' ଅତ୍ୟନ୍ତ ଶିକ୍ଷଣୀୟ।

ଭଗବାନ ଦାସ, 'ହରି ନିବାସ' ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଝଙ୍କଡ଼ ସାହିତ୍ୟ ସଂସଦର କବିତା ଆସର

**ତିର୍ତ୍ତୋଲ,୨୭।୧୧(ଡି.ଏନ.ଏ.):** ଚେଲିତୋଳ ବାଲିଯାତ୍ରା ମହୋତ୍ସବ ସାଂସ୍କୃତିକ ମଞ୍ଚରେ ଝଙ୍କଡ଼ ସାହିତ୍ୟ ସଂସଦ ତରଫରୁ କବିତା ଆସର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆସରକୁ ବିଧାୟିକା ଡା.ରାଜଶ୍ରୀ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ନିତ୍ୟାନନ୍ଦ ଜେନା ବିଶିଷ୍ଟ ଅତିଥି, ଆଷାଢ଼ ସାହିତ୍ୟ ସଂସଦ ସମ୍ପାଦକ ପୀତାମ୍ବର ମହାପାତ୍ର ମୁଖ୍ୟବକ୍ତା, ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ଉପସଭାପତି ହେମନ୍ତ କୁମାର ନାୟକ, ଆରତୀ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଋତୁପର୍ଣ୍ଣା ସାହିତ୍ୟ ସଂସଦ ସମ୍ପାଦିକା ଅଧାପିକା ରାଜଶ୍ରୀ ସ୍ୱାଇଁ ଆବାହନୀ ସଙ୍ଗୀତ ଗାନ ଓ ଶିଶୁ ନୃତ୍ୟଶିଳ୍ପୀ ସାଇ ଋତୁପର୍ଣ୍ଣା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଝଙ୍କଡ଼ ସାହିତ୍ୟ ସଂସଦ ସାଧାରଣ ସମ୍ପାଦକ ଗୋଲୋକ ବିହାରୀ ପଲାଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ଦିଗମ୍ବର ରାଉତ, ସବିତା ନାୟକ, ଚୌଧୁରୀ ରାଧାମୋହନ ପରିଜାଙ୍କ ସଂଯୋଜନାରେ ବହୁ କବି ସ୍ୱରଚିତ କବିତାପାଠ କରିଥିଲେ।

### ହକି ବିଶ୍ୱକପ ଏଲ୍‌ଇଡି ପ୍ରଦର୍ଶନ

**ଜଗତ୍‌ସିଂହପୁର ଅଫିସ,୨୭।୧୧:** ଓଡ଼ିଶାରେ ପ୍ରଥମଥର ପାଇଁ ହକି ବିଶ୍ୱକପ ଆୟୋଜିତ ହୋଇଥିବାରୁ ଏହାର ଉଦ୍‌ଘାଟନ ଉତ୍ସବ ଦେଖିବା ନିମନ୍ତେ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା କରିଥିଲେ। ପ୍ରତି ଜିଲାରେ ଏଲ୍‌ଇଡି ମାଧ୍ୟମରେ ଲୋକଙ୍କୁ କାର୍ଯ୍ୟକ୍ରମ ଦେଖାଇବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ, ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବ୍ୟାପକ ଆୟୋଜନ କରାଯାଇଥିଲା। ୨ଟି ବଡ଼ ଏଲ୍‌ଇଡି ସାହାଯ୍ୟରେ କଳିଙ୍ଗ ଷ୍ଟାଡିୟମରୁ ସିଧାପ୍ରସାରଣ ହେଉଥିବା କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ଲୋକଙ୍କ ବସିବା ପାଇଁ ପାଖାପାଖି ୧ ହଜାର ଚେୟାର ପକାଯାଇଥିଲା। ସନ୍ଧ୍ୟା ୬ରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାରୁ ଜଗତ୍‌ସିଂହପୁର ସହରର ଲୋକେ କିପରି ଅଧିକ ସଂଖ୍ୟାରେ ଏହାକୁ ଉପଭୋଗ କରିପାରିବେ ସେନେଇ ଉଦ୍ୟମ ହୋଇଥିଲା। ଜିଲାପାଳ ଯାମିନୀ ଷଡ଼ଙ୍ଗୀ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ ଦାସ, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି ଓ ଜଗତ୍‌ସିଂହପୁର ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଆୟୋଜନ ଅନୁଯାୟୀ ଆଶାନୁରୂପ ଲୋକ ଏଲ୍‌ଇଡି ପ୍ରଦର୍ଶନ ଦେଖିପାରି ନ ଥିଲେ। ଅନୁରୂପ ଭାବେ ଜଗତ୍‌ସିଂହପୁର ହାଟ, ପାରାଦୀପ ବାଲିଯାତ୍ରା ଆଦି ସ୍ଥାନରେ ମଧ ଏଲ୍‌ଇଡି ସାହାଯ୍ୟରେ ହକି ବିଶ୍ୱକପ୍‌ର ସିଧାପ୍ରସାରଣ ଦେଖିବାକୁ ବ୍ୟବସ୍ଥା ହୋଇଥିଲା।

# ବିଜ୍ଞାନମେଳା: ୨୦୪ ପ୍ରକଳ୍ପ ପ୍ରଦର୍ଶିତ

**ବାଲିକୁଦା,୨୭।୧୧(ସ୍ୱ.ପ୍ର.)**

ବାଲିକୁଦା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ମେଳାରେ ବ୍ଲକର ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ମୋଟ ୨୦୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ୧୦ ଶ୍ରେଷ୍ଠ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ଏହି ଅବସରରେ ଏକ ସଭା ଆୟୋଜିତ ହୋଇଥିଲା। ବିଇଓ ସଚ୍ଚିଦାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି, ମୁଖ୍ୟବକ୍ତା ଜିଲା ଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାସ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, କମଳାକାନ୍ତ ମହାପାତ୍ର ଓ ଅନ୍ୟତମ ଅତିଥି ଭାବେ ଜିଲା ବିଜ୍ଞାନ ପରିଦର୍ଶକ ସୁଭାଷ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ କ୍ଷେତ୍ରରେ ଅଧିକ ମନୋନିବେଶ କରିବା ପାଇଁ ପରାମର୍ଶ ଦେଇଥିଲେ। ପଣ୍ଡିତ ଅଜୟ ଶତପଥୀ ବେଦ ପାଠ କରିଥିଲେ। ସରୋଜକାନ୍ତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଗଣେଶ ଚନ୍ଦ୍ର ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।

ବିଜ୍ଞାନ କ୍ଲବ ସମ୍ପାଦକ ରମାକାନ୍ତ ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ କୃତୀ ଶିକ୍ଷକ କୈଳାସ ବିଶ୍ୱାଳ, ଅରୁଣ ମହାନ୍ତି ଓ ବିଦ୍ୟାଳୟ ପ୍ରଧାନଶିକ୍ଷକ ସେଠୀଙ୍କୁ ବିଜ୍ଞାନ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚନ୍ଦ୍ରଶେଖର ଶତପଥୀ ଧନ୍ୟବାଦ ଦେଇଥିଲେ। ଅପରାହ୍ଣର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଅବସରପ୍ରାପ୍ତ ଶିଶୁରୋଗ ବିଶେଷଜ୍ଞ ଡା. ନରହରି ବେହେରା, ମୁଖ୍ୟବକ୍ତା ବିଆରସିସି ରାଜକିଶୋର ବେଉରା, ସମ୍ମାନିତ ଅତିଥି ଏବିଇଓ ଦୁଷ୍ମନ୍ତ ପରିଡା, ଜିଲାପରିଷଦ ସଦସ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ସରପଞ୍ଚ ଅନୁସୂୟା ସାହୁ, ସମିତିସଭ୍ୟ ସୌମ୍ୟଜିତ୍ ମହାପାତ୍ର ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଦୁର୍ଗାଚରଣ ଦାସ, ସୁଶ୍ରୀ ସ୍ମିତା ଦାସ, ମାନସ ବାରିକ, ବିଜୟ ସ୍ୱାଇଁ ଓ ଗୋପୀନାଥ ସ୍ୱାଇଁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ବିଜ୍ଞାନ କ୍ଲବ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।



ବିଜ୍ଞାନ ମେଳା ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥି।




ପ୍ଲାଷ୍ଟିକ ମୁକ୍ତ ଅଭିଯାନରେ ସାମିଲ ହୋଇଥିବା ଅତିଥି ଓ ଯୁବବାହିନୀ କର୍ମକର୍ତ୍ତା।

# ବିଜୁ ଯୁବବାହିନୀର ପ୍ଲାଷ୍ଟିକ ମୁକ୍ତ ଅଭିଯାନ

**ବାଲିଆ,୨୭।୧୧**

ବିରିଡ଼ି ବ୍ଲକ ପୂରଣ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ କରାଯାଇଛି। ବିଜୁ ଯୁବ ବାହିନୀ ସଭାପତି ମନୋଜ ବେହେରାଙ୍କ ନେତୃତ୍ୱ ଓ ସମ୍ପାଦକ ଦିଲୀପ ଭୋଇ, କୋଷାଧ୍ୟକ୍ଷ ଜ୍ଞାନରଞ୍ଜନ ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଶୁଭଦ୍ରା ଭୋଇ, ସମିତି ସଭ୍ୟା ମିତାଲି ଭୋଇ, ନାଏବ ସରପଞ୍ଚ ପ୍ରବୀର ଦାସ, ପଞ୍ଚାୟତ ବିଜେଡି ସଭାପତି ଶୁକାନ୍ତ ବାରିକ, ଯୁବନେତା କୃପାସିନ୍ଧୁ ଭୋଇ, ବ୍ଲକ ସଂଯୋଜିକା ସୁନିତା ସାହୁ, ରଶ୍ମୀରେଖା ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା କରାଯାଇ ପ୍ଲାଷ୍ଟିକ ବର୍ଜନ କରିବାକୁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

# ଗାଁ ସାଥୀ ସଂଘର ଆନ୍ଦୋଳନ ଚେତାବନୀ

**ବାଲିଆ,୨୭।୧୧**

ଦୀର୍ଘ ୧୦ ବର୍ଷ ଧରି ରାଜ୍ୟ ସରକାର ଗାଁ ସାଥୀମାନଙ୍କୁ ଉପେକ୍ଷା କରିଆସୁଛନ୍ତି। ତେଣୁ ଯଥାଶୀଘ୍ର ସେମାନଙ୍କ ଦାବି ପୂରଣ ନ କଲେ ଆନ୍ଦୋଳନ କରାଯିବ ବୋଲି ମଙ୍ଗଳବାର ବିରିଡି ବ୍ଲକ ଗାଁ ସାଥୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଭରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ କୂଳକଇଜଙ୍ଗା ପଞ୍ଚାୟତ ରାଜୀବ ସେବାକେନ୍ଦ୍ର ପରିସରରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଂଘ ସଭାପତି ସୌଭାଗ୍ୟ ମିଶ୍ର, ଜଗତ୍‌ସିଂହପୁର ଜିଲା ସଭାପତି ପ୍ରଭାଷ ପଣ୍ଡା, ସମ୍ପାଦକ ଦିଲୀପ ମହାପାତ୍ର ପ୍ରମୁଖ ଯୋଗଦେଇ ଗାଁ ସାଥିଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତି ଗାଁ ସାଥିଙ୍କୁ ମାସିକ ୬ ହଜାର ଟଙ୍କା, ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବାକୁ ଦାବି ହୋଇଛି। ଆସନ୍ତା ୭ ତାରିଖରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ସଂଘର ରାଜ୍ୟ କାର୍ଯ୍ୟକର୍ତ୍ତା ଆଲୋଚନା କରିବେ। ଯଦି ଏଥିରେ କୌଣସି ସୁଫଳ ନ ମିଳେ ତେବେ ୧୦ ତାରିଖରେ ଭୁବନେଶ୍ୱରରେ ଗାଁ ସାଥିମାନେ ଏକତ୍ରିତ ହୋଇ ଜୋରଦାର ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ବୈଠକରେ ଶୋଭାରାଣୀ ମହାନ୍ତି, ରୁଦ୍ର ମହାନ୍ତି, ଭାଗବତ ମୁଦୁଲି, ଏସ.କେ. ରାଜା, ମାନସୀ ଭୋଇ, ବିଜୟ କୁମାର ଦାସ, ରେଖା ବେହେରାଙ୍କ ସମେତ ୮୯ ଗାଁ ସାଥି ଉପସ୍ଥିତ ଥିଲେ। ଏଥିସହ ନୂତନ ଗାଁ ସାଥି ସଂଘ ଗଠନ ହୋଇଥିଲା। ବିପିନି ଚରଣ ନାୟକ ସଭାପତି, ଡଲି ସେଠୀ ସମ୍ପାଦିକା, ବୈଜୟନ୍ତୀ ବାରିକଙ୍କୁ କୋଷାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଥିଲା।

# ଆଇନ ଦିବସ ପାଳିତ

**କୁଜଙ୍ଗ,୨୭।୧୧(ସ୍ୱ.ପ୍ର.)**

କୁଜଙ୍ଗ କୋର୍ଟ ପରିସରରେ ତାଲୁକସ୍ତରୀୟ ଆଇନ ସେବା କମିଟି ପକ୍ଷରୁ ଆଇନ ଦିବସ ପାଳିତ ହୋଇଛି। ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା କୁଜଙ୍ଗ ସବ୍‌ଜଜ୍ ଅଭିଲାଷ ସେନାପତି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସବୁ ବର୍ଗର ଲୋକେ ଯେପରି ଆଇନ ସେବା ପାଇପାରିବେ, ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ସିଭିଲଜଜ୍ ଅମିତାଭ ପଣ୍ଡା, କୁଜଙ୍ଗ ଜେଏମ୍‌ଏଫ୍‌ସି ମାମୀ ବେହେରା ପ୍ରମୁଖ ଯୋଗଦେଇ ଆଇନ ଦିବସ ଗରିବଙ୍କ ସ୍ୱାର୍ଥ ତଥା ଅଧିକାର ପାଇଁ ସମର୍ପିତ ହେଉ ବୋଲି କହିଥିଲେ। ଆଇନବୀଜୀ ସୁଶାନ୍ତ କୁମାର ପଟ୍ଟନାୟକ, ପୂର୍ବତନ ଓକିଲ ସଂଘ ସଭାପତି କୈଳାସ ଚନ୍ଦ୍ର ପରିଡା, ସତ୍ୟାନନ୍ଦ ବିଶ୍ୱାଳ, ରମେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




# ଏସାର ଷ୍ଟିଲ ବେଲ୍ଟଲାଇନ ତଳୁ ମୃତଦେହ ଉଦ୍ଧାର

**ପାରାଦୀପ,୨୭।୧୧(ସ୍ୱ.ପ୍ର.)**

ପାରାଦୀପ ଥାନା ଅନ୍ତର୍ଗତ ଏସାର ଷ୍ଟିଲ କାରଖାନା ବେଲ୍ଟଲାଇନ ତଳୁ ମଙ୍ଗଳବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଚାନ୍ଦବାଲି ଥାନା ଅନ୍ତର୍ଗତ ପଞ୍ଚପଡ଼ା ଗ୍ରାମର ବୀରକିଶୋର ପଲେଇଙ୍କ ପୁଅ ଅଜୟ(୩୮)। ଏ ସମ୍ପର୍କରେ ତାଙ୍କ ଭିଣୋଇ ଡି. ବାରିକ ପାରାଦୀପ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଅଜୟ ସୋମବାର ପାରାଦୀପ ବୁଲି ଆସିଥିଲେ। ସନ୍ଧ୍ୟାରେ ଫୋନ୍ ଯୋଗେ ସ୍ତ୍ରୀଙ୍କ ସହ କଥା ହୋଇଥିଲେ। ମଙ୍ଗଳବାର ସକାଳେ ତାଙ୍କ ମୃତ୍ୟୁ ଖବର ପରିବାର ଲୋକଙ୍କୁ ମିଳିଥିଲା। ତାଙ୍କର ଗୋଟିଏ ହାତ ଭାଙ୍ଗିଯାଇଥିବା ବେଳେ ଶରୀରରେ କ୍ଷତ ଚିହ୍ନ ରହିଛି। ତେଣୁ ଅଜୟଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ଯୋଗ ଘଟଣାର ତଦନ୍ତ କରୁଛି। ମୃତଦେହ ବିଜୁ ମେମୋରିଆଲ ହସପିଟାଲରେ ରଖାଯାଇଛି। ପରିବାର ଲୋକେ ଆସିଲେ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

OFFICE OF THE PRINCIPAL
**S.K.C.G. (AUTONOMOUS) COLLEGE, PARALAKHEMUNDI, GAJAPATI**
L. No.: 2528/2018 Dt.: 26.11.2018

**QUOTATION CALL NOTICE**

Sealed quotations are invited from man power and Security Service providing agencies for supplying agencies for supplying supportive semi skilled and unskilled staffs for SKCG Autonomous College, Paralakhemundi, Gajapati.

Detail information including term and conditions for applying are available in the College website: **skcgparala.ac.in**. The last date of submission of quotation is 12th December 2018 and the same will be opened on 13th December 2018 at 12 Noon.

Sd./- Principal










**ଓଡ଼ିଶା ସାହିତ୍ୟ ଏକାଡେମୀ**
ଭୁବନେଶ୍ୱର-୭୫୧୦୧୪

**ପ୍ରଫେସର ଶ୍ରୀରାମଚନ୍ଦ୍ର ଦାଶ ଜନ୍ମଶତବାର୍ଷିକୀ**

୨୮ ନଭେମ୍ବର ୨୦୧୮ (ବୁଧବାର) ସନ୍ଧ୍ୟା ୬.୦୦ ଘଟିକା
ସ୍ଥାନ : ଭଞ୍ଜ କଳାମଣ୍ଡପ, ଭୁବନେଶ୍ୱର

| | |
|---|---|
| ଉଦ୍‌ଘାଟକ | ଡକ୍ଟର ସୌମ୍ୟରଞ୍ଜନ ପଟ୍ଟନାୟକ<br>ମାନ୍ୟବର ସାଂସଦ, ରାଜ୍ୟସଭା ଏବଂ ସମ୍ପାଦକ 'ସମ୍ବାଦ' |
| ସମ୍ମାନନୀୟ ଅତିଥି | ଡକ୍ଟର ବିଜୟାନନ୍ଦ ସିଂହ<br>କାର୍ଯ୍ୟକାରୀ ପରିଷଦ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ |
| ମୁଖ୍ୟବକ୍ତା | ଅଧ୍ୟାପକ ବିଶ୍ୱରଞ୍ଜନ<br>ବିଶିଷ୍ଟ ସାହିତ୍ୟିକ |
| ସଭାମୁଖ୍ୟ | ଶ୍ରୀ ହରିହର ମିଶ୍ର<br>ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ |

ଉକ୍ତ ସାରସ୍ୱତ କାର୍ଯ୍ୟକ୍ରମରେ ସାହିତ୍ୟପ୍ରେମୀ ସୁଧୀବୃନ୍ଦ ଯୋଗଦାନ କରିବାକୁ ଅନୁରୋଧ।

ଜୟନ୍ତୀ ରଥ
ସଚିବ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବୁଝି ବିଚାରି କାର୍ଯ୍ୟ କଲେ**
**ପ୍ରମାଦ ନ ପଡ଼ଇ ଭଲେ ।**

ନିଷ୍ଠାର ସହିତ କାର୍ଯ୍ୟ କଲେ କାର୍ଯ୍ୟରେ ସଫଳତା ମିଳିବା ସ୍ଥିରନିଶ୍ଚିତ । ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ ପୂର୍ବରୁ ତାହାର ଭଲମନ୍ଦ ଦିଗ ତଥା ଆଗପଛ ଚିନ୍ତା କରି ଆଗକୁ ବଢ଼ିବା ଉଚିତ ହୋଇଥାଏ । ଏପରି ଭାବିଚିନ୍ତି ବା ବୁଝିବିଚାରି କାର୍ଯ୍ୟ କଲେ ପଛରେ କୌଣସି ପ୍ରକାରର ବାଧା ଉପୁଜୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ବାହାପିଆଙ୍କର ରୀତି**
**ବାହାରେ କାଢ଼ନ୍ତି ଢମ ବାରବୋଡ଼ି**
**ଘରେ ନ ଜଳଇ ବତି ।**

ଘରର ଆର୍ଥିକ ସ୍ଥିତି ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇଥା'ନ୍ତି । ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାପଣିଆକୁ ନେଇ ଅଯଥା ବାହାଦୁରି ଦେଖାଇଥା'ନ୍ତି । ଢମ ଗପିବାର ବା ବଡ଼େଇ କରି କହିବାର ଇଏ ହେଉଛି ଏକ ଶୈଳୀ । ନିଜେ ଯେତେ ନୁହଁ କି ଯାହା ନୁହଁ, ତାହାକୁ ଅତିରଞ୍ଜିତ କରି ଅନ୍ୟ ଆଗରେ ପ୍ରକାଶ କରିବା ଏପରି ବାହାପିଆ ବ୍ୟକ୍ତିଙ୍କ ମନ୍ଦ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କ୍ରିକେଟ ଟୁର୍ନାମେଣ୍ଟ

# ଏସ୍‌ଭିଏମ୍ କଲେଜ ଚାମ୍ପିୟନ

**ଜଗତ୍‌ସିଂହପୁର ଅଫିସ, ୨୭।୧୧**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ରାଜ୍ୟବ୍ୟାପୀ ଯୁକ୍ତ ୨ ଛାତ୍ରଙ୍କୁ ନେଇ କ୍ରିକେଟ୍ ଟୁର୍ନାମେଣ୍ଟ ହେଉଛି । ରାଜ୍ୟର ବିଭିନ୍ନ ଜିଲାକୁ ୧୦ ଜୋନରେ ବିଭକ୍ତ କରାଯାଇଛି । ସେଥିମଧ୍ୟରୁ ଜଗତ୍‌ସିଂହପୁର, କଟକ ଓ ପୁରୀ ଆଦି ଜିଲାର ୧୫ ଦଳକୁ ନେଇ ଜୋନ୍‌ବି ଗଠନ ହୋଇଛି । ଏହି ଜୋନ୍-ବି ଦଳଗୁଡ଼ିକୁ ନେଇ ଗତ ୨୦ ତାରିଖରୁ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ମାରକୀ (ଏସ୍‌ଭିଏମ୍) କନିଷ୍ଠ ମହାବିଦ୍ୟାଳୟ ଖେଳପଡିଆରେ ମ୍ୟାଚ୍ ହୋଇଥିଲା । ମଙ୍ଗଳବାର ଜୋନ୍‌ସ୍ତରୀୟ ଫାଇନାଲ ମ୍ୟାଚ୍ ହୋଇଛି । ଏଥିରେ ପାରାଦୀପ ମହାବିଦ୍ୟାଳୟକୁ ହରାଇ ଏସ୍‌ଭିଏମ୍ କନିଷ୍ଠ ମହାବିଦ୍ୟାଳୟ ଚାମ୍ପିୟନ ହୋଇଛି । ୩୦ ଓଭର ବିଶିଷ୍ଟ ଏହି ମ୍ୟାଚ୍ ଆରମ୍ଭରୁ ପାରାଦୀପ ମହାବିଦ୍ୟାଳୟ ଟସ୍ ଜିତି ଏସ୍‌ଭିଏମ୍ କନିଷ୍ଠ ମହାବିଦ୍ୟାଳୟକୁ ବ୍ୟାଟିଂ ପାଇଁ ଆହ୍ୱାନ ଦେଇଥିଲା । ଏସ୍‌ଭିଏମ୍ କନିଷ୍ଠ ମହାବିଦ୍ୟାଳୟ ନିର୍ଦ୍ଧାରିତ ୩୦ ଓଭରରେ ୬ ଉଇକେଟ୍ ବିନିମୟରେ ୩୪୦ରନ କରିଥିଲା । ଜବାବରେ ପାରାଦୀପ ମହାବିଦ୍ୟାଳୟ ମାତ୍ର ୧୭ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୦୪ ରନ କରିବାକୁ ସକ୍ଷମ ହୋଇଥିଲା । ମ୍ୟାଚ୍ ଆରମ୍ଭରେ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା ସମିତି ସଭ୍ୟ ଅମରେନ୍ଦ୍ର ଦାସ, ମହାବିଦ୍ୟାଳୟ କ୍ରୀଡା ଉପସଭାପତି ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା, କ୍ରୀଡ଼ା ଶିକ୍ଷକ ଶ୍ରୀଧର କୁମାର ତ୍ରିପାଠୀ, ସୁଶାନ୍ତ ସାହୁ, ସୁଦର୍ଶନ ପରିଡ଼ା ଓ ହେମନ୍ତ କୁମାର କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ଗତ ୨୦ରୁ ଚାଲିଥିବା ସମସ୍ତ ମ୍ୟାଚ୍‌କୁ ଏସ୍. କେ. ନାସିରଉଦ୍ଦିନ, ଆକାଶ ଗୋଛାୟତ, ଜଗନ୍ନାଥ ବିଶୋଇ, ସୌମ୍ୟରଞ୍ଜନ ସାହୁ, ରାକେଶ ଦାସ, ସ୍ୱଦେଶ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ, ଗୁରୁଡ଼ିଝାଟିଆରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ହେବ । ଏଥିରେ ଜୋନସ୍ତରରୁ ଚାମ୍ପିୟନ ହୋଇଥିବା ଦଳଗୁଡିକ ଭାଗନେବେ ।

## ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ବାଲିଆ, ୨୭।୧୧**

ବିରିଡ଼ି ବ୍ଲକ ଅରଣା ପଞ୍ଚାୟତ ପାଇକେରା ବାଟି ମହିମା ଯୁବକ ସଂଘ ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ରଞ୍ଜିତ ଖଣ୍ଡୁଆଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଦାସ ମୁଖ୍ୟଅତିଥି, ହରିହର ବେହେରା ମୁଖ୍ୟବକ୍ତା, ଗୀତାଞ୍ଜଳି ସାହୁ, ଶିଶୀର ମହାନ୍ତି, ବୈଷ୍ଣବ ଜେନା, ବିଭୂ ପ୍ରସାଦ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କୁନି ନୃତ୍ୟ କଳାକାରମାନଙ୍କୁ ପୁରସ୍କୃତ କରାଯାଇଥିଲା । ମହିମା ଯୁବକ ସଂଘ ସଭାପତି ପ୍ରବୋଧ ମହାନ୍ତି, ସମ୍ପାଦକ ଚିନ୍ମୟ ମହାନ୍ତି, ବିଶ୍ୱନାଥ ମହାନ୍ତି, ରଞ୍ଜିତ ବାରିକ ପ୍ରମୁଖ ପରିଚାଳନା କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସରପଞ୍ଚ ରବି ନାରାୟଣ ସିଂ, ବସନ୍ତ କୁମାର ବେହେରା, ରଞ୍ଜିତ ଖଣ୍ଡୁଆଳ, ବିଚାରକ ବି.ଏନ.ଏନ. ପପୁ, ଏମଲିନ ମହାନ୍ତି, ଶୁଭଶ୍ରୀ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ ।

# ବିଜୁ ଯୁବବାହିନୀର କ୍ରିକେଟ ଟୁର୍ନାମେଣ୍ଟ

**ଏରସମା, ୨୭।୧୧(ସ୍ୱ.ପ୍ର.)**

ଏରସମା ବିଜୁ ଯୁବ ବାହିନୀ ପକ୍ଷରୁ ଆଞ୍ଚଳିକ ଯୁବ ପରିଷଦ ସହଯୋଗରେ ମଙ୍ଗଳବାର ଏକ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି । ଏହାକୁ ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ । ପ୍ରଥମ ଲିଗ ମ୍ୟାଚ ଗଡ଼ବିଶୁନିପୁର ଓ ଭିତର ଅନ୍ଧାରୀ କ୍ରୀକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଭିତର ଅନ୍ଧାରୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲେ । ଦଳ ନିର୍ଦ୍ଧାରିତ ୧୦ ଓଭରରେ ୧୧୬ ରନ କରିଥିଲା । ଜବାବରେ ଗଡ଼ବିଶୁନିପୁର ୮ ଓଭରରେ ୭୬ ରନ କରି ପରାଜିତ ହୋଇଥିଲା । ୨ୟ ଲିଗ ମ୍ୟାଚ ପୋଖରିଆପଡା ଓ ଜିରାଇଲୋ କ୍ରିକେଟ ଦଳ ମଧ୍ୟରେ ହୋଇଥିଲା । ପୋଖରିଆପଡ଼ା ଟସ ଜିତି ନିର୍ଦ୍ଧାରିତ ୧୦ ଓଭରରେ ୧୧୨ ରନ କରିଥିଲା । ଏହାର ଜବାବରେ ଜିରାଇଲୋ ୯ ଓଭରରେ ୧୧୩ ରନ କରି ବିଜୟୀ ହୋଇଥିଲା । ବ୍ଲକ ଚେୟାରମ୍ୟାନ ପ୍ରଣବ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଗୀତାରାଣୀ ସ୍ୱାଇଁ, ସମିତି ସଭ୍ୟ ଗୀତାରାଣୀ ମହାନ୍ତି, ବିଜୁ ଯୁବ ବାହିନୀ ସଭାପତି କିଶୋର ଜେନା, ସମ୍ପାଦକ ବରଦା ରାଉତ, ଏରସମା ପଞ୍ଚାୟତ ଯୁବ ବାହିନୀ ସଭାପତି ବିଚିତ୍ରାନନ୍ଦ ଖଣ୍ଡୁଆଳ ପ୍ରମୁଖ ଯୋଗଦେଇଥିଲେ ।

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ପ୍ରଫେସର ଡଃ ସୁସ୍ମିତା ମିଶ୍ର
ଅଧ୍ୟକ୍ଷା ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ (ଖଇରାବାଦ-ମୁଗୁପାଳ), ଯାଜପୁର ଜିଲ୍ଲା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଅତୁଲ୍ୟ ପ୍ରଧାନ
ସରପଞ୍ଚ, ଟିକରପଡା ଗ୍ରାମପଞ୍ଚାୟତ
ରସୁଲପୁର ବ୍ଲକ, ଯାଜପୁର

ଭାପୁର ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା
ଗ୍ରାମ୍ୟ ଉନ୍ନୟନ ବିଭାଗ
ଭାପୁର, ନୟାଗଡ

ଧରିତ୍ରୀର ୪୫ତମ ଜନ୍ମଦିନରେ ଖଣ୍ଡପଡ଼ାବାସୀଙ୍କୁ ଶୁଭେଚ୍ଛା ।
ଅନୁଭବ ପଟ୍ଟନାୟକ
ବିଧାୟକ, ଖଣ୍ଡପଡ଼ା
ଖଣ୍ଡପଡାକୁ ରାଜ୍ୟର ଶ୍ରେଷ୍ଠ ନିର୍ବାଚନ ମଣ୍ଡଳୀରେ ପରିଣତ କରିବା ପ୍ରକ୍ରିୟାରେ ଆପଣମାନେ ସାମିଲ ହୁଅନ୍ତୁ ।

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ପ୍ରଭାତ କୁମାର ପୃଷ୍ଟି
ଉପସଭାପତି ଯୁବ ବିଜେଡି, ଯାଜପୁର ଜିଲ୍ଲା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ହୃଦାନନ୍ଦ ସାହୁ
ସଂପାଦକ ବିଜେଡି, ରସୁଲପୁର ବ୍ଲକ କମିଟି

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ସଞ୍ଜୟ ପ୍ରଧାନ
ବିଜେଡି ସଭାପତି, ୩୩ ନଂ ଜୋନ
ଯାଜପୁର ଜିଲ୍ଲା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ରଶ୍ମୀରଂଜନ ନାୟକ
୩୪ନଂ ଜିଲ୍ଲାପରିଷଦ ସଦସ୍ୟ, ଯାଜପୁର ଜିଲ୍ଲା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଚିନ୍ତାମଣି ସୁର
ସରପଞ୍ଚ ପ୍ରଥମାଖଣ୍ଡି ଗ୍ରାମପଞ୍ଚାୟତ, ରସୁଲପୁର ବ୍ଲକ, ଯାଜପୁର
ମୁକୁନ୍ଦଦେବ ମହାନ୍ତି
ସଭାପତି, ପ୍ରଥମାଖଣ୍ଡି ପ୍ରାଥମିକ କୃଷି ସମବାୟ ସେବା ସମିତି, ରସୁଲପୁର ବ୍ଲକ, ଯାଜପୁର

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ
ଯାଜପୁର ଜିଲ୍ଲା କ୍ରସର ମାଲିକ ସଂଘ
ଚଣ୍ଡିଖୋଲ, ଯାଜପୁର ସ୍ୱନକ୍ଷତ୍ର ଅବସରରେ ସଭ୍ୟ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହ ସୁଖ ସମୃଦ୍ଧି କାମନା କରୁଛୁ ।
ଚନ୍ଦନ କୁମାର ନାୟକ
ସଭାପତି
ଦିଲ୍ଲୀପ କୁମାର ବଳ
ସମ୍ପାଦକ

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ ଓଡ଼ିଶାରେ ବିଜେପି ଶାସନ ପାଇଁ ଭାରତର ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନହିତକର କାର୍ଯ୍ୟ ପାଇଁ ଦଳେ ଦଳେ ବିଜେପିରେ ଯୋଗଦେବା ପାଇଁ ଅନୁରୋଧ ।
ରମେଶ ଚନ୍ଦ୍ର ପରିଡ଼ା
ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଭ୍ୟ

With Best Compliments From-
PRINCIPAL- JAGANNATH JEW COLLEGE AND DHARMASALA MAHILA JUNIOR COLLEGE & STAFF
Ajay Ku. Mishra
Principal, J.J. Mahavidyalaya, Chadeidhara, Jajpur
Namita Parida
Principal, Dharmasala Jr. Mahila College, Dharmasala, Jajpur

'ଧରିତ୍ରୀ'ର ବାର୍ଷିକ ଉତ୍ସବ ଅବସରରେ **ଜଗତ୍‌ସିଂହପୁର ଜିଲ୍ଲା**ର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ ଓ ଭୋଟର ଭାଇଭଉଣୀମାନଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ଅମରେନ୍ଦ୍ର ଦାସ
ସଭାପତି
ବିଜୁ ଯୁବ ଜନତା ଦଳ
ଜଗତ୍‌ସିଂହପୁର

ଦୈନିକ ଖବରକାଗଜ 'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଅବସରରେ **ବାଲିକୁଦା-ଏରସମା ବିଧାନସଭା ନିର୍ବାଚନ ମଣ୍ଡଳୀ**ର ଜନସାଧାରଣ ଓ ସମସ୍ତ ଭୋଟର ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଲଲାଟେନ୍ଦୁ ମହାପାତ୍ର
ପୂର୍ବତନ ବିଧାୟକ
ବାଲିକୁଦା ନିର୍ବାଚନ ମଣ୍ଡଳୀ

'ଧରିତ୍ରୀ'ର ବାର୍ଷିକ ଉତ୍ସବ ଅବସରରେ **ଜଗତ୍‌ସିଂହପୁର ଜିଲ୍ଲା**ର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ ଓ ଭୋଟର ଭାଇଭଉଣୀମାନଙ୍କ ସୁଖ ସମୃଦ୍ଧି କାମନା କରୁଛି ।

ଭଗବାନ ସାହୁ ଓ ପରିବାର
ଦୁର୍ଗା ବଜାର, ଜଗତ୍‌ସିଂହପୁର

With Best Compliments From-
ବୃକ୍ଷ ହିଁ ଜୀବନ । ଗଛଟିଏ ଲଗାଇ ପୁଅଝିଅ ପରି ତାକୁ ଲାଳନପାଳନ କରନ୍ତୁ ।
SJ. SRINIBAS JENA (Chagali)
ବିଶିଷ୍ଟ ପରିବେଶବିତ୍ ଓ ସାମାଜିକ କର୍ମୀ
Ph: 06725-283945, Mob: 9437156188
Bajabati, Jaraka, Dist- Jajpur

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ ମୁକୁନ୍ଦ ପାତ୍ର ଡିଗ୍ରୀ ଓ ଜୁନିୟର କଲେଜର ଅଧ୍ୟକ୍ଷ ଓ ସହକର୍ମୀ ଶୁଭେଚ୍ଛା ଜଣାଉଛନ୍ତି ।
କଣ୍ଟାପଡ଼ା, ଧର୍ମଶାଳା, ଯାଜପୁର
ହେମନ୍ତ କୁମାର ଦାସ
+୨ ଅଧ୍ୟକ୍ଷ
କବିତା ବିଶ୍ୱାଳ
+୩ ଅଧ୍ୟକ୍ଷା










With Best Compliments From-
Principal & Staffs
Sj. Subhransu Ku. Pattanayak
Dharmasala Mahavidyalaya, Dharmasala, Jajpur

# ଜବରଦଖଲ ଉଚ୍ଛେଦ ଦାବିରେ ଆମରଣ ଅନଶନ

ଡେରାବିଶ, ୨୭।୧୧ (ସ୍ୱ.ପ୍ର.)

ଡେରାବିଶ ତହସିଲ ଅଧୀନ ଚାନ୍ଦୋଳ ବଜାରରେ ଥିବା ପୂର୍ତ୍ତ ବିଭାଗ ଜମି ଉପରୁ ଜବରଦଖଲ ଉଚ୍ଛେଦ ପାଇଁ ମଙ୍ଗଳବାର ତହସିଲଦାରଙ୍କ ଅଫିସ୍ ଆଗରେ ପଞ୍ଚାୟତ କେଶରପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଦାମୋଦର ଦାସଙ୍କ ପରିବାର ସଦସ୍ୟ ଆମରଣ ଅନଶନରେ ବସିଥିଲେ। ତେବେ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି।

ପ୍ରକାଶ ଯେ, ବଜାରସ୍ଥିତ ପୂର୍ତ୍ତ ବିଭାଗ ଜମି ଉପରେ ଜନୈକ ବ୍ୟକ୍ତି ବେଆଇନ ଭାବେ ଘର କରି ଭଡ଼ାରେ ଲଗାଇଛନ୍ତି। ତେବେ ଏହି ପ୍ଲଟ ପଛପଟେ ଦାମୋଦରଙ୍କ ଘର ରହିଥିବାରୁ ସେମାନେ ଘରୁ ବାହାରକୁ ଯିବାଆସିବା କରିବାରେ ଅସୁବିଧା ହେଉଛି। ଗତ ୨ବର୍ଷ ହେବ ଏ ନେଇ ଦାମୋଦରଙ୍କ ପରିବାର ଅଭିଯୋଗ କରୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିଲା। ଫଳରେ ମଙ୍ଗଳବାର ଦାମୋଦରଙ୍କ ପରିବାର ଲୋକେ ତହସିଲଦାରଙ୍କ ଅଫିସ୍ ଆଗରେ ଆମରଣ ଅନଶନରେ ବସିଥିଲେ। ଖବରପାଇ ଭାରପ୍ରାପ୍ତ ତହସିଲଦାର କାହ୍ନୁଚରଣ ଲେଙ୍କା ଅନଶନସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଦାମୋଦରଙ୍କ ପରିବାର ପକ୍ଷରୁ ତହସିଲଦାରଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇଥିଲା। କଟକ-ଚାନ୍ଦବାଲି ରାଜପଥର ପ୍ରଶସ୍ତୀକରଣ ବେଳେ ଜବରଦଖଲକାରୀ ପୂର୍ତ୍ତ ବିଭାଗଠାରୁ ଘର ଭାଙ୍ଗିବା ପାଇଁ ଅଗ୍ରିମ ୯୭ହଜାର ୮୨୦ଟଙ୍କା ନେଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଘର ଭାଙ୍ଗୁ ନାହାନ୍ତି ବୋଲି ଉକ୍ତ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ତେବେ ଆସନ୍ତା ୩ ତାରିଖରେ ଉକ୍ତ ଜମିକୁ ମାପ କରାଯିବା ପରେ ଯଦି ଏହା ସରକାରୀ ଜମି ବୋଲି ଜଣାପଡେ, ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭାରପ୍ରାପ୍ତ ତହସିଲଦାର ଲେଙ୍କା ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି। ଅନଶନରେ ଦାମୋଦରଙ୍କ ସମେତ ପରିବାର ସଦସ୍ୟ ବାମନଚରଣ ଦାସ, ସତ୍ୟଭାମା ଦାସ, ସୁନାମଣି ଦାସ, ହେମନ୍ତ କୁମାର ଦାସ, ପ୍ରମୋଦ କୁମାର ଦାସ ଓ ବିଶ୍ୱମୋହନ ଦାସ ପ୍ରମୁଖ ସାମିଲ ହୋଇଥିଲେ।


ଅନଶନ ସ୍ଥଳରେ ଦାମୋଦର ଦାସ ଓ ପରିବାର ସଦସ୍ୟ।

## ସଂକ୍ଷେପରେ

### ମନ୍ଦିରରୁ ଚୋରି ଘଟଣାରେ ଦୁଇଜଣଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡ

**ରାଜନଗର, ୨୭।୧୧ (ନି.ପ୍ର.):** ଏକ ମନ୍ଦିରରୁ ଚୋରି କରିବା ଘଟଣାରେ ୨ଜଣ ଚୋରଙ୍କୁ ୨ବର୍ଷ ଲେଖାଁଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ରାଜନଗର ଜେଏମଏଫସି କୃଷ୍ଣଚନ୍ଦ୍ର ନାୟକ ମଙ୍ଗଳବାର ଉକ୍ତ ମାମଲାର ବିଚାର କରି ଏହି ରାୟ ଶୁଣାଇଛନ୍ତି।

ରାଜନଗର ଥାନା ଅନ୍ତର୍ଗତ କୋଇଲିପୁର ପଞ୍ଚାୟତର ବିଲକାଲୁପଡାସ୍ଥିତ ରାଧାକୃଷ୍ଣ ମନ୍ଦିରରୁ ୨୦୧୬ ସେପ୍ଟେମ୍ବର ୧୮ରେ ଚୋରି ହୋଇଥିଲା। ସ୍ଥାନୀୟ ଓକିଲପାଳ ଗାଁର ଅଭୟ ସାମଲ ଓ ରାଜକିଶୋର ଜେନା ମନ୍ଦିରର ଦାନବାକ୍ସ, ତ୍ରିଶୂଳ ଓ ଅନ୍ୟାନ୍ୟ ଆସବାବପତ୍ର ଲୁଟି ନେଇଥିଲେ। ରାଧାକୃଷ୍ଣ ମନ୍ଦିରର ମଥୁରୀ ଚରଣ ନାୟକ ଓ କମିଟିର ଅନ୍ୟ ସଦସ୍ୟମାନେ ଏ ନେଇ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରାଜନଗର ଥାନାରେ ହୋଇଥିବା କେସ ନଂ ୧୫୪/୨୦୧୬ ଓ ଜିଆର କେସ ନଂ ୧୯୩/୨୦୧୬ରେ ଏହି ମାମଲାର ବିଚାର ଚାଲିଥିଲା। ଅଭିଯୋଗକାରୀଙ୍କ ପକ୍ଷରୁ ସରକାରୀ ଆଇନଜୀବୀ ନଳିନୀକାନ୍ତ ମଙ୍ଗରାଜ ଓ ପ୍ରଭାତ କୁମାର ଜେନା ମାମଲା ଲଢୁଥିବା ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ମନୋରଞ୍ଜନ କବି ନିଜର ପକ୍ଷ ରଖିଥିଲେ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ବିଚାରପତି ନାୟକ ୨ ବର୍ଷର ସଶ୍ରମ କାରାଦଣ୍ଡ ରାୟ ଶୁଣାଇଛନ୍ତି। ବର୍ତ୍ତମାନ ଅଭୟ ଜେଲରେ ଥିବା ବେଳେ ରାଜକିଶୋର ଫେରାର ଅଛନ୍ତି।

### ଦକ୍ଷତା ଭିତ୍ତିକ ନିଯୁକ୍ତି କର୍ମଶାଳା

**ରାଜକନିକା, ୨୭।୧୧ (ଡି.ଏନ୍.ଏ):** ରାଜକନିକା ବ୍ଲକ ଅଧୀନ ଓଳାଭର ଯୁବକ ସଂଘ ଓ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଦକ୍ଷତା ଭିତ୍ତିକ ନିଯୁକ୍ତି କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅନ୍ତର୍ଭୁକ୍ତ ବିଭିନ୍ନ ଟ୍ରେଡ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିବିରରେ ୮୨ଜଣ ଯୁବତୀଯୁବକ ଅଂଶ ଗ୍ରହଣ କରିଥିଲେ। ଏହି କର୍ମଶାଳାରେ କିଟ୍‌ର ନିର୍ଦ୍ଦେଶକ ଜେନେରାଲ ନାରାୟଣ ପ୍ରସାଦ ଦାସ ଯୋଗଦେଇ ଦକ୍ଷତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କର୍ମଚାରୀ ଶ୍ରୀନିବାସ ବାହିନୀ ପତି, ଶଶିକାନ୍ତ ଲେଙ୍କା, ପବିତ୍ର ମୋହନ ବଳ ଓ ପ୍ରମୋଦ କୁମାର ଦାସ ବିଭିନ୍ନ ଟ୍ରେଡ ସମ୍ପର୍କରେ ଆଲୋଚନା କରିଥିଲେ। ଓଳାଭର ଯୁବକ ସଂଘ ସଭାପତି ସୁବାସ ଚନ୍ଦ୍ର ସାହୁ ଓ ସମ୍ପାଦକ ଅଶୋକ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଯୁବତୀଙ୍କ ଆତ୍ମହତ୍ୟା

**କେନ୍ଦ୍ରାପଡା ଅଫିସ, ୨୭।୧୧:** ନିକିରାଇ ଥାନା କୋରୋ ପଞ୍ଚାୟତ ପାଳକଣା ଗ୍ରାମର ପୂଜାରାଣୀ ଦାସ (୨୦)ଙ୍କ ଝୁଲନ୍ତା ଶବ ମଙ୍ଗଳବାର ଉଦ୍ଧାର କରାଯାଇଛି। ସୋମବାର ବିଳମ୍ବିତ ରାତିରେ ନିଜ ଘରେ ଓଢଣୀ ବେକରେ ବାନ୍ଧି ପୂଜାରାଣୀ ଆତ୍ମହତ୍ୟା କରିଥିବା ତାଙ୍କ ମା' ବାସନ୍ତୀ ଦାସ ନିକିରାଇ ଥାନାରେ ଅଭିଯୋଗ କରିଛନ୍ତି। ବାସନ୍ତୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ୧୦/୧୮ନଂ.ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

■ଜିଲାସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ

## ଭଦ୍ରକକୁ ହରାଇ କ୍ୱାର୍ଟର ଫାଇନାଲରେ କୁଜଙ୍ଗ

ଡେରାବିଶ, ୨୭।୧୧ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ହରିଅଙ୍କ ହାଇସ୍କୁଲ ପଡ଼ିଆଠାରେ ଆୟୋଜିତ ଜିଲାସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ କୁଜଙ୍ଗ ଆଥଲେଟିକ୍ ଆସୋସିଏଶନ୍ ଓ ଚରମ୍ପା ଆଥଲେଟିକ୍ ଆସୋସିଏଶନ୍, ଭଦ୍ରକ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଉଭୟ ଦଳ ମଧ୍ୟରେ କଡ଼ା ଟକ୍କର ହୋଇଥିବା ବେଳେ ଚରମ୍ପାକୁ ୨-୦ଗୋଲ୍‌ରେ ହରାଇ କୁଜଙ୍ଗ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସାମାଜିକ କର୍ମୀ ବିଜନ କୁମାର ରାୟ ଅତିଥି ଭାବେ ଯୋଗଦେଇ ମ୍ୟାଚ୍ ଦେଖିଥିଲେ। ଓଡ଼ିଶା ଫୁଟ୍‌ବଲ ଆସୋସିଏଶନ୍ ଭଦ୍ରକର ଉତ୍ତମ ବାରିକ, ମାନସ କୁମାର ବିଶ୍ୱାଳ ଓ ଜିତେନ୍ଦ୍ର ପ୍ରସାଦ ବାରିକ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ। ଜୟଦୁର୍ଗା ଆଥ୍‌ଲେଟିକ୍ ଆସୋସିଏଶନ୍‌ର ସଭାପତି ନୃସିଂହ ନାୟକ, ସୁଶାନ୍ତ ସାହୁ, ବିଶ୍ୱରଞ୍ଜନ ସାମଲ, ଅଞ୍ଜନ ମହାନ୍ତି, ରାମଚନ୍ଦ୍ର ସେଠୀ, ଦୀପ୍ତିରଞ୍ଜନ ସ୍ୱାଇଁ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

## ବିଧାୟକଙ୍କ ଦ୍ୱାରା ରାସ୍ତା ଶିଳାନ୍ୟାସ

ମହାକାଳପଡା, ୨୭।୧୧ (ଡି.ଏନ.ଏ.)

ମହାକାଳପଡ଼ା ବ୍ଲକ ଖରିନାସୀସ୍ଥିତ ମତ୍ସ୍ୟଜେଟିଠାରେ ମଙ୍ଗଳବାର ଅନୁଷ୍ଠିତ ଭତ୍ତା ବଣ୍ଟନ ମେଳାରେ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ୫୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ନାୟକ ଯୋଗଦେଇ ୨ କୋଟି ୧୭ ଲକ୍ଷ ଟଙ୍କା ବ୍ୟୟ ବରାଦରେ ତିଆରି ହେବାକୁ ଥିବା ଖରିନାସୀସ୍ଥିତ ଦାସପଡ଼ା ଛକଠାରୁ ଖରିନାସୀ ମତ୍ସ୍ୟଜେଟି ପର୍ଯ୍ୟନ୍ତ ୩କି.ମି. ରାସ୍ତାର ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରଦୀପ ମହାନ୍ତି, ସହକାରୀ ଯନ୍ତ୍ରୀ ଧୀରେନ ସୂତାର, ଇଂ. ବୀରେନ କୁମାର ବସୁଙ୍କ ସମେତ ସାମାଜିକ କର୍ମୀ ଗୋପୀ ରକ୍ଷିତ, ତୁଷାର ସର୍ଦ୍ଦାର, ଭକ୍ତରଞ୍ଜନ ମାହାଳି, ଆତ୍ମା ଅଧକ୍ଷ ଅଶୋକ ମହାପାତ୍ର, ବ୍ଲକ ଅଧକ୍ଷା ସସ୍ମିତା ବରାଳ ଓ ବିଡିଓ ରମେଶଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ସ୍ଥାନୀୟ ଅଞ୍ଚଳବାସୀ।

## ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

କେନ୍ଦ୍ରାପଡା ଅଫିସ, ୨୭।୧୧

ସହରର କଜଳାସ୍ଥିତ କଂଗ୍ରେସ ଭବନ ପରିସରରେ ଜିଲା ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଗଠନକୁ ମଜଭୁତ୍ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏଥିରେ ଜିଲା କଂଗ୍ରେସ ସଭାପତି ଚିନ୍ମୟ ବେହୁରା, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଫୁଲ୍ଲ ଦାସ, ମଳୟ ଦାସ, ପ୍ରଦୀପ ପ୍ରଧାନ, ସସ୍ମିତ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ସେମାନେ ପ୍ରକାଶ କରିଥିଲେ ଯେ, ରାଜ୍ୟ ଓ କେନ୍ଦ୍ର ସରକାର ସର୍ବଦା କେନ୍ଦ୍ରାପଡ଼ା ଜିଲାବାସୀଙ୍କୁ ଅଣଦେଖା କରୁଛନ୍ତି। ବେକାରୀ ସମସ୍ୟା ବଢ଼ି ଚାଲିଥିବା ବେଳେ ଶିଳ୍ପ ସମ୍ପର୍କରେ କୌଣସି ଯୋଜନା ନାହିଁ। ସେହିପରି ମହିଳାଙ୍କ ପ୍ରତି ଅସଦାଚରଣ ଦିନକୁ ଦିନ ଅସହ୍ୟ ହେଉଛି। ଯୁବବର୍ଗ ଏହା ବିରୋଧରେ ଲଢ଼େଇ ଜାରି ରଖିଲେ ନିଜର ହକ ପାଇପାରିବେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱପ୍ରକାଶ କର, ଶ୍ରୀନିବାସ ବେହେରା, ଦିଲ୍ଲୀପ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

■ଟୁରିଷ୍ଟ ଭିଜାରେ ଆସି ପରିଚୟ ପତ୍ର ହାତେଇବା ଘଟଣା

## ଜିଲାପାଳଙ୍କ ନିକଟରେ ଅଭିଯୋଗ

କେନ୍ଦ୍ରାପଡା ଅଫିସ, ୨୭।୧୧

**'ଅମିତ ନିଜେ ଯୋଗାଡ଼ କରିଛନ୍ତି ପରିଚୟ ପତ୍ର'**

ମହାକାଳପଡ଼ା ବ୍ଲକ ବଟିଘର ପଞ୍ଚାୟତର ସୁଭଦ୍ରାରାଣୀ ରାୟ ଓ ବିକାଶ ରାୟଙ୍କ ପୁଅ ଭାବେ ପରିଚୟ ପତ୍ର ଏବଂ ଆଧାର କାର୍ଡ ହାତେଇଥିବା ଅମିତ୍ ରାୟ ନାମକ ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ ଜାଣିବା ପରେ ସୁଭଦ୍ରା ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ତେବେ ମଙ୍ଗଳବାର ସୁଭଦ୍ରା ଓ ବିକାଶ ଜିଲାପାଳ ଦାଶରଥି ଶତପଥୀଙ୍କୁ ଭେଟି ଅମିତ୍‌ଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଅମିତ୍ ଜଣେ ବାଂଲାଦେଶୀ ଓ ସେମାନଙ୍କୁ ନ ଜଣାଇ ନିଜ ପରିଚୟପତ୍ର ଓ ଆଧାର କାର୍ଡ ଆଦିରେ ସେ ଆମଙ୍କୁ ମା'ବାପା ଦର୍ଶାଇଛନ୍ତି। ଏଥିରେ ଆମର କୌଣସି ସମ୍ପୃକ୍ତି ନଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ଅମିତ୍‌ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସୁଭଦ୍ରା ଓ ବିକାଶ ଜିଲାପାଳଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଅମିତଙ୍କ ଭାରତୀୟ ପ୍ରମାଣପତ୍ର ଜିଲା ପ୍ରଶାସନ ନିକଟରେ ଦାଖଲ କରିବାକୁ ଜିଲାପାଳ ଶତପଥୀ ନିର୍ଦ୍ଦେଶ ଦେବା ସହ ଏହାର ତଦନ୍ତ ପାଇଁ ଏଡିଏମ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଅମିତ୍ ବାଂଲାଦେଶ ଆରୁଲିଆ ଗ୍ରାମର ବିଧାନ ରାୟ ଓ ଆଶାଲତା ରାୟଙ୍କ ପୁଅ। ଟୁରିଷ୍ଟ ଭିଜାରେ ସେ ମହାକାଳପଡା ଆସି ବରକୋଳିଖିଆ ଗ୍ରାମର ବିକାଶ ଓ ସୁଭଦ୍ରାରାଣୀଙ୍କ ପୁଅ ଭାବେ ଭୋଟ ପରିଚୟପତ୍ର, ଆଧାର କାର୍ଡ, ପ୍ୟାନ କାର୍ଡ ଓ ପାସ୍‌ପୋର୍ଟ ହାତେଇଛନ୍ତି। ଏ ନେଇ ସୁଭଦ୍ରାଙ୍କ ଅଭିଯୋଗ ପରେ ଧରିତ୍ରୀରେ ଗତ ୨୧ ତାରିଖରେ ଏ ସମ୍ପର୍କିତ ଖବର ପ୍ରକାଶ ପାଇଥିଲା।

## ହକି ବିଶ୍ୱକପ୍: ସିଧାପ୍ରସାରଣ ଦେଖିଲେ ଗରଦପୁରବାସୀ


ହକି ସିଧାପ୍ରସାରଣ ଦେଖିବାକୁ ରୁଣ୍ଡ ହୋଇଥିବା ଲୋକମାନେ।

ପାଟକୁରା, ୨୭।୧୧ (ଡି.ଏନ୍.ଏ.)

ପୁରୁଷ ହକି ବିଶ୍ୱକପ୍ ଉଦଘାଟନୀ ଉତ୍ସବ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିବା ବେଳେ ଏହାର ସିଧା ପ୍ରସାରଣ ଦେଖିଛନ୍ତି ଗରଦପୁର ବ୍ଲକ ଅଞ୍ଚଳବାସୀ। ଗରଦପୁର ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ପ୍ରୋଜେକ୍ଟର ମାଧ୍ୟରେ ହକି ଉଦ୍‌ଘାଟନୀ ଉତ୍ସବର ସିଧାପ୍ରସାରଣ କରାଯାଇଥିଲା। ସ୍ଥାନୀୟ ବ୍ରହ୍ମପୁର ବଡ଼ଚଉରା ପଡ଼ିଆଠାରେ ଏହି ସିଧାପ୍ରସାରଣର ଆୟୋଜନ କରାଯାଇଥିବା ବେଳେ ଏହାକୁ ଦେଖିବାକୁ ଆଖପାଖ ଅଞ୍ଚଳର ଶତାଧିକ ଲୋକ ରୁଣ୍ଡ ହୋଇଥିଲେ। ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜେଶ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଯୁବଜ୍ୟୋତି କ୍ଲବର ସଦସ୍ୟମାନେ ସହଯୋଗ କରୁଛନ୍ତି। ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର ମହାନ୍ତି, ସରପଞ୍ଚ ପ୍ରକାଶ ସାହୁ, ଅଶୋକ ଜେନା, ଚେୟାରମ୍ୟାନ୍ ସ୍ୱର୍ଣ୍ଣପ୍ରଭା ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରୁଛନ୍ତି।

## ମନ୍ କୀ ବାତ୍ ସମ୍ପର୍କରେ ଆଲୋଚନା

ପଟ୍ଟାମୁଣ୍ଡାଇ, ୨୭।୧୧ (ସ୍ୱ.ପ୍ର)

ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଉପରେ ଲୋକଙ୍କ ନଜର ରହିଛି । ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ୫୦ ତମ ମନ୍ କୀ ବାତ୍ ସମ୍ପର୍କରେ ଖୋଲା ଆଲୋଚନା ନେଇ ଭାଜପା ପକ୍ଷରୁ ପଟ୍ଟାମୁଣ୍ଡାଇ ନିଗମ ମଣ୍ଡପଠାରେ ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।

ଏହି ବୈଠକରେ ପଟ୍ଟାମୁଣ୍ଡାଇ ବ୍ଲକ ପୂର୍ବତନ ଭାଜପା ସଭାପତି ଶିବ ପ୍ରସାଦ ସାମନ୍ତରାୟ ସଭାପତିତ୍ୱ କରିଥିଲେ । ଏଥିରେ ରାହାସ ବିହାରୀ ଦାଶ, ସୁଧାଂଶୁ ଜେନା, ଅଶୋକ ସ୍ୱାଇଁ, ରବୀନ୍ଦ୍ର ବିଶ୍ୱାଳ, ଗୋପୀନାଥ ପଣ୍ଡା, ସର୍ବେଶ୍ୱର ଦାଶ, ରତି ରଞ୍ଜନ ପଟ୍ଟନାୟକ, ବିଭୂତି ପଣ୍ଡା, ତୁଷାରକାନ୍ତ ରାଉତ, ବିଦ୍ୟାଧର ମଲିକ, କାଳନ୍ଦୀ ଚରଣ ନାୟକ, ବ୍ରଜ କିଶୋର ପ୍ରଧାନ, ଗଣେଶ୍ୱର ଦାସ, ସେକ୍ ମେହବୁବ୍ ଅଲ୍ଲୀ ପ୍ରମୁଖ ଯୋଗ ଦେଇ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ମୋଦିଙ୍କ ମନ୍ କୀ ବାତ୍ ସାଧାରଣ ଲୋକଙ୍କ ମନକୁ ଛୁଇଁଥିବା ନେଇ କର୍ମୀମାନେ ଦୃଢୋକ୍ତି ପ୍ରକାଶ କରିଥିଲେ । ଏଥିସହିତ ଯୁବ ନେତୃତ୍ୱ ପ୍ରତି ଦଳୀୟ କର୍ମୀମାନଙ୍କର ଆସ୍ଥା ବୃଦ୍ଧି ପାଉଥିବାରୁ ଅଧିକ ସଂଖ୍ୟାରେ ଯୁବ କର୍ମୀମାନଙ୍କୁ ଦଳରେ ସାମିଲ କରିବାକୁ ନିଷ୍ପତ୍ତି ନିଆ ଯାଇଥିଲା । ଏହି ଅବସରରେ ରାଜନଗର ନିର୍ବାଚନମଣ୍ଡଳୀରେ ଦଳ ବଦଳ କରୁଥିବା ନେତାଙ୍କ ବିରୋଧରେ ସାଧାରଣରେ ଚର୍ଚ୍ଚା ଜୋର ଧରୁଥିବା ବେଳେ ଆଗାମୀ ଦିନରେ ଭାଜପା ପକ୍ଷରୁ ବିତର୍କ ଆୟୋଜନ କରାଯିବ ବୋଲି ଭାଜପା ଯୁବମୋର୍ଚ୍ଚା ନେତା ସୁଧୀର ରାୟ ସୂଚନା ଦେଇଥିଲେ । ଉକ୍ତ ଦିନ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଷଣ୍ଢପଲ୍ଲୀ ଗ୍ରାମରେ ଭାଜପାର ଜନ ପରାମର୍ଶ ପଦଯାତ୍ରା ଚାଲିଥିବା ବେଳେ ନିଗମ ମଣ୍ଡପରେ ଅନୁଷ୍ଠିତ ବୈଠକ ଦଳୀୟ ଫାଟକୁ ପଦାରେ ପକାଇଛି । ଏହି ବୈଠକରେ ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକର ୪ଶହରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ । ଶେଷରେ ପଞ୍ଚାନନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

■ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ପ୍ରଦର୍ଶନୀ

## କଲାମଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ଛାତ୍ରୀଛାତ୍ର

ମହାକାଳପଡା, ୨୭।୧୧ (ଡି.ଏନ.ଏ.)

ମହାକାଳପଡ଼ା ବ୍ଲକ ରାମନଗରସ୍ଥିତ ରାମଚଣ୍ଡୀ ବିଜୟାନନ୍ଦ ହାଇସ୍କୁଲ ପଡିଆଠାରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ପ୍ରଦର୍ଶନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ପ୍ରଦର୍ଶନୀରେ ୧୦୩ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ବୈଜ୍ଞାନିକ ତଥା ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ଅନୁପ୍ରାଣୀତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କଲାମଙ୍କ ଭଳି ବୈଜ୍ଞାନିକ ହୋଇ ସୁନାମ ଅର୍ଜନ କରିବାକତ ମୁଖ୍ୟଅତିଥି ଛାତ୍ରୀଛାତ୍ରଙ୍କୁ କହିଥିଲେ। ମୁଖ୍ୟବକ୍ତା ଭାବେ ପାରାଦୀପ କଲେଜର ପ୍ରାକ୍ତନ ଅଧକ୍ଷ ଶଙ୍କର୍ଷଣ ମହାପାତ୍ର, ବ୍ଲକ ଅଧକ୍ଷା ସସ୍ମିତା ବରାଳ, ବ୍ଲକ ଶିକ୍ଷାଧିକାରୀ ଅଜୟ କୁମାର ପରିଡ଼ା, ବିଆରସିସି ଅଦ୍ୱୈତ ପ୍ରସାଦ ମଲିକ, ପ୍ରଧାନ ଶିକ୍ଷକ ଜପହରି ସାମନ୍ତରାୟ, ଅଶୋକ ମହାପାତ୍ର, ସୌଭାଗ୍ୟ କୁମାର ସ୍ୱାଇଁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ମଣ୍ଡଳସ୍ତରୀୟ ଏହି ପ୍ରଦର୍ଶନୀରେ ଭାଗ ନେଇଥିବା ପ୍ରକଳ୍ପ ମଧ୍ୟରୁ କେତେକ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେବା ପାଇଁ ମନୋନୀତ ହୋଇଥିଲା। ସରୋଜ ପାଇଟାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମାଧବଚନ୍ଦ୍ର ବାରିକ, ରମେଶ ଚନ୍ଦ୍ର ସାହାଣୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବିଧାୟକ ଅତନୁ ସବ୍ୟସାଚୀ ନାୟକ ମେଳାରେ ଜଣେ ଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT
07303520928

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. ମାସିକ ଦରମା upto Rs.25000/-.
Contact Immediately:
Mob: 8763257042

CONTACT:- 9938414918
ଭୁବନେଶ୍ୱର ପାଇଁ Accountant, Computer Operator, Field Officer, Office Assistant, Receptionist & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (17-30) yrs. Monthly Salary upto Rs. 24000/-.

URGENTLY REQUIRED
Urgently required for BBSR Office. Office Executive/ Counsellor (M/F), Asst. Office Executive/ Telecaller (M/F) & Senior Accounts Executive. Salary Negotiable with other incentives and Accommodation.
Walk in 29.11.2018 and 02.12.2018 between 12.00 - 3.00 PM.
Call: 2573332, 9776833302, 9776830500

REQUIRED
ଆନ୍ଧ୍ରପ୍ରଦେଶର ବିଜୟୱାଡା ଓ ବିଶାଖାପାଟଣା ଫାର୍ମା (କେମିକାଲ) କମ୍ପାନୀରେ କାମ କରିବା ପାଇଁ ଶ୍ରମିକ ଏବଂ ଶ୍ରମିକ ଠିକାଦାର ଆବଶ୍ୟକ।
ଯୋଗାଯୋଗ: ୯୯୪୯୮୨୫୭୪୦ / ୯୩୪୮୫୫୯୬୮୨ / ୮୦୯୬୬୬୨୪୪୧

ARCHIES REQUIRES
1. MARKETING EXECUTIVE Experience in gift line
2. ACCOUNTANT
3. SALES MAN 4. PEON
Contact: G-17, Metro House, Vanivihar Sqr. BBSR. Mob.: 9437388056
Email: ramjisls@yahoo.co.in

ପତି କାର୍ଡ୍ସ
INVT. CARD & TROPHIES
NEEDS DTP OPTR. DESIGNER
M-9776138837, 9937417848, BBSR.

ଭୁବନେଶ୍ୱର ବସ୍ ଷ୍ଟାଣ୍ଡ ପାଖରେ ଥିବା ଏକ ଲଜ୍‌ପାଇଁ STAFF ଆବଶ୍ୟକ
MARKETING EXECUTIVE / RECEPTIONIST / COOK / KITCHEN HELPER / ROOM BOY
(ରହିବା ଓ ଖାଇବା ମାଗଣା)
ମାହେଶ୍ୱରୀ ପାନ୍ଥ ନିବାସ, ଭୁବନେଶ୍ୱର
9437007055, 7381066155

ସମସ୍ତ AIRPORT ରେ DIRECT JOINING
ଅପାଠୁଆ-ଗ୍ରାଜୁଏଟ୍, Salary- 18000 ରୁ 35000/-
Post : Ground Staff, Cabin Crew, Loader, Supervisor, Flight Cleaner
Mob : 9090732106
9090391585, 7694934663

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱରଠାରେ କାର ଚଳାଇବା ପାଇଁ ପରମାନେଣ୍ଟ ଲାଇସେନ୍ସଧାରୀ ଡ୍ରାଇଭର ଆବଶ୍ୟକ। ରହିବା ପାଇଁ ସୁବିଧା ଓ ଉପଯୁକ୍ତ ବେତନ ଦିଆଯିବ। ବୟସ ୩୦ରୁ ୪୦ ବର୍ଷ ହୋଇଥିବ। ଯୋଗାଯୋଗ ନମ୍ବର-୭୭୫୦୮୯୯୩୯୨ ସହିତ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରିପାରିବେ।

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27000/-.
(Part Time / Full Time)
Contact: 9938676412

REQUIRED
Bhubaneswarରେ Medifast Pharma (Medicine Store)ରେ ଗୋଟିଏ ଅନୁଭବୀ (Experience) ପିଲା ଆବଶ୍ୟକ।
ଯୋଗାଯୋଗ:
7873139928

SR. ACCOUNTANT, PROJECT HEAD, MARKETING, EXCEL EXPERT, TELE-CALLER, LABOUR CONTRACTOR, RECOVERY AGENT, SUPERVISOR
FOR PRE-CAST MANUFACTURING UNIT
Two-Wheeler Must, All Odisha.
9040019196/9778821577

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

ଚେନ୍ନାଇରେ ଚାକିରି + ରୁମ୍। ହିନ୍ଦୀ କହିପାରୁଥିବେ । ଫ୍ରେଶର୍ ନୁହେଁ / ମହିଳା - ପୁରୁଷ ହାଉସ୍ କ୍ଲିନର୍ / ବ୍ୟକ୍ତିଗତ ସେବକ / କାର ଡ୍ରାଇଭର / ଅଫିସ୍ ଆସିଷ୍ଟାଣ୍ଟ / ବରିଷ୍ଠ ନାଗରିକଙ୍କ ପାଇଁ ମେଡିକାଲ ସହାୟକ / ସିକ୍ୟୁରିଟି ଗାର୍ଡ / ରୋଷେୟା/ବେତନ: ୧୩୦୦୦-୧୭୦୦୦।
ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲିଃ
9884761210

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact:
8339922964

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

JOB
Marketing Executive / Coordinator, Qualification : 10+2 / Graduate / MBA (Fresher), Salary : 10,000/- to 12000/- per month, E-mail your Biodata with Photo and Mobile No. for SMS interview call. E-mail : konsultant3003@gmail.com

SWIGGY REQUIRES
Work Full Time/ Part Time with Swiggy as a DELIVERY EXECUTIVE (Bike and DL) and earn up to 12000 - 25000 / month (Incentives and Insurance worth 6 lakhs extra).
Walk-in at Swiggy office at Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012 or give a missed call or call us on
011 30017619

See Career Appointment on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୮, ୨୦୧୮



# ହକି ବିଶ୍ୱକପ୍ ନାଁରେ ଦଳୀୟ ପ୍ରଚାର କରୁଛି ବିଜେଡି: ଜୁଏଲ

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ବ୍ୟାପକ ଅର୍ଥ ବ୍ୟୟରେ ହକି ଉଦ୍‌ଘାଟନ ଉତ୍ସବ କରାଯାଉଛି। ମାତ୍ର ରାଜ୍ୟରେ ହକିର ବିକାଶ କରାଯାଉ ନାହିଁ ବୋଲି କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଅଭିଯୋଗ କରିଛନ୍ତି। ଜୁଏଲ କହିଛନ୍ତି ଯେ, ସୁନ୍ଦରଗଡ ହେଉଛି ହକିର ଗଡ଼। ସୁନ୍ଦରଗଡରେ ହକିର ବିକାଶ ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏଠାରେ ଥିବା ସରକାରୀ ସାଇ ହଷ୍ଟେଲ, ପାନ୍‌ପୋଷ ଏବଂ ହକି ଷ୍ଟାଡିୟମଗୁଡିକର ବିକାଶ ହୋଇପାରୁ ନାହିଁ। ରାଜ୍ୟରେ ହକି ବିଶ୍ୱକପ ଆୟୋଜନ କରି ବିକାଶ ନାଁରେ ଶାସକ ବିଜେଡି ଦଳୀୟ ପ୍ରଚାର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଭୁବନେଶ୍ୱରଠାରେ ହକି ବିଶ୍ୱକପ ଆୟୋଜିତ ହେଉଥିବାରୁ ଜୁଏଲ କେନ୍ଦ୍ର ସରକାର ଏବଂ ହକି ଇଣ୍ଡିଆକୁ ସାଧୁବାଦ ଜଣାଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଭାରତ ହକି ବିଶ୍ୱକପ ଜିତିବା ନେଇ ଆମେ ଆଶାବାଦୀ ଅଛୁ। ଚଳିତ ବର୍ଷ ଭାରତ ବିଶ୍ୱକପ ଜିତିବ ଏବଂ ଓଡିଶା ପାଇଁ ଗୌରବ ଆଣିବ। ଭାରତର ପୂର୍ବତନ ହକି କ୍ୟାପଟେନ ଦଳର ଗୋଲ୍‌କୁ ନେଇ ସନ୍ଦେହ ପ୍ରକାଶ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଗଣମାଧ୍ୟମକୁ ପାସ୍ ବଣ୍ଟନରେ ଅନିୟମିତତା କରାଯାଇଥିବା ଘଟଣାକୁ ମଧ୍ୟ ଜୁଏଲ ଦୃଢ ଭାବେ ନିନ୍ଦା କରିଛନ୍ତି। ଓଡିଶାରେ ବିଶ୍ୱକପ ଆୟୋଜନ ହେଉଥିବାରୁ ଭାରତର ମନୋବଳ ବୃଦ୍ଧି କରିବା ପରିବର୍ତ୍ତେ ଦିଲୀପ ତିର୍କୀ ନିରୁତ୍ସାହିତ କରୁଛନ୍ତି ବୋଲି ଜୁଏଲ ଅଭିଯୋଗ କରିଛନ୍ତି।

ଏହି ପ୍ରସଙ୍ଗରେ ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, ଭାଜପାର ଏହା ହେଉଛି ଅସହିଷ୍ଣୁ ମନୋଭାବ। ରାଜ୍ୟ ସରକାର ଏତେବଡ କାର୍ଯ୍ୟକ୍ରମ ଆୟୋଜନ କରିଦେବେ ବୋଲି ସେମାନେ ଭାବି ନ ଥିଲେ। ଆଉ ଟିକେଟ ବାଣ୍ଟିବା ଦାୟିତ୍ୱ ରାଜ୍ୟ ସରକାରଙ୍କର ନ ଥିଲା। ସରକାର କେବଳ ଭିତ୍ତିଭୂମି ଯୋଗାଇଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା ଓଡିଶାର ନାଁ ବଢୁଛି। ଏହାକୁ ନେଇ ରାଜନୀତି କରିବା ଦୁର୍ଭାଗ୍ୟଜନକ ବୋଲି ପ୍ରତାପ କହିଛନ୍ତି।

## ବ୍ରହ୍ମ ବିଭ୍ରାଟ ନୋଟିସ ପ୍ରସଙ୍ଗ

# ଜବାବ ଦାଖଲ କଲେ ଆଉ ୫ ସେବକ

ପୁରୀ ଅଫିସ,୨୭।୧୧

ବ୍ରହ୍ମ ବିଭ୍ରାଟ ଘଟଣାରେ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଆଉ ୫ ସେବକ ଜାବବ ଦାଖଲ କରିଛନ୍ତି। କାଶୀନାଥ ଦାସମହାପାତ୍ର, ଜୟକୃଷ୍ଣ ଦାସମହାପାତ୍ରଙ୍କ ସମେତ ୫ ସେବକ ଜବାବ ଦାଖଲ କରିଥିବା ବେଳେ ଜଣେ ଦଇତା ସେବକ ସମୟ ମାଗିଛନ୍ତି। ସମ୍ପୃକ୍ତ ଦଇତା ସେବକ ଅସୁସ୍ଥତା କାରଣରୁ ପୁରୀ ବାହାରେ ଥିବାରୁ ଶ୍ରୀମନ୍ଦିର ପ୍ରଶାସନ ନିକଟରୁ ସମୟ ମାଗିଥିବା ଜଣାପଡିଛି। ପୂର୍ବରୁ ଏହି ଘଟଣାରେ ୪ ସେବକ ଜବାବ ଦାଖଲ କରିଥିଲେ।

ଏହି ଘଟଣାରେ ଶ୍ରୀମନ୍ଦିର ପ୍ରଶାସନ ଗତ ୧୪ ତାରିଖରେ ୯ ଦଇତାପତି ଏବଂ ଜଣେ ମହାରଣା ସେବକଙ୍କୁ ନୋଟିସ ଜାରି କରିଥିଲା। ୧୫ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ ନୋଟିସରେ ଉଲ୍ଲେଖ ରହିଥିଲା। ହେଲେ ନୋଟିସ ପାଇବା ପୂର୍ବରୁ ସୁଭଦ୍ରାଙ୍କ ବାଡ଼ର ମୁଖ୍ୟ ମହାରଣା ସେବକ କୃଷ୍ଣଚନ୍ଦ୍ର ମହାରଣା ବିଭ୍ରାଟ ପାଇଁ ଦଇତାଙ୍କୁ ଦାୟୀ କରିବା ସହ ଦାରୁ ଚୟନ ଓ ମାନକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏହାପରେ ପୁଣି ତାଜା ହୋଇଥିଲା ମହାପ୍ରଭୁଙ୍କ ଘଟ ସ୍ଥାପନରେ ବିଳମ୍ବ ଏବଂ ଦାରୁ ଚୟନ ପ୍ରସଙ୍ଗ। ନୋଟିସ ପାଇବା ପରେ ଦଇତାପତି ନିଯୋଗ ସମ୍ପାଦକ ପ୍ରେମାନନ୍ଦ ଦାସମହାପାତ୍ର ମୁହଁ ଖୋଲିଥିଲେ। ଏହାକୁ ନେଇ ସୋମବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ନୋଟିସ ପାଇଥିବା ସେବକମାନେ ଯାହା କହିବାର ଥିଲା ଲିଖିତ ଭାବେ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇପାରିଥାନ୍ତେ। ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିଥିବା ସେବକଙ୍କ ବିରୋଧରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଥିଲେ। ଅନ୍ୟପକ୍ଷରେ ନୋଟିସର ଜବାବ ପ୍ରାୟ ସମସ୍ତେ ଦେଇ ସାରିଛନ୍ତି। ଏହାପରେ ଶ୍ରୀମନ୍ଦିର ପ୍ରଶାସନ ବ୍ୟକ୍ତିଗତ ଭାବେ ସମସ୍ତଙ୍କ ପକ୍ଷ ଶୁଣିବା ପରେ ଏ ନେଇ ଯାହାକିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ୨୯ ତାରିଖରେ ନୋଟିସର ୧୫ ଦିନିଆ ମିଆଦ ପୂରିଛି। ଏହାପରେ ମୁଖ୍ୟ ପ୍ରଶାସକ ଶୁଣାଣି କରିବେ ବୋଲି ଜଣାପଡିଛି। ଗତ ସେପ୍ଟେମ୍ବର ୨୭ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକ ନିଷ୍ପତ୍ତି ମୁତାବକ ୩ ମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ମୁଖ୍ୟ ପ୍ରଶାସକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଇତିମଧ୍ୟରେ ୨ ମାସ ପୂରିଯାଇଛି। ତେଣୁ ଡିସେମ୍ବର ୨୭ ମଧ୍ୟରେ ବ୍ରହ୍ମ ବିଭ୍ରାଟ ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି କୁହାଯାଉଛି।

# ଦକ୍ଷତା ବଢ଼ାଉଛି ଇନ୍‌ଫୋସିସ୍

ନୂଆଦିଲ୍ଲୀ,୨୭।୧୧

ନିଜ କର୍ମଚାରୀଙ୍କ ଦକ୍ଷତା ବଢ଼ାଇବା ଲାଗି ଦେଶର ଦ୍ୱିତୀୟ ସର୍ବବୃହତ୍ ଆଇଟି କମ୍ପାନୀ ଇନ୍‌ଫୋସିସ୍ ଅଭିନବ ପଦକ୍ଷେପ ନେଇଛି। ବ୍ରିଜ୍ ପ୍ରୋଗ୍ରାମ ସମ୍ପୂର୍ଣ୍ଣ କରିଥିବା କର୍ମଚାରୀଙ୍କ ବେତନକୁ କମ୍ପାନୀ ଦୁଇଗୁଣା କରିଛି। ବ୍ରିଜ୍ ପ୍ରୋଗ୍ରାମ ଦ୍ୱାରା ଇନଫୋସିସ୍ ନିଜ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି କରୁଛି। ଟିସିଏସ୍ ଓ ୱିପ୍ରୋ ସମେତ କେତେକ ଭାରତୀୟ ଆଇଟି କମ୍ପାନୀ ନିଜ କର୍ମଚାରୀଙ୍କୁ କନସଲ୍ଟିଂ, ଅଟୋମେଶନ, ଆର୍ଟିଫିଶାଲ ଇଣ୍ଟେଲିଜେନ୍ସ ଓ ମେଶିନ ଲର୍ନିଂ ଭଳି କ୍ଷେତ୍ରରେ ଦକ୍ଷ କରିବା ଲାଗି ଆଗେଇ ଆସିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଇନଫୋସିସ୍ ପକ୍ଷରୁ ଅଧା ଡଜନରୁ ଅଧିକ ବ୍ରିଜ୍ ପ୍ରୋଗ୍ରାମ ବିକଶିତ କରାଯାଇଛି। ୩ ବର୍ଷ ବିତାଇଥିବା କର୍ମଚାରୀଙ୍କୁ ନେଇ କମ୍ପାନୀ ପକ୍ଷରୁ ବିଭିନ୍ନ ବ୍ରିଜ୍ ପ୍ରୋଗ୍ରାମ ଆରମ୍ଭ କରାଯାଇଛି। ନିଜର ପ୍ରମୋଶନ ଓ ଅଧିକ ବେତନ ଲାଳସାରେ ଅନ୍ୟ କମ୍ପାନୀକୁ ପଳାଉଥିବା କର୍ମଚାରୀଙ୍କୁ ବାନ୍ଧି ରଖିବା ଲାଗି ଏବେ ବଡ଼ ବଡ଼ ଆଇଟି କମ୍ପାନୀ ନୂଆ ଉପାୟମାନ ବାହାର କରିବାରେ ଲାଗିଛନ୍ତି।




## ପ୍ରଥମ ପୃଷ୍ଠାରୁ...

### ହକି ବିଶ୍ୱକପ ...

ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମନଙ୍କ ସଙ୍ଗୀତର ଯାଦୁ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ୧୧୦୦ କଳାକାରଙ୍କ ନୃତ୍ୟ ମଧ୍ୟରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ମହାମିଳନ ହୋଇଥିଲା ଏହି କାର୍ଯ୍ୟକ୍ରମରେ। ହକି ବିଶ୍ୱକପ ପାଇଁ ପ୍ରଥମେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ମୁଖ୍ୟମନ୍ତ୍ରୀ । ପୁରୁଷ ହକି ବିଶ୍ୱକପ ଭୁବନେଶ୍ୱରରେ ହେଉଛି, ଆପଣମାନେ ଖୁସି ତ, ମୁଁ ବି ବହୁତ ଖୁସି ବୋଲି ଦର୍ଶକଙ୍କ ଉଦ୍ଦେଶ୍ୟରେ ଓଡ଼ିଆରେ କହିଥିଲେ ମୁଖ୍ୟମନ୍ତ୍ରୀ। ସମସ୍ତ ଅନ୍ତର୍ଜାତୀୟ ହକି ଦଳ, ପ୍ରତିନିଧିଦଳଙ୍କୁ ମୁଁ ସ୍ୱାଗତ କରୁଛି। ଆପଣମାନେ ୪୫ ନିୟୁତ ଓଡ଼ିଆ ଲୋକମାନଙ୍କର ଅତିଥି ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ।

### ନୃତ୍ୟଗୀତରେ ଚମକିଲା ...

'ଜୟ ହିନ୍ଦ୍'ରୁ 'ଦ ଆର୍ଥ ସଙ୍ଗ୍' ପର୍ଯ୍ୟନ୍ତ, ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଏକତା ଓ ବିଶ୍ୱଐକ୍ୟର ବାର୍ତ୍ତା ଦେଇଥିଲା ହକି ବିଶ୍ୱକପ୍ ୨୦୧୮ର ଉଦ୍‌ଘାଟନୀ ସମାରୋହ। ପଞ୍ଚତତ୍ତ୍ୱକୁ ମଞ୍ଚକୁ ଆଣିଥିଲେ ବଲିଉଡ୍‌ର ଏଭରଗ୍ରୀନ୍ କୁଇନ୍ ମାଧୁରୀ ଦୀକ୍ଷିତ। ନୂପୁର ମହାଜନଙ୍କ ନିର୍ଦ୍ଦେଶିତ 'ଦ ଆର୍ଥ ସଙ୍ଗ୍'ରେ ପାଖାପାଖି ୪୦ ମିନିଟ୍ ଧରି ମଞ୍ଚରେ ନିଜର ଜଲୱା ଦେଖାଇଥିଲେ ମାଧୁରୀ। 'ୱାନ୍‌ନେସ୍ ଅଫ୍ ହ୍ୟୁମାନିଟି' ବା ମାନବିକତାର ଏକତାକୁ 'ମଦର୍ ଆର୍ଥ' ବା 'ଧରିତ୍ରୀ ମା' ଭାବେ ମଞ୍ଚରେ ଉପସ୍ଥାପନ କରିଥିଲେ। ୫ଟି ଆକ୍ଟରେ ଡ୍ରାମା, ଡାଏଲଗ୍ ଓ ମ୍ୟୁଜିକ୍‌ର ତାଳେ ତାଳେ ଉଭୟ ଶାସ୍ତ୍ରୀୟ ଓ ଆଧୁନିକ ନୃତ୍ୟର ସମାହାର ରହିଥିଲା। ବାଲେଟ୍', 'ସାମ୍ବା', 'ଜାଜ୍' ଏବଂ ଓଡ଼ିଶୀ, ଭାରତନାଟ୍ୟମ୍, କୁଚିପୁଡି ଭଳି ଏକାଧିକ ନୃତ୍ୟଶୈଳୀର ସମାହାରକୁ ନେଇ ପ୍ରସ୍ତୁତ ହୋଇଥିଲା 'ଇଷ୍ଟ୍ ଟୁ ୱେଷ୍ଟ'। ରଣଜିତ ବାରୋଟଙ୍କ ସଙ୍ଗୀତ ସଂଯୋଜନା ଓ କୋରିଓଗ୍ରାଫର ଶୈମକ୍ ଡାଭରଙ୍କ ଡ୍ୟାନ୍ସ କୋରିଓଗ୍ରାଫିରେ ପ୍ରସ୍ତୁତ 'ଦ ଆର୍ଥ ସଙ୍ଗ୍'ର ଏକ ମୁଖ୍ୟ ଅଂଶ ହୋଇଥିଲେ କିସ୍‌ର ୮୦୦ ଜନଜାତି ଛାତ୍ରୀଛାତ୍ର। ସେହିଭଳି ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଭାରତର ୭ଟି ଶାସ୍ତ୍ରୀୟ ନୃତ୍ୟକଳାକୁ ନେଇ ପ୍ରସ୍ତୁତ 'ସପ୍ତମାତୃକା' ସମାରୋହର ଅନ୍ୟତମ ଆକର୍ଷଣ ସାଜିଥିଲା। ତେବେ ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍. ରହମନ୍‌ଙ୍କ ଶୋ' ଷ୍ଟପର୍ କନସର୍ଟ ଏବଂ ହକି ଆନ୍ଥେମ୍ 'ଜୟ ହିନ୍ଦ୍ ଜୟ ଇଣ୍ଡିଆ' ପରିବେଷଣରେ ଶେଷ ହୋଇଥିଲା ଉଦ୍‌ଘାଟନୀ ସମାରୋହ। 'ଦିଲ୍‌ସେ ରେ', 'ଜୟ ହୋ', 'ଦିଲ୍ ହୈ ଛୋଟା ସା', 'ହମ୍ମା' ଭଳି ଏକାଧିକ ରହମନ୍ ହିଟ୍ ଏବଂ ଛାତି ଥରାଇଦେଲା ଭଳି ଇନ୍‌ଷ୍ଟ୍ରୁମେଣ୍ଟାଲ ମ୍ୟୁଜିକ୍ ଉଦ୍‌ଘାଟନୀ ମହାକୁମ୍ଭକୁ ଅନନ୍ୟ କରିଥିଲା। କେବଳ ଏତିକି ନୁହେଁ, ଆର୍‌ଜେ ରୌନକ୍, ଆର୍‌ଜେ ମଲିସ୍କା, କୁନା ତ୍ରିପାଠୀ, ଗୌରବ କପୁର, ସବ୍ୟସାଚୀ ଓ ଅର୍ଚ୍ଚିତା ପ୍ରମୁଖ ମଙ୍ଗଳବାର ଏହି ମହାକୁମ୍ଭରେ ସାମିଲ ହୋଇଥିଲେ।

### ଟିଁକିରା, ବ୍ରାହ୍ମଣୀରେ ମିଶିଲା...

ଜନସମ୍ପର୍କ ଅଧିକାରୀ ଅମିତ ବେହେରା କହିଛନ୍ତି, ପ୍ରକଳ୍ପ ପାଇଁ ପାଉଁଶ ପୋଖରୀର ଡାଇକ୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଡେରଙ୍ଗ ଗ୍ରାମବାସୀଙ୍କ ଆନ୍ଦୋଳନ ଯୋଗୁ ଆଶ୍ ଡାଇକ୍‌ର ୫୦ ପ୍ରତିଶତ ବ୍ୟବହାର ହେଉଛି। ତେଣୁ ବେଳେ ବେଳେ ସମସ୍ୟା ଉପୁଜୁଛି। ଖୁବଶୀଘ୍ର ଏହାର ପ୍ରତିକାର ବ୍ୟବସ୍ଥା କରାଯିବ।

### ରାଜ୍ୟ ସରକାରଙ୍କୁ ସତ୍ୟପାଠ ...

ରାଜ୍ୟ ସରକାର ଓ ଇଡ୍‌କୋକୁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏସ୍.ପି. ୱାଙ୍ଗାଡ଼ି, କେ. ରାମକ୍ରିଷ୍ଣନ ଓ ନାଗିନ ନନ୍ଦଙ୍କୁ ନେଇ ଗଠିତ ଏନଜିଟିର ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ବିୟର ବଟଲିଂ ପ୍ଲାଣ୍ଟ ପାଇଁ ବଳରାମପୁର ମୌଜାର ୯୨ ଏକର ଜଙ୍ଗଲ ଜମିକୁ ବେଆଇନ ଭାବେ କିସମ ପରିବର୍ତ୍ତନ କରାଯାଇଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ ଆଣି ଆଡଭୋକେଟ ଶଙ୍କର ପ୍ରସାଦ ପାଣିଙ୍କ ଜରିଆରେ ଗତବର୍ଷ ନଭେମ୍ବରରେ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ଶୁଣାଣି ଚାଲିଥିବାବେଳେ ପ୍ରଶାସନ ପକ୍ଷରୁ ଗତ କିଛିଦିନ ତଳେ ଉକ୍ତ ଜମିରୁ ବିପୁଳ ଗଛ କଟାଯାଇଥିଲା। ଏହାକୁ ଗ୍ରାମବାସୀ ପ୍ରବଳ ବିରୋଧ କରିବା ସହ ଗତ ୧୯ ତାରିଖରେ ଏନ୍‌ଜିଟିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### ମହମ୍ମଦ ଅଜିଜ୍‌ଙ୍କ ...

ଭଜନ ଓ ସୁଫି ସଙ୍ଗୀତ ଗାନ କରିଛନ୍ତି। ବଙ୍ଗଳା ଫିଲ୍ମ 'ଜ୍ୟୋତି'ରୁ ଅଜିଜ୍‌ଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା। ଅମିତାଭ ବଚ୍ଚନଙ୍କ ଅଭିନୀତ 'ମର୍ଦ' ଚଳଚ୍ଚିତ୍ରର 'ମର୍ଦ ଟାଙ୍ଗେୱାଲା' ଗୀତ ଗାଇବା ଲାଗି ବିଶିଷ୍ଟ ସଙ୍ଗୀତଜ୍ଞ ଅନୁ ମଲିକ୍ ତାଙ୍କୁ ସୁଯୋଗ ଦେଇଥିଲେ। ଅଜିଜ୍‌ଙ୍କ ପରଲୋକ ଗମନ ପରେ ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି।

# ଟ୍ରାକ୍ଟର ଟ୍ରଲିରୁ ଖସି ଶିଶୁ ମୃତ

ମାଥିଲି, ୨୭।୧୧ (ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ କିଆଙ୍ଗଠାରେ ମଙ୍ଗଳବାର ଟ୍ରାକ୍ଟର ଟ୍ରଲିରୁ ଖସି ପଡି ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି । ସେ ହେଲେ କିଆଙ୍ଗ ଗ୍ରାମର ଚନ୍ଦ୍ର କୁଡୁକଙ୍କ ୫ ବର୍ଷର ପୁଅ ରଞ୍ଜିତ କୁଡୁକ। ମଙ୍ଗଳବାର ଅଙ୍ଗନୱାଡି କେନ୍ଦ୍ର ଛୁଟି ହେବା ପରେ ସେଇ ରାସ୍ତା ଦେଇ ଆସୁଥିବା ଏକ ଟ୍ରାକ୍ଟରକୁ ଅଟକାଇ ରଞ୍ଜିତ ଟଲି ପଛରେ ଚଢିଥିଲେ। ଟ୍ରାକ୍ଟର ତାଙ୍କ ଧରି ଆସୁଥିବା ବେଳେ ବାଟରେ ହଠାତ୍ ରଞ୍ଜିତ ଟ୍ରଲି ତଳ ଚକକୁ ଖସି ପଡି ଚାପି ହୋଇଯାଇଥିଲେ। ଫଳରେ ଘଟଣା ସ୍ଥଳରେ ଶିଶୁଟିର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।୧୩୩/୧୮ରେ ଏକ ମାମଲା ରୁଜୁ ହୋଇଛି। ଟ୍ରାକ୍ଟରକୁ ଜବତ କରାଯାଇ ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ଜନ ଖୁଜୁର କହିଛନ୍ତି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୮ | ୧୫.୫ |
| ଚାନ୍ଦବାଲି | ୨୮.୭ | ୧୭.୦ |
| କଟକ | ୨୮.୬ | ୧୪.୮ |
| ପାରାଦ୍ୱୀପ | ୨୯.୭ | ୧୮.୫ |
| ଭୁବନେଶ୍ୱର | ୩୦.୨ | ୧୪.୪ |
| ଗୋପାଳପୁର | ୩୦.୦ | ୧୬.୩ |
| ପୁରୀ | ୩୦.୨ | ୧୮.୨ |
| ଅନୁଗୋଳ | ୨୮.୭ | ୧୧.୬ |
| ବାରିପଦା | ୨୭.୦ | ୧୫.୪ |
| ଝାରସୁଗୁଡ଼ା | ୨୯.୩ | ୧୨.୩ |
| କେନ୍ଦୁଝର | ୨୬.୪ | ୧୨.୯ |
| ସମ୍ବଲପୁର | ୩୦.୨ | ୧୩.୧ |
| ସୁନ୍ଦରଗଡ଼ | ୨୭.୫ | ୧୨.୦ |
| ହୀରାକୁଦ | ୨୯.୧ | ୧୩.୬ |
| ତାଲଚେର | ୩୧.୫ | ୧୨.୮ |
| ଭବାନୀପାଟଣା | ୩୦.୦ | ୧୦.୮ |
| ବଲାଙ୍ଗୀର | ୩୦.୨ | ୧୨.୫ |
| କୋରାପୁଟ | ୨୮.୦ | ୧୦.୦ |
| ଫୁଲବାଣୀ | ୨୭.୦ | ୭.୮ |
| ଟିଟିଲାଗଡ଼ | --- | ୧୧.୫ |
| ମାଲକାନଗିରି | ୩୧.୪ | --- |
| ସୋନପୁର | ୨୯.୪ | ୧୧.୬ |
| ଦାରିଙ୍ଗିବାଡ଼ି | ୨୫.୦ | ୮.୨ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ବିଷୟ ଭିତ୍ତିକ ଶିକ୍ଷକ ଭାବେ ନିୟମିତ କରିବାକୁ ଦାବି

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ରାଜ୍ୟରେ ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ବି.ଏଡ୍ ଶିକ୍ଷକମାନଙ୍କୁ ବିଷୟ ଭିତ୍ତିକ ଶିକ୍ଷକ ଭାବେ ନିୟମିତ କରିବାକୁ ବି.ଏଡ କନିଷ୍ଠ ଶିକ୍ଷକ ସଂଘ ଦାବି କରିଛି। ଏ ନେଇ ସଂଘ ସଭାପତି ଅଜୟ କୁମାର ଧଳ ମଙ୍ଗଳବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଧଳ କହିଛନ୍ତି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ସାମିଲ କରାଯାଇଥିବାରୁ ସାହିତ୍ୟ, ଇଂଲିଶ୍, ଗଣିତ ଏବଂ ବିଜ୍ଞାନ ଭଳି ବିଷୟ ପଢାଇବା ପାଇଁ ସରକାର ଟିଜିଟି ଶିକ୍ଷକଙ୍କୁ ନିଯୁକ୍ତ କରିଛନ୍ତି। ଏହି ଶିକ୍ଷକମାନଙ୍କୁ ହାଇସ୍କୁଲ ଶିକ୍ଷକଙ୍କ ପରି ବିଷୟଭିତ୍ତିକ ଶିକ୍ଷକର ମାନ୍ୟତା ଦିଆଯାଉ। ବିଷୟ ଭିତ୍ତିକ ଭାବେ ଶିକ୍ଷକଙ୍କୁ ନିୟମତି କରିବା ସହିତ ହାଉସ୍କୁଲ ଶିକ୍ଷକମାନେ ପାଉଥିବା ବେତନ ହାର ଅନୁସାରେ ସେମାନଙ୍କୁ ଦରମା ଦିଆଯାଉ। ଯଦି ସରକାର ଦାବି ପୂରଣ ନ କରନ୍ତି ତେବେ ସଂଘ ବାଧ୍ୟ ହୋଇ ଆନ୍ଦୋଳନାକୁ ଓହ୍ଲାଇବ। ଏପରି କି ଏହି ଶିକ୍ଷକମାନେ ୬ ବର୍ଷର ଠିକା ସମୟ ପୂରଣ କରିଥିଲେ ମଧ୍ୟ ସରକାର ସେମାନଙ୍କୁ ନିୟମିତ କରିବା ଦିଗରେ ତତ୍ପରତା ପ୍ରକାଶ କରୁ ନ ଥିବା ଧଳ କହିଛନ୍ତି।


## ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି, ନୂଆ ଡୁବୁରି ୪୦୦/୨୨୦ କେ.ଭି. ସବ୍‌ଷ୍ଟେସନ୍‌ଠାରୁ ଇମାମି ସିମେଣ୍ଟ ଲିମିଟେଡ୍ ଦ୍ୱାରା ନିର୍ମିତ ସିମେଣ୍ଟ ପ୍ଲାଣ୍ଟଠାରେ ଥିବା ସବ୍‌ଷ୍ଟେସନ୍ ପର୍ଯ୍ୟନ୍ତ ୨୨୦ କେ.ଭି. ଅତ୍ୟୁଚ୍ଚ ଚାପ ବିଶିଷ୍ଟ ଲାଇନ୍‌ର ନିର୍ମାଣ କାର୍ଯ୍ୟ ଶେଷ ହୋଇଅଛି। ଉକ୍ତ ୨୨୦ କେ.ଭି ଲାଇନ୍‌ରେ ଆସନ୍ତା ତା୨୮।୧୧।୨୦୧୮ରିଖଠାରୁ ଯେ କୌଣସି ସମୟରେ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ୍ ପ୍ରବାହ କରାଯିବ। ଉକ୍ତ ଲାଇନ୍‌ଟି ଚାନ୍ଦିଆ, ପାଞ୍ଚବାଟିଆ, ବଡସୁଲିଡିହି ଓ ମାଣିତିରା ଗ୍ରାମ ପାର୍ଶ୍ୱ ଦେଇ ଯାଇଅଛି।

ଏଣୁ ଉପରୋକ୍ତ ଗ୍ରାମବାସୀ ଓ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ୍ ଧାରା ୭୯, ୮୦ ଓ ୮୨ (କ) ଅନୁଯାୟୀ ବିଦ୍ୟୁତ୍ ଲାଇନ୍ ତଳେ ଘର ତୋଳିବା, ଗଛ ଲଗାଇବା, ଗୃହପାଳିତ ପଶୁ ବାନ୍ଧିବା, ଲମ୍ବା କାଠ ବା ବାଉଁଶ ବା ଲୁହା ଖୁଣ୍ଟ ଉଠାଇବା, ବିଦ୍ୟୁତ୍ ଟାୱାରରେ ଚଢିବା ଇତ୍ୟାଦି ଏକ ଦଣ୍ଡନୀୟ ଅପରାଧ ଅଟେ। ଏଣୁ ଲାଇନ୍ ନିକଟରେ ବସବାସ ଓ ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତାମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ। କାରଣ ଏହାଦ୍ୱାରା ଯଥେଷ୍ଟ ଧନଜୀବନ ହାନିର ଆଶଙ୍କା ରହିଛି।

ଏଣୁ ଜନସାଧାରଣ ନିଜ ଧନ ଜୀବନର ନିରାପତ୍ତା ଦୃଷ୍ଟିରୁ ଉପରୋକ୍ତ ସାଧାରଣ ନିୟମଗୁଡିକ ପାଳନ କରିବାକୁ ଅନୁରୋଧ।

ତା୨୬।୧୧।୨୦୧୮ରିଖ

ସ୍ୱା./– ଉପସାଧାରଣ ପରିଚାଳକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଜନ, କେନ୍ଦୁଝର

## ODISHA STATE FINANCIAL CORPORATION
RECOVERY DEPARTMENT, OMP SQUARE: CUTTACK-3

Advt.No.E-Auct/02/18-19 Dt.27.11.2018

**CORRIGENDUM TO ORIGINAL E-AUCTION SALE NOTICE**

In partial modification to the E-Auction Sale Notice Advt.No. E-Auct/01/18-19 Dt.09/11/2018 published in "The Times of India"."The Samaj' & "The Dharitri'" on dt. 10/11/2018, the **last date & time for submission of EMD and documents for online bids is extended to 28.11.2018 up to 2.00 P.M.** All other terms & conditions of the earlier advertisement shall remain intact.

**By orders of the Managing Director**
**Head of Department (Recovery)**

## ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LTD.
A GOVT. OF ODISHA UNDERTAKING
OPTCL Lifeline of Orissa
OFFICE OF THE SR.GENERAL MANAGER (ELECTRICAL)
O & M (ZONE-I), NARENDRAPUR, Mob.:9438907601,
e-mail: sgm.onm1.npr@optcl.co.in, CIN: U40102OR2004SGC007553

**e-TENDER NOTICE NO. NPR-4/2018-19**

For and on behalf of Odisha Power Transmission Corporation Ltd Sr.General Manager, (O&M)-1,Narendrapur invites Tenders from reputed Bidders in single part bidding system for **PAINTING OF VARIOUS 132 KV AND 33 KV STRUCTURES AT 132/33 KV GRID SUB-STATION, CHATRAPUR WITH SILICON BASED EPOXY POLYMER ANTI-CORROSION PAINT**. The interested Bidders would be required to enroll themselves on the tender portal www.tenderwizard.com/OPTCL. Complete set of bidding documents are available at www.tenderwizard.com/OPTCL from **Dated 27.11.2018 (10.01 Hrs.) upto Dated 26.12.2018 (12.31 Hrs)**. Interested Bidders may visit OPTCL's official website http://www.optcl.co.in and http://www.tenderwizard.com/OPTCL for detail specification. N.B :All subsequent addendums/ corrigendum to the tender shall be hosted in the OPTCL's official website http://www.optcl.co.in and www.tenderwizard.com/OPTCL for detail specification.

*Sr. General Manager (Elect.)*

## ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LTD.
A GOVT. OF ODISHA UNDERTAKING
OPTCL Lifeline of Orissa
OFFICE OF THE SR.GENERAL MANAGER (ELECTRICAL)
O & M (ZONE-I), NARENDRAPUR, Mob.:9438907601,
e-mail: sgm.onm1.npr@optcl.co.in, CIN: U40102OR2004SGC007553

**e-TENDER NOTICE NO. NPR-5/2018-19**

For and on behalf of ODISHA POWER TRANSMISSION CORPARATION LTD Sr.General Manager, (O&M)-1,Narendrapur invites Tenders from reputed Bidders in single part bidding system for **RENOVATION OF CABLE TRENCH INCLUDING DAMAGED RCC COVER SLABS REQUIRED FOR AUTOMATION WORK AT 132/33 KV GRID SUB-STATION, ASKA UNDER EHT (O&M) DIVISION, BHANJANAGAR**. The interested Bidders would be required to enroll themselves on the tender portal www.tenderwizard.com/OPTCL. Complete set of bidding documents are available at www.tenderwizard.com/OPTCL from Dated **27.11.2018 (10.01 Hrs.) upto Dated 26.12.2018 (12.31 Hrs)**. Interested Bidders may visit OPTCL's official website http://www.optcl.co.in and http://www.tenderwizard.com/OPTCLfor detail specification. N.B :All subsequent addendums/corrigendum to the tender shall be hosted in the OPTCL's official website http://www.optcl.co.in and www.tenderwizard.com/OPTCL for detail specification.

*Sr. General Manager (Elect.)*


# ମିଳିମିଳାରେ ନାବାଳିକା ମୃତ, ୧୫ ଆକ୍ରାନ୍ତ

ଝରିଗାଁ,୨୭।୧୧(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବଡଟେମରା ପଞ୍ଚାୟତ ଚେପଟିଆମ୍ବା ଗ୍ରାମରେ ମିଳିମିଳାରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଥିବା ବେଳେ ୧୫ ଜଣ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୭ ଶିଶୁ ରହିଛନ୍ତି। ମୃତକ ହେଲେ ଜନିକା ଜାନୀ(୧୪)।

## କିଛି ତଥ୍ୟ

୨୦୧୧–୧୨ରେ ଘରୋଇ ବଜାରରୁ ରପ୍ତାନି ୩୦୦ ବିଲିୟନ ଡଲାର ମଧ୍ୟରେ ରହୁଥିବା ବେଳେ ଏହା ୨୦୧୭–୧୮ରେ ୩୦୩ ବିଲିୟନ ଡଲାର ଛୁଇଁଛି।

– ବାଣିଜ୍ୟ ମନ୍ତ୍ରଣାଳୟ


## idco | ODISHA NEW OPPORTUNITIES
Your power to grow
ISO 9001 & 14001 CORPORATION

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.
Tender Call Notice No. EST- 57/2018-19/23810 Dt. 24.11.18

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of the Work | Procurement Officer | Bid Identification No. | Period of Completion | Value of Work | Availability of Tender on-Line for Bidding From | Availability of Tender on-Line for Bidding To |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Auditorium Building over the Existing Administrative Building of State Council of Technical Education & Vocational Training Odisha at Bhubaneswar. | CGM (Civil), IDCO, IDCO Tower, Janpath, Bhubaneswar. | Bid ID. No. Civil – EST- E- 57/2018-19 | 06 (Six) Calendar Months | Rs. 4,01,23,564.00 | 18.00 Hours of 28.11.2018 | 17.00 Hours of 12.12.2018 |

Further details can be seen from the e-procurement portal. **www.tendersorissa.gov.in** . Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website**.

**Sd/-**
**Chief General Manager (Civil), I/C**
**IDCO, Bhubaneswar**

OFFICE OF THE
DIVISIONAL FOREST OFFICER,
BARIPADA FOREST DIVISION,
BARIPADA, MAYURBHANJ, ODISHA
Telephone No.: 06792-252613, 252622 and
Fax: 255770, e-mail: dfobaripada.od@gmail.com

No. 7336 Dt.26.11.2018

**QUOTATION NOTICE**

Sealed quotations are hereby invited by the undersigned from the registered firms / authorized dealers / DGS & D Rate contracts holders having required statutory clearance for supply of following items, so as to reach this office on or before 7th December, 2018 by Speed Post only.

The details regarding the items to be supplied are as follows.

| Sl. No. | Items | Quantity |
|---|---|---|
| 1 | Reversible Khaki Jacket | 150 Nos. |
| 2. | Khaki Sweaters | 150 Nos. |

**Terms and conditions:**

1. The supplier has to submit copy of all statutory clearance certificates as on 31.03.2018 along with the original quotation document.
2. The successful bidder has to supply the items at Baripada Forest Division, Baripada, Mayurbhanj within 10 days of finalization of quotation.
3. The supplier has to furnish self attested documents along with the offer document.
4. The Divisional Forest Officer, Baripada Forest Division reserve the right to accept or reject any offer without assignment any reason thereof.

**Sd./- Divisional Forest Officer**
**Baripada Forest Division**

## HOUSING AND URBAN DEVELOPMENT DEPARTMENT
**OFFICE OF THE BARGARH MUNICIPAL COUNCIL, BARGARH,AT/PO/DIST.- BARGARH, PIN- 768028**
Email: bargarhmunicipality.eo@gmail.com, Ph: 06646-234347, Fax: 06646-234347

Letter No. 6889 Date: 26.11.2018

**ବିଜ୍ଞାପନ**

ଏତଦ୍ୱାରା ପ୍ରାଧିକୃତ ସଂସ୍ଥା/ବ୍ୟକ୍ତିବିଶେଷ/ଏନ୍‌ଜିଓମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ବରଗଡ଼ ପୌରପରିଷଦ ଅଧୀନରେ ଥିବା ଗାନ୍ଧୀ ଶିଶୁ ଉଦ୍ୟାନର ପ୍ରବେଶ ପାଇଁ/ ଟଏଟ୍ରେନ୍/ଅସ୍ଥାୟୀ ଠୋଳା/ମାଲ୍ ବୋଝେଇ ଟ୍ରକ୍ ଓ ଅନ୍ୟାନ୍ୟ ପାଇଁ ଏବଂ ପାର୍କ ସାମନାରେ ସାଇକେଲ ପାର୍କିଂ ସକାଶେ ଟେଣ୍ଡର ଆହ୍ୱାନ କରାଯାଉଅଛି। ଆଗ୍ରହୀ ପ୍ରାଧିକୃତ ସଂସ୍ଥା/ବ୍ୟକ୍ତିବିଶେଷ/ଏନ୍‌ଜିଓମାନେ ତା୩୦।୧୧।୨୦୧୮ରିଖ ଅପରାହ୍ନ ଘ.୪.୦୦ ସୁଦ୍ଧା ପୌର ପରିଷଦ କାର୍ଯ୍ୟାଳୟଠାରେ ଲଫାପାରେ ପୌର ପରିଷଦ ଦ୍ୱାରା କ୍ରୟ କରାଯାଇଥିବା ଟେଣ୍ଡର ପେପର ଯାହାର ମୂଲ୍ୟ ୧୦୦୦/– ଟଙ୍କା ଧାର୍ଯ୍ୟ ସର୍ତ୍ତାବଳୀ ଅନୁଯାୟୀ ଟେଣ୍ଡର ଦାଖଲ କରିବେ। ତାରିଖ ୩୦।୧୧।୨୦୧୮ ଅପରାହ୍ନ ଘ.୫.୦୦ ସମୟରେ ଟେଣ୍ଡର ଦାଖଲକାରୀ ବା ତାଙ୍କ ପ୍ରତିନିଧି ଉପସ୍ଥିତିରେ ଟେଣ୍ଡର ଖୋଲାଯିବ। ସର୍ବୋଚ୍ଚ ଦର ଧାର୍ଯ୍ୟ ସହିତ ଆବଶ୍ୟକୀୟ ପ୍ରମାଣପତ୍ର ଥିବା ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନର ପ୍ରାଥମିକତା ଦିଆଯିବ। ତାରିଖ ୨୭।୧୧।୨୦୧୮ରୁ ତାରିଖ ୩୦।୧୧।୨୦୧୮ ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ୧୦.୦୦ରୁ ୫.୦୦ଘ. ଭିତରେ ଟେଣ୍ଡର ପେପର କୋଷାଧ୍ୟକ୍ଷଙ୍କଠାରେ ବିକ୍ରୟ ହେବ। ତେବେ ଯେକୌଣସି କାରଣରୁ ବା କୌଣସି କାରଣ ନ ଦର୍ଶାଇ ଟେଣ୍ଡରଗୁଡ଼ିକୁ କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ ବରଗଡ଼ ଖାରଜ କରିପାରନ୍ତି। ଏ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସର୍ତ୍ତାବଳୀ ଇତ୍ୟାଦି ପୌରପରିଷଦ କାର୍ଯ୍ୟାଳୟ ଆବେଦନକାରୀ ସମସ୍ତ ଟେଣ୍ଡର ଅଲଗା ଅଲଗା ଭାବରେ ଦାଖଲ କରିବେ।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ
ପୌର ପରିଷଦ, ବରଗଡ଼

# ଗୋପାଳନରେ ପରଜୀବୀ ସମସ୍ୟା



ଗୋପାଳନରେ ପରଜୀବୀ ଜନିତ ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ...

ପରଜୀବୀମାନେ ଗୋରୁଙ୍କ ଶରୀର ବାହାରେ ବା ଭିତରେ ରହି ଆହାରର ଶତକଡା ୩୦-୪୦ ଭାଗ ନିଜର ବୃଦ୍ଧି ଓ ବଂଶବୃଦ୍ଧି ପାଇଁ ଉପଯୋଗ କରିଥାନ୍ତି । ଅଲୋଡ଼ା ଅତିଥି ଭାବରେ ପ୍ରାଣୀଙ୍କ ଦେହରେ ରହନ୍ତି। ପ୍ରାଣୀଙ୍କ ରକ୍ତ ଓ ଦେହରୁ ଖାଦ୍ୟ ଖାଇବା ସହିତ ପ୍ରାଣୀଙ୍କର ବିଭିନ୍ନ ରୋଗର କାରଣ ହୋଇଥାନ୍ତି । ପ୍ରାଣୀଙ୍କୁ ବିରକ୍ତ କରିବା ସହିତ ଏମାନେ ପ୍ରାଣୀଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଉତ୍ପାଦକତା ଉପରେ ପ୍ରଭାବ ପକାଇଥାନ୍ତି। ଏହି ପରଜୀବୀଗୁଡ଼ିକ ଗାଈ, ମଇଁଷି, ଛେଳି ଓ ମେଣ୍ଢା ଆଦି ତୃଣଭୋଜୀ ପ୍ରାଣୀମାନଙ୍କୁ ଅଧିକ ସଂଖ୍ୟାରେ ଆକ୍ରାନ୍ତ କରିଥାନ୍ତି କାରଣ ଅଧିକାଂଶ ପରଜୀବୀଙ୍କ ସଂକ୍ରମଣକାରୀ ଚାରଣଭୂଇଁରେ ମହଜୁଦ ଥାଆନ୍ତି। ଆମ ଦେଶର ଉଷ୍ମ ଓ ଆର୍ଦ୍ର ଜଳବାୟୁ ପରଜୀବୀଙ୍କ ବଂଶ ବିସ୍ତାର ଏବଂ ସଂକ୍ରମଣ ପାଇଁ ଅନୁକୂଳ ପରିବେଶ ଯୋଗାଇଥାଏ।

ମଣିଷଙ୍କ ଭଳି ପ୍ରାଣୀମାନେ ମଧ ବିଭିନ୍ନ ରୋଗଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି। ପ୍ରାଣୀଙ୍କୁ ରୋଗାକ୍ରାନ୍ତ କରୁଥିବା ବିଭିନ୍ନ ରୋଗସୃଷ୍ଟିକାରୀ ତତ୍ତ୍ୱ ମଧ୍ୟରୁ ପରଜୀବୀ ବା ପାରାସାଇଟ୍ ଅନ୍ୟତମ। ତୃଣଭୋଜୀ ପ୍ରାଣୀ ଯଥା ଗାଈ, ମଇଁଷି, ଛେଳି, ମେଣ୍ଢା ଅନ୍ୟ ପ୍ରାଣୀଙ୍କ ଅପେକ୍ଷା ବେଶି ସଂଖ୍ୟାରେ ପରଜୀବୀ ଜନିତ ରୋଗଦ୍ୱାରା ଆକ୍ରାନ୍ତ ହୁଅନ୍ତି।

**ପ୍ରକାରଭେଦ:** ପରଜୀବୀଗୁଡ଼ିକ ସାଧାରଣତଃ ଦୁଇ ପ୍ରକାରର, ଯଥା ବାହ୍ୟ ପରଜୀବୀ (ଟିଙ୍କ, ଉକୁଣି ଓ ଡାଆଁଶ) ଓ ଅନ୍ତଃ ପରଜୀବୀ (ଗୋଲ କୃମି, ଫିତା କୃମି ଓ ଚେପଟା କୃମି)। ବାହ୍ୟ ପରଜୀବୀଗୁଡ଼ିକ ଶରୀରର ବାହାର ଅଂଶ ଯଥା ଚର୍ମ ଏବଂ ଲୋମ ସହିତ ସଂଯୁକ୍ତ ହୋଇ ରହିଥାନ୍ତି। ଅନ୍ତଃ ପରଜୀବୀମାନେ ଶରୀର ଭିତରେ ବାସ କରି ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ, ଶରୀର ଗହ୍ୱର, ରକ୍ତ ନଳୀ ଏବଂ କୋଷିକା ଗୁଡ଼ିକୁ ଆକ୍ରାନ୍ତ କରିଥାନ୍ତି।

**ବାହ୍ୟ ପରଜୀବୀ:** ବାହ୍ୟ ପରଜୀବୀଗୁଡ଼ିକ ଶରୀରର ବାହାରରେ ରହି ଚର୍ମରେ କ୍ଷତ ସୃଷ୍ଟି କରିଥାନ୍ତି ଅଥବା ପ୍ରାଣୀ ଶରୀରରୁ ରକ୍ତ ଶୋଷଣ କରିଥାନ୍ତି। ବାହ୍ୟ ପରଜୀବୀ ମଧ୍ୟରୁ ଉକୁଣି, ଟିଙ୍କ, ମଶା, ମାଛି ଏବଂ ଡାଆଁଶ ମୁଖ୍ୟ। ଗୋରୁଙ୍କ ଦେହରେ ରହିଲେ ସେମାନେ କଷ୍ଟ ପାଇ ବିରକ୍ତ ଓ ବ୍ୟତିବ୍ୟସ୍ତ ହୋଇଥାନ୍ତି। ତାଙ୍କର ଶୋଇବା, ଖାଇବା ତଥା ରହିବା ଠିକ୍ ହୋଇ ନ ଥାଏ। ବିଶ୍ରାମ ଠିକ୍ ନ ନେବାରୁ ଶରୀରର ଅଭିବୃଦ୍ଧି ଏବଂ ଉତ୍ପାଦନ କ୍ଷମତା କମି ଯାଇଥାଏ। ରକ୍ତ ଶୋଷଣକାରୀ ପରଜୀବୀ ଅଧିକ ହେଲେ ପ୍ରାଣୀ ରକ୍ତହୀନତାର ଶିକାର ହୋଇଥାଏ। ବାଛୁରୀ ଏଥିରେ ଅଧିକ ଆକ୍ରାନ୍ତ ହୋଇଥାନ୍ତି। କିଛି ବାହ୍ୟ ପରଜୀବୀ ଯଥା ଡାଆଁଶ ଏବଂ ଟିଙ୍କଗୁଡ଼ିକର ବିଷାକ୍ତ ଲାଳ ପ୍ରଭାବରେ ଆକ୍ରାନ୍ତ ଗୋରୁଙ୍କ ଶରୀର ଭୀଷଣ କୁଣ୍ଡାଇ ହୁଏ। ମାଇଟ୍ ଭଳି କେତେକ କ୍ଷୁଦ୍ର ବାହ୍ୟ ପରଜୀବୀ ଚର୍ମ ଭିତର ଅଂଶକୁ ପ୍ରବେଶ କଲେ ମଧ୍ୟ ଚର୍ମ କୁଣ୍ଡାଇ ହୁଏ, ଲୋମ ଝଡ଼ି ପଡ଼ି ଚର୍ମ ଶୁଖିଲା ଏବଂ ବିରୂପ ଦେଖାଯାଏ। ବେଳେବେଳେ ଏହା ଦ୍ୱାରା ପକ୍ଷାଘାତ ମଧ୍ୟ ହୋଇଥାଏ। କେତେକ ରକ୍ତଶୋଷକ ପରଜୀବୀ ଯଥା ଟିଙ୍କ ଏବଂ ମାଛି, ରକ୍ତ ଶୋଷଣ କରିବା ସହିତ ଅନ୍ୟାନ୍ୟ ରୋଗ ସୃଷ୍ଟିକାରୀ ମାରାତ୍ମକ ବୀଜାଣୁ, ଭୂତାଣୁ ବା ରକ୍ତ ଏକକୋଷୀ ପରଜୀବୀମାନଙ୍କ ବାହକ ହୋଇ ତାଙ୍କ ଦ୍ୱାରା ଆହୁରି ମାରାତ୍ମକ ରୋଗ ସୃଷ୍ଟି କରାଇଥାନ୍ତି। ରକ୍ତହୀନତାର ଶିକାର ହୋଇ ଦୁର୍ବଳ ହେବା ଯୋଗୁ ପ୍ରାଣୀମାନେ ଅନ୍ୟାନ୍ୟ ରୋଗଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି।



**ବାହ୍ୟ ପରଜୀବୀ ଦ୍ୱାରା ଆକ୍ରାନ୍ତ ବୋଲି କେମିତି ଜାଣିବା:** ନିୟମିତ ବ୍ୟବଧାନରେ ପ୍ରାଣୀଙ୍କ ଚର୍ମ ଓ ଶରୀର ବାହ୍ୟ ଅଂଶକୁ ନିରୀକ୍ଷଣ କରିବା ଦ୍ୱାରା ପରଜୀବୀ ଥିଲେ ଜଣା ପଡ଼ିଯାଏ। ଟିଙ୍କ, ଉକୁଣି ଓ ଡାଆଁଶ ଖାଲି ଆଖିରେ ଦେଖାଯାଏ। ମାଇଟ୍ ଥିଲେ ଆକ୍ରାନ୍ତ ସ୍ଥାନଟି ଲୋମହୀନ ହୋଇ କୁଣ୍ଡାଇ ହୋଇଥାଏ। ଏମାନେ ଛେଳିର ଲୋମରେ ରହି ଅଣ୍ଡା ଦେଇଥାନ୍ତି ଏବଂ ପରେ ସେହି ଅଣ୍ଡାରୁ ଛୁଆ ହୋଇ ସମଗ୍ର ଶରୀରରେ ବ୍ୟାପି ଯାଇଥାନ୍ତି । ଗୋରୁମାନେ କଷ୍ଟ ପାଇ ବ୍ୟତିବ୍ୟସ୍ତ ହୁଅନ୍ତି। ଠିକ୍‌ଭାବେ ଖାଦ୍ୟ ଖାଇପାରନ୍ତି ନାହିଁ କି ବିଶ୍ରାମ ନେଇ ପାରନ୍ତି ନାହିଁ, ଯଦ୍ୱାରା ଶରୀରର ଅଭିବୃଦ୍ଧି ଏବଂ ଗାଈଙ୍କ ଦୁଗ୍ଧ ଉତ୍ପାଦନ ବାଧାପ୍ରାପ୍ତ ହୁଏ। ରକ୍ତ ଶୋଷଣକାରୀ ପରଜୀବୀ ଦ୍ୱାରା ପଶୁ ରକ୍ତ ହୀନତାର ଶିକାର ହୁଅନ୍ତି। କିଛି ବାହ୍ୟପରଜୀବୀ ଯଥା ଡାଆଁଶ ଏବଂ ଟିଙ୍କଗୁଡ଼ିକର ବିଷାକ୍ତ ଲାଳ ପ୍ରଭାବରେ ଆକ୍ରାନ୍ତ ଗୋରୁଙ୍କ ଶରୀର ଭୀଷଣ କୁଣ୍ଡାଇ ହୁଏ, କେତେକ କ୍ଷେତ୍ରରେ ପକ୍ଷାଘାତ (ପାରାଲିସିସ୍) ମଧ ହୁଏ। କେତେକ ରକ୍ତଶୋଷକ ପରଜୀବୀ ଯଥା ଟିଙ୍କ ଏବଂ ମାଛି ରକ୍ତ ଶୋଷଣ କରିବା ସଙ୍ଗେ ଅନ୍ୟାନ୍ୟ ରୋଗ ସୃଷ୍ଟିକାରୀ ମାରାତ୍ମକ ବୀଜାଣୁ, ଭୂତାଣୁ ବା ରକ୍ତ ଏକକୋଷୀ ପରଜୀବୀମାନଙ୍କ ବାହକ ହୋଇ ସେଗୁଡ଼ିକ ଦ୍ୱାରା ଆହୁରି ମାରାତ୍ମକ ରୋଗ ସୃଷ୍ଟି କରାଇଥାନ୍ତି। ମାଇଟ୍ ଭଳି କେତେକ ଅତିକ୍ଷୁଦ୍ର ବାହ୍ୟ ପରଜୀବୀ ଚର୍ମର ଭିତର ଅଂଶକୁ ପ୍ରବେଶ କରିବା ଫଳରେ ଚର୍ମ କୁଣ୍ଡାଇ ହୁଏ। ଲୋମ ଝଡ଼ି ପଡ଼ି ଚର୍ମ ଶୁଖିଲା ଏବଂ ବିରୂପ ଦେଖାଯାଏ।

**କ'ଣ କରିବେ :** ଗୋରୁମାନେ ଟିଙ୍କ ଦ୍ୱାରା ଆକ୍ରାନ୍ତ ହେଲେ, ସେମାନଙ୍କ ଶରୀରରେ ଔଷଧ ପ୍ରୟୋଗ କରିବା ସହିତ ଗୁହାଳରେ ଥିବା ଫାଟ ଓ ସନ୍ଧି ଇତ୍ୟାଦିରେ ଉପଯୁକ୍ତ ମାତ୍ରାରେ ଔଷଧ ପ୍ରୟୋଗ କରନ୍ତୁ। ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଡେଲଟାମେଥ୍ରିନ୍, ସାଇପରମେଥ୍ରିନ୍ ବା ଆଇଭରମେକ୍ଟିନ୍ ଇତ୍ୟାଦି ଔଷଧ ପ୍ରୟୋଗ କରନ୍ତୁ। ବ୍ଲିଚିଂ ପାଉଡର୍ ଓ ଚୂନକୁ (୧: ୫) ଅନୁପାତରେ ପାଣିରେ ମିଶାଇ ଗୁହାଳ ପରିସରରେ ସିଞ୍ଚନ କଲେ ଟିଙ୍କ ଓ ଉକୁଣିର ପ୍ରାଦୁର୍ଭାବ କମିଯାଏ । ଏହି ଔଷଧଗୁଡ଼ିକ ବିଷାକ୍ତ ହୋଇଥିବାରୁ ପିଲାଙ୍କଠାରୁ ଦୂରେଇ ରଖନ୍ତୁ ଏବଂ ଔଷଧ ବ୍ୟବହାର କରିବା ସମୟରେ ହାତରେ ଗ୍ଲୋଭ୍‌ସ ତଥା ନାକ ଓ ମୁହଁରେ ରୁମାଲ ବା ଗାମୁଛା ବାନ୍ଧନ୍ତୁ, ଗୋରୁଙ୍କ ମୁହଁରେ ତୁଣ୍ଡି ଦିଅନ୍ତୁ ଯେପରିକି ଔଷଧକୁ ଚାଟିବେ ନାହିଁ। ଅନ୍ୟାନ୍ୟ ଆବଶ୍ୟକ ସାବଧାନତା ମଧ୍ୟ ଅବଲମ୍ବନ କରନ୍ତୁ। ଆବଶ୍ୟକ ସ୍ଥଳେ ଆକ୍ରାନ୍ତ ପ୍ରାଣୀର ଚର୍ମ ପରୀକ୍ଷା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇପାରନ୍ତି।

*-**ଡା. ରଞ୍ଜନ କୁମାର ମହାନ୍ତ,** ପ୍ରାଣୀବିଜ୍ଞାନ ବିଶେଷଜ୍ଞ, ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ*

*-**ଡା. ସାରଦା ପ୍ରସନ୍ନ ସାହୁ,** ପ୍ରାଣୀଧନ ଅଧିକାରୀ, କୃଷି ମନ୍ତ୍ରାଳୟ, ନୂଆଦିଲ୍ଲୀ*

# ଚିନାବାଦାମ କିସମ



ସଅଳ ବୁଣାଯାଇଥିବା ଚିନାବାଦାମ ୩ ସପ୍ତାହର ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ ଏବଂ ତା'ପରେ ଏକର ପ୍ରତି ୧୦୦କେଜି ଜିପ୍‌ସମ୍ ଛାଟନ୍ତୁ। ଯଦି ଗଛ ଧାଡିର ପାର୍ଶ୍ୱରେ ଲାଇନ୍ କରି ପକାଯାଏ, ଏକର ପ୍ରତି କେବଳ ୫୦କେଜି ଜିପ୍‌ସମ୍ ଆବଶ୍ୟକ ହୋଇଥାଏ। ଫସ୍‌ଫରସ୍ ସାରକୁ ଆମୋନିୟମ୍ ସଲ୍‌ଫେଟ କିମ୍ବା ସିଙ୍ଗଲ୍ ସୁପର ଫସ୍‌ଫେଟ ଆକାରରେ ପ୍ରୟୋଗ କରିଥିଲେ ଜିପ୍‌ସମର ଆବଶ୍ୟକତା ନାହିଁ। ଜମିର ବତର ଦେଖି ଜଳସେଚନର ବ୍ୟବସ୍ଥା କରନ୍ତୁ। ଏହି ମାସ ଶେଷ ସୁଦ୍ଧା ଚିନାବାଦାମ ଲଗାନ୍ତୁ। ଉନ୍ନତ କିସମ ଯଥା-ଏକେ୧୨-୨୪, ସ୍ମୃତି କିମ୍ବା ଜେଏଲ-୨୪ ଆଦି ବ୍ୟବହାର କରନ୍ତୁ। ଏକର ପ୍ରତି ୬୦କେଜି ଅଛଡା ବାଦାମ ବ୍ୟବହାର କରନ୍ତୁ। ବୁଣିବାର ୭ଦିନ ପୂର୍ବରୁ ପ୍ରତି ୧ କିଲୋଗ୍ରାମ୍ ବିହନକୁ ୧.୫ଗ୍ରା କାର୍ବେଣ୍ଡାଜିମ୍ ଦ୍ୱାରା ବିଶୋଧନ କରନ୍ତୁ। ଏକର ପ୍ରତି ୮କେଜି ଯବକ୍ଷାରଜାନ, ୧୬କେଜି ଫସ୍‌ଫରସ ଓ ୧୬ କେଜି ପଟାସ ସାର ମୂଳସାର ହିସାବରେ ପ୍ରୟୋଗ କରନ୍ତୁ। ଧାଡିକୁ ଧାଡି ୩୦ସେ.ମି. ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ଲଗାନ୍ତୁ।

# ସୂର୍ଯ୍ୟମୁଖୀ



ବିହନ ବୁଣିବାର ୨୫ରୁ ୩୦ଦିନ ପରେ ଜମିକୁ କୋଡାଖୁସା କରି ଘାସ ଓ ଅନାବନା ଗଛ ବାଛି ଦିଅନ୍ତୁ। ଏକର ପ୍ରତି ୮କି.ଗ୍ରା. ଯବକ୍ଷାରଜାନ ଓ ହାଇବ୍ରିଡ୍ କିସମ ୩୫ଦିନର ହୋଇଯାଇଥିଲେ ୧୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ସାରକୁ ଗଛ ମୂଳଠାରୁ ୩-୪ଇଞ୍ଚ ଛଡାରେ ୨-୩ଇଞ୍ଚ ଗଭୀରରେ ପ୍ରୟୋଗ କରନ୍ତୁ। ଯେଉଁ ଜାଗାରେ ଦୁଇଟି ଗଛ ଉଠିଥାଏ ସେଠାରେ ସୁସ୍ଥ ଓ ନୀରୋଗ ଗଛ ରଖି ଅନ୍ୟଟି ଉପାଡି ଦିଅନ୍ତୁ।

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ପାଳନ ପରିପ୍ରେକ୍ଷୀରେ ଆନ୍ତରିକ ଶୁଭେଚ୍ଛା।
ଏ ଅବସରରେ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ଆନ୍ତରିକ ଅଭିନନ୍ଦନ।

ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ତଥା ବୁଗୁଡା ବ୍ଲକର ପୂର୍ବତନ ଅଧ୍ୟକ୍ଷ
ବୁଗୁଡା (ଗଞ୍ଜାମ)

ଧରିତ୍ରୀର ୪୫ତମ ଜନ୍ମବାର୍ଷିକୀ ଅବସରରେ ଆନ୍ତରିକ ଅଭିନନ୍ଦନ।
ଏ ଅବସରରେ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।

ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ
ଜିଲ୍ଲା ଭାଜପା ସାଧାରଣ ସଂପାଦକ
ବୁଗୁଡା (ଗଞ୍ଜାମ)

ଧରିତ୍ରୀର ୪୫ତମ ଜନ୍ମବାର୍ଷିକୀ ପାଳନ ଉପଲକ୍ଷେ ଆନ୍ତରିକ ଶୁଭେଚ୍ଛା।
ଏହାର ଉତ୍ତରୋତ୍ତର ଉନ୍ନତି ହେଉ ଏହାହିଁ ମୋର କାମନା।
ଶ୍ରୀମତୀ ରଂଜିତା ତ୍ରିପାଠୀ
ସି.ଡି.ପି.ଓ
ବୁଗୁଡା ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ

Well wishes to 45th Birth Anniversary of Dharitri Oriya Daily.
It is the most popular oriya daily newspaper in Odisha. Serve to Humanity is serve to God.

Sri Dr. Kumud Chandra Behera, Ph.D
'INDIA' NGO, Director, Buguda

ଆକାଂକ୍ଷା ଆପଣଙ୍କ ସେବାରେ...


୧. ବୈଷୟିକ ଓ ବାଣିଜ୍ୟିକ କ୍ଷତି ୯ବର୍ଷରେ ୮୦ ପ୍ରତିଶତରୁ ୨୧ ପ୍ରତିଶତରେ ପହଞ୍ଚିଛି।
୨. ଉପଭୋକ୍ତାଙ୍କ ସଂଖ୍ୟା ୧୫ ହଜାରରୁ ୩୮ ହଜାର ଅତିକ୍ରମ କରିଛି।
୩. ୪୫ ପ୍ରତିଶତ ଲୋକାଲ ଲାଇନ୍‌କୁ କେବୁଲ କରାଯାଇଛି।
୪. ସୌଭାଗ୍ୟ ଯୋଜନାରେ ୨୬୫ ଗ୍ରାମକୁ ବିଦ୍ୟୁତ୍ ସଂଯୋଗୀକରଣ କରାଯାଉଛି।
୫. ସ୍ମାର୍ଟ ମିଟରିଂ ପ୍ରଚଳନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।
୬. ଦେଶୀ ଓ ଅଙ୍ଗନୱାଡ଼ି ଯୋଜନାର ଶତପ୍ରତିଶତ ସଫଳ ରୂପାୟନ।




With Best Compliments from
A Well Wisher






“ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଲାଗି ବ୍ଲୁ ଇକୋନୋମିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

– ନୀତିନ ଗଡ଼କରି, କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ



“ ରପ୍ତାନି କ୍ଷେତ୍ରକୁ ପ୍ରୋତ୍ସାହିତ କରିବାକୁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି।

– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ

## ସଂକ୍ଷେପରେ

### ହ୍ୱାଟ୍ସଆପ୍ ଛାଡ଼ିଲେ ନିରଜ ଅରୋରା




ନୂଆଦିଲ୍ଲୀ,୨୭-୧୧: ମେସେଜିଂ ଆପ୍ ଭାବେ ଲୋକପ୍ରିୟ ହୋଇଥିବା ହ୍ୱାଟ୍ସଆପ୍‌ର ମୁଖ୍ୟ ବ୍ୟବସାୟ ଅଧିକାରୀ ନିରଜ ଅରୋରା ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଫେସ୍‌ବୁକ୍‌ରେ ସେ କମ୍ପାନୀ ଛାଡ଼ିଥିବା ପ୍ରକାଶ କରିଛନ୍ତି। ସେ ଦିଲ୍ଲୀ ଆଇଆଇଟିରୁ ଅଧ୍ୟୟନ କରିଥିଲେ। କମ୍ପାନୀ ଅଧିକାରୀଙ୍କ ତାଲିକାରେ ଚତୁର୍ଥ ସ୍ଥାନରେ ଥିବା ଅରୋରା ଚଳିତ ବର୍ଷ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ହେବେ ବୋଲି ଚର୍ଚ୍ଚା ହେଉଥିଲା। ତେବେ ବିଶ୍ୱ ପ୍ରମୁଖ ଭୂମିକା କ୍ରିସ୍ ଡାନିଏଲ୍ସଙ୍କୁ ଦିଆଯାଇଥିଲା। ସେ ୨୦୧୧ରେ କମ୍ପାନୀରେ ଯୋଗ ଦେଇଥିଲେ।

### ପେଟ୍ରୋଲ-ଡିଜେଲ ଜେନେରେଟର ବନ୍ଦ ହେବା ଉଚିତ : କାନ୍ତ

ନୂଆଦିଲ୍ଲୀ,୨୭-୧୧: ବିଜୁଳି କ୍ଷେତ୍ରରେ ସୁଧାର କରିବା ଉପରେ ଜୋର୍ ଦେଇ ନୀତି ଆୟୋଗର ସିଇଓ ଅମିତାଭ କାନ୍ତ କହିଛନ୍ତି ଯେ, ପେଟ୍ରୋଲ ଓ ଡିଜେଲରେ ଚାଲୁଥିବା ଜେନେରେଟର ବନ୍ଦ ହେବା ଉଚିତ୍। ଅଦାଲତରୁ ଏପରି ନିର୍ଦ୍ଦେଶ ମିଳିବା ପୂର୍ବରୁ କେନ୍ଦ୍ର ସରକାର ଏ ଦିଗରେ ପଦକ୍ଷେପ ନେବାକୁ ହେବ ବୋଲି ସେ କହିଛନ୍ତି। ଏଠାରେ ଆୟୋଜିତ ୨୧ତମ ଇଣ୍ଡିଆ ପାୱାର ଫୋରମ୍ ବୈଠକରେ ଯୋଗଦେଇ କାନ୍ତ କହିଛନ୍ତି ଯେ, ୨୫ ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ତାପଜ ବିଦ୍ୟୁତ କେନ୍ଦ୍ରଗୁଡ଼ିକୁ ପର୍ଯ୍ୟାୟକ୍ରମେ ବନ୍ଦ କରି ଦେବା ଆବଶ୍ୟକ। ଏହାଛଡ଼ା ବିଜୁଳି ବଜାରକୁ ଅଧିକ ନମନୀୟ କରିବା, ବାଣିଜ୍ୟିକ ଢ଼ଙ୍ଗରେ କୋଇଲା ତଥା ଅକ୍ଷୟ ଶକ୍ତିର ପ୍ରସାର ଉପରେ ସେ ଜୋର୍ ଦେଇଛନ୍ତି। ସେ କହିଛନ୍ତି ଯେ, ବିଦ୍ୟୁତ୍ ଶକ୍ତି ତିଆରି ଲାଗି ପେଟ୍ରୋଲ, ଡିଜେଲ, କିରୋସିନ, ପେଟ୍‌କୋକ୍ ଓ ଫର୍ନେସ ଅଏଲରେ ଚାଲୁଥିବା ଜେନେରେଟରଗୁଡ଼ିକୁ ତୁରନ୍ତ ବନ୍ଦ କରିବା ଆବଶ୍ୟକ।

■ ୨୦୧୯ରେ ସାମୟିକ ବନ୍ଦ ରହିବ ରାଷ୍ଟ୍ରାୟତ୍ତ ରିଫାଇନେରି

# ଆମଦାନୀ ହେବ ପେଟ୍ରୋଲ-ଡିଜେଲ

ନୂଆଦିଲ୍ଲୀ,୨୭-୧୧

- ■ ବିଏସ୍-୬ ଅନୁଯାୟୀ ରିଫାଇନେରି ଆଧୁନିକୀକରଣ
- ■ ୩୦ରୁ ୪୫ ଦିନ ବନ୍ଦ ରହିବ
- ■ ଦୈନିକ ୪୦ରୁ ୭୦ ହଜାର ବ୍ୟାରେଲ ତେଲ ଆମଦାନୀ ହୋଇପାରେ
- ■ ୬୦% ତେଲ ଉତ୍ପାଦନ ପ୍ରଭାବିତ ହେବ



ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ କେନ୍ଦ୍ର ସରକାରଙ୍କ ଗାଇଡଲାଇନ ଅନୁଯାୟୀ ୨୦୨୦ ଏପ୍ରିଲରୁ ଦେଶରେ ବିଏସ୍-୬ ଗାଡ଼ି ବିକ୍ରି ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ଏହି ମାନଦଣ୍ଡର ପେଟ୍ରୋଲ ଓ ଡିଜେଲ ପ୍ରସ୍ତୁତ କରିବା ଲାଗି ଏବେ ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ପ୍ରସ୍ତୁତ ହେଉଛନ୍ତି। ସେମାନେ ଆସନ୍ତା ବର୍ଷ ନିଜର ରିଫାଇନେରିର ଆଧୁନିକୀକରଣ ଲାଗି ଏଗୁଡ଼ିକୁ ସାମୟିକ ବନ୍ଦ ରଖିବେ। ଏହାଦ୍ୱାରା ୨୦୧୯ରେ ଦେଶରେ କିଛି ଦିନ ପାଇଁ ପେଟ୍ରୋଲ ଓ ଡିଜେଲ ସଙ୍କଟ ସୃଷ୍ଟି ହେବ। ଏହାକୁ ଟାଳିବା ଲାଗି ବିଦେଶରୁ ଆମଦାନୀ କରିବାକୁ ହେବ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଭାରତ ବିଶ୍ୱରେ ସର୍ବାଧିକ ତେଲ ଆମଦାନୀ କରୁଥିଲେ ହେଁ ରିଫାଇନିଂ କ୍ଷେତ୍ରରେ ଏହା ବିଶ୍ୱରେ ଅନ୍ୟତମ ଅଗ୍ରଣୀ ଦେଶ ଭାବେ ପରିଚିତ। ଦେଶରେ ଦୈନିକ ୫ ମିଲିୟନ ବ୍ୟାରେଲ ପେଟ୍ରୋଲିୟମ ପଦାର୍ଥ ରିଫାଇନିଂ ହେଉଥିବା ବେଳେ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ(ଆଇଓସିଏଲ୍), ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ଏଚ୍‌ପିସିଏଲ୍), ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ୍) ଓ ମାଙ୍ଗାଲୋର ରିଫାଇନେରୀ ଆଣ୍ଡ୍ ପେଟ୍ରୋକେମିକାଲ୍ସ ଲିମିଟେଡ୍(ଏମ୍‌ଆରପିଏଲ୍) ତନ୍ମଧ୍ୟରୁ ୬୦ ପ୍ରତିଶତ ଉତ୍ପାଦନ କରିଥାନ୍ତି। ଜାନୁୟାରୀ ୨୦୨୦ରୁ ଦେଶରେ ୟୁରୋ-୬ ଉପଯୋଗୀ ପେଟ୍ରୋଲ ଓ ଡିଜେଲ ବିକ୍ରି କରିବାକୁ ସେମାନେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସେହି କାରଣରୁ ୨୦୧୯ ମଧ୍ୟଭାଗରେ ୧୫ରୁ ୪୫ ଦିନ ପାଇଁ କମ୍ପାନୀମାନେ ରିଫାଇନିଂ କାରଖାନାକୁ ବନ୍ଦ କରିବେ। ଏଥିଯୋଗୁ ସେତେବେଳେ ଦେଶରେ ପେଟ୍ରୋଲ ଓ ଡିଜେଲର ଅଭାବ ଦେଖାଦେବ। ଏସମ୍ପର୍କରେ ସୂଚନା ଦେଇ ଆଇଓସିର ରିଫାଇନେରି ମୁଖ୍ୟ ବି.ଭି.ରାମଗୋପାଳ କହିଛନ୍ତି ଯେ, ୨୦୨୦ ଏପ୍ରିଲରୁ ୟୁରୋ-୬ ତେଲ ପାଇଁ ପ୍ରସ୍ତୁତ ରହିବାକୁ ହେବ। ଏହାକୁ ଦୃଷ୍ଟିରେ ରଖି କିଛି ଦିନ ଲାଗି ରିଫାଇନେରିକୁ ବନ୍ଦ ରଖାଯିବ ଏବଂ ଏହାର ଆଧୁନିକୀକରଣ କରାଯିବ। ପ୍ରାୟ ମାସକ ପାଇଁ ଆଓସି ଏହାର ୧୧ ରିଫାଇନେରିକୁ ବନ୍ଦ କରିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଥାଉ କି, ଭାରତ ୨୦୦୦ରୁ ସଲଫର ନିର୍ଗମଣ ଧୀରେ ଧୀରେ ହ୍ରାସ କରିଚାଲିଛି। ଏଚ୍‌ପିସିଏଲ୍ ଏହାର ଭାଇଜାକ୍ ଓ ମୁମ୍ବାଇ ରିଫାଇନେରିକୁ ୩୦ରୁ ୪୫ ଦିନ ପାଇଁ ବନ୍ଦ କରିବ ବୋଲି କମ୍ପାନୀ ଅଧ୍ୟକ୍ଷ ଏମ.କେ. ସୁରାନା ପ୍ରକାଶ କରିଛନ୍ତି। ସେହିପରି ଏମ୍‌ଆର୍‌ପିଏଲ୍ ମଧ୍ୟ ମାସକ ପାଇଁ ଏହାର ରିଫାଇନେରି ବନ୍ଦ କରିବ ବୋଲି ଏମ୍‌ଡି ଏମ.ଭେଙ୍କଟେଶ କହିଛନ୍ତି। ତେବେ ଏହି କାରଣରୁ ବିଦେଶରୁ ତେଲ ଆମଦାନୀ କରିବାକୁ ପଡ଼ିବନି ବୋଲି ସେମାନେ ଆଶ୍ୱସ୍ତ କରିବାକୁ ଚେଷ୍ଟା କରିଛନ୍ତି। ସେମାନେ କହିଛନ୍ତି ଯେ, ପେଟ୍ରୋଲ ଓ ଡିଜେଲର ଅଭାବ ପୂରଣ ପାଇଁ ସରକାର ଘରୋଇ ରିଫାଇନେରି କମ୍ପାନୀଙ୍କଠାରୁ ଏହାକୁ କିଣିହେବ। ଅନ୍ୟପକ୍ଷରେ ବିଶେଷଜ୍ଞମାନେ ସେମାନଙ୍କ ଯୁକ୍ତିକୁ ଅଗ୍ରାହ୍ୟ କରିଛନ୍ତି। ସେମାନଙ୍କ କହିବାନୁଯାୟୀ, ଘରୋଇ କମ୍ପାନୀଗୁଡ଼ିକ ମୂଳ ଦାମ୍ ଉପରେ କୋଷ୍ଟାଲ ଫ୍ରେଟ୍ ଚାର୍ଜ ଆଦାୟ କରୁଥିବାରୁ ପେଟ୍ରୋଲ ଓ ଡିଜେଲ ଦର ମହଙ୍ଗା ହେବ। ମହଙ୍ଗା ତେଲ କିଣି ସରକାର ଶସ୍ତାରେ ତେଲ ବିକ୍ରି କରିପାରିବେନି। ସୁଏଜ ଅଏଲର କନସଲଟାଣ୍ଟ ଥିବା ସିଙ୍ଗାପୁରସ୍ଥିତ ଏଫ୍‌ଜିଇ ମୁଖ୍ୟ ଶ୍ରୀ ପରାଭାଇକ୍କାରାସୁ କହିଛନ୍ତି ଯେ, ୨୦୧୭ ଏପ୍ରିଲରେ ଭାରତ ୟୁରୋ-୪କୁ ସ୍ଥାନାନ୍ତରିତ ହେବା ବେଳେ ଏଭଳି ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଧିକ ଦିନ ରିଫାଇନେରି ବନ୍ଦ ରହିବା ଯୋଗୁ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ବିଦେଶରୁ ପେଟ୍ରୋଲ ଓ ଡିଜେଲ ଆମଦାନୀ କରିବାକୁ ବାଧ ହେବେ ବୋଲି ସେ କହିଛନ୍ତି। ଏଫ୍‌ଜିଇର ଆକଳନ ଅନୁଯାୟୀ, ୨୦୧୯ରେ ଭାରତ ପ୍ରାୟ ଦୈନିକ ୪୦ ହଜାରରୁ ୭୦ ହଜାର ବ୍ୟାରେଲ ତେଲ ଆମଦାନୀ କରିବାକୁ ବାଧ ହେବ। ତେବେ ପେଟ୍ରୋଲ ଓ ଡିଜେଲର ଅଭାବ ଯେମିତି ଅଧିକ ଅନୁଭୂତ ନ ହୁଏ ସେଥିଲାଗି ପର୍ଯ୍ୟାୟକ୍ରମେ ରିଫାଇନେରିଗୁଡ଼ିକୁ ବନ୍ଦ କରାଯିବ ବୋଲି ବିପିସିଏଲ୍‌ର ରିଫାଇନେରି ମୁଖ୍ୟ ଆର୍.ରାମଚନ୍ଦ୍ରନ କହିଛନ୍ତି। ସବୁକିଛି ଯୋଜନାବଦ୍ଧ ଭାବେ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ପିସିଏକୁ ନେଇ ହେବ ବିବାଦ

ନୂଆଦିଲ୍ଲୀ,୨୭-୧୧:

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ନଭେମ୍ବର ୧୯ ବୈଠକରେ ନିଜ ମତ ଲଦିବାରେ କେନ୍ଦ୍ର ସରକାର କିଛି ମାତ୍ରାରେ ସଫଳ ହୋଇଛି। ତେବେ ଡିସେମ୍ବର ୧୪ରେ ହେବାକୁ ଥିବା ପରବର୍ତ୍ତୀ ବୋର୍ଡ ବୈଠକରେ ଏହା ପ୍ରମ୍ପଟ କରେକ୍ଟିଭ ଆକ୍ସନ(ପିସିଏ)ବା ତ୍ୱରିତ୍ ସୁଧାର ପଦକ୍ଷେପକୁ ନେଇ କେନ୍ଦ୍ରୀୟ ବ୍ୟାଙ୍କକୁ ଘେରିବାକୁ ଯାଉଥିବା ସ୍ପଷ୍ଟ ହୋଇଛି।

**ରିଜର୍ଭ ବ୍ୟାଙ୍କ ବୋର୍ଡ ବୈଠକ**

ଅନାଦାୟ ଋଣ(ଏନ୍‌ପିଏ)କୁ ନେଇ ୨୧ ମଧ୍ୟରୁ ୧୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଉପରେ ଆର୍‌ବିଆଇ କଟକଣା ଜାରି କରିଛି। ପିସିଏ ଅଧୀନରେ ଏହା ଜାରି କରାଯାଇଛି। ତେବେ କେନ୍ଦ୍ର ସରକାର ଚାହୁଁଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କ ଏହାକୁ କୋହଳ କରୁ, ଯାହା ଆର୍‌ବିଆଇ ଚାହୁଁନାହିଁ। ଏହି କାରଣରୁ ଆସନ୍ତା ବୋର୍ଡ ବୈଠକରେ ଆର୍‌ବିଆଇ ଉପରେ ଚାପ ପକାଇବାକୁ କେନ୍ଦ୍ର ଏହାର ମନୋନୀତ ସଦସ୍ୟଙ୍କ ଜରିଆରେ ପ୍ରୟାସ କରିବାକୁ ଯାଉଛି। ଯେଉଁ ବ୍ୟାଙ୍କ ଗୁଡ଼ିକର ଆର୍ଥିକ ସ୍ଥିତି ସୁଧୁରିଲାଣି ସେମାନଙ୍କ ପ୍ରତି ଆର୍‌ବିଆଇ କୋହଳ ମନୋଭାବ ପୋଷଣ କରୁ ବୋଲି କେନ୍ଦ୍ର ସରକାର ଯୁକ୍ତି କରୁଛନ୍ତି ବୋଲି ନାମ ଗୋପନ ରଖିବା ସର୍ତ୍ତରେ ଅଧିକାରୀ ଜଣକ କହିଛନ୍ତି। ଏନେଇ ଆର୍‌ବିଆଇକୁ ପ୍ରସ୍ତାବ ଦିଆଯାଇଛି। ତେବେ ଗତ ୧୯ ବୈଠକରେ ଗଭର୍ନର ଉର୍ଜିତ ପଟେଲ ଓ ତାଙ୍କ ଟିମ୍ ଚତୁରତାର ସହ ଏହାକୁ ଟାଳି ଦେଇଥିଲେ। କିନ୍ତୁ ଆସନ୍ତା ଡିସେମ୍ବର ୧୪ର ବୈଠକରେ ଏହି ପ୍ରସଙ୍ଗ ଉଠାଇ ସରକାର କେନ୍ଦ୍ରୀୟ ବ୍ୟାଙ୍କକୁ ଘେରିବାକୁ ଚେଷ୍ଟା କରିବେ ବୋଲି ଜଣାପଡ଼ିଛି। ଏହାଛଡ଼ା ଏମ୍‌ଏସ୍‌ଏମ୍‌ଇ ଓ ଏନ୍‌ବିଏଫ୍‌ସି ସେକ୍ଟରରେ ନଗଦ ଉପଲବ୍ଧ କରାଇବା ନେଇ ସରକାର ଆର୍‌ବିଆଇ ଉପରେ ଚାପ ସୃଷ୍ଟି କରିବାକୁ ଯାଉଛନ୍ତି, ଯାହା ପୂର୍ବ ବୋର୍ଡ ବୈଠକରେ ନିଷ୍ପତ୍ତି ହୋଇପାରି ନ ଥିଲା। ଅନ୍ୟପକ୍ଷରେ ଏନ୍‌ପିଏକୁ ନେଇ କେନ୍ଦ୍ରୀୟ ବ୍ୟାଙ୍କ ଏକ ଯୋଜନା ଉପସ୍ଥାପନ କରିପାରେ ବୋଲି ଆଶାକରାଯାଉଛି।



### ସଂସଦୀୟ କମିଟିକୁ ଲିଖିତ ଜବାବ ଦେବେ ଉର୍ଜିତ

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଉର୍ଜିତ ପଟେଲ ମଙ୍ଗଳବାର ସଂସଦୀୟ କମିଟି ସମ୍ମୁଖରେ ହାଜର ହୋଇଥିଲେ। ବିମୁଦ୍ରୀକରଣ ଓ ଅନାଦାୟ ଋଣ(ଏନ୍‌ପିଏ) ସମେତ ବିଭିନ୍ନ ପ୍ରସଙ୍ଗରେ ସେ କମିଟି ସଦସ୍ୟଙ୍କ ପ୍ରଶ୍ନର ସାମ୍ନା କରିଥିଲେ। ଅର୍ଥନୀତି ଉପରେ ବିମୁଦ୍ରୀକରଣର ପ୍ରଭାବ କ୍ଷଣିକ ଥିଲା ବୋଲି ସେ କହିଥିଲେ। ତେବେ କମିଟିକୁ ସବୁ ପ୍ରଶ୍ନର ଲିଖିତ ଜବାବ ଦେବେ ବୋଲି ଉର୍ଜିତ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ୧୦ରୁ ୧୫ ଦିନ ଭିତରେ ସେ ଲିଖିତ ଭାବେ ସବୁ ପ୍ରଶ୍ନର ଉତ୍ତର ଦେଇ ଦେବେ ବୋଲି କମିଟି ସଦସ୍ୟଙ୍କୁ ପ୍ରତିଶ୍ରୁତି ଦେଇଥିଲେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

**କେନ୍ଦ୍ରାପଡ଼ା ପୌରପରିଷଦ, କେନ୍ଦ୍ରାପଡ଼ା**

ଓଡ଼ିଶାର ସର୍ବପୁରାତନ ତଥା ଐତିହାସିକ ପୌରାଞ୍ଚଳ ଆପଣମାନଙ୍କୁ ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୧୮ ଉପଲକ୍ଷେ ଅଭିନନ୍ଦନ ଜଣାଉଛି। କେନ୍ଦ୍ରାପଡ଼ା ସହରକୁ ଏକ ଆଦର୍ଶ ସହରରେ ପରିଣତ କରିବା ପାଇଁ ପୌରପାଳିକା ତରଫରୁ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକର ଉନ୍ନତି ନିମନ୍ତେ ଆପଣଙ୍କ ସହଯୋଗ କାମନା କରୁଅଛୁ।

**ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଆମର ସଫଳତା ଓ ଲକ୍ଷ୍ୟ**

୧. ୪୦ ଲକ୍ଷ ଟଙ୍କା ବ୍ୟୟରେ ହଜାରିବଗିଚାସ୍ଥିତ ରାତ୍ର ଆଶ୍ରୟସ୍ଥଳୀର ଉଦ୍‌ଘାଟନ।
୨. ୨୦ ଲକ୍ଷ ଟଙ୍କା ବ୍ୟୟରେ ୪୭ ଗୋଟି ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଅଛି ଏବଂ ୨୦ ଲକ୍ଷ ଟଙ୍କା ବିନିମୟରେ ଭେଣ୍ଡିଂ ଜୋନ୍ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି।
୩. ୩୫ ଲକ୍ଷ ଟଙ୍କା ବ୍ୟୟରେ ୨ ଗୋଟି ନୂତନ ପାର୍କର ଭିତ୍ତି ପ୍ରସ୍ତର ସ୍ଥାପନ।
୪. ୭୧ ଲକ୍ଷ ଟଙ୍କା ବ୍ୟୟରେ ଉଦୟନଗରଠାରେ ମାର୍କେଟ କଂପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।
୫. ୩କୋଟି ଟଙ୍କା ବ୍ୟୟରେ କେନ୍ଦ୍ରାପଡ଼ାର ବିଭିନ୍ନ ୱାର୍ଡରେ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ।
୬. କେନ୍ଦ୍ରାପଡ଼ା ପୌରପାଳିକାରେ ଇଣ୍ଟରନାଲ୍ ଡ୍ରେନେଜ୍ ସିଷ୍ଟମର ଯୋଜନା ରହିଅଛି।
୭. ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୮୭ଜଣ ହିତାଧିକାରୀଙ୍କର ଗୃହକାର୍ଯ୍ୟ ଚାଲୁଅଛି ଏବଂ ଅଧିକ ୯୨ଜଣ ହିତାଧିକାରୀ ଚୟନ ହୋଇଅଛି।
୮. ୨କୋଟି ୭୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମହାଭୋଇ ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଟେଣ୍ଡର ଆହ୍ୱାନ ଜାରି ରହିଛି। ଏହାର ଭିତ୍ତିପ୍ରସ୍ତର ସ୍ଥାପନ।
୯. ସରକାରଙ୍କ ଦ୍ୱାରା EESL କମ୍ପାନୀ ଜରିଆରେ କେନ୍ଦ୍ରାପଡ଼ା ପୌରପାଳିକା ଅନ୍ତର୍ଗତ ଷ୍ଟ୍ରିଟ୍ ଲାଇଟଗୁଡ଼ିକ LED ବଲ୍‌ବ ଦ୍ୱାରା ଉଜ୍ଜ୍ୱଳ ଆଲୋକର ଶୁଭାରମ୍ଭ।
୧୦. କେନ୍ଦ୍ରାପଡ଼ା ସହର ଉପକଣ୍ଠ ତିନିମୁହାଣୀ, ପୁରୁଣା ମଟର ଷ୍ଟାଣ୍ଡ, ମେଡିକାଲ ଓ ଇଚ୍ଛାପୁରଠାରେ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ପରିସରରେ Highmast Light ଲଗାଯାଇଅଛି।
୧୧. ପ୍ରତ୍ୟେକ ୱାର୍ଡରେ 'ଉନ୍ନତି' ଯୋଜନାରେ ୨୫ ଲକ୍ଷ ଟଙ୍କା ବ୍ୟୟ କରାଯାଇ ପ୍ରତ୍ୟେକ ୱାର୍ଡରେ ରାସ୍ତା, ଡ୍ରେନ୍ ଓ କମ୍ୟୁନିଟି ସେଣ୍ଟରର ଶୁଭାରମ୍ଭ।
୧୨. ବିଜୁ ଯୁବ ବାହିନୀ ଗଠନ କରାଯାଇ ଯୁବଗୋଷ୍ଠୀଙ୍କୁ ନିୟୋଜନ।
୧୩. କେନ୍ଦ୍ରାପଡ଼ା କେନାଲ ଲକ୍ ଠାରୁ ସାନ୍ତସାହି ପର୍ଯ୍ୟନ୍ତ ସ୍ୱଚ୍ଛତା ଅଭିଯାନ ଶେଷ ହୋଇଛି।
୧୪. ଉର୍ଦ୍ଧ୍ୱ ଲାଇବ୍ରେରୀ ପାଖରେ ଚିକେନ୍ ମାର୍କେଟ ଖୋଲାଯାଇଛି।
୧୫. ପୌରାଞ୍ଚଳକୁ ଖୁବ୍ ଶୀଘ୍ର ODF ଭାବେ ଘୋଷଣା କରାଯିବ।

ଶ୍ରୀଯୁକ୍ତ ଦେବପ୍ରସାଦ ବଳ, ନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ସଞ୍ଜୟ କୁମାର ମିଶ୍ର, ଓ.ପ୍ର.ସେ. (ଏସ୍.ବି.), ପ୍ରଶାସକ, ଉପଜିଲ୍ଲାପାଳ, କେନ୍ଦ୍ରାପଡ଼ା

**କେନ୍ଦ୍ରାପଡ଼ା କ୍ରେଡ଼ିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ, କେନ୍ଦ୍ରାପଡ଼ା**

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟ ପରିସର ଅବିଭକ୍ତ କଟକ ଜିଲ୍ଲା ଯଥା- କେନ୍ଦ୍ରାପଡ଼ା ସମେତ ଜଗତ୍‌ସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସୀମିତ।
- ସଞ୍ଚୟ ଜମା (Saving Collection Account) ରେ ବାର୍ଷିକ ୪.୦୦% ସୁଧ Daily Balance ଉପରେ ଦିଆଯାଏ।
- ସ୍ଥାୟୀ ଜମା (Fixed Deposit) ରେ ୧ ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାର୍ଷିକ ୮.୫୦%, ୩ ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୂର୍ଦ୍ଧ ପାଇଁ ୯.୦୦% ସୁଧ ଦିଆଯାଏ।
- ବିଜୁ ପଟ୍ଟନାୟକ ବିକାଶପତ୍ର ' ୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (Senior Citizen) ଙ୍କ ଜମା ଉପରେ ୦.୫% ଅଧିକ ସୁଧ ଦିଆଯାଏ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ।
- କେନ୍ଦ୍ରାପଡ଼ା ପୌରାଞ୍ଚଳ ମୁଖ୍ୟରାସ୍ତା ସଂଲଗ୍ନ ବିଦ୍ୟୁତ ବିଭାଗ ଅଫିସ ସନ୍ନିକଟ କଜଳା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହନିର୍ମାଣ କାର୍ଯ୍ୟ ଆରମ୍ଭ।
- ଗ୍ରାହକମାନଙ୍କ ପାଇଁ ସମିତିରେ ଟଙ୍କା ଦେଣନେଣ କାରବାର ସଂପୂର୍ଣ୍ଣ କରମୁକ୍ତ।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାନମଙ୍ଗଳା ଛକ, ଆଳି, ସାଲେପୁର, ପାରାଦ୍ୱୀପ, ଜଗତସିଂହପୁର, ଯାଜପୁର ଟାଉନ୍, ରାହାମା, ଚୌଦ୍ୱାର, ଜଗତପୁର ଓ ବାଲିଚନ୍ଦ୍ରପୁରଠାରେ ଶାଖା ସୂଚାରୁରୂପେ କାର୍ଯ୍ୟ କରୁଅଛି।

ପ୍ରହ୍ଲାଦ ସାହୁ, ସଂପାଦକ, ମୋ- ୯୪୩୯୪୩୭୫୦୬
ପ୍ରମୋଦ ସାହୁ, ସଭାପତି, ମୋ- ୯୪୩୭୧୮୩୧୯୯

**ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର**

**ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସହରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ସହ ସହରକୁ ପରିଷ୍କାର ପରିଚ୍ଛନ୍ନ, ସୌନ୍ଦର୍ଯ୍ୟକରଣ ଓ ନିମ୍ନ ବିଷୟରେ ଆପଣମାନଙ୍କର ସହଯୋଗ କାମନା କରୁଅଛୁ।**

୧. ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ ସହଯୋଗ କରନ୍ତୁ।
୨. ଠିକ୍ ସମୟରେ ଟିକସ ପଇଠ କରନ୍ତୁ।
୩. ପରିଷଦରୁ ଆବଶ୍ୟକୀୟ ମଞ୍ଜୁରୀ ନେଇ ଘର ତିଆରି କରନ୍ତୁ।
୪. ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ଛାଡନ୍ତୁ ନାହିଁ।
୫. ପଲିଥିନ ବ୍ୟବହାର ବର୍ଜନ କରନ୍ତୁ।
୬. ଆବଶ୍ୟକୀୟ ଅନୁମତି ନେଇ ପାଣି ପାଇପ ସଂଯୋଗ କରନ୍ତୁ।
୭. ନିର୍ଦ୍ଧାରିତ ସମୟରେ ଲାଇସେନ୍ସ ନବୀକରଣ କରନ୍ତୁ।
୮. ସଠିକ ସମୟରେ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ କରାନ୍ତୁ।

ଶ୍ରୀ ଅଶୋକ କୁମାର ପାତ୍ର, ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର
ଶ୍ରୀ ସିଦ୍ଧାର୍ଥ ସିଂ ବରିହା, ନଗରପାଳ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର
ଉପନଗରପାଳ ଓ ସମସ୍ତ ସଭ୍ୟ / ସଭ୍ୟାବୃନ୍ଦ

**ଟିକାବାଲି ନିୟନ୍ତ୍ରିତ ବଜାର କମିଟି, ରାଇକିଆ, ଜିଲ୍ଲା- କନ୍ଧମାଳ**

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ଗୋଦାମ ଏବଂ ଦୋକାନ ଗୃହକୁ କୃଷିଜାତ ଦ୍ରବ୍ୟ କିଣାବିକା ସକାଶେ ନିୟନ୍ତ୍ରିତ ବଜାର କମିଟି ତରଫରୁ ବ୍ୟବସାୟୀମାନଙ୍କୁ ଭଡ଼ା ସୂତ୍ରରେ ଯୋଗାଇ ଦିଆଯିବା ପାଇଁ ସ୍ଥିର କରାଯାଇଅଛି। ଏଣୁ ଇଚ୍ଛୁକ ବ୍ୟବସାୟୀ ଆସନ୍ତା ତା୧୫।୧୨।୨୦୧୮ ସୁଦ୍ଧା ସେମାନଙ୍କର ପାସପୋର୍ଟ ସାଇଜ୍ ଏକ ଗୋଟି ଫଟୋ ଏବଂ ଆଧାର କାର୍ଡ ସହ ସାଦା କାଗଜରେ ଦରଖାସ୍ତ କରି ନିୟନ୍ତ୍ରିତ ବଜାର କମିଟିର ମୁଖ୍ୟ କାର୍ଯ୍ୟାଳୟ ରାଇକିଆ କିମ୍ବା ଟିକାବାଲି ସ୍ଥିତ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ଶ୍ରୀ ବିଶ୍ୱନାଥ ଗୌଡଙ୍କ ନିକଟରେ ଦାଖଲ କରିବାକୁ ଅନୁରୋଧ।

| କ୍ରମିକ ନଂ. | ବଜାର ପ୍ରାଙ୍ଗଣର ନାମ | ଦୋକାନ ଓ ଗୋଦାମ ଗୃହ କ୍ଷମତା | ଅମାନତଜମା ଟଙ୍କା | ମାସିକ ଭଡ଼ା |
|---|---|---|---|---|
| ୧. | ଟିକାବାଲି | ୫୦୦ ମେଟ୍ରିକ ଟନ ଗୋଦାମ ପ୍ରତି | ୫୦,୦୦୦/- | ୧୨,୦୦୦/- |
| ୨. | ଟିକାବାଲି | ଦୋକାନ ଗୃହ ପ୍ରତି | ୩୦,୦୦୦/- | ୨,୫୦୦/- |
| ୩. | କ. ନୂଆଗାଁ | ୫୦୦ ମେଟ୍ରିକ ଟନ ଗୋଦାମ ପ୍ରତି | ୫୦,୦୦୦/- | ୧୪,୦୦୦/- |

ଯୋଗାଯୋଗ: ୯୪୩୯୭୧୨୧୩୭ (ଟିକାବାଲି), ୯୪୩୮୨୧୨୪୪୯ (ରାଇକିଆ)

ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ଭା:ପ୍ର:ସେ
ଉପ-ଜିଲ୍ଲାପାଳ, ବାଲିଗୁଡା-ତଥା-ଅଧ୍ୟକ୍ଷ, ଟିକାବାଲି ନିୟନ୍ତ୍ରିତ ବଜାର କମିଟି, ରାଇକିଆ

**ଝାରସୁଗୁଡ଼ା ପୌର ପରିଷଦ**

- ଟଙ୍କା ୪୨.୧୩ କୋଟି ବିନିଯୋଗରେ ଝାରସୁଗୁଡା ପୌରପରିଷଦ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ସମ୍ପାଦିତ ହୋଇଛି।
- ହୋଲ୍‌ଡିଙ୍ଗ ଟିକସ ବାବଦରେ ଟଙ୍କା ୧୩,୦୩,୫୦,୨୦୧.୦୦ ଦୋକାନ ଗୃହ ଟିକସ ବାବଦରେ ଟଙ୍କା ୩୯,୬୬,୦୮୦.୦୦ ଗୃହ ନିର୍ମାଣ ମଞ୍ଜୁରୀ ପ୍ରଦାନ ବାବଦରେ ଟଙ୍କା ୯୭,୮୦,୮୨୦.୦୦ ଆଦାୟ କରାଯାଇଅଛି।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୩୨ ଟି ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ଓ ତନ୍ମଧ୍ୟରୁ ୧୭୨ ଟି ଗୃହର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଅଛି ଓ ୬୦ଟି ଗୃହର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଅଛି।
- ବି.ଆର୍.ଜି.ଏଫ. ଯୋଜନାରେ ୪୮ଟି ଗଭୀର ନଳକୂପ ଖନନ କରାଯାଇ ଓଭରହେଡ୍ ଟ୍ୟାଙ୍କ ମାଧ୍ୟମରେ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଅଛି।
- ବକେୟା ବିଦ୍ୟୁତ୍ ଶୁଳ୍କ ଏକକାଳୀନ ଟଙ୍କା ୨,୩୬,୪୦,୮୨୯.୦୦ ଫେବୃୟାରୀ - ୨୦୧୮ ପର୍ଯ୍ୟନ୍ତ ପୈଠ କରାଯାଇଅଛି।
- ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବିଜୁ ପଟ୍ଟନାୟକ ଛକରୁ କିସାନ୍ ଛକ ପର୍ଯ୍ୟନ୍ତ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଅଛି।
- ୩୫ ଲକ୍ଷ ଟଙ୍କା ବିନିମୟରେ ଝାଡେଶ୍ୱର ନାଳ ଉପରେ ପୋଲ ଓ ରିଟେନିଙ୍ଗ ୱାଲ୍ ନିର୍ମାଣ କାର୍ଯ୍ୟ କରାଯାଇଅଛି।
- କାଳୀ ମନ୍ଦିର, ଚାନ୍ଦମାରୀ (ଏକତାଲି ରୋଡ୍), ବି ଟି ଏମ୍ ଏବଂ ଝାଡେଶ୍ୱର ରୋଡଠାରେ ଶ୍ମଶାନ ଘାଟ ନିର୍ମାଣ କାଯାଇଅଛି।
- ୧୦୮ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଷଷ୍ଠ ବେତନ କମିଶନର ସୁପାରିସ ଅନୁଯାୟୀ ସମସ୍ତ ବକେୟା ପେନ୍‌ସନ ଓ ଗ୍ରାଚ୍ୟୁଟି ବାବଦକୁ ଟଙ୍କା ୬,୮୮,୫୬,୭୧୫.୦୦ ପ୍ରଦାନ କରାଯାଇଅଛି।
- ପୌରପରିଷଦ କାର୍ଯ୍ୟାଳୟର ପରିସର, ସଭାଗୃହ, ମୁଖ୍ୟଦ୍ୱାର, ଶୌଚାଳୟ ଆଦିର ପୁନଃନିର୍ମାଣ କାଯାଇଅଛି।
- ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ହିତାଧିକାରୀଙ୍କ ଦ୍ୱାରା ୧୬୫୮ଟି ପାଇଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସେଥି ମଧ୍ୟରୁ ୧୨୬୫ଜଣ ହିତାଧିକାରୀ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିଛନ୍ତି ତଥା ୪ ଗୋଟି ସର୍ବସାଧାରଣ ଓ ୨ ଗୋଟି ଗୋଷ୍ଠୀ ଶୌଚାଳୟର ନିର୍ମାଣ କାର୍ଯ୍ୟ ସରିଅଛି।
- ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧୨୦୨୨ ପରିବାରକୁ ରାସନ୍ କାର୍ଡ ବଣ୍ଟନ କରାଯାଇଅଛି।
- DAY-NULM ଯୋଜନାରେ ୬୦୧ଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଏବଂ ତନ୍ମଧ୍ୟରୁ ୩୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଘୂର୍ଣ୍ଣାୟମାନ ଅର୍ଥ ପ୍ରଦାନ।
- DAY-NULM ଯୋଜନାରେ ଅଦ୍ୟାବଧି ୩୨୭ ଜଣଙ୍କୁ ବ୍ୟକ୍ତିଗତ ଋଣ ପ୍ରଦାନ କରି ସ୍ୱାବଲମ୍ବୀ କରାଯାଇଅଛି ଏବଂ ୧୧୮ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରାଯାଇଅଛି।
- ଜାତୀୟ ସାମାଜିକ ସହାୟତା ଯୋଜନା ମାଧ୍ୟମରେ ୭୧୭ ଜଣ ହିତାଧିକାରୀଙ୍କୁ ଏବଂ ମଧୁବାବୁ ପେନ୍‌ସନ୍ ଯୋଜନା ମାଧ୍ୟମରେ ୪୯୨୧ଜଣ ହିତାଧିକାରୀଙ୍କୁ ପେନ୍‌ସନ୍ ପ୍ରଦାନ କରାଯାଇଅଛି।
- ଜାତୀୟ ପରିବାର ମଙ୍ଗଳ ଯୋଜନା ମାଧ୍ୟମରେ ୮୯ଜଣଙ୍କୁ ୧୪ ଲକ୍ଷ ୪୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଅଛି।
- ହରିଶ୍ଚନ୍ଦ୍ର ସହାୟତା ଯୋଜନାରେ ୮୧୩ଜଣ ହିତାଧିକାରୀଙ୍କୁ ୨୪ ଲକ୍ଷ ୩୯ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଅଛି।

**ପ୍ରଗତି ପଥେ:**

- ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ନୂତନ ଯୋଗ୍ୟ ହିତାଧିକାରୀ ଚୟନ ନିମନ୍ତେ ସର୍ଭେ କାର୍ଯ୍ୟ ଚାଲୁଅଛି।
- ଚମାରପଡା, ତଲିଭଟା, ଝରିଆନାଏର, ହରିଜନପଡା, ଝରିଆନଏର ଅଘରିଆପଡା ଓ ମାଳିମୁଣ୍ଡା ପାଖରେ ଶ୍ମଶାନ ଘାଟର ନିର୍ମାଣ କାର୍ଯ୍ୟ ଚାଲୁଅଛି।
- ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠି ଦ୍ୱାରା ୧ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମନମୋହନ ସ୍କୁଲ ଷ୍ଟାଡିୟମର ସମ୍ପ୍ରସାରଣ କାର୍ଯ୍ୟ ଚାଲୁଅଛି।
- ଓଡିଶା ତଳ ବସ୍ତିବାସିନ୍ଦାଙ୍କ ଭୂମି ଅଧିକାର ଅଧିନିୟମ ୨୦୧୭ ଅନୁସାରେ ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ଚିହ୍ନଟ କରି ୪୮୪ ବର୍ଗ ଫୁଟ ଜମି ପ୍ରଦାନ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରାଯାଇଅଛି।
- ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠି ଦ୍ୱାରା ୩ କୋଟି ୧୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ନୂତନ ଅଡିଟୋରିୟମର ନିର୍ମାଣ କାର୍ଯ୍ୟ ଚାଲୁଅଛି।
- ଝାରସୁଗୁଡା ସହରକୁ ସଂପୂର୍ଣ୍ଣ ଖୋଲା ମଳତ୍ୟାଗ ମୁକ୍ତ ସହର ରୂପେ ଘୋଷଣା କରିବାକୁ ପଦକ୍ଷେପ ନିଆଯାଉଅଛି।
- ବସ୍ତି ଅଞ୍ଚଳ ଓ ଗରିବ ପରିବାର ନିମନ୍ତେ ୨୦୦ ଗୋଟି ମୋଡ୍ୟୁଲାର ଗୋଷ୍ଠୀ ପାଇଖାନା ନିର୍ମାଣ ନିମନ୍ତେ ଟେଣ୍ଡର ଆବାହନ କରାଯାଇଅଛି।
- ୫ କୋଟି ଟଙ୍କାର ଉନ୍ନୟନ କାର୍ଯ୍ୟ ଆଗେଇ ଚାଲିଛି।

**ପରବର୍ତ୍ତୀ ଯୋଜନା:**

- ଝାରସୁଗୁଡା ପୌରାଞ୍ଚଳର ସମସ୍ତ ୨୪ ଟି ୱାର୍ଡକୁ ଇବ୍ ନଦୀରୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ।
- ସ୍ଲଟର ହାଉସ୍ ଓ ଚିଲ୍‌ଡ୍ରେନ୍ ପାର୍କ ନିର୍ମାଣ।
- ଉଠା ଦୋକାନୀମାନଙ୍କୁ ଥଇଥାନ କରିବା ନିମନ୍ତେ ଭେଣ୍ଡିଂ ଜୋନ୍ ନିର୍ମାଣ।
- ଟାଉନ୍ ହଲ୍‌ଠାରେ ତିନି ମହଲା କଲ୍ୟାଣ ମଣ୍ଡପ ନିର୍ମାଣ।
- ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠି ଦ୍ୱାରା ୧ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଏକ ସନ୍ତରଣାଗାର ନିର୍ମାଣ।
- ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠି ଦ୍ୱାରା ଝାଡେଶ୍ୱର, ବୁରୋମାଲ ଓ କାଳୀମନ୍ଦିର ଶ୍ମଶାନ ଘାଟରେ ଶବ ଦାହ ସଂସ୍କାର ପାଇଁ ଗ୍ୟାସ୍ ଚୁଲା ସ୍ଥାପନ।
- ସ୍ୱେରେଜ୍ ସିଷ୍ଟମ୍ ଓ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ।
- କଠିନ ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ଦୁଇଗୋଟି De-Centralized Composting Plant ସ୍ଥାପନ।
- ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କ୍ରମେ ସମଗ୍ର ରାଜ୍ୟରେ ପଲିଥିନ୍ ବ୍ୟବହାର ବନ୍ଦ ହେବାକୁ ଯାଉଥିବାରୁ ଝାରସୁଗୁଡା ପୌରାଞ୍ଚଳରେ ଆଗାମୀ ତା୦୨।୧୦।୨୦୧୮ରିଖ ଠାରୁ ସଂପୂର୍ଣ୍ଣ ନିଷେଧ ନିମନ୍ତେ ପଦକ୍ଷେପ ଗ୍ରହଣ।
- ପୌର ପରିଷଦ ଚାରିପାଖ ପ୍ରବେଶ ଦ୍ୱାରରେ ସ୍ୱାଗତମ ତୋରଣ ନିର୍ମାଣ।

ଶ୍ରୀଯୁକ୍ତ ହରିଶ ଗନାତ୍ରା, ଅଧ୍ୟକ୍ଷ, ଝାରସୁଗୁଡା-ପୌର ପରିଷଦ
ଶ୍ରୀମତୀ ଯାଜ୍ଞସେନୀ ନାଏକ, ଉପାଧ୍ୟକ୍ଷା, ଝାରସୁଗୁଡା-ପୌର ପରିଷଦ
ଶ୍ରୀଯୁକ୍ତ ରାମଚନ୍ଦ୍ର ପ୍ରଧାନ, କାର୍ଯ୍ୟ-ନିର୍ବାହୀ ଅଧିକାରୀ, ଝାରସୁଗୁଡା-ପୌର ପରିଷଦ

**ବୀରମିତ୍ରପୁର ପୌରପରିଷଦ**

**"ଧରିତ୍ରୀ"ର ୪୫ତମ ଜନ୍ମବାର୍ଷିକୀ-୨୦୧୮ ଅବସରରେ ବୀରମିତ୍ରପୁର ପୌରପରିଷଦ ସହରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସଙ୍ଗେ ସଙ୍ଗେ ଆମେ ସମସ୍ତେ ମିଶି ସଫା ସୁତୁରା ସହିତ ବୀରମିତ୍ରପୁର ସହରକୁ ସବୁଜ ସୁନ୍ଦର କରିବା ପାଇଁ ଶପଥ ନେବା।**

୧) ଠିକ୍ ସମୟରେ ପୌରପରିଷଦ ଟିକସ ପଇଠ କରନ୍ତୁ।
୨) ପୌରପରିଷଦଠାରୁ ଅନୁମତି ନେଇ ଗୃହ ନିର୍ମାଣ କରନ୍ତୁ।
୩) ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ।
୪) ସରକାରୀ ଓ ଜନସାଧାରଣ ଜମିକୁ ଜବରଦଖଲରୁ ମୁକ୍ତ ରଖନ୍ତୁ।
୫) ସ୍ୱଚ୍ଛ ଭାରତ ମିଶନ ଦ୍ୱାରା ବ୍ୟକ୍ତିଗତ ଘରୋଇ ପାଇଖାନା ନିର୍ମାଣ କରିବା ନିମନ୍ତେ ସୁଯୋଗ ନିଅନ୍ତୁ।
୬) ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବ ହିତାଧିକାରୀମାନେ ଗୃହ ନିର୍ମାଣ ନିମନ୍ତେ ସୁଯୋଗ ନିଅନ୍ତୁ।
୭) ପ୍ଲାଷ୍ଟିକ୍ କ୍ୟାରି ବ୍ୟାଗ୍ ବ୍ୟବହାର କରନ୍ତୁ ନାହିଁ।
୮) ଠିକ୍ ସମୟରେ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ କରାଇ ନିଅନ୍ତୁ।
୯) ଶିଶୁ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରାନ୍ତୁ ନାହିଁ।

ମଞ୍ଜୁ ଏକ୍କା, ଅଧ୍ୟକ୍ଷା
ଅଜିତ ରାଏ, ଉପାଧ୍ୟକ୍ଷ
ଶ୍ରୀ ସମ୍ବିତ ଦାଶ, ନିର୍ବାହୀ ଅଧିକାରୀ
ଏବଂ ସମସ୍ତ କାଉନ୍‌ସିଲର ବୃନ୍ଦ

**ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡା**

**ଜିଲ୍ଲାବାସୀ, ଚାଷୀଭାଇ ଓ ବ୍ୟବସାୟୀ ତଥା ଖାଉଟି ଭାଇମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ କମିଟିର ସମସ୍ତ ସଫଳତା ଓ ଆଗାମୀ ଦିନର ଲକ୍ଷ୍ୟ ପୂରଣ ନିମନ୍ତେ ସଦିଚ୍ଛା ଓ ସହଯୋଗ କାମନା କରୁଅଛି।**

(୧) ଓଡିଶା ରାଜ୍ୟ କୃଷିଜାତ ଦ୍ରବ୍ୟ ଉତ୍ପାଦନ ଓ ବିପଣନ ଆଇନ ୧୯୫୬ ଅନୁଯାୟୀ, ୧୯୭୯ ମସିହାରେ କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର କମିଟି ଗଠନ କରାଯାଇଅଛି। ଏହା ଚାଷୀ ଭାଇମାନଙ୍କର କୃଷିଜାତ ଦ୍ରବ୍ୟର ବିକ୍ରିବଟାର ସୁବ୍ୟବସ୍ଥା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ବଜାର ପ୍ରାଙ୍ଗଣମାନ ନିର୍ମାଣ କରି ଚାଷୀଭାଇମାନଙ୍କୁ ସୁବିଧା ଓ ସୁଯୋଗମାନ ଯୋଗାଇ ଦେଉଅଛି। ଫଳରେ ଜିଲ୍ଲାର ଅଗଣିତ ଚାଷୀଭାଇ ଓ ଖାଉଟିମାନେ ଉପକୃତ ହେଉଛନ୍ତି।
(୨) କେନ୍ଦ୍ରାପଡା ଜିଲ୍ଲାର ଜମଧରଠାରେ କମିଟିର ମୁଖ୍ୟ ବଜାର ପ୍ରାଙ୍ଗଣ ପ୍ରତିଷ୍ଠା କରାଯାଇଅଛି। ଏଠାରେ ଗତ ୧୫ ବର୍ଷଠାରୁ ସରକାରୀ ଧାନକ୍ରୟ କେନ୍ଦ୍ର ଖୋଲାଯାଇ ଚାଷୀଭାଇମାନଙ୍କ ଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ କ୍ରୟ କରାଯାଇ ଉଚିତ୍ ମୂଲ୍ୟ ପ୍ରଦାନ କରାଯାଉଅଛି। ଚଳିତ ୨୦୧୮-୧୯ ଖରିଫ ଋତୁରେ ଡିସେମ୍ବର-୨୦୧୮ର ତୃତୀୟ ସପ୍ତାହଠାରୁ ଚାଷୀଭାଇମାନଙ୍କଠାରୁ ସରକାରୀ ମୂଲ୍ୟରେ ଧାନ କ୍ରୟ କରାଯିବ।
(୩) କମିଟି ଅଧୀନରେ ଥିବା ୬ ଗୋଟି ଅର୍ଦ୍ଧ ସାପ୍ତାହିକ ପରିବା ହାଟ ଯଥା- ପଟ୍ଟାମୁଣ୍ଡାଇ, ଚାନ୍ଦୋଳ, ଛତା, ମାର୍ଶାଘାଇ, ଇନ୍ଦୁପୁର ଓ ରାଜନଗରଠାରେ କମିଟି ତରଫରୁ ଖୋଲାପିଣ୍ଡି, ଛାତପିଣ୍ଡି, ଛୋଟ ଗୋଦାମ ଗୃହ ଓ ଦୋକାନ ଗୃହମାନ ସ୍ଥାପନ କରାଯିବା ସହିତ ଚାଷୀଭାଇ ଓ ଖାଉଟିମାନଙ୍କର ବିକ୍ରବଟା ପାଇଁ ବିଜୁଳି ଆଲୋକ ଓ ଜଳ ଯୋଗାଣର ମଧ୍ୟ ସୁବ୍ୟବସ୍ଥା କରାଯାଇଅଛି।
(୪) ୫ (କ) ନମ୍ବର ଜାତୀୟ ରାଜପଥ, କେନ୍ଦ୍ରାପଡା ସହର ସନ୍ନିକଟ ଗୋପଛକଠାରେ କମିଟିର ନିଜସ୍ୱ ବଜାର ପ୍ରାଙ୍ଗଣ ସ୍ଥାପନ କରାଯାଇ ଚାଷୀଭାଇମାନଙ୍କର ବିକ୍ରିବଟା ନିମନ୍ତେ ଉପରୋକ୍ତ ସୁବିଧା ଓ ସୁଯୋଗମାନ ଯୋଗାଇ ଦିଆଯାଇଅଛି।
(୫) ଛତାହାଟଠାରେ ୨୦୦୧ ମସିହାଠାରୁ କୃଷକ ବଜାର ସ୍ଥାପନ କରାଯାଇ କୃଷକ ଭାଇମାନଙ୍କର ବିକ୍ରିବଟା ନିମନ୍ତେ ଉପରୋକ୍ତ ସୁବିଧା ଓ ସୁଯୋଗମାନ ଯୋଗାଇ ଦିଆଯାଇଅଛି।
(୬) ଚଳିତ ୨୦୧୮-୧୯ ( ବିପଣନ) ବର୍ଷରେ କେନ୍ଦ୍ରାପଡା ଜିଲ୍ଲାର ଆଳି ଓ ରାଜକନିକାଠାରେ ସରକାରୀ ଅନୁଦାନରେ ନୂତନ ବଜାର ପ୍ରାଙ୍ଗଣମାନ ନିର୍ମାଣ କରାଯାଇ ଚାଷୀଭାଇମାନଙ୍କର କୃଷିଜାତ ଦ୍ରବ୍ୟ ବିକ୍ରିବଟାର ସୁବନ୍ଦୋବସ୍ତ କରାଯିବ।
(୭) ଚଳିତ ୨୦୧୮-୧୯ (ବିପଣନ) ବର୍ଷରେ ମୁଖ୍ୟ ବଜାର ପ୍ରାଙ୍ଗଣ, ଜମଧରଠାରେ ଜିଲ୍ଲାର ଚାଷୀଭାଇମାନଙ୍କର ପନିପରିବା ସଂରକ୍ଷଣ ପାଇଁ ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତାରେ ଏକ ଅତ୍ୟାଧୁନିକ ଶୀତଳ ଭଣ୍ଡାର ନିର୍ମାଣ କରାଯିବା ପାଇଁ ସରକାରୀସ୍ତରରେ ସ୍ଥିର ହୋଇଅଛି। ଏହାର ନିର୍ମାଣକାର୍ଯ୍ୟ ଶେଷ ହେବାପରେ ଜିଲ୍ଲାର ଚାଷୀଭାଇମାନେ ସେମାନଙ୍କର ବଳକା ପନିପରିବା ଏଠାରେ ସଂରକ୍ଷଣ କରି ଉଚିତ ମୂଲ୍ୟ ପାଇପାରିବେ।
(୮) ଆଗାମୀ ଦିନରେ କମିଟି ଏହାର ପ୍ରତି ବଜାର ପ୍ରାଙ୍ଗଣରେ କମ୍ପ୍ୟୁଟରୀକରଣ କରିବାର ଲକ୍ଷ୍ୟ ରଖିଛି। ଏହା କାର୍ଯ୍ୟକାରୀ ହେଲେ, ଚାଷୀଭାଇମାନେ ସେମାନଙ୍କର ଉତ୍ପାଦିତ କୃଷିଜାତ ଦ୍ରବ୍ୟର ପ୍ରକୃତ ମୂଲ୍ୟ ଇଣ୍ଟରନେଟ ମାଧ୍ୟମରେ ଜାଣିବା ପାଇଁ ସକ୍ଷମ ହୋଇପାରିବେ।

ଶ୍ରୀ ଅଜୟ କୁମାର ରାଉତ, ସଂପାଦକ, ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡା
ଶ୍ରୀଯୁକ୍ତ ସଞ୍ଜୟ କୁମାର ମିଶ୍ର (ଓ.ପ୍ର.ସେ.-୧), ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି ତଥା ଉପ ଜିଲ୍ଲାପାଳ, କେନ୍ଦ୍ରାପଡା

ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ

DISTRICT PROJECT OFFICE
SARVA SHIKSHYA ABHIYAN, JHARSUGUDA

Letter No. 2433/MIS/18 Dt.26.11.2018

**TENDER CALL NOTICE**

The DPC, RTE-SSA, Jharsuguda invites the Tender Call notice for supply of computer table and chair for 9 CAL schools of Jharsuguda. The last date of receipt of tender paper is **Dt.24.12.2018** up to **5 P.M.** by Speed/Registered Post only.

Interested and Eligible suppliers may download all the detailed specifications, terms and conditions from district and OPEPA website **www.jharsuguda.nic.in**, **www.opepa.odisha.gov.in**.

By order of Collector–Cum–Chairman, RTE, SSA, Jharsuguda

**Sd./- District Project Coordinator, RTE, SSA, Jharsuguda**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar -751 022 (Odisha)
Tel: 0674-2540051 (EPABX) CIN: U40102OR2004SGC007553
OPTCL Lifeline of Odisha

**NOTICE INVITING TENDER (NIT)**
**(DOMESTIC COMPETITIVE e-BIDDING)**

**e-TENDER NOTICE NO.: CPC-45/2018-19** **Date: 28.11.2018**

ODISHA POWER TRANSMISSION CORPORATION LTD.(OPTCL), Bhubaneswar invites bids (in e-tendering mode only) under single stage two-envelop system from reputed EPC / Turnkey Contractors for **Engineering, Supply, Erection and Commissioning of EHT Towers for heightening and rerouting of existing 33KV and 11KV lines crossing at 7 (seven) nos. locations over river Kharashrota for getting adequate Navigational clearance to National Water Ways-5 from Alpua to Pankapal Range at an Estimated Cost of the Package for Rs.11.79 Crore on "TURNKEY CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents are available on **"www.tenderwizard.com/OPTCL"** portal from Dt.**(28.11.2018) / (11:00)AM** up to Dt.**(26.12.2018) / (12:45)PM**. Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/ OPTCL"** for further detail.

**Note :** Bidders are requested to regularly visit Official website of OPTCL / Tender Portal only for amendment / errata / corrigendum (if any) and any other information regarding these tenders, as the same shall be published only on the OPTCL website / Tender Portal.

Sd/- **Chief General Manager (CPC)**
**e-Mail: sgm.cpc@optcl.co.in**

**CR Advt. No. 62/2018-19**

Please connect us: optcl.odisha optcl_odisha energyodisha



ପୁରୁଷ ହକି ବିଶ୍ୱକପ୍ ୨୦୧୮ର ଉଦ୍‌ଘାଟନୀ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବଲିଉଡ୍ ସୁପରଷ୍ଟାର୍ ଶାହରୁଖ୍ ଖାନ୍‌ଙ୍କ ସମେତ ୧୬ ଦଳର ଅଧିନାୟକ।

## ଓଡ଼ିଶାବାସୀ ହକିର ସର୍ବଶ୍ରେଷ୍ଠ ପ୍ରଶଂସକ

**ଭୁବନେଶ୍ୱର, ୨୭।୧୧(କ୍ରୀଡ଼ା ପ୍ରତିନିଧି):** ''ହକି ବିଶ୍ୱକପ ଇତିହାସରେ ଯାହା ପୂର୍ବରୁ କେବେ ହୋଇ ନ ଥିଲା ତାହା ଓଡ଼ିଶା କରି ଦେଖାଇଲା। ପୂର୍ବ ୧୩ଟି ସଂସ୍କରଣଠାରୁ ଏଥର ନିଆରା ଭାବରେ ବିଶ୍ୱକପ ଆରମ୍ଭ କରି ଓଡ଼ିଶା ଉଦାହରଣ ସୃଷ୍ଟି କଲା। ଏଥିପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଯେତେ ପ୍ରଶଂସା କଲେ କମ୍ ହେବ'' ବୋଲି ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ ଉଦ୍‌ଘାଟନ ଅବସରରେ ପ୍ରକାଶ କରିଛନ୍ତି ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫଆଇଏଚ୍) ସଭାପତି ନରିନ୍ଦର ବାତ୍ରା। ଓଡ଼ିଶାବାସୀ ହେଉଛନ୍ତି ହକିର ସର୍ବଶ୍ରେଷ୍ଠ ପ୍ରଶଂସକ। ୨୦୧୩ରେ ଆମକୁ ହକି ବିଶ୍ୱକପ ଆୟୋଜନ ଅଧିକାର ମିଳିଥିଲା। ୨୦୧୮ରେ ଓଡ଼ିଶାରେ ଏବେ ତାହା ଆୟୋଜନ ହେବାକୁ ଯାଉଛି। ଖାଲି ଆୟୋଜନ ହୋଇନାହିଁ, ଯେପରି ଢଙ୍ଗରେ ଆୟୋଜନ ହୋଇଛି ତାହା ବିଶ୍ୱରେ ଏକ ନଜିର ସୃଷ୍ଟି କରିଛି। ଓଡ଼ିଶା ବାସୀଙ୍କ ପାଇଁ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ। ଷ୍ଟାଡିୟମରେ ଭରପୂର ସଂଖ୍ୟାରେ ଉପସ୍ଥିତ ହୋଇ ଯେପରି ହକିକୁ ଆପଣମାନେ ସମର୍ଥନ ଜଣାଇଛନ୍ତି ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ। ଏଥିପାଇଁ ହକି ଇଣ୍ଡିଆ, ଓଡ଼ିଶା ସରକାରଙ୍କୁ ଧନ୍ୟବାଦ। ହକି ବିଶ୍ୱକପ କେଉଁ ସ୍ତରରେ ହେବା ଆବଶ୍ୟକ ତାହା ଓଡ଼ିଶା କରି ଦେଖାଇ ଦେଇଛି। କଳିଙ୍ଗ ଷ୍ଟାଡିୟମ ବିଶ୍ୱର ଶ୍ରେଷ୍ଠ ୩ ଷ୍ଟାଡିୟମ ମଧ୍ୟରେ ଅନ୍ୟତମ ହୋଇ ପାରିଛି। ଏଥିପାଇଁ ସମସ୍ତ ଶ୍ରେୟ ମୁଖ୍ୟମନ୍ତ୍ରୀଙ୍କୁ ଦେବାକୁ ପଡ଼ିବ। କାରଣ ତାଙ୍କ ଭରପୂର ସମର୍ଥନ ଯୋଗୁ ଏହା ସମ୍ଭବ ହୋଇ ପାରିଛି ଏବଂ ଓଡ଼ିଶା ଏବେ ଭାରତର କ୍ରୀଡ଼ା ରାଜଧାନୀ ହେବା ପଥରେ ରହିଛି। ଏଠାରେ ମିଳିଥିବା ସମର୍ଥନରେ ବାସ୍ତବିକ୍ ମୁଁ ବହୁତ ଖୁସି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର.ରହମନଙ୍କ ଉପସ୍ଥିତି ଆମ ସମସ୍ତଙ୍କୁ ଉତ୍ସାହିତ କରିଛି। ଆମେ ଓଡ଼ିଶା ବାସୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଚିର କୃତଜ୍ଞ ବୋଲି ଓଡ଼ିଆରେ କହିଥିଲେ ବାତ୍ରା।

# ଉଦ୍‌ଘାଟନୀ ଝଲକ


ଷ୍ଟାଡ଼ିୟମ୍‌କୁ ପ୍ରବେଶ ଅବସରରେ ବଲିଉଡ୍ ସୁପରଷ୍ଟାର୍ ଶାହରୁଖ୍ ଖାନ୍।




ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ୍‌ଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

## ଫ୍ୟାନ୍ କର୍ଣ୍ଣର








ଷ୍ଟାଡ଼ିୟମ୍ ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ଟିକେଟ୍ ପ୍ରଦର୍ଶନ କରୁଛନ୍ତି ହକିପ୍ରେମୀ । ଜଣେ କୁନି ପ୍ରଶଂସକ ହକି ଚିତ୍ରିତ ଏକ ଫଟୋ ଧରିଛନ୍ତି। କଟକଣା ଯୋଗୁ ଦର୍ଶକଙ୍କଠାରୁ ପୋଲିସ କଏନ ଜବତ କରି ରଖିଛି।

# ଆଜି ଦକ୍ଷିଣ ଆଫ୍ରିକାକୁ ଭେଟିବ ଭାରତ

ଭୁବନେଶ୍ୱର, ୨୭।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶାରେ ବାଜିସାରିଛି ହକି ବିଗୁଲ୍। ମଙ୍ଗଳବାର ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମରେ ବଲିଉଡ୍‌ର ନାମୀଦାମୀ ତାରକାଙ୍କ ଉପସ୍ଥିତିରେ ଆଖି ଝଲସିବା ଭଳି ଉଦ୍‌ଘାଟନୀ ଉତ୍ସବ ସହ ହକି ବିଶ୍ୱକପ୍‌ର ଚର୍ତୁଦଶ ସଂସ୍କରଣ ଆରମ୍ଭ ହୋଇଛି। ବୁଧବାରଠାରୁ କାର୍ଯ୍ୟସୂଚୀ ଅନୁଯାୟୀ ମ୍ୟାଚ୍ ଆରମ୍ଭ ହେବ। ବେଲଜିୟମ ଓ କାନାଡା ମଧ୍ୟରେ ସନ୍ଧ୍ୟା ୫ଟାରେ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ।

**ଆଜିର ମ୍ୟାଚ୍**

ବେଲଜିୟମ ବନାମ କାନାଡା
ପୁଲ୍-ସି
ସମୟ ଅପରାହ୍ନ- ୫ଟା

ଭାରତ ବନାମ ଦକ୍ଷିଣ ଆଫ୍ରିକା
ପୁଲ୍- ସି
ସମୟ- ରାତି ୭ଟା
ସ୍ଥାନ- କଳିଙ୍ଗ ଷ୍ଟାଡିୟମ

**ପ୍ରସାରଣଃ ଷ୍ଟାର୍ ସ୍ପୋର୍ଟ୍ସ**



କୋଚ୍ ହରେନ୍ଦ୍ର ସିଂଙ୍କ ସହ ଭାରତୀୟ ଦଳର ଖେଳାଳିମାନେ।

ଏହାପରେ ରାତି ୭ଟାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳି ଆୟୋଜକ ଭାରତୀୟ ଦଳ ବିଶ୍ୱକପ୍‌ରେ ଏହାର ଅଭିଯାନ ଆରମ୍ଭ କରିବ। ଘରୋଇ ପରିବେଶରେ ଭାରତ ବିଶ୍ୱ ହକିର ଏହି ସର୍ବବୃହତ ଇଭେଣ୍ଟ ଖେଳିବାକୁ ଯାଉଥିବାରୁ ମନପ୍ରୀତ୍ ସିଂଙ୍କ ଦଳକୁ ଟାଇଟଲ୍ ଫେଭରାଇଟ୍ ଭାବେ ବିବେଚନା କରାଯାଉଛି। ତେଣୁ ଦୀର୍ଘ ୪୩ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତ ପୁଣିଥରେ ବିଶ୍ୱବିଜେତା ହେବ ବୋଲି କ୍ରୀଡ଼ାପ୍ରେମୀ ଆଶା ରଖିଛନ୍ତି।

ଆଠଥର ଅଲିମ୍ପିକ୍ସ ଚାମ୍ପିୟନ ଭାରତ ପ୍ରଥମ ଓ ଅନ୍ତିମଥର ଲାଗି ୧୯୭୫ରେ ବିଶ୍ୱକପ୍ ଟାଇଟଲ ଜିତିଥିଲା। ଅଧିନାୟକ ଅଜିତ୍ ପାଲ୍ ସିଂଙ୍କ ନେତୃତ୍ୱରେ ଭାରତୀୟ ହକି ଦଳ ମାଲେସିଆରେ ଖେଳାଯାଇଥିବା ଫାଇନାଲରେ ପାକିସ୍ତାନକୁ ୨-୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଏହାପରଠାରୁ ୪ ଦଶନ୍ଧି ଧରି ବିଶ୍ୱହକିରେ ନେଦରଲାଣ୍ଡ୍ସ, ଜର୍ମାନୀ ଓ ଅଷ୍ଟ୍ରେଲିଆର ପ୍ରାଧାନ୍ୟ ଆଗରେ ଭାରତୀୟ ଦଳ ଆଶାନୁରୂପ ସଫଳତା ପାଇ ନ ଥିଲା। ୧୯୭୫ରେ ବିଶ୍ୱକପ୍ ଜିତିବାର ପରବର୍ତ୍ତୀ ୧୦ଟି ସଂସ୍କରଣରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ ୫ମ ସ୍ଥାନ ରହିଛି। ୧୯୮୨ରେ ମୁମ୍ବାଇରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଭାରତ ଏହି ସ୍ଥାନ ହାସଲ କରିଥିଲା। ବର୍ତ୍ତମାନ ବିଶ୍ୱହକିର ପଞ୍ଚମ ସ୍ଥାନରେ ରହିଥିବା ଭାରତୀୟ ଦଳ ସେମିଫାଇନାଲରେ ପ୍ରବେଶ କରି ପୋଡିୟମ ଫିନିଶ୍ କରିବା ଲକ୍ଷ୍ୟରେ ରହିଛି। କିନ୍ତୁ ଦୁଇଥର ବିଶ୍ୱବିଜେତା ଅଷ୍ଟ୍ରେଲିଆ, ନେଦରଲାଣ୍ଡ୍ସ, ଜର୍ମାନୀ ଓ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା ପରି ଶକ୍ତିଶାଳୀ ଦଳ ବିଶ୍ୱକପ୍ ଟାଇଟଲ ହାସଲ କରିବା ଲକ୍ଷ୍ୟରେ ଭୁବନେଶ୍ୱରରେ ପହଞ୍ଚିଥିବାରୁ ଭାରତ ଚାମ୍ପିୟନ ହେବାନେଇ କୋଟି କୋଟି କ୍ରୀଡ଼ାପ୍ରେମୀ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ସେତେଟା ସହଜ ହେବନାହିଁ। ଭାରତ ଶେଷଥର ପାଇଁ ଘରୋଇ ଗ୍ରାଉଣ୍ଡରେ ନୂଆଦିଲ୍ଲୀଠାରେ ୨୦୧୦ରେ ବିଶ୍ୱକପ୍ ଖେଳିଥିଲା। ଏହି ବିଶ୍ୱକପ୍‌ରେ ଭାରତ ନୈରାଶ୍ୟଜନକ ପ୍ରଦର୍ଶନ କରି ୮ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା, ଯାହା ଆୟୋଜକ ଦେଶ ଭାବେ କୌଣସି ଦେଶ ପାଇଁ ସବୁଠାରୁ ଖରାପ ପ୍ରଦର୍ଶନ। ମୁଖ୍ୟକୋଚ୍ ହରେନ୍ଦ୍ର ସିଂଙ୍କ ନେତୃତ୍ୱରେ ଭାରତୀୟ ଦଳ କିନ୍ତୁ ଏଥର ଘରୋଇ ପ୍ରଶଂସକଙ୍କ ଆଗରେ କମାଲ କରିବା ଲକ୍ଷ୍ୟରେ ରହିଛି। ଚଳିତ ବର୍ଷ ଏସିଆନ ଗେମ୍ସରେ ଭାରତୀୟ ଦଳ ଟାଇଟଲ ବଜାୟ ରଖିବାରେ ବିଫଳ ହୋଇଥିବାରୁ ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ ବର୍ତ୍ତମାନ ସ୍କାନରରେ ରହିଛନ୍ତି। ବିଶ୍ୱକପ୍‌ରେ ଯଦି ଭାରତ ଆଶାନୁରୂପକ ପ୍ରଦର୍ଶନ କରିବାରେ ବିଫଳ ହୁଏ ତେବେ ହରେନ୍ଦ୍ରଙ୍କ ପଦ ସଙ୍କଟକୁ ଚାଲିଆସିବ। ତେଣୁ ହରେନ୍ଦ୍ରଙ୍କ ପାଇଁ ଏହି ବିଶ୍ୱକପ୍ 'କର ବା ମର' ସଦୃଶ ହୋଇଛି। ଦୁଇବର୍ଷ ତଳେ ଲକ୍ଷ୍ନୌରେ ଅନୁଷ୍ଠିତ ଜୁନିୟର ବିଶ୍ୱକପ୍‌ରେ ଭାରତ ଚାମ୍ପିୟନ ହୋଇଥିଲା। ହରେନ୍ଦ୍ର ସେହି ସମୟରେ ଭାରତୀୟ ଦଳର କୋଚ୍ ରହିଥିଲେ। ତେଣୁ ହରେନ୍ଦ୍ର ଦୁଇବର୍ଷ ତଳର ଏହି ସଫଳତା ଏବେ ସିନିୟର ଦଳ ସହ ଦୋହରାଇବା ଆଶାରେ ରହିଛନ୍ତି। ୧୮ଜଣିଆ ଭାରତୀୟ ଦଳରେ ଦୁଇ ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ୍ ରୋହିଦାସ ସ୍ଥାନ ପାଇଥିବାରୁ କଳିଙ୍ଗ ଷ୍ଟାଡିୟମରେ ହକିପ୍ରେମୀ ସେମାନଙ୍କଠାରୁ ଉନ୍ନତ ପ୍ରଦର୍ଶନ ଆଶା ରଖିଛନ୍ତି।

**୪୩ ବର୍ଷ ପ୍ରତୀକ୍ଷାର ଅନ୍ତ ଲକ୍ଷ୍ୟରେ ମନପ୍ରୀତ୍ ସେନା**

**ଭାରତୀୟ ହକି ଦଳ**

ପି.ଆର୍. ଶ୍ରୀଜେସ, କ୍ରୀଷ୍ଣା ବାହାଦୁର ପାଠକ (ଉଭୟ ଗୋଲକିପର), ହରମନପ୍ରୀତ୍ ସିଂ, ବୀରେନ୍ଦ୍ର ଲାକ୍ରା, ବରୁଣ କୁମାର, କୋଠଜିତ୍ ସିଂ ଖଙ୍ଗଡବାମ୍, ସୁରେନ୍ଦ୍ର କୁମାର, ଅମିତ୍ ରୋହିଦାସ (ସମସ୍ତେ ଡିଫେଣ୍ଡର), ମନପ୍ରୀତ୍ ସିଂ (ଅଧିନାୟକ), ଚିଙ୍ଗଲେନସାନା ସିଂ କଙ୍ଗୁଜାମ୍ (ଉପଅଧିନାୟକ), ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ, ସୁମିତ୍ (ସମସ୍ତେ ମିଡ୍‌ଫିଲ୍ଡର), ଆକାଶଦୀପ୍ ସିଂ, ମନଦୀପ୍ ସିଂ, ଦିଲପ୍ରୀତ୍ ସିଂ, ଲଳିତ୍ କୁମାର ଉପାଧାୟା ଓ ସିମରନଜିତ୍ ସିଂ (ସମସ୍ତେ ଫରୱାର୍ଡ), ମୁଖ୍ୟକୋଚ୍- ହରେନ୍ଦ୍ର ସିଂ।

# 'ପୂର୍ବରୁ କେବେ ଏପରି ସମ୍ବର୍ଦ୍ଧନା ପାଇ ନ ଥିଲି'

ଧ୍ୟାନଚାନ୍ଦଙ୍କ ସହ ମୋ ନାମ ଯୋଡ଼ି ହୋଇଥିବାରୁ କେବଳ ତାଙ୍କ ପୁଅଭାବେ ନୁହେଁ ଜଣେ ଖେଳାଳି ହିସାବରେ ମଧ୍ୟ ମୋର କିଛି କରିବାର ଇଚ୍ଛା ମନରେ ରହିଥିଲା। ଆଉ ଏହି ସୁଯୋଗ ୧୯୭୫ ବିଶ୍ୱକପ୍‌ରେ ମୋତେ ମିଳିଥିଲା। ପାକିସ୍ତାନ ବିପକ୍ଷ ଫାଇନାଲରେ ମ୍ୟାଚ୍ ବିଜୟୀ ଗୋଲଟି ମୋ ଷ୍ଟିକ୍ସରୁ ସ୍କୋର ହୋଇଥିବାରୁ ଜଣେ ଖେଳାଳିଭାବେ ତା'ର ଅନୁଭୂତି ମୋ ଲାଗି ଆଜି ବି ସ୍ମରଣୀୟ ହୋଇ ରହିଛି। ବିଶ୍ୱକପ୍ ପରେ ଯେତେବେଳେ ଘରକୁ ଫେରିଲି ମୋ ପିତା କିଛି ନ କହି ଦୁଇଥର ପିଠି ଥାପୁଡ଼ି ଦେଇଥିଲେ, ଯାହା ମୋ ଲାଗି ସମ୍ମାନ ସଦୃଶ ଥିଲା ଏବଂ ଏହାକୁ ଆଜି ପର୍ଯ୍ୟନ୍ତ ଭୁଲିପାରିନାହିଁ ବୋଲି ୧୯୭୫ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସଦସ୍ୟ ରହିଥିବା ଅଶୋକ କୁମାର ଧ୍ୟାନଚାନ୍ଦ ଭୁବନେଶ୍ୱରରେ ପହଞ୍ଚିବା ପରେ କହିଛନ୍ତି। ୧୯୭୫ରେ ବିଶ୍ୱ ଚାମ୍ପିୟନ ହେବାର ଶ୍ରେୟ ପୂରା ଦଳକୁ ଯିବ। ସମସ୍ତ ଖେଳାଳିଙ୍କ କମାଲ ଯୋଗୁ ଆମେ ବିଶ୍ୱକପ୍ ଜିତିପାରିଥିଲୁ ବୋଲି କିମ୍ବଦନ୍ତୀ ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ପୁତ୍ର ଅଶୋକ ଏହି ଅବସରରେ ପ୍ରକାଶ କରିଛନ୍ତି।



ଅଶୋକ କୁମାର ଧ୍ୟାନଚାନ୍ଦ

ଆଜି ଯେଉଁଭଳି ଭାବେ ଆମକୁ ଏଠାରେ ସମ୍ବର୍ଦ୍ଧିତ କରାଯାଇଛି ୧୯୭୫ରେ ମାଲେସିଆରୁ ବିଶ୍ୱକପ୍ ଜିତି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାପରେ ସେତେବେଳେ ମଧ୍ୟ ଏହିଭଳି ସମ୍ବର୍ଦ୍ଧନା ମୁଁ ଭାବୁଛି ମିଳି ନ ଥିଲା। ସେହି ସ୍ମୃତି ଆଜି ଭୁବନେଶ୍ୱରରେ ମନେ ପଡ଼ିଯାଇଛି। କଳିଙ୍ଗ ଷ୍ଟାଡିୟମରେ ଏହିଭଳି ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ରହିଥିବାରୁ ବିଶ୍ୱକପ୍ ଆୟୋଜନ କରିବାର ଅଧିକାର ଓଡ଼ିଶାକୁ ମିଳିଛି। ସେହିଭଳି ଏତେ ବଡ଼ ଇଭେଣ୍ଟ ଆୟୋଜନ କରିବାର ଦାୟିତ୍ୱ ହାତକୁ ନେଇଥିବାରୁ ବିଶେଷ କରି ହକିରେ ଆମେ ଯେଉଁ ପୂର୍ବ ଗୌରବକୁ ହରାଇଥିଲୁ ତାହାକୁ ପୁଣିଥରେ ଉଜ୍ଜିବିତ କରିବାରେ ଓଡ଼ିଶା ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ପଦକ୍ଷେପ ନେଇଛନ୍ତି ସେଥିଲାଗି ତାଙ୍କୁ ଅଭିନନ୍ଦନ ଜଣାଉଛି ବୋଲି ଧ୍ୟାନଚାନ୍ଦ କହିଛନ୍ତି। ବର୍ତ୍ତମାନର ଭାରତୀୟ ହକି ଦଳ ୧୯୭୫ ବିଶ୍ୱକପ୍ ସଫଳତା ଦୋହରାଇବ ବୋଲି ଧ୍ୟାନଚାନ୍ଦ ଆଶା ରଖିଛନ୍ତି।

# କଳିଙ୍ଗରେ ସରିଲା, ଆଜି ବାରବାଟୀ

**କଟକ ଅଫିସ, ୨୭।୧୧:** ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ମହାସମାରୋହରେ ଶେଷ ହୋଇଛି । ତେବେ ବୁଧବାର ଉତ୍ସବର ଦ୍ୱିତୀୟ ପଯର୍ୟାୟ ବାରବାଟୀରେ ଅନୁଷ୍ଠିତ ହେବ । ବାରବାଟୀ ଷ୍ଟାଡିୟମ ପଡ଼ିଆରେ ପ୍ରାୟ ୧୦୦ଫୁଟ ଲମ୍ବର ଏକ ଆକର୍ଷଣୀୟ ମଞ୍ଚର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ । ମଞ୍ଚ ସୋମବାର ସୁଦ୍ଧା ଶେଷ ହୋଇ ମଙ୍ଗଳବାର ସନ୍ଧ୍ୟାରେ କଳାକାରମାନେ ଅଭ୍ୟାସ କରିବେ ବୋଲି ପୂର୍ବରୁ ଯୋଜନା ହୋଇଥିଲେ ମଧ୍ୟ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ମଞ୍ଚ ତିଆରି କାଯର୍ୟ ଜାରି ରହିଥିଲା ।

### ୧୦.୩୦ରୁ ଖୋଲିବ ଗେଟ୍

ଦର୍ଶକମାନଙ୍କ ନିମନ୍ତେ ସକାଳ ୧୦.୩୦ରୁ ଷ୍ଟାଡିୟମରେ ପ୍ରବେଶ କରିବାକୁ ଅନୁମତି ମିଳିଛି । ବିଭିନ୍ନ ଗ୍ୟାଲେରୀ ଓ ପଡ଼ିଆ ମଧ୍ୟକୁ ଯିବା ନିମନ୍ତେ ମୋଟ ୧୫ଟି ଗେଟ ଖୋଲାଯିବ । ସୂଚନା ଥାଉକି, ବାରବାଟୀରେ ହେବାକୁ ଥିବା ଏହି ରଙ୍ଗାରଙ୍ଗ କାଯର୍ୟକ୍ରମ ପାଇଁ ଗ୍ୟାଲେରୀ ନଂ-୧, ୨, ୫, ୬, ୭, ସ୍ପେସାଲ ଏନ୍‌କ୍ଲୋଜର-ଏ, ସ୍ପେସାଲ ଏନ୍‌କ୍ଲୋଜର-ବି, କ୍ଲବ ହାଉସ ଗ୍ରାଉଣ୍ଡ ଫ୍ଲୋର ଓ ଗ୍ରାଉଣ୍ଡରେ ଦର୍ଶକମାନେ ବସି ପାରିବେ । କର୍ପୋରେଟ ବକ୍ସ ସମ୍ମୁଖକୁ ଶୋର ମଞ୍ଚ ହେଉଥିବା ହେତୁ ଅନ୍ୟ କିଛି ଗ୍ୟାଲେରୀ ବାଦ୍ ପଡ଼ିଛି ।

### ସଲମାନଙ୍କ ଆସିବା ନେଇ ସନ୍ଦେହ

ବାରବାଟୀରେ ହକି ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବ ହେବା ନେଇ ଯୋଜନା ହଠାତ୍ ହୋଇଥିଲା । ଏହି ଉତ୍ସବରେ ପ୍ରସିଦ୍ଧ ସଙ୍ଗୀତ ନିର୍ଦ୍ଦେଶକ ତଥା ଓସ୍କାର ଆୱାର୍ଡ ବିଜେତା ଏ.ଆର ରହମନ ଯୋଗ ଦେବେ ବୋଲି ଘୋଷଣା ହୋଇଥିଲା । ରହମନ ମଧ୍ୟ ଏ ନେଇ ଟୁଇଟ କରିଥିଲେ । ତେବେ ପରେ ଅଭିନେତା ପ୍ରଭାସ ଯୋଗ ଦେବା ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଏହା ପରେ ଆଉ ଏକ ବଡ଼ ଚର୍ଚ୍ଚାର ବିଷୟ ଏଥିରେ ସାମିଲ ହୋଇଥିଲା ଯେ, ବଲିଉଡ ଭାଇଜାନ ଭାବେ ପରିଚିତ ସଲମାନ ଖାନ କଟକର ଉତ୍ସବରେ ଯୋଗ ଦେବେ । ହେଲେ ଏବେ ସଲମାନ ଆସିବେନି ବୋଲି ଅନେକ କ୍ଷେତ୍ରରୁ ଶୁଣିବାକୁ ମିଳିଲାଣି । ବାରବାଟୀର ଏହି ଉତ୍ସବ ପାଇଁ ଯେତିକି ଟିକେଟ ବିକ୍ରି ହୋଇ ନଥିଲା, କେବଳ ସଲମାନଙ୍କ ଆସିବା କଥା ଚର୍ଚ୍ଚା ହେବା ପରେ ବଳକା ସମସ୍ତ ଟିକେଟ କିଛି ଘଣ୍ଟାରେ ବିକ୍ରି ହୋଇଗଲା । କିଛି ବରିଷ୍ଠ ପୋଲିସ ଅଧିକାରୀ, ଜିଲା ପ୍ରଶାସନର ଅଧିକାରୀମାନେ ମଧ୍ୟ ସଲମାନଙ୍କ ଆସିବାକୁ ନେଇ ସ୍ପଷ୍ଟ ଉତ୍ତର ଦେଉ ନାହାନ୍ତି ।

### ପାଣି ବୋତଲ ମନା

ଦର୍ଶକମାନଙ୍କ ନିମନ୍ତେ ପାଣି ବୋତଲ ନେବା ଉପରେ କଟକଣା ଲାଗିଛି । ଅର୍ନ୍ତଜାତୀୟ ମ୍ୟାଚ୍ ବେଳେ ହେଉଥିବା ବ୍ୟବସ୍ଥା ଅନୁଯାୟୀ, ପାନୀୟ ଜଳ କିଛି କର୍ମଚାରୀଙ୍କ ଦ୍ୱାରା ଗ୍ଲାସରେ ବଣ୍ଟାଯିବ ବୋଲି ଘୋଷଣା କରାଯାଇଛି । ଏହାଛଡ଼ା ବିସ୍ଫୋରକ ସାମଗ୍ରୀ, ହେଲମେଟ୍, କାଚ, ବାଣ, ଲୁହା ସାମଗ୍ରୀ ଭଳି ଅନ୍ୟକିଛି ଜିନିଷ ଉପରେ ମଧ୍ୟ କଟକଣା ଲାଗିଛି ।

### ବାଲିଯାତ୍ରା, ବାରବାଟୀ ପାଇଁ ପୃଥକ ବ୍ୟବସ୍ଥା

ବାଲିଯାତ୍ରା ଓ ବାରବାଟୀ ଷ୍ଟାଡିୟମରେ ରେ ରଙ୍ଗାରଙ୍ଗ କାଯର୍ୟକ୍ରମ ପାଇଁ ପୋଲିସ ପୃଥକପୃଥକ ବ୍ୟବସ୍ଥା ଗ୍ରହଣ କରିଛି । ଏପରିକି ବାରବାଟୀକୁ ଆସିଥିବା ଦର୍ଶକ ବାଲିଯାତ୍ରାକୁ ଯାଇ ପାରିବେ ନାହିଁ । ଷ୍ଟାଡିୟମ ସମ୍ମୁଖ ରୋଡରୁ ବ୍ୟାରିକେଡ ବିଜୁ ପଟ୍ଟନାୟକ ଛକ ଓ ଚଣ୍ଡୀଛକ ପଯର୍ୟନ୍ତ ରହିବ । ଫଳରେ ଉଭୟ ସ୍ଥାନର ଭିଡ଼ ଭିନ୍ନଭିନ୍ନ ରହିବ।

# ଜୁନିୟର ଖେଳାଳିଙ୍କ ସପକ୍ଷରେ ହରେନ୍ଦ୍ର

**ଭୁବନେଶ୍ୱର, ୨୭।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ପାଇଁ ଭାରତୀୟ ଦଳର ବହୁ ଜୁନିୟର ଖେଳାଳିଙ୍କୁ ନିଆଯିବାରେ ଯଥାର୍ଥ ରହିଛି ବୋଲି ଭାରତର ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି। ବର୍ତ୍ତମାନର ୧୮ ଜଣିଆ ଭାରତୀୟ ଦଳରେ ୭ଜଣ ଜୁନିୟର ବିଶ୍ୱକପ୍ ଦଳର ଖେଳାଳି ସ୍ଥାନ ପାଇଛନ୍ତି। ଯେଉଁମାନେ ଦୁଇବର୍ଷ ତଳେ ହରେନ୍ଦ୍ରଙ୍କ ଅଧୀନରେ ଲକ୍ଷ୍ନୌଠାରେ ବିଶ୍ୱ ଟାଇଟଲ ଜିତିଥିଲେ। ହରମନପ୍ରୀତ ସିଂ, ବରୁଣ କୁମାର, ସୁମିତ, ମନଦୀପ ସିଂ ଓ ଗୋଲକିପର କ୍ରିଷ୍ଣା ବାହାଦୁର ପାଠକ ଭାରତୀୟ ଦଳ ପାଇଁ ମନୋନୀତ ହୋଇଛନ୍ତି। ସମ୍ବିଧାନ ଆମକୁ ୧୮ବର୍ଷ ପରେ ବିବାହ ପାଇଁ ଅନୁମତି ଦେଇଛି। ତେଣୁ ଏହା ଏକ ଯୁବ ଦଳ ନୁହେଁ। ଦଳ ନିକଟରେ ଇତିହାସ ରଚିବାର ସାମର୍ଥ୍ୟ ରହିଛି। ବୁଧବାର ଦକ୍ଷିଣ ଆଫ୍ରିକା ବିପକ୍ଷ ଓପନିଂ ମ୍ୟାଚ ପୂର୍ବରୁ ହରେନ୍ଦ୍ର ଏକଥା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଖେଳାଳିମାନଙ୍କୁ ରଣକୌଶଳ କାର୍ଯ୍ୟକାରୀ କରିବା ଦିଗରେ ମନୋନିବେଶ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଦର୍ଶକମାନଙ୍କୁ ଦ୍ୱାଦଶ ଖେଳାଳି ବୋଲି ମନେ କରିବାକୁ ହେବ। ସେମାନଙ୍କ ସମର୍ଥନ ଆମକୁ ସହାୟକ ହେବ।




# ବିସିସିଆଇକୁ ମିଥାଲିଙ୍କ ଚିଠି
## ପଦବୀର ଅପବ୍ୟବହାର କରିଛନ୍ତି ଇଡୁଲ୍‌ଜୀ

ନୂଆଦିଲ୍ଲୀ, ୨୭।୧୧(ପି.ଟି.)

ଭାରତର ସିନିୟର ମହିଳା କ୍ରିକେଟର ମିଥାଲି ରାଜ ମଙ୍ଗଳବାର ପ୍ରଶାସକ କମିଟି (ସିଓଏ) ସଦସ୍ୟା ଡାଏନା ଇଡୁଲ୍‌ଜୀ ଏବଂ କୋଚ୍ ରମେଶ ପାୱାରଙ୍କୁ ସମାଲୋଚନା କରିଛନ୍ତି। ଉଭୟ ପକ୍ଷପାତ ନୀତି ଅବଲମ୍ବନ କରିବା ସହ ମୋ କ୍ୟାରିୟର ନଷ୍ଟ କରିବା ଲକ୍ଷ୍ୟରେ ରହିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ନିକଟକୁ ଇ-ମେଲ ଜରିଆରେ ଏ ବିଷୟରେ ସେ ଏକ ଚିଠି ଲେଖିଛନ୍ତି। ମିଥାଲି ଫର୍ମରେ ଥିଲେ ମଧ୍ୟ ଇଂଲଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ଭାରତୀୟ ଦଳରୁ ବାଦ୍ ପଡ଼ିଥିଲେ। ଏହି ସିନିୟର ମହିଳା କ୍ରିକେଟର କହିଛନ୍ତି ଦଳରୁ ବାଦ୍ ପଡ଼ିବା ଘଟଣା ମୋ ଦୀର୍ଘ ଦୁଇ ଦଶନ୍ଧି କ୍ୟାରିୟରର ସବୁଠାରୁ ଦୁଃଖଦ ଘଟଣା ଥିଲା। ମୋତେ ଏତେ ବାଧିଥିଲା ଯେ, ମୁଁ କାନ୍ଦି ପକାଇଥଲି। ଭାରତର ଏହି ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍ସୱମେନ ବିସିସିଆଇ ସିଇଓ ରାହୁଲ ଜୋହରି ଏବଂ



ଜେନେରାଲ ମ୍ୟାନେଜର(ଜିଏମ୍)ଙ୍କ ନିକଟକୁ ପଠାଇଥିବା ଚିଠିରେ ଅଭିଯୋଗ କରି କହିଛନ୍ତି ଉଭୟ ଇଡୁଲ୍‌ଜୀ ଓ ପାୱାର ତାଙ୍କୁ ଦୁର୍ବ୍ୟବହାର କରିଛନ୍ତି। ଏହି ଘଟଣା ମୋତେ ହତାଶ ଓ ନିରାଶ କରିଛି। କ୍ଷମତାରେ ଥିବା କେତେଜଣ ବ୍ୟକ୍ତି ମୋ ଆତ୍ମବିଶ୍ୱାସ ଭଙ୍ଗ କରିଦେଇଛନ୍ତି। ମିଥାଲି ହେଉଛନ୍ତି ଭାରତୀୟ ମହିଳା ଦିନିକିଆ କ୍ରିକେଟ ଦଳର ଅଧିନାୟିକା। ସେ କହିଛନ୍ତି ଦଳରୁ ବାଦ୍ ପଡ଼ିବା ଘଟଣା ନେଇ ଇଡୁଲଜୀଙ୍କ ଆଭିମୁଖ୍ୟ ମୋତେ ଖୁବ୍ ବାଧିଛି। ସିଓଏ ସଦସ୍ୟା ଏକ ସାକ୍ଷାତ୍‌କାରରେ ଦର୍ଶାଇଛନ୍ତି ଦଳ ଚୟନ କ୍ଷେତ୍ରରେ ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଯିବା ଉଚିତ୍ ନୁହେଁ। ଇଡୁଲ୍‌ଜୀଙ୍କୁ ମୁଁ ସବୁବେଳେ ସମ୍ମାନ ଦେଇଆସିଛି। ତାଙ୍କ ଉପରେ ମୋର ଦୃଢ ବିଶ୍ୱାସ ମଧ୍ୟ ରହିଥିଲା। ସେ ମୋ ବିରୋଧରେ ଯିବେ ଏହା ମୋ କଳ୍ପନା ବାହାରେ ଥିଲା। ଶୁଣିବାକୁ ମିଳୁଛି ସୋମବାର ଜୋହରି ଏବଂ କରିମ୍‌ଙ୍କୁ ଭେଟିବା ବେଳେ ମିଥାଲି ତାଙ୍କ ସହିତ କ'ଣ ସବୁ ଆଲୋଚନା କରିଥିଲେ, ସେ ବିଷୟରେ ଜଣାଇବା ଲାଗି ମିଥାଲିଙ୍କୁ ଇଡୁଲ୍‌ଜୀ ବାଧ୍ୟ କରିଥିଲେ। ସୂଚନାଯୋଗ୍ୟ, ମିଥାଲି ଭାରତ ତରଫରୁ ୮୫ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି ଏବଂ ୨୨୮୮ ରନ ସ୍କୋର କରିଛନ୍ତି। ଉଭୟ ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟରେ ତାଙ୍କର ଆଭରେଜ ୫୦ରୁ ଅଧିକ ରହିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୮/୨୦୧୮ Bhubaneswar, Wednesday, November 28/ 2018

## ସଂକ୍ଷେପରେ

### ୨ ବଖରା ଜଳିଗଲା

**ବାଲିକୁଦା,୨୭।୧୧(ସ୍ୱ.ପ୍ର.):** ବାଲିକୁଦା ତହସିଲ ଅଧୀନ ଟାଇଁକୁଳ ଗ୍ରାମରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ଦେବେନ୍ଦ୍ର ନାୟକଙ୍କ ୨ ବଖରା ପୋଡ଼ିଯାଇଛି। ରନ୍ଧନ ଗ୍ୟାସ ସିଲିଣ୍ଡରରୁ ଗ୍ୟାସ ଲିକ ହୋଇ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଦେବେନ୍ଦ୍ର ବାଲିକୁଦା ଥାନାର ଗୃହରକ୍ଷୀ ଭାବେ କାର୍ଯ୍ୟ କରନ୍ତି। ସେ ଡ୍ୟୁଟିରେ ଥିବାବେଳେ ପରିବାର ଲୋକେ ରାତିରେ ଘରେ ଶୋଇଥିଲେ। ରୋଷେଇ ଘରୁ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଏହା ଦେଖି ଦେବେନ୍ଦ୍ରଙ୍କ ସ୍ତ୍ରୀ ଓ ୨ ଝିଅ ବାହାରକୁ ଚାଲିଆସିଥିଲେ। ବାଲିକୁଦା ଦମକଳ ବାହିନୀ ନିଆଁ ଆୟତ୍ତ କରିବାବେଳକୁ ସବୁ ପୋଡ଼ିଯାଇଥିଲା।

# ଆଜି ସରିବ କଳିଙ୍ଗ ବାଲିଯାତ୍ରା

**ପାରାଦୀପ,୨୭।୧୧(ସ୍ୱ.ପ୍ର.)**

ପାରାଦୀପରେ ଚାଲିଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବର ମଙ୍ଗଳବାର ଥିଲା ୬ଷ୍ଠ ଦିବସ। ହକି ବିଶ୍ୱକପ୍ ଉଦ୍‌ଘାଟନ ଉତ୍ସବ ପାଇଁ ବାଲିଯାତ୍ରା ପଡିଆରେ ଜନଗହଳି ସାମାନ୍ୟ କମ୍ ହୋଇଥିଲା। ତଥାପି ମଧ୍ୟ ବାଲିଯାତ୍ରା ସରିଆସୁଥିବାରୁ ଲୋକେ ସାଂସ୍କୃତିକ କାର୍ଯ୍ୟକ୍ରମ, କିଣାବିକା ଓ ଫାଷ୍ଟଫୁଡ୍ ଖାଦ୍ୟର ମଜା ନେଇଥିଲେ। ମଞ୍ଚରେ କଳାହାଣ୍ଡିର ଘୁମୁରା ନାଚ ପରିବେଷିତ ହୋଇଥିଲା। ଏହା ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ଏହାବାଦ୍ ଆଧୁନିକ ନୃତ୍ୟ, ସଙ୍ଗୀତ, ଭଜନ ଆଦି ପରିବେଷଣ ହୋଇଥିଲା। ବୁଧବାର ଏହା ଉଦ୍‌ଯାପିତ ହେବ।

**ଅଧିକାଂଶ ଷ୍ଟଲରେ ସାମଗ୍ରୀ ଶେଷ**

ବାଲିଯାତ୍ରା ଶେଷ ହେବା ପୂର୍ବରୁ କେତେକ ଷ୍ଟଲରେ ସାମଗ୍ରୀ ଶେଷ ହୋଇଗଲାଣି। ବିଶେଷକରି ଘରକରଣା ସାମଗ୍ରୀ ଓ ହଳଦି ମସଲା ଷ୍ଟଲରେ ଆଉ ସାମଗ୍ରୀ ନାହିଁ। ନୟାଗଡ଼ରୁ ଆସିଥିବା ଗୌରାଙ୍ଗ ମନ୍ତ୍ରୀ କୁହନ୍ତି ସେ ପ୍ରାୟ ୪୦ ହଜାର ଟଙ୍କାର ହଳଦୀ ଓ ସୋରିଷ, ଜିରା ଆଦି ଆଣିଥିଲେ। ମଙ୍ଗଳବାର ତାହା ଶେଷ ହୋଇଯାଇଛି। ବୁଧବାର ଶେଷ ଦିନ ହୋଇଥିବାରୁ ସେ ଆଉ ସାମଗ୍ରୀ ଆଣିବାକୁ ସମୟ ନାହିଁ। ତେବେ ବ୍ୟବସାୟକୁ ନେଇ ସେ ଖୁସି ବ୍ୟକ୍ତ କରିଛନ୍ତି।



ବାଲିଯାତ୍ରା ପଡ଼ିଆରେ ଜନଗହଳି।

# ଟ୍ରକ୍ ଧକ୍କାରେ ବାଇକ ଆରୋହୀ ମୃତ

**ପାରାଦୀପ,୨୭।୧୧(ସ୍ୱ.ପ୍ର.)**

ପାରାଦୀପ ଥାନା ଅନ୍ତର୍ଗତ ଅଠରବାଙ୍କୀଠାରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲକ୍ ଥାନା ଅନ୍ତର୍ଗତ ଚକ୍ରଧରପୁର ଗ୍ରାମର ପ୍ରମୋଦ ଦାସ। ସେ ଅଠରବାଙ୍କୀ ବଜାରରେ ଏକ ଇଲେକ୍ଟ୍ରୋନିକ୍ସ ଦୋକାନ କରିଛନ୍ତି। ସନ୍ଧ୍ୟାରେ ଦୋକାନ ବନ୍ଦ କରି ଘରକୁ ଯିବାବେଳେ ତାରିଣୀଗଡ଼ା ହମ୍ପ୍ସ ପାଖରେ ଏକ ଟ୍ରକ୍ ତାଙ୍କ ଉପରେ ମାଡ଼ିଯାଇଥିଲା। ଟ୍ରକ୍ ଚକା ତଳେ ପ୍ରମୋଦଙ୍କ ମୁଣ୍ଡ ରହିଯିବାରୁ ବେକଠାରୁ ମୁଣ୍ଡ ଅଲଗା ହୋଇଯାଇଥିଲା। ଦୁର୍ଘଟଣା ପରେ ପାରାଦୀପ ମଡେଲ ଥାନା ପୋଲିସ ମୃତଦେହ ଜବତ କରି ବିଜୁ ମେମୋରିଆଲ ହସ୍ପିଟାଲକୁ ପଠାଇଛି। ଏହାକୁ ନେଇ ସ୍ଥାନୀୟ ବ୍ୟବସାୟୀ ଓ ମୃତକଙ୍କ ଗାଁ ଲୋକ ସେଠାରେ ରାସ୍ତାରୋକୋ କରିଥିଲେ। ପୋଲିସ ସେମାନଙ୍କୁ ବୁଝାସୁଝା କରି ରାତି ୯ଟା ସୁଦ୍ଧା ରାସ୍ତା ଅବରୋଧ ହଟାଇଛି। ବାଲିଯାତ୍ରା ଯୋଗୁ ରାସ୍ତା ଭିଡ଼ ରହିବା ଓ ଅବରୋଧ ହେବାରୁ ଅଠରବାଙ୍କୀଠାରୁ ଦୋଛକି ପର୍ଯ୍ୟନ୍ତ ରାସ୍ତା ଜାମ୍ ହୋଇଯାଇଥିଲା। ଅନ୍ୟଏକ ସୂଚନା ଅନୁଯାୟୀ, ରାତି ୯ଟା ବେଳେ ଅଠରବାଙ୍କୀଠାରେ ପୁଣି ଏକ ଦୁର୍ଘଟଣା ହୋଇଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି।

# ଉତ୍କଳର ଦରିଆପାରି ସମ୍ପର୍କ ଥିଲା ସୁଦୃଢ଼



ଚେଲିତୋଳ ବାଲିଯାତ୍ରା ମହୋତ୍ସବରେ ଅତିଥି ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ତିର୍ତ୍ତୋଲ,୨୭।୧୧(ଡି.ଏନ.ଏ.)**

### ଚେଲିତୋଳ ବାଲିଯାତ୍ରା ୪ର୍ଥ ସନ୍ଧ୍ୟା

ତିର୍ତ୍ତୋଲ ମହାନଦୀ ପଠା ଗୋପିଆକୁଦଠାରେ ଚାଲିଥିବା ଚେଲିତୋଳ ବାଲିଯାତ୍ରାର ୪ର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ ସାଂସ୍କୃତିକ ସଭାରେ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ ସଭାପତିତ୍ୱ କରିଥିଲେ। କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିତରେ ଓଡ଼ିଆମାନେ ଇଣ୍ଡୋନେସିଆ, ବାଲିଦ୍ୱୀପ, ଜାଭା, ବୋର୍ଣ୍ଣିଓ ଆଦି ସ୍ଥାନକୁ ଯାଇ ବାଣିଜ୍ୟ କରିବା ସହ ସେଠାରେ ଉତ୍କଳୀୟ କଳା ସଂସ୍କୃତିର ପ୍ରସାର କରିଥିଲେ ବୋଲି ବୋଲି କହିଥିଲେ। ତେଣୁ ଉତ୍କଳର ଦରିଆପାରି ସମ୍ପର୍କ ସୁଦୃଢ ଥିଲା ବୋଲି ସେ ପ୍ରକାଶ କରିଥିଲେ। ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ସମ୍ପର୍କରେ କହିଥିଲେ। ଅଧାପିକା ଶ୍ରୀଜୟା ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆଙ୍କ ବୀରତ୍ୱ ଅନନ୍ୟ ବୋଲି ପ୍ରକାଶ କରିଥିଲେ। ଏସ୍‌ପି ପ୍ରକାଶ ଆର, ରଘୁନାଥପୁର ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ରଘୁନାଥପୁର ଏବିଡିଓ ଅଶୋକ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଚେଲିତୋଳ ବାଲିଯାତ୍ରାର ସ୍ମରଣିକା ଉନ୍ମୋଚନ କରିଥିଲେ। ବାଲିଯାତ୍ରା ମହୋତ୍ସବ କମିଟି ତରଫରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟଶିଳ୍ପୀ ମିରା ଦାସ ଓ ଅବସରପ୍ରାପ୍ତ କୃତୀ ଶିକ୍ଷକ ନିତ୍ୟାନନ୍ଦ ଦାସଙ୍କୁ ମାନପତ୍ର, ସ୍ମୃତି ଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଜାତୀୟ ଗଲ୍ଫ ଟୁର୍ଣ୍ଣାମେଣ୍ଟ: ହରିହର ପ୍ରଥମ

କୋରେଇ,୨୭।୧୧(ସ୍ୱ.ପ୍ର.)- କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ପଞ୍ଚାୟତ ଛୋଟରାୟପୁର ଗ୍ରାମର ମୁରଲୀଧର ଦାଶଙ୍କ ପୁଅ ହରିହର ଭୁବନେଶ୍ୱରଠାରେ ଆୟୋଜିତ ଜାତୀୟ ଗଲ୍ଫ ପ୍ରତିଯୋଗିତାରେ ପ୍ରଥମ ହୋଇ କୋରେଇ ତଥା ଯାଜପୁର ଜିଲା ପାଇଁ ଗୌରବ ଆଣିଛନ୍ତି। ଗତ ୨୪ ଓ ୨୫ ଦୁଇଦିନ ଧରି ଭୁବନେଶ୍ୱର ଗଲ୍ଫ କ୍ଲବ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ସୁନାମଧନ୍ୟ ଗଲ୍ଫ କ୍ଲବର ୧୦୦ରୁ ଉର୍ଦ୍ଧ୍ୱ ଖେଳାଳି ଭାଗ ନେଇଥିଲେ। ହରିହର ପାରାଦୀପ ଗଲ୍ଫ କ୍ଲବର ସଦସ୍ୟଭାବେ ଅଂଶଗ୍ରହଣ କରିଥିବା ବେଳେ ବହୁଦିନ ଧରି ପାରାଦୀପସ୍ଥିତ ଓଏସ୍ଏଲ୍ ଗ୍ରୁପରେ ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟରତ। ସମସ୍ତଙ୍କୁ ପଛରେ ପକାଇ ହରିହର ୧୯-୨୪ ପଏଣ୍ଟରେ ଚାମ୍ପିୟନ ହୋଇଥିଲେ। ପରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ରାଜ୍ୟ ଗୃହ ସଚିବ ଅସିତ୍ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ହରିହରଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେଡ୍ ସ୍କ୍ୱାନ୍ ଇଷ୍ଟେଟ୍ ଅଧକ୍ଷ ତପନ ମହାନ୍ତି ଓ କଳିଙ୍ଗ ଅଟୋମୋବାଇଲସ୍ ମାଲିକ ଟୁଟୁଲ ଦାସ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏ ନେଇ ଛୋଟରାୟପୁର ଗ୍ରାମର ମୁଖ୍ୟ କେଶବ ଚନ୍ଦ୍ର ମଙ୍ଗରାଜଙ୍କ ସମେତ ଦେବେନ୍ଦ୍ର ଖୁଣ୍ଟିଆ, ମୋହନ ଚରଣ ଖୁଣ୍ଟିଆ, ଦାମସୁନ୍ଦର ପାଢ଼ୀ, ଅନିରୁଦ୍ଧ ସାହୁ, ଗଣେଶ୍ୱର ପାଢ଼ୀ, ରମେଶ କୁମାର ସାହୁ, ରମେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ ହରିହରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଶ୍ୱଶୁର ଘରେ ଜ୍ୱାଇଁଙ୍କ ଆତ୍ମହତ୍ୟା

ସୁକିନ୍ଦା, ୨୭।୧୧(ଡି.ଏନ୍.ଏ.)- ସୁକିନ୍ଦା ଥାନା ଅନ୍ତର୍ଗତ ଓଲିଆ ଗ୍ରାମରେ ମଙ୍ଗଳବାର ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ଯୁବକ ଶ୍ୱଶୁର ଘରକୁ ଆସି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ଯଖପୁରା ଥାନା ଅନ୍ତର୍ଗତ ମାନତିରା ଗ୍ରାମର ପ୍ରମୋଦ ମଳିକ(୪୦)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (୧୮/୨୦୧୮) ରୁଜୁ କରି ତଦନ୍ତ ଚଳାଇଛି। ପ୍ରମୋଦ କିଛିଦିନ ତଳେ ସୁକିନ୍ଦା ଥାନା ଅନ୍ତର୍ଗତ ଓଲିଆ ଗ୍ରାମରେ ଥିବା ଶ୍ୱଶୁର ଅକ୍ଷୟ ମଳିକଙ୍କ ଶରୀର ଅସୁସ୍ଥ ଥିବା କାରଣରୁ ସ୍ତ୍ରୀ କବିତା ମଳିକଙ୍କୁ ସାଙ୍ଗରେ ଧରି ଆସିଥିଲେ। ମଙ୍ଗଳବାର ଶ୍ୱଶୁରଙ୍କ ଦେହ ଭଲ ହେବା ପରେ ପ୍ରମୋଦ ନିଜ ଘରକୁ ଯିବାକୁ କହିଥିଲେ। ଏଥିସହ ଶ୍ୱଶୁରଙ୍କୁ କିଛି ଟଙ୍କା ମାଗିଥିଲେ। କିନ୍ତୁ ଟଙ୍କା ଯୋଗାଡ ହୋଇ ନ ପାରିବାରୁ ପ୍ରମୋଦ ଉତ୍‌କ୍ଷିପ୍ତ ହୋଇ ଝଗଡା କରିଥିଲେ। ପରେ ଗ୍ରାମ ନିକଟ ଏକ ବଣରେ ରଶି ଲଗାଇ ଦେଇଥିବା କବିତା କହିଛନ୍ତି। ପ୍ରମୋଦଙ୍କୁ ଦାନଗଦୀସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବେଧଡ଼କ ଚାଲିଛି ମାଙ୍କଡ଼ା ପଥର ଚାଲାଣ

ଚଣ୍ଡିଖୋଲ,୨୭।୧୧(ଡି.ଏନ.ଏ.)



**ଦର୍ପଣ ତହସିଲ**
- ବିନା ଲିଜ୍‌ରେ ଚାଲିଛି ୩୦ରୁ ଉର୍ଦ୍ଧ୍ୱ ଖାଦାନ
- ଦୈନିକ ଚାଲାଣ ହେଉଛି ଶହଶହ ଟ୍ରିପ୍ ପଥର
- ବେଆଇନ ଚାଲାଣରେ ରାଜନୈତିକ ଦଳର ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା

ଯାଜପୁର ଜିଲା ଦର୍ପଣ ତହସିଲ ଅଞ୍ଚଳରେ ଏବେ ବେଆଇନ ମାଙ୍କଡ଼ା ପଥର ବ୍ୟବସାୟୀଙ୍କ ରାଜୁତି ଚାଲିଛି। ବର୍ଷା ଯୋଗୁ କିଛି ଦିନ କାରବାର ବନ୍ଦ ରହିବା ପରେ ବ୍ୟବସାୟୀମାନେ ପୁନର୍ବାର ସକ୍ରିୟ ହୋଇ ଉଠିଛନ୍ତି। କୌଣସି ଗୋଟିଏ ସ୍ଥାନରେ ଲିଜ ନ ଥିଲା ବେଳେ ଏବେ ୩୦ରୁ ଉର୍ଦ୍ଧ୍ୱ ଖାଦାନ ଚାଲୁଛି। କାହାକୁ ଭୟ ନ କରି ଦିନ ଦ୍ୱିପ୍ରହରରେ ବେଧଡ଼କ ଭାବେ ପଥର ଲୁଟ୍ କରୁଛନ୍ତି। ଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି।

ସୂଚନାଯୋଗ୍ୟ, ଦର୍ପଣ ତହସିଲର ବାଉଁଶମୂଳି, ବନ୍ଧପଲ୍ଲୀ, ରାଇଝର, ଗୋପାଳପୁର, ବରୁଣିଆ, ବାଟୋ, ଜୋରାବାଟି, ନଳିଦା, କୋହ୍ଲା ସାହି ଆଦି ରାଜସ୍ୱ ମୌଜାରେ ୩୦ରୁ ଉର୍ଦ୍ଧ୍ୱ ବେଆଇନ ମାଙ୍କଡ଼ା ପଥର ଖାଦାନ ଚାଲୁଛି। ବେଳେ ବେଳେ ପୋଲିସ ପ୍ରଶାସନ ଚଢାଉ କରୁଥିଲେ ମଧ୍ୟ ତାହା ଧର୍ମକୁ ଆଖିଠାର ସଦୃଶ। ୨୦୦୬ରେ ତତ୍କାଳୀନ କେନ୍ଦ୍ରାଞ୍ଚଳର ରାଜସ୍ୱ କମିଶନର ଅରବିନ୍ଦ ପାଢୀ ବେଆଇନ ଖାଦାନ ଉପରେ ଚଢାଉ କରି ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗର ୬ ଜଣ କର୍ମଚାରୀଙ୍କୁ ନିଲମ୍ବିତ କରିଥିଲେ। ତଦନ୍ତ ସମୟରେ ପ୍ରଶାସନିକ ଅଧିକାରୀଙ୍କ ସହଯୋଗରେ ଏଭଳି ବେଆଇନ ମାଙ୍କଡ଼ା ଖାଦାନ ଚାଲୁଥିବା ତଦନ୍ତ ରିପୋର୍ଟରେ ଉଲ୍ଲେଖ କରିଥିଲେ। ମାତ୍ର ଏବେ ପ୍ରଶାସନିକ ପଦକ୍ଷେପ କୋହଳ ହୋଇଯାଇଥିବବାରୁ ବେଆଇନ ମାଙ୍କଡ଼ା ପଥର ଚାଲାଣ ଖୋଲାଖୋଲି ଚାଲୁଛି। କେତେକ ସ୍ଥାନରେ ପାୱାର ଟ୍ରେଲର ଓ ଅନ୍ୟ କେତେକ ସ୍ଥାନରେ ଜେସିବି ମେଶିନ ସାହାଯ୍ୟରେ ପଥର କଟା ହେଉଛି। ଦୈନିକ ଶହଶହ ଟ୍ରିପ୍ ପଥର ଚାଲାଣ ହେଉଥିବା ବେଳେ ବିଭାଗୀୟ ଅଧିକାରୀ କିପରି ଜାଣିପାରୁନାହାନ୍ତି, ସେ ନେଇ ଚର୍ଚ୍ଚା ହେଉଛି। ଯାଜପୁର, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲାକୁ ମାଙ୍କଡ଼ା ପଥର ଚାଲାଣ ହେଉଛି। ଏପରି କି ବୌଦ୍ଧପୀଠ ରତ୍ନଗିରି, ଲଳିତଗିରି, ଉଦୟଗିରି, ଲାଙ୍ଗୁଡ଼ି ଓ କାଏମା ଆଦି ବୌଦ୍ଧ କୀର୍ତ୍ତିରାଜିସମ୍ପନ୍ନ ପାହାଡ଼ଗୁଡ଼ିକରେ ନିର୍ମାଣ କରାଯାଉଥିବା ପାଚେରିରେ ମାଙ୍କଡ଼ା ପଥର ବ୍ୟବହାର ହେଉଥିବା ନେଇ ଅଭିଯୋଗ ହେଉଛି। ଏହି ମାଙ୍କଡ଼ା ପଥର ଖନନ ଓ ବେଆଇନ ଚାଲାଣରେ ବିଭିନ୍ନ ରାଜନୈତିକ ଦଳର ସମ୍ପୃକ୍ତି ଥିବା ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ଅଶୋକ ଦାସଙ୍କୁ ପଚାରିବାରେ, ବେଆଇନ ଖାଦାନଗୁଡ଼ିକରେ ବାରମ୍ୱାର ଚଢାଉ ହେଉଛି ଏବଂ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଉଛି ବୋଲି କହିଥିଲେ।

# ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦ ପକ୍ଷରୁ ତହସିଲ ସମ୍ମୁଖରେ ଧାରଣା

ବରୀ,୨୭।୧୧(ସ୍ୱ.ପ୍ର.)

ବରୀ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦ ପକ୍ଷରୁ ମଙ୍ଗଳବାର ତହସିଲ ସମ୍ମୁଖରେ ପାଇଁ ଧାରଣା ଦିଆଯାଇଛି। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ମହିଳା, ଛାତ୍ରୀଛାତ୍ର, ଯୁବତୀ ଯୁବକ ଓ ବରିଷ୍ଠ ନାଗରିକମାନେ ସାମିଲ ହୋଇଥିଲେ। ବରୀକୁ ନିଶାମୁକ୍ତ, କୃଷକଙ୍କୁ କୃଷି ପ୍ରୋତ୍ସାହନ, ଯୁବତୀ ଯୁବକଙ୍କୁ ନିଯୁକ୍ତି, ମହିଳାଙ୍କୁ ସ୍ୱାବଲମ୍ବୀ କରିବା, ୨୪ ଘଣ୍ଟା ସ୍ୱାସ୍ଥ୍ୟସେବା, ଫସଲ ହାନିର କ୍ଷତିପୂରଣ, ଗୋଳକୁଣ୍ଡ-ଇନ୍ଦୁପୁର ରାସ୍ତାର ସଂପ୍ରସାରଣ ଆଦି ଦାବି ସାମିଲ ଥିଲା। ଉନ୍ନୟନ ପରିଷଦ ସଭାପତି କୁଳମଣି ଶୁକ୍ଳା ଧାରଣାର ନେତୃତ୍ୱ ନେଇଥିଲେ। କାହ୍ନୁ ଚରଣ ବେହୁରା, ପ୍ରଶାନ୍ତ ବେହୁରା, ପ୍ରଶାନ୍ତ ପଢିଆରୀ, କାଞ୍ଚନ ଯତି, ବନ୍ଦିତା ଦାସ, ଜୟରାମ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଭାରପ୍ରାପ୍ତ ତହସିଲଦାର ପୁଷ୍ପଶ୍ରୀ ସାଣ୍ଡିଲ ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ।

# ଆମ ରଙ୍ଗମଞ୍ଚର କଳାକାର ସମ୍ବର୍ଦ୍ଧିତ

ଢୁବୁରୀ, ୨୭।୧୧(ଡି.ଏନ୍.ଏ.)

ବଡ଼ଓଷା ଉପଲକ୍ଷେ ଢୁବୁରୀ ବଣିକ ସଂଘ ପକ୍ଷରୁ ସ୍ଥାନୀୟ ଅଞ୍ଚଳର କଳାକାରଙ୍କୁ ନେଇ ଢୁବୁରୀ ଛକ ରଙ୍ଗମଞ୍ଚରେ ୨ଟି ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିଲା। ସୋମବାର ଉକ୍ତ ନାଟକରେ ଅଭିନୟ କରିଥିବା ଶ୍ରେଷ୍ଠ କଳାକାରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ବଣିକ ସଂଘର ସଭାପତି ସୁଧାଂଶୁ ରାଉତ, ବିଶ୍ୱନାଥ ସାହୁ, ରବିନ୍ଦ୍ର ଦେଓ ଅତିଥି ଭାବେ ଯୋଗଦେଇଥିଲେ। ନାଟ୍ୟକାର ଗଣେଶ ଦାସ, ସୁକୁମାର ଜେନା, ଜୟପ୍ରକାଶ ସାହୁ, ଚନ୍ଦନ ସାହୁ, ବିଭୁତି ସାହୁ, ଛବି ଦେଓ ଓ ଗୁଡି, ଲିଜା, ସୌମ୍ୟା, ଗୁନ୍‌ଗୁନ୍, ଖାସ୍ବୀ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଛି।

# ୭ ଦଫା ଦାବିନେଇ ବହୁଜନ କ୍ରାନ୍ତି ମୋର୍ଚ୍ଚାର ବ୍ଲକ ଘେରାଉ



ବହୁଜନ କ୍ରାନ୍ତି ମୋର୍ଚ୍ଚା ସଦସ୍ୟ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

କୋରେଇ,୨୭।୧୧(ସ୍ୱ.ପ୍ର.)

ରାଜ୍ୟ ଦଳିତ ଅଧିକାର ମଞ୍ଚ ଆହ୍ୱାନରେ ମଙ୍ଗଳବାର ୭ ଦଫା ଦାବି ନେଇ ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ କୋରେଇ ବ୍ଲକ୍ ଘେରାଉ କରାଯିବା ସହ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓ ହେମନ୍ତ କୁମାର ବିହାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କୋରେଇ ବ୍ଲକ ଦଳିତ ନେତା ତଥା ସମିତିସଭ୍ୟ କ୍ଷୀରୋଦ କୁମାର ମଳିକଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଦଳିତ କର୍ମୀ ଘେରାଉରେ ସାମିଲ ଥିଲେ। ବ୍ଲକ ଅଧୀନ ସମସ୍ତ ପଞ୍ଚାୟତର ଭୂମିହୀନ, ସଂଖ୍ୟାଲଘୁ ଏବଂ ଏସ୍‌ସିଏସ୍‌ଟି ବର୍ଗର ଲୋକଙ୍କୁ ଜମିପଟ୍ଟା ପ୍ରଦାନ, ପକ୍କାରାସ୍ତା, ପାନୀୟଜଳ ସୁବିଧା, ଜାତିଆଣ ମାମଲାର ତୁରନ୍ତ ଫଇସଲା, ପ୍ରଧାନମନ୍ତ୍ରୀ ଆବାସ ଯୋଗାଇଦେବା, ଏସ୍‌ସିଏସ୍‌ଟି ଛାତ୍ରୀଛାତ୍ରଙ୍କୁ ମିଳୁଥିବା ଭତ୍ତା ୧୮୦ ଟଙ୍କାରୁ ବୃଦ୍ଧି କରାଯାଇ ୫୦୦ ଟଙ୍କା କରିବା ଓ ଭାଗଚାଷ କରୁଥିବା ଚାଷୀଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବା ଆଦି ଦାବି ସାମିଲ ଥିଲା। ବହୁଜନ କ୍ରାନ୍ତି ମୋର୍ଚ୍ଚାର କୋରେଇ ବ୍ଲକ୍ ଶାଖା ସଂଯୋଜକ ନିରଞ୍ଜନ ମଳିକ, ରାଜ୍ୟ ସଂଯୋଜକ ଭୀମସେନ ମୁଣ୍ଡା ଓ ଆମ୍ବେଡକର ଉନ୍ନୟନ ପରିଷଦ ସଭାପତି କୈଳାସ ଚନ୍ଦ୍ର ମଳିକ ପ୍ରମୁଖ ଯୋଗ ଦେଇ ତୁରନ୍ତ ସମାଧାନ କରା ନ ଗଲେ ରାଜ୍ୟର ବିଭିନ୍ନ ଜିଲା ଓ ବ୍ଲକରେ ଜେଲ୍‌ଭରୋ ଆନ୍ଦୋଳନ ପାଇଁ ସଂଘ ପକ୍ଷରୁ ଡାକରା ଦିଆଯାଇଥିବା ପ୍ରକାଶ କରିଥିଲେ। ବ୍ଲକ ଘେରାଉରେ ଦଳିତ ନେତା ଗୋପାଳ ମଳିକ, ପବିତ୍ର ମଳିକ, ଅନିରୁଦ୍ଧ ମଳିକ, ବାବୁଲି ମଳିକ, ଚତୁର୍ଭୁଜ ମଳିକ, ଶୁକଦେବ ମଳିକ, ପବନା ମଳିକ, ବାଇଧର ମଳିକ, ମାଧବାନନ୍ଦ ମଳିକ, ଛୋଟରାୟ ମୁର୍ମୁ ଓ ଦିଲୀପ ସେରେନ୍‌ଙ୍କ ସମେତ ବିଭିନ୍ନ ପଞ୍ଚାୟତର ବହୁ କର୍ମୀ ଯୋଗ ଦେଇଥିଲେ।

# ସ୍ୱାମୀଙ୍କ ଠେଙ୍ଗା ମାଡ଼ରେ ସ୍ତ୍ରୀ ମୃତ

ସୁକିନ୍ଦା, ୨୭।୧୧(ଡି.ଏନ୍.ଏ.)

ସୁକିନ୍ଦା ଥାନା ଅନ୍ତର୍ଗତ ଘାଗିଆ ଗ୍ରାମର ଜଣେ ଯୁବକ ପାରିବାରିକ କଳହକୁ କେନ୍ଦ୍ରକରି ସୋମବାର ରାତିରେ ସ୍ତ୍ରୀକୁ ଠେଙ୍ଗାରେ ପିଟି ହତ୍ୟା କରିଥିବା ଜଣାପଡିଛି। ମୃତ ମହିଳା ଜଣଙ୍କ ପିମ୍ପୁଡିଆ ଗ୍ରାମର ସାବିତ୍ରୀ ମୁଣ୍ଡା(୨୫)। ଏ ନେଇ ପୋଲିସ ଏକ ମାମଲା (୧୪୧/୨୦୧୮) ରୁଜୁ କରି ମଙ୍ଗଳବାର ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ତେବେ ଅଭିଯୁକ୍ତ ଜଣଙ୍କ ଠେଙ୍ଗାରେ ପିଟି ସ୍ତ୍ରୀଙ୍କୁ ହତ୍ୟା କରିଥିବା ନେଇ ସ୍ୱୀକାର କରିଥିବା ପୋଲିସ କହିଛି। ପ୍ରକାଶ ଯେ, ବିଭୂତି କଳିଙ୍ଗନଗର ଶିଳ୍ପାଞ୍ଚଳରେ ଶ୍ରମିକ ଭାବରେ କାର୍ଯ୍ୟ କରନ୍ତି। ୫ବର୍ଷ ତଳେ ବିଭୁତି ସାବିତ୍ରୀଙ୍କୁ ବିବାହ କରିଥିଲେ। ସୋମବାର ରାତିରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ବିଭୂତି ରାଗିଯାଇ ଏକ ଠେଙ୍ଗାରେ ସାବିତ୍ରୀଙ୍କୁ ମାଡ଼ ମାରିଥିଲେ। ଫଳରେ ଘଟଣାସ୍ଥଳରେ ସାବିତ୍ରୀଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ସୁକିନ୍ଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିଭୂତିଙ୍କୁ ଗିରଫ କରିଥିଲା।





OFFICE OF THE PRINCIPAL
S.K.C.G. (AUTONOMOUS) COLLEGE, PARALAKHEMUNDI, GAJAPATI
L. No.: 2528/2018 Dt.: 26.11.2018
QUOTATION CALL NOTICE
Sealed quotations are invited from man power and Security Service providing agencies for supplying agencies for supplying supportive semi skilled and unskilled staffs for SKCG Autonomous College, Paralakhemundi, Gajapati.
Detail information including term and conditions for applying are available in the College website: skcgparala.ac.in. The last date of submission of quotation is 12th December 2018 and the same will be opened on 13th December 2018 at 12 Noon.
Sd./- Principal







ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୭୫୧୦୧୪
ପ୍ରଫେସର ଶ୍ରୀରାମଚନ୍ଦ୍ର ଦାଶ ଜନ୍ମଶତବାର୍ଷିକୀ
୨୮ ନଭେମ୍ବର ୨୦୧୮ (ବୁଧବାର) ସନ୍ଧ୍ୟା ୬.୦୦ ଘଟିକା
ସ୍ଥାନ : ଭଞ୍ଜ କଳାମଣ୍ଡପ, ଭୁବନେଶ୍ୱର

| | |
|---|---|
| ଉଦ୍‌ଘାଟକ | ଡକ୍ଟର ସୌମ୍ୟରଞ୍ଜନ ପଟ୍ଟନାୟକ<br>ମାନ୍ୟବର ସାଂସଦ, ରାଜ୍ୟସଭା ଏବଂ ସମ୍ପାଦକ 'ସମ୍ବାଦ' |
| ସମ୍ମାନନୀୟ ଅତିଥି | ଡକ୍ଟର ବିଜୟାନନ୍ଦ ସିଂହ<br>କାର୍ଯ୍ୟକାରୀ ପରିଷଦ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ |
| ମୁଖ୍ୟବକ୍ତା | ଅଧ୍ୟାପକ ବିଶ୍ୱରଞ୍ଜନ<br>ବିଶିଷ୍ଟ ସାହିତ୍ୟିକ |
| ସଭାମୁଖ୍ୟ | ଶ୍ରୀ ହରିହର ମିଶ୍ର<br>ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ |

ଉକ୍ତ ସାରସ୍ୱତ କାର୍ଯ୍ୟକ୍ରମରେ ସାହିତ୍ୟପ୍ରେମୀ ସୁଧୀବୃନ୍ଦ ଯୋଗଦାନ କରିବାକୁ ଅନୁରୋଧ।
ଜୟନ୍ତୀ ରଥ
ସଚିବ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବୁଝି ବିଚାରି କାର୍ଯ୍ୟ କଲେ
ପ୍ରମାଦ ନ ପଡ଼ଇ ଭଲେ ।**

ନିଷ୍ଠାର ସହିତ କାର୍ଯ୍ୟ କଲେ କାର୍ଯ୍ୟରେ ସଫଳତା ମିଳିବା ସ୍ଥିରନିଶ୍ଚିତ। ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ ପୂର୍ବରୁ ତାହାର ଭଲମନ୍ଦ ଦିଗ ତଥା ଆଗପଛ ଚିନ୍ତା କରି ଆଗକୁ ବଢ଼ିବା ଉଚିତ ହୋଇଥାଏ। ଏପରି ଭାବିଚିନ୍ତି ବା ବୁଝିବିଚାରି କାର୍ଯ୍ୟ କଲେ ପଛରେ କୌଣସି ପ୍ରକାରର ବାଧା ଉପୁଜୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାହାପିଆଙ୍କର ରୀତି
ବାହାରେ କାଢ଼ନ୍ତି ଢମ ବାରବୋଡ଼ି
ଘରେ ନ ଜଳଇ ବତି ।**

ଘରର ଆର୍ଥିକ ସ୍ଥିତି ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇଥା'ନ୍ତି। ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାପଣିଆକୁ ନେଇ ଅଯଥା ବାହାଦୁରି ଦେଖାଇଥା'ନ୍ତି। ଢମ ଗପିବାର ବା ବଢ଼େଇ କରି କହିବାର ଇଏ ହେଉଛି ଏକ ଶୈଳୀ। ନିଜେ ଯେତେ ନୁହଁ କି ଯାହା ନୁହଁ, ତାହାକୁ ଅତିରଞ୍ଜିତ କରି ଅନ୍ୟ ଆଗରେ ପ୍ରକାଶ କରିବା ଏପରି ବାହାପିଆ ବ୍ୟକ୍ତିଙ୍କ ମନ୍ଦ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ୧୬ ଦିନରେ ମିଳିତ କ୍ରିୟାନୁଷ୍ଠାନ କମିଟିର ଧାରଣା

# ସାମିଲ ହେଲା ନବ ଉତ୍କଳ ମହିଳା ସମିତି



ଧାରଣାସ୍ଥଳରେ ବସିଥିବା ନବ ଉତ୍କଳ ମହିଳା ସମିତି ସଦସ୍ୟା।

**କୋରେଇ,୨୭।୧୧(ସ୍ୱ.ପ୍ର.)**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅନୁଦାନରେ ଯାଜପୁର ଜିଲାରେ ହେବାକୁ ଥିବା ମେଡିକାଲ କଲେଜ ପାଣିକୋଇଲିଠାରେ ପ୍ରତିଷ୍ଠା କରିବା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥିବା ଧାରଣା ମଙ୍ଗଳବାର ୧୬ ଦିନରେ ପହଞ୍ଚିଛି। ଏହି ଧାରଣାରେ ନବ ଉତ୍କଳ ମହିଳା ସମିତି ସାମିଲ ହୋଇଛି। ଏହି ଅବସରରେ ସମିତି ସମ୍ପାଦିକା ଜୟନ୍ତୀ ଜେନାଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସଦାଶିବ ଦାସ, ବିଶ୍ୱଜିତ ମହାନ୍ତି, ପ୍ରଫୁଲ୍ଲ ନାୟକ, ସୁରେଶ ସାହୁ, କବିତା ପାତ୍ର, ଜାନକୀ ସିଂହ, ଶାନ୍ତିଲତା ମାଝି, ଅଞ୍ଜନା ଦାଶ, ମୋନାଲିସା ବେହେରା ପ୍ରମୁଖ ସଭାରେ ଯୋଗଦେଇ ପାଣିକୋଇଲିରେ ମେଡିକାଲ କଲେଜ ଖୋଲିବାକୁ ଦାବି କରିଥିଲେ। ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆବାହକ ଧରଣୀଧର ଘଡେଇ, ଯୁଗ୍ମ ଆବାହକ ସୁବାସ ଧଳ, ମଧୁସୂଦନ ସାହୁ, ବଳରାମ ସାହୁ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଚରଣ ଦଳାଇ, ସୁରେନ୍ଦ୍ର ରାୟ, ମଧୁ ରାୟ, ଅନାମ ମହାପାତ୍ର, ପ୍ରଫୁଲ୍ଲ ପାଢ଼ୀ, ବଟକୃଷ୍ଣ ସାହୁ, ବୈଷ୍ଣବ ସାହୁ, ନାରାୟଣ ସାହୁ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଧର୍ମଶାଳା, ୨୭।୧୧(ଡି.ଏନ୍.ଏ.)**

ଅକ୍ଟୋବର ୨ରୁ ଧର୍ମଶାଳା ନିର୍ବାଚନମଣ୍ଡଳୀର ୫୪ଟି ଗ୍ରାମପଞ୍ଚାୟତର ୪୧୨ ଗ୍ରାମ ଓ ୮୦୪ ୱାର୍ଡରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆୟୋଜିତ ହୋଇଥିଲା। ଏହା ବୁଧବାର ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଉଦ୍‌ଯାପିତ ହେବ । ଉଦ୍‌ଯାପନୀ ଉତ୍ସବରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କୋରେଇ ବିଧାୟକ ଆକାଶ ଦାସନାୟକ, ରାଜ୍ୟ ବିଜୁ ଯୁବ ଜନତା ସଭାପତି ଅମରେଶ ପତ୍ରୀ, ମହିଳା ବିଜେଡି ସଭାନେତ୍ରୀ ମିନତୀ ବେହେରା, ଛାତ୍ର ବିଜେଡି ସଭାପତି ରାଣା ପ୍ରତାପ ପାତ୍ର, ସଂଖ୍ୟାଲଘୁ ସେଲ୍ ରାଜ୍ୟ ସଭାପତି ମୁନା ଖାଁ, ଜିଲା ପରିଷଦ ଅଧ୍ୟକ୍ଷ ନରେଶ ମହାନ୍ତି ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ମଙ୍ଗଳବାର ଜାରକାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ବିଜେଡି ସଭାପତି ଜଳଧର ମହାନ୍ତି ସୂଚନା ଦେଇଛନ୍ତି।

**ଉଦ୍‌ଯାପନୀ ଉତ୍ସବରେ ଯୋଗଦେବେ ସଂସ୍କୃତି ମନ୍ତ୍ରୀ**

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଫେସର ଡଃ ସୁସ୍ମିତା ମିଶ୍ର
ଅଧ୍ୟକ୍ଷା ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ (ଖଇରାବାଦ-ମୁଗୁପାଳ), ଯାଜପୁର ଜିଲ୍ଲା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଅତୁଲ୍ୟ ପ୍ରଧାନ
ସରପଞ୍ଚ, ଟିକରପଡା ଗ୍ରାମପଞ୍ଚାୟତ
ରସୁଲପୁର ବ୍ଲକ, ଯାଜପୁର

ଭାପୁର ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା
ଗ୍ରାମ୍ୟ ଉନ୍ନୟନ ବିଭାଗ
ଭାପୁର, ନୟାଗଡ

ଧରିତ୍ରୀର ୪୫ତମ ଜନ୍ମଦିନରେ ଖଣ୍ଡପଡ଼ାବାସୀଙ୍କୁ ଶୁଭେଚ୍ଛା।
ଅନୁଭବ ପଟ୍ଟନାୟକ
ବିଧାୟକ, ଖଣ୍ଡପଡ଼ା
ଖଣ୍ଡପଡାକୁ ରାଜ୍ୟର ଶ୍ରେଷ୍ଠ ନିର୍ବାଚନ ମଣ୍ଡଳୀରେ ପରିଣତ କରିବା ପ୍ରକ୍ରିୟାରେ ଆପଣମାନେ ସାମିଲ ହୁଅନ୍ତୁ।

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଭାତ କୁମାର ପୃଷ୍ଟି
ଉପସଭାପତି ଯୁବ ବିଜେଡି, ଯାଜପୁର ଜିଲ୍ଲା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ହୃଦାନନ୍ଦ ସାହୁ
ସଂପାଦକ ବିଜେଡି, ରସୁଲପୁର ବ୍ଲକ କମିଟି

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ସଞ୍ଜୟ ପ୍ରଧାନ
ବିଜେଡି ସଭାପତି, ୩୩ ନଂ ଜୋନ
ଯାଜପୁର ଜିଲ୍ଲା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ରଶ୍ମୀରଂଜନ ନାୟକ
୩୪ନଂ ଜିଲ୍ଲାପରିଷଦ ସଦସ୍ୟ, ଯାଜପୁର ଜିଲ୍ଲା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଚିନ୍ତାମଣି ସୁର
ସରପଞ୍ଚ ପ୍ରଥମାଖଣ୍ଡି ଗ୍ରାମପଞ୍ଚାୟତ, ରସୁଲପୁର ବ୍ଲକ, ଯାଜପୁର
ମୁକୁନ୍ଦଦେବ ମହାନ୍ତି
ସଭାପତି, ପ୍ରଥମାଖଣ୍ଡି ପ୍ରାଥମିକ କୃଷି ସମବାୟ ସେବା ସମିତି, ରସୁଲପୁର ବ୍ଲକ, ଯାଜପୁର

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ
ଯାଜପୁର ଜିଲ୍ଲା କ୍ରସର ମାଲିକ ସଂଘ
ଚଣ୍ଡିଖୋଲ, ଯାଜପୁର ସ୍ୱନକ୍ଷତ୍ର ଅବସରରେ ସଭ୍ୟ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହ ସୁଖ ସମୃଦ୍ଧି କାମନା କରୁଛୁ।
ଚନ୍ଦନ କୁମାର ନାୟକ
ସଭାପତି
ଦିଲ୍ଲୀପ କୁମାର ବଳ
ସମ୍ପାଦକ

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ ଓଡ଼ିଶାରେ ବିଜେପି ଶାସନ ପାଇଁ ଭାରତର ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନହିତକର କାର୍ଯ୍ୟ ପାଇଁ ଦଳେ ଦଳେ ବିଜେପିରେ ଯୋଗଦେବା ପାଇଁ ଅନୁରୋଧ।
ରମେଶ ଚନ୍ଦ୍ର ପରିଡ଼ା
ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଭ୍ୟ

With Best Compliments From-
PRINCIPAL- JAGANNATH JEW COLLEGE AND DHARMASALA MAHILA JUNIOR COLLEGE & STAFF
Ajay Ku. Mishra
Principal, J.J. Mahavidyalaya, Chadeidhara, Jajpur
Namita Parida
Principal, Dharmasala Jr. Mahila College, Dharmasala, Jajpur

'ଧରିତ୍ରୀ'ର ବାର୍ଷିକ ଉତ୍ସବ ଅବସରରେ **ଜଗତ୍‌ସିଂହପୁର ଜିଲ୍ଲା**ର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ ଓ ଭୋଟର ଭାଇଭଉଣୀମାନଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଅମରେନ୍ଦ୍ର ଦାସ
ସଭାପତି
ବିଜୁ ଯୁବ ଜନତା ଦଳ
ଜଗତ୍‌ସିଂହପୁର

ଦୈନିକ ଖବରକାଗଜ 'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଅବସରରେ **ବାଲିକୁଦା-ଏରସେମା ବିଧାନସଭା ନିର୍ବାଚନ ମଣ୍ଡଳୀ**ର ଜନସାଧାରଣ ଓ ସମସ୍ତ ଭୋଟର ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଲଲାଟେନ୍ଦୁ ମହାପାତ୍ର
ପୂର୍ବତନ ବିଧାୟକ
ବାଲିକୁଦା ନିର୍ବାଚନ ମଣ୍ଡଳୀ

'ଧରିତ୍ରୀ'ର ବାର୍ଷିକ ଉତ୍ସବ ଅବସରରେ **ଜଗତ୍‌ସିଂହପୁର ଜିଲ୍ଲା**ର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ ଓ ଭୋଟର ଭାଇଭଉଣୀମାନଙ୍କ ସୁଖ ସମୃଦ୍ଧି କାମନା କରୁଛି।

ଭଗବାନ ସାହୁ ଓ ପରିବାର
ଦୁର୍ଗା ବଜାର, ଜଗତ୍‌ସିଂହପୁର

With Best Compliments From-
ବୃକ୍ଷ ହିଁ ଜୀବନ। ଗଛଟିଏ ଲଗାଇ ପୁଅଝିଅ ପରି ତାକୁ ଲାଳନପାଳନ କରନ୍ତୁ।
SJ. SRINIBAS JENA (Chagali)
ବିଶିଷ୍ଟ ପରିବେଶବିତ୍ ଓ ସାମାଜିକ କର୍ମୀ
Ph: 06725-283945, Mob: 9437156188
Bajabati, Jaraka, Dist- Jajpur

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ ମୁକୁନ୍ଦ ପାତ୍ର ଡିଗ୍ରୀ ଓ ଜୁନିୟର କଲେଜର ଅଧ୍ୟକ୍ଷ ଓ ସହକର୍ମୀ ଶୁଭେଚ୍ଛା ଜଣାଉଛନ୍ତି।
କଣ୍ଟାପଡ଼ା, ଧର୍ମଶାଳା, ଯାଜପୁର
ହେମନ୍ତ କୁମାର ଦାସ
+୨ ଅଧ୍ୟକ୍ଷ
କବିତା ବିଶ୍ୱାଳ
+୩ ଅଧ୍ୟକ୍ଷା

With Best Compliments From-
Principal & Staffs
Sj. Subhransu Ku. Pattanayak
Dharmasala Mahavidyalaya, Dharmasala, Jajpur

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ସଂଚିତା ମହାନ୍ତି
ପୂର୍ବତନ ବିଧାୟିକା
କୋରେଇ ନିର୍ବାଚନ ମଣ୍ଡଳି
ଜିଲ୍ଲା- ଯାଜପୁର

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଦେବାଶିଷ ନାୟକ
ବିଧାୟକ, ବରୀ ନିର୍ବାଚନ ମଣ୍ଡଳୀ
ଜିଲ୍ଲା- ଯାଜପୁର

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ବିଶ୍ୱଜିତ୍ ନାୟକ
ବିଜେପି ନେତା
କୋରେଇ ନିର୍ବାଚନ ମଣ୍ଡଳି
ଜିଲ୍ଲା- ଯାଜପୁର




ପ୍ରାତଃ କାଳରେ ଦୀର୍ଘ ସମୟ ପ୍ରାର୍ଥନାରେ ବସି ସୁଦ୍ଧା ଦିବସଯାକ ମିଥ୍ୟା,
ହିଂସା ଓ କୃପାର ବଶବର୍ତ୍ତୀ ହେବା ବ୍ୟକ୍ତି ପ୍ରଭୁଭକ୍ତ ହୋଇପାରେ ନାହିଁ।
- ସାମବେଦ



## ସଂକ୍ଷେପରେ

### ଟ୍ୟାଙ୍କର ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ଧର୍ମଶାଳା, ୨୭।୧୧(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଜାରକା ବସ୍‌ଷ୍ଟାଣ୍ଡଠାରେ ମଙ୍ଗଳବାର ଟ୍ୟାଙ୍କର ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ବୃଦ୍ଧ ଜଣଙ୍କ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଜନକ ଗ୍ରାମର ରସାନନ୍ଦ ଜେନା (୫୮) । ଏ ନେଇ ପୋଲିସ ଏକ ମାମଲା (୪୫୮/୧୮) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ପଠାଇବା ସହ ଟ୍ୟାଙ୍କରକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ରସାନନ୍ଦ ଜାରକା ବଜାରଠାରେ ବସ୍‌ରୁ ଓହ୍ଲାଇ ରାସ୍ତା ପାର ହେଉଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା (ଜେଜି୦୬-ଏଏକ୍ସ-୪୬୫୫) ଟ୍ୟାଙ୍କର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ରସାନନ୍ଦଙ୍କ ମୃତ୍ୟୁ ହୋଇଥିଲା । ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଜାରକା ବିଟ୍ ହାଉସ ଅଧିକାରୀ ଉପେନ୍ଦ୍ର କୁମାର ଦାସ ଓ ଧର୍ମଶାଳା ପୋଲିସ ଏସ୍‌ଆଇ ହୃଷୀକେଶ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା ।

### ପୂର୍ବତନ ସରପଞ୍ଚଙ୍କ ଅକାଳ ବିୟୋଗ

**ରସୁଲପୁର,୨୭।୧୧(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମନଗର ପଞ୍ଚାୟତର ପୂର୍ବତନ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ମଲ୍ଲିକଙ୍କ ମଙ୍ଗଳବାର ସକାଳେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୨ବର୍ଷ ବୟସ ହୋଇଥିଲା । ସେ ଗତ କିଛି ଦିନ ଧରି ସେ ମୂତ୍ରାଶୟ ଓ ଉଚ୍ଚ ରକ୍ତଚାପ ରୋଗରେ ପିଡିତ ହୋଇ ଚିକିତ୍ସିତ ହେଉଥିଲେ। ମଲ୍ଲିକଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ସେ ୨୦୦୭ ରୁ ୨୦୧୨ ମସିହା ପର୍ଯ୍ୟନ୍ତ ସରପଞ୍ଚ ଭାବରେ ଦାୟିତ୍ୱ ବହନ କରିଥିଲେ । ମୃତ୍ୟୁ ଖବର ପାଇ କୋରେଇ ଭାଜପା ନେତା ବିଶ୍ୱଜିତ୍ ନାୟକ, ଆଲେକଜାଣ୍ଡାର ଦାସ, ସରପଞ୍ଚ ଗାୟତ୍ରୀ ସାହୁ, ଯୁବନେତା ଆଦିକନ୍ଦ ବିଶ୍ୱାଳ ପ୍ରମୁଖ ତାଙ୍କ ବାସଭବନ ନିକଟରେ ପହଁଚି ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୋକବ୍ୟକ୍ତ କରିଥିଲେ।

### ରସୁଲପୁର,ରାହାନ୍ଧ ପଞ୍ଚାୟତରେ ଜନ ସମ୍ପର୍କ ପଦଯାତ୍ରା

**ରସୁଲପୁର,୨୭।୧୧(ଡି.ଏନ୍.ଏ.):** ରସୁଲପୁର ବ୍ଲକରୁ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ସାମିଲ ହୋଇଥିବା ରାହାନ୍ଧ ଓ ରସୁଲପୁର ପଞ୍ଚାୟତରେ ମଙ୍ଗଳବାର ପୂର୍ବାହ୍ନରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାଏ ଏହି ଦୁଇ ପଞ୍ଚାୟତର ୧୦ରୁ ଊର୍ଦ୍ଧ୍ୱ ଗାଁ ବୁଲି ସାଧାରଣ ଭୋଟରଙ୍କ ସହ ସମ୍ପର୍କ ଯୋଡିବା ସହ ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ବିଧାୟକ ବଳବନ୍ତରାଏ ରସୁଲପୁର ପଞ୍ଚାୟତ ଖଣ୍ଡିତର ଗ୍ରାମସ୍ଥିତ ମା’ ମଙ୍ଗଳା ମନ୍ଦିର ନିକଟରୁ ପଦଯାତ୍ରାରେ ବାହାରି ସାନ ତ୍ରିଲୋଚନପୁର, କେଉଁଟ ଲଗୁଆଁ, ସୁଆଁସାହି, ରସୁଲପୁର, ଚଣ୍ଡିପୁର, ନଡିପୁର, ଖୋସାଲପୁର ଆଦି ଗ୍ରାମ ବୁଲିଥିଲେ। ଉକ୍ତ ପଞ୍ଚାୟତରୁ ପଦଯାତ୍ରା ସାରି ବିଧାୟକ ରହାନ୍ଧା ପଞ୍ଚାୟତକୁ ଯାଇଥିଲେ। ଏହି ପଞ୍ଚାୟତର ମିର୍ଜାପୁର, ସଦାନନ୍ଦପୁର, କୋଳଥଳ ଆଦି ଗାଁ ବୁଲି ଲୋକଙ୍କୁ ଭେଟିଥିଲେ। ଅପରାହ୍ନରେ ପଂଚାୟତର କୁରାଂଶ ଗ୍ରାମର ଶୈବପୀଠ ଚନ୍ଦନେଶ୍ୱର ମନ୍ଦିର ନିକଟରେ ପଦଯାତ୍ରା ଶେଷ ହୋଇଥିଲା। ପଦଯାତ୍ରାରେ ଯାଜପୁର ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ରସୁଲପୁର ବ୍ଲକ ବିଜେଡି ସଭାପତି ତ୍ରିଲୋଚନ ଦାଶ, ରାଜ୍ୟ ଯୁବ ବିଜେଡି ଉପସଭାପତି କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ବହୁ ନେତୃମଣ୍ଡଳି ଯୋଗ ଦେଇଥିଲେ।

### ଯାବରା ଗାଁରେ ଅଗ୍ନିକାଣ୍ଡ, ଦୋକାନ ଘର ଜଳିଗଲା

**ରସୁଲପୁର,୨୭।୧୧(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ଯାବରା ଗାଁରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡ ଯୋଗୁଁ ସେହି ଗାଁର ଗୋଲଖ ସାହୁଙ୍କ ଦୋକାନ ଘର ଜଳି ଯାଇଛି। କେହି ଦୁର୍ବୃତ୍ତ ଦୋକାନ ଘରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ଖବର ପାଇ ଦୋକାନ ମାଲିକ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଘରଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଘଟଣାର ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

## ■ ଚାଉଳ ପରିବହନରେ ଜାଲିଆତି

# ଯୋଗାଣରେ ୭୨୮୫୦ ଏମ୍‌ଟି ଭିନ୍ନତା

**ଯାଜପୁର ଅଫିସ,୨୭।୧୧**

■ସମ୍ବଲପୁର ଜିଲାର ମିଳୁନି ହିସାବ

■୨୦୧୭-୧୮ରେ ୪ ଜିଲାରୁ ଆସିଥିଲା ଚାଉଳ

ଯାଜପୁର ଜିଲାର ବିପିଏଲ୍, ଅନ୍ନପୂର୍ଣ୍ଣା, ଅନ୍ତ୍ୟୋଦ୍ୱୟ, ମଧ୍ୟାହ୍ନ ଭୋଜନ ଆଦି ହିତାଧିକାରୀଙ୍କ ଆବଶ୍ୟକତା ମେଣ୍ଟାଇବା ପାଇଁ ପ୍ରାୟ ୬ ମାସର ଖାଦ୍ୟଶସ୍ୟ ବାହାର ଜିଲା ଉପରେ ନିର୍ଭର କରିବାକୁ ପଡ଼ିଥାଏ। ତେଣୁ ଅନ୍ୟ ଜିଲାରୁ ଯାଜପୁର ଜିଲାକୁ ଖାଦ୍ୟଶସ୍ୟ ପରିବହନ ପାଇଁ ବିଭିନ୍ନ ପରିବହନ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଏହିକ୍ରମରେ ୨୦୧୭–୧୮ ଆର୍ଥିକ ବର୍ଷରେ ଖାଦ୍ୟଶସ୍ୟ ପରିବହନରେ ବ୍ୟାପକ ଅନିୟମିତା ହୋଇଥିବା ପରିଲକ୍ଷିତ ହୋଇଛି। ଭଦ୍ରକ, ବରଗଡ଼, ଢେଙ୍କାନାଳ ଓ ସମ୍ବଲପୁର ଜିଲାରୁ ଖାଦ୍ୟଶସ୍ୟ ପ୍ରେରଣ ଓ ଯାଜପୁର ଜିଲାରେ ଗ୍ରହଣ ମଧ୍ୟରେ ୭୨୮୫୦.୬୫ମେଟ୍ରିକ ଟନ୍(ଏମ୍‌ଟି) ଭିନ୍ନତା ଦେଖାଦେଇଛି। ଏହି ମର୍ମରେ ରାଜ୍ୟ ଯୋଗାଣ ନିଗମ ଲିଃର ଜେନେରାଲ ମ୍ୟାନେଜର(ଆକାଉଣ୍ଟସ୍) ବାଣୀପ୍ରସାଦ ଆଚାର୍ଯ୍ୟ ପ୍ରେରଣ ଓ ଗ୍ରହଣ ହୋଇଥିବା ଖାଦ୍ୟଶସ୍ୟର ହିସାବ ମିଳାମିଶା କରି ୭ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି।

ଜିଲା ମିଲର୍ସଙ୍କ ଅସହଯୋଗ ସହ ବର୍ଷାରେ ଅନିୟମିତତା ଏବଂ ଆବଶ୍ୟକ ଜଳସେଚନର ଅଭାବ ଯୋଗୁ ଯାଜପୁର ଜିଲାରେ ଖାଦ୍ୟ ସଙ୍କଟ ଦେଖା ଦେଇଛି। ସମୁଦାୟ ୧,୪୫,୪୫୦ହେକ୍ଟର ଚାଷ ଜମି ମଧ୍ୟରୁ ଖରିଫ୍‌ରେ ୪୨ପ୍ରତିଶତ ଓ ରବି ଋତୁରେ ମାତ୍ର ୨୩ପ୍ରତିଶତ ଜଳସେଚନ ସୁବିଧା ଥିବା ବିଭାଗ ପକ୍ଷରୁ କୁହାଯାଉଛି। କିନ୍ତୁ ବାସ୍ତବରେ ଏହାର ଅଧା ପରିମାଣର ଜମିରେ ଜଳସେଚନ ହେଉ ନ ଥିବାରୁ ଜିଲାବାସୀଙ୍କ ଖାଦ୍ୟ ଚାହିଦାକୁ ପୂରଣ କରିପାରୁ ନାହିଁ। ଏହାବାଦ ଶିଳ୍ପକାରଖାନା ପାଇଁ ଜିଲାର ଚାଷଜମି କ୍ରମଶଃ ସଂକୁଚିତ ହେବାରେ ଲାଗିଛି। ନଦୀନାଳ ଭରା ଜିଲାରେ ଜଳସେଚନର ପ୍ରାଚୁର୍ଯ୍ୟ ରହିଥିଲେ ହେଁ ସ୍ଥାନୀୟ ରାଜନେତାଙ୍କ ଅନାଗ୍ରହ ଯୋଗୁ ଚାହିଦା ମୁତାବକ ଖାଦ୍ୟ ଉତ୍ପାଦନ ପରାହତ ହୋଇଛି। ଖାଦ୍ୟ ସୁରକ୍ଷାରେ ମଧ୍ୟ ଜିଲା ପ୍ରଶାସନ ବିଫଳ ହୋଇଛି। ଜିଲାର ବିଭିନ୍ନ ହିତାଧିକାରୀଙ୍କ ପାଇଁ ବାର୍ଷିକ ଆବଶ୍ୟକ ୧୦ଲକ୍ଷ କୁଇଣ୍ଟାଲ ମଧ୍ୟରୁ ଅବଶିଷ୍ଟ ୫ ଲକ୍ଷ କୁଇଣ୍ଟାଲ ଚାଉଳ ବାହାର ୪ଜିଲାରୁ ଆମଦାନୀ କରିବାକୁ ପଡୁଛି। ୨୦୧୭–୧୮ ଆର୍ଥିକ ବର୍ଷରେ ପରିବହନ ସଂସ୍ଥା ଦ୍ୱାରା ଭଦ୍ରକ ଜିଲାରୁ ୧୦୬୭୫୯.୬୩ମେଟ୍ରିକ ଟନ୍ ଚାଉଳ ପ୍ରେରଣ ହୋଇଥିବାବେଳେ ଯାଜପୁର ଜିଲା ଯୋଗାଣ ବିଭାଗ ୧୫୧୩୫୧.୯୩ ମେଟ୍ରିକଟନ୍ ଚାଉଳ ଗ୍ରହଣ କରିଛି। ବରଗଡ଼ ଜିଲାରୁ ଆସିଥିବା ୧୫୪୩୭୧.୬୪ ମେଟ୍ରିକଟନ ମଧ୍ୟରୁ ୧୫୧୮୦୪.୩୩ ମେଟ୍ରିକଟନ ଗ୍ରହଣ ହୋଇଛି । ଢେଙ୍କାନାଳ ଜିଲାରୁ ଆସିଥିବା ୫୫୦୩୯.୯୬ ମେଟ୍ରିକଟନ ଚାଉଳ ମଧ୍ୟରୁ ୫୫୦୪୦.୨୬ ମେଟ୍ରିକ ଟନ ଗ୍ରହଣ ହୋଇଛି। ସେହିପରି ସମ୍ବଲପୁର ଜିଲାରୁ କେତେ ଚାଉଳ ଆସିଛି ତାର ହିସାବ ନ ଥିବାବେଳେ ୩୦୮୨୫.୩୬ ମେଟ୍ରିକ ଟନ ଚାଉଳ ଗ୍ରହଣ ହୋଇଛି। ଏପରି ଭାବେ ସମୁଦାୟ ୩୧୬୧୭୧.୨୩ ମେଟ୍ରିକ ଟନ୍ ଚାଉଳ ଆସିଥିବାବେଳେ ଗ୍ରହଣ ହୋଇଛି ୩୮୯୦୨୧.୮୮ ମେଟ୍ରିକ ଟନ। ଏଥିରେ ୭୨୮୫୦.୬୫ ମେଟ୍ରିକ ଟନ ଚାଉଳ ପ୍ରେରଣ ଅପେକ୍ଷା ବେଶୀ ଆସିଥିବା ରିପୋର୍ଟରେ ଦର୍ଶାଯାଇଛି। ଏତେ ପରିମାଣର ଚାଉଳ କିପରି ଅଧିକ ହେଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାଗଜପତ୍ରରେ ଦର୍ଶାଯାଇ ଏହି ପରିମାଣର ଚାଉଳ ଅର୍ଥକୁ ହଡ଼ପ କରାଯାଇଥିବା ଏଥିରୁ ଅନୁମାନ କରାଯାଇଛି। ଏ ସଂକ୍ରାନ୍ତରେ ଯାଜପୁର ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ହୋତାଙ୍କୁ ପଚାରିବାରୁ ସେ କହିଛନ୍ତି କୌଣସି ପ୍ରକାରେ ଚାଉଳ ଗ୍ରହଣରେ ଭିନ୍ନତା ଦେଖା ଯିବା କଥାନୁହେଁ। ଭୁଲ ହିସାବ ହୋଇଥାଇ ପାରେ। କମ୍ପ୍ୟୁଟର ଅପ୍‌ଲୋଡିଂରେ ଏଭଳି ଭିନ୍ନତା ସମ୍ଭବ ନୁହେଁ ବୋଲି ହୋତା କହିଛନ୍ତି ।

## ବ୍ଲକସ୍ତରୀୟ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ କ୍ରୀଡ଼ା ପ୍ରତିଯୋଗିତା



ଜଣେ କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ରସୁଲପୁର,୨୭।୧୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଶିକ୍ଷାମଣ୍ଡଳସ୍ତରୀୟ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ନେଇ ଏକ ଦିବସୀୟ ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ବାରବାଟୀ ୟୁଜିଏମ୍‌ଇ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଆରସି ଭିକାରୀ ଚରଣ କବି ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ବିକାଶ କ୍ଷେତ୍ରରେ ଗୁରୁତ୍ୱ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଏହି ବର୍ଗର ବିଦ୍ୟାର୍ଥୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି କହିଥିଲେ। ପିଲାଙ୍କ ମଧ୍ୟରେ ତର୍କ, ଚିତ୍ରାଙ୍କନ, ନାଚ, ଗୀତ, କୁଇଜ୍, ମ୍ୟୁଜିକ୍ ଚେୟାର ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ ସମ୍ବଳ ଶିକ୍ଷକ ରାମକୃଷ୍ଣ ମହାକୁଡ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସମନ୍ୱିତ ଶିକ୍ଷା ସ୍ୱେଚ୍ଛାସେବୀ(ଆଇଇଭି) ଦୀପ ସୁନ୍ଦର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀ ପ୍ରଶାନ୍ତ ସ୍ୱାଇଁ, ଦିଲୀପ କୁମାର ସାହୁ, ପ୍ରଭାତି ଘଡାଇ, ସୋନାଲି ନାୟକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ସମଗ୍ର ବ୍ଲକ ଅଞ୍ଚଳରୁ ୧୫୬ଟି ବିଦ୍ୟାଳୟରୁ ଶତାଧିକ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସେମାନଙ୍କ କଳାନୈପୁଣ୍ୟତାକୁ ପ୍ରଦର୍ଶନ କରିଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ସମୟରେ କାର୍ଯ୍ୟ କରିବେ ବିଜୁବାହିନୀ

**ବିରଜାକ୍ଷେତ୍ର,୨୭।୧୧(ଡି.ଏନ୍.ଏ)**

ଯାଜପୁର ବ୍ଲକ ସୁଜନପୁର ପଞ୍ଚାୟତରେ ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ପ୍ରଦୀପ କୁମାର ନାୟକ, ବରୀ ବିଧାୟକଙ୍କ ପ୍ରତିନିଧି ଗଣେଶ ଚନ୍ଦ୍ର ମହାକୁଡ଼, ଛତିଶଦେବିଲ ପଞ୍ଚାୟତ ସମିତି ସଭ୍ୟ ତଥା ସୁଜନପୁର କୃଷି ସେବା ସମବାୟ ସମିତିର ସଭାପତି ପ୍ରଫୁଲ୍ଲ ବିଶ୍ୱାଳ, ଯାଜପୁର ବ୍ଲକ ବିଜୁ ଯୁବବାହିନୀର ସଂଯୋଜକ ଶଶିକାନ୍ତ ଘଡ଼େଇ, ସମାଜସେବୀ ପ୍ରଦୀପ ଦାସ, ଯାଜପୁର ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି କରୁଣାକର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ବିଜୁ ଯୁବବାହିନୀର କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଜୁ ଯୁବବାହିନୀ କିପରି କାର୍ଯ୍ୟକରି ସେ ସମ୍ପର୍କରେ ଅତିଥି ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ସୁଜନପୁର ପଞ୍ଚାୟତର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜୁ ଯୁବବାହିନୀର ସଭାପତି ମନୋଜ ସାହୁ, ସମ୍ପାଦକ ଶୁଭଜିତ୍ ଦାସ, ଦେବାଶିଷ ପଣ୍ଡା, କୁଳମଣି ବେହେରା, ରଞ୍ଜିତ ବେହେରା, ବିର ବେହେରା, ଶ୍ରୀକାନ୍ତ ଜେନା, ଗୟାଧର ବେହେରା ଏବଂ ଯୁବବାହିନୀର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।




ମୁଁ ହିରୋ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ରାଜପଥରୁ ସୁନାଚେନ୍ ଲୁଟ୍ ଉଦ୍ୟମ ବିଫଳ

**ରସୁଲପୁର,୨୭।୧୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଗୋପାଳପୁର ନିକଟସ୍ଥ ପେଟ୍ରୋଲ ପମ୍ପ ସମ୍ମୁଖରେ ମଙ୍ଗଳବାର ଅପରାହ୍ନରେ ଲୁଟେରାଙ୍କ ଚେନ୍ ଲୁଟ ଉଦ୍ୟମ ବିଫଳ ହୋଇଛି। ପ୍ରକାଶ ଯେ, ୨ମହିଳା(ମା’ ଓ ଝିଅ) କୁଆଖିଆରୁ ଛତିଆ ଅଭିମୁଖେ ସ୍କୁଟିରେ ଯାଉଥିବାବେଳେ ସେମାନଙ୍କୁ ୨ଦୁର୍ବୃତ୍ତ ଏକ ବାଇକ୍‌ରେ ପିଛା କରିଥିଲେ। ପେଟ୍ରୋଲ ପମ୍ପ ସମ୍ମୁଖରେ ବାଇକ ପଛରେ ବସିଥିବା ଲୁଟେରା ଜଣକ ସ୍କୁଟିରେ ବସିଥିବା ମହିଳା(ମା’)ଙ୍କ ବେକରୁ ସୁନା ଚେନ୍ ଲୁଟିବାକୁ ଉଦ୍ୟମ କରିଥିଲେ। ଫଳରେ ମହିଳା ଜଣକ ଭାରସାମ୍ୟ ହରାଇ ତଳେ ପଡ଼ି ଯାଇଥିଲେ। ଏହା ଦେଖି ଲୁଟେରା ସେଠାରୁ ଫେରାର ହୋଇଯାଇଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

## ମୋ ବୁଥ୍ ମୋ ଗୌରବ, ଶକ୍ତି ପ୍ରୋଜେକ୍ଟ କର୍ମଶାଳା

**ବିରଜାକ୍ଷେତ୍ର,୨୭।୧୧(ଡି.ଏନ୍.ଏ)**

ଯାଜପୁର ଜିଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ସଭାପତି ମନୋଜ ରାଉତଙ୍କ ଅଧ୍ୟକ୍ଷତାରେ ରବିବାର ମୋ ବୁଥ୍ ମୋ ଗୌରବ ଓ ଶକ୍ତି ପ୍ରୋଜେକ୍ଟ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ୩୯ଟି ଜୋନ୍ ସଭାପତିଙ୍କ ଏକ ବୈଠକ ହୋଇଛି। ବୈଠକରେ ପିସିସି ଉପସଭାପତି ତଥା ଯାଜପୁର ଜିଲା ପ୍ରଭାରୀ ଶିବାନନ୍ଦ ରାୟ ଯୋଗଦେଇ କଂଗ୍ରେସକୁ ସକ୍ରିୟ କରିବାକୁ ହେଲେ ବୁଥ୍ କମିଟିକୁ ଗୁରୁତ୍ୱ ଦେବାକୁ ପଡ଼ିବ ଓ ରାହୁଲ ଗାନ୍ଧୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଶକ୍ତି ପ୍ରୋଜେକ୍ଟକୁ ବହୁଳ ପରିମାଣରେ ଯୁବକ ଓ ମହିଳାଙ୍କୁ ସାମିଲ କରିବାପାଇଁ କହିଥିଲେ। ମୋ ବୁଥ୍ ମୋ ଗୌରବର ଓଡ଼ିଶା ପ୍ରଭାରୀ ୱାଲିଦ୍ ପଟେଲ ଶକ୍ତି ପ୍ରୋଜେକ୍ଟର ରାଜ୍ୟ ସଂଯୋଜକ ବିସ୍ମୟ ମହାପାତ୍ର ଯୋଗଦେଇ ମୋ ବୁଥ୍ ମୋ ଗୌରବ ଓ ଶକ୍ତି ପ୍ରୋଜେକ୍ଟ କାର୍ଯ୍ୟସୂଚୀ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ।

## ଆଜି ମା’ ବିରଜାଙ୍କ ୧୪ତମ ପୁନଃ ପ୍ରତିଷ୍ଠା ଦିବସ

**ବିରଜାକ୍ଷେତ୍ର,୨୭।୧୧ (ଡି.ଏନ୍.ଏ)**

୧୩ ବର୍ଷଧରି ନଭେମ୍ବର ୨୮ ତାରିଖକୁ ଯାଜପୁର ପୌରାଞ୍ଚଳ ଚମ୍ପାମଢ଼େଇଠାରେ ଥିବା ମହାବୀର ଜିମ୍‌ନାସିୟମ ଓ ବିରଜା ମଣ୍ଡଳ ବିଦ୍ୱତ ପରିଷଦର ମିଳିତ ସହଯୋଗରେ ମା’ ବିରଜାଙ୍କ ମୂଳ ବିଗ୍ରହର ପୁନଃ ପ୍ରତିଷ୍ଠା ଦିବସ ପାଳିତ ହୋଇଆସୁଛି। ଏହିକ୍ରମରେ ଚଳିତବର୍ଷ ବୁଧବାର ମା’ ବିରଜାଙ୍କର ମୂଳ ବିଗ୍ରହର ୧୪ତମ ପ୍ରତିଷ୍ଠା ଦିବସ ପାଳିତ ହେବ। ପୁନଃ ପ୍ରତିଷ୍ଠା ଦିନ ମା’ ବିରଜାଙ୍କୁ ବଡ଼ ସିଂହାର ବେଶରେ ସଜ୍ଜିତ କରାଯାଇ ଚନ୍ଦନ ବେଶରେ ବିଭୂଷିତ କରାଯିବା ସହ ଚଣ୍ଡୀପାଠ, ଭାଗବତ, ଗୀତାପାଠ, ସପ୍ତସତୀ ଚଣ୍ଡୀପାଠ, ଜପ ଓ ଯଜ୍ଞ କାର୍ଯ୍ୟକ୍ରମ ଅଛି ବୋଲି ମହାବୀର ଜିମନାସିୟମ ପକ୍ଷରୁ ସୂଚନା ଦିଆଯାଇଛି । ସନ୍ଧ୍ୟାରେ ମା’ ବିରଜାଙ୍କୁ ଜିମ୍‌ନାସିୟମର ଶିକ୍ଷାର୍ଥୀ, ବିରଜା ମଣ୍ଡଳ ବିଦ୍ୱତ ପରିଷଦର ସଭ୍ୟ ଓ ଯାଜପୁର ସହରର ବହୁ ଗୁଣୀ ଜ୍ଞାନୀ ବ୍ୟକ୍ତି ବିରଜା ମନ୍ଦିର ପରିସରରେ ରହି ସହସ୍ର ପରିମିତ ଘୃତ, ଦୀପ ମା’ ବିରଜାଙ୍କୁ ସମର୍ପଣ କରିବାର କାର୍ଯ୍ୟକ୍ରମ ଅଛି ବୋଲି ସୂଚନା ମିଳିଛି। ଆଉ ଏଥିପାଇଁ ମହାବୀର ଜିମନାସିୟମ ଓ ବିରଜା ମଣ୍ଡଳ ବିଦ୍ୱତ ପରିଷଦ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ସୂଚନାଯୋଗ୍ୟ ଯେ, ୨୦୦୪ ସେପ୍ଟେମ୍ବର ମାସରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ତଥା ଶକ୍ତିମୟୀ ମା’ ବିରଜାଙ୍କ ରତ୍ନ ସିଂହାସନରେ ଫାଟ ହୋଇଥିବା କାରଣରୁ ମା’ଙ୍କ ମୂର୍ତ୍ତିକୁ ଏକ ଅସ୍ଥାୟୀ ମଣ୍ଡପରେ ସ୍ଥାପନା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ରତ୍ନ ସିଂହାସନର ମରାମତି ସମ୍ପୂର୍ଣ୍ଣ ହୋଇସାରିଲା ପରେ ମା’ଙ୍କ ମୂର୍ତ୍ତିକୁ ରତ୍ନ ସିଂହାସନରେ ପ୍ରତିଷ୍ଠା କରାଯାଇଥିଲା। ତେବେ ରତ୍ନ ସିଂହାସନରେ ମା’ଙ୍କ ମୂର୍ତ୍ତିକୁ ସ୍ଥାପନ କରାଯିବା ପରେ ଏହା ପ୍ରକୃତ ବିରଜାଙ୍କ ମୂଳ ମୂର୍ତ୍ତି ନୁହେଁ ବୋଲି ସାଧାରଣରେ ଅଭିଯୋଗ ହୋଇଥିଲା। ଜନସାଧାରଣଙ୍କ ସହ ମହାବୀର ଜିମନାସିୟମର ସଦସ୍ୟମାନେ ମା’ ବିରଜାଙ୍କ ମୂଳ ମୂର୍ତ୍ତି ବଦଳରେ ଅନ୍ୟ ଏକ ବିରଜାଙ୍କ ମୂର୍ତ୍ତି ରତ୍ନ ସିଂହାସନରେ ସ୍ଥାପନ କରାଯାଇଥିବାରୁ ପ୍ରତିବାଦ ଆରମ୍ଭ କରିବାରୁ ଏହ ଜନଆନ୍ଦୋଳନର ରୂପ ନେଇଥିଲା।

## ଆଜି ଉଦୟଗିରି ବୁଦ୍ଧ ମହୋତ୍ସବ, ଉଦ୍‌ଘାଟନ କରିବେ ରାଜ୍ୟପାଳ

**ଯାଜପୁର ଅଫିସ,୨୭।୧୧**

ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ହୀରକ ତ୍ରିଭୁଜ ବଳୟ ଭାବରେ ପରିଚିତ ଅନ୍ୟତମ ବୌଦ୍ଧପୀଠ ଉଦୟଗିରି ପାଦଦେଶରେ ନବମ ଉଦୟଗିରି ବୁଦ୍ଧ ମହୋତ୍ସବକୁ ବୁଧବାର ଅପରାହ୍ନ ୩ଟାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ଘାଟନ କରିବେ। ରାଜ୍ୟପାଳ ଉଦୟଗିରିଠାରେ ପହଞ୍ଚି ସେଠାରେ ଥିବା ବିଶ୍ୱବିଖ୍ୟାତ ମାଧବପୁର ଓ ସିଂହପ୍ରସ୍ଥ ବୌଦ୍ଧ ମହାବିହାର ପରିଦର୍ଶନ କରି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେବେ। ଉତ୍ସବରେ ସରକାରୀ ମୁଖ୍ୟସଚେତକ ତଥା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଏବଂ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ପକ୍ଷରୁ ଆୟୋଜିତ ଉତ୍ସବରେ ଉଦୟଗିରି ପୁସ୍ତକ ଏବଂ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ପ୍ରକାଶିତ ଓଳାଶୁଣୀର ଏକ ସ୍ୱତନ୍ତ୍ର ବିଶେଷାଙ୍କକୁ ମଧ୍ୟ ରାଜ୍ୟପାଳ ଉନ୍ମୋଚନ କରିବେ। ମହୋତ୍ସବ ସମିତିର ପ୍ରତିଷ୍ଠାତା ସଭ୍ୟ ଦିବାକର ବିଶ୍ୱାଳ, ହରୀଶ୍ ଚନ୍ଦ୍ର ପ୍ରଧାନ ଓ ବିପିନ ବିହାରୀ ଦକ୍ଷିଣରାୟଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ ବୋଲି ମହୋତ୍ସବ ସମିତିର ଅଧ୍ୟକ୍ଷା ଡ.ଅରୁନ୍ଧତୀ ଦେବୀ, ଆବାହକ ମହେଶ୍ୱର ବଳ ଓ ଯାଜପୁର ଜିଲା ସଂସ୍କୃତି ପରିଷଦର ସଦସ୍ୟ ଶୁଭେନ୍ଦୁ କୁମାର ଭୂୟାଁ ପ୍ରକାଶ କରିଛନ୍ତି ।


ଧରିତ୍ରୀ CAREER APPOINTMENT
every Wednesday & Saturday

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT 07303520928

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. ମାସିକ ଦରମା upto Rs.25000/-.
Contact Immediately: Mob: 8763257042

CONTACT:- 9938414918
ଭୁବନେଶ୍ୱର ପାଇଁ Accountant, Computer Operator, Field Officer, Office Assistant, Receptionist & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (17-30) yrs. Monthly Salary upto Rs. 24000/-.

URGENTLY REQUIRED
Urgently required for BBSR Office. Office Executive/ Counsellor (M/F), Asst. Office Executive/ Telecaller (M/F) & Senior Accounts Executive. Salary Negotiable with other incentives and Accommodation.
Walk in 29.11.2018 and 02.12.2018 between 12.00 - 3.00 PM.
Call: 2573332, 9776833302, 9776830500

REQUIRED
ଆନ୍ଧ୍ରପ୍ରଦେଶର ବିଜୟୱାଡା ଓ ବିଶାଖାପାଟଣା ଫାର୍ମା (କେମିକାଲ) କମ୍ପାନୀରେ କାମ କରିବା ପାଇଁ ଶ୍ରମିକ ଏବଂ ଶ୍ରମିକ ଠିକାଦାର ଆବଶ୍ୟକ।
ଯୋଗାଯୋଗ: ୯୯୪୯୮୨୫୭୪୦ / ୯୩୪୮୫୫୯୬୮୨ / ୮୦୯୬୬୬୨୪୪୧

ARCHIES REQUIRES
1. MARKETING EXECUTIVE Experience in gift line
2. ACCOUNTANT
3. SALES MAN 4. PEON
Contact: G-17, Metro House, Vanivihar Sqr. BBSR. Mob.: 9437388056
Email: ramjisls@yahoo.co.in

ପଟି କାର୍ଡ୍ସ
INVT. CARD & TROPHIES
NEEDS DTP OPTR. DESIGNER
M-9776138837, 9937417848, BBSR.

ଭୁବନେଶ୍ୱର ବସ୍ ଷ୍ଟାଣ୍ଡ ପାଖରେ ଥିବା ଏକ ଲଜ୍‌ପାଇଁ STAFF ଆବଶ୍ୟକ
MARKETING EXECUTIVE / RECEPTIONIST / COOK / KITCHEN HELPER / ROOM BOY
(ରହିବା ଓ ଖାଇବା ମାଗଣା)
ମାହେଶ୍ୱରୀ ପାନ୍ଥ ନିବାସ, ଭୁବନେଶ୍ୱର
9437007055, 7381066155

ସମସ୍ତ AIRPORT ରେ DIRECT JOINING
ଅପାଠୁଆ-ଗ୍ରାଜୁଏଟ୍, Salary- 18000 ରୁ 35000/-
Post : Ground Staff, Cabin Crew, Loader, Supervisor, Flight Cleaner
Mob : 9090732106
9090391585, 7694934663

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱରଠାରେ କାର ଚଳାଇବା ପାଇଁ ପରମାନେଣ୍ଟ ଲାଇସେନ୍ସଧାରୀ ଡ୍ରାଇଭର ଆବଶ୍ୟକ। ରହିବା ପାଇଁ ସୁବିଧା ଓ ଉପଯୁକ୍ତ ବେତନ ଦିଆଯିବ। ବୟସ ୩୦ରୁ ୪୦ ବର୍ଷ ହୋଇଥିବ। ଯୋଗାଯୋଗ ନମ୍ବର-୭୭୫୦୮୯୯୩୯୨ ସହିତ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରିପାରିବେ।

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27000/-.
(Part Time / Full Time)
Contact: 9938676412

REQUIRED
Bhubaneswarରେ Medifast Pharma (Medicine Store)ରେ ଗୋଟିଏ ଅନୁଭବୀ (Experience) ପିଲା ଆବଶ୍ୟକ।
ଯୋଗାଯୋଗ: 7873139928

SR. ACCOUNTANT, PROJECT HEAD, MARKETING, EXCEL EXPERT, TELE-CALLER, LABOUR CONTRACTOR, RECOVERY AGENT, SUPERVISOR
FOR PRE-CAST MANUFACTURING UNIT
Two-Wheeler Must, All Odisha.
9040019196/9778821577

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

ଚେନ୍ନାଇରେ ଚାକିରି + ରୁମ୍। ହିନ୍ଦୀ କହିପାରୁଥିବେ । ଫ୍ରେଶର୍ ନୁହେଁ / ମହିଳା - ପୁରୁଷ ହାଉସ୍ କ୍ଲିନର୍ / ବ୍ୟକ୍ତିଗତ ସେବକ / କାର ଡ୍ରାଇଭର / ଅଫିସ୍ ଆସିଷ୍ଟାଣ୍ଟ / ବରିଷ୍ଠ ନାଗରିକଙ୍କ ପାଇଁ ମେଡିକାଲ ସହାୟକ / ସିକ୍ୟୁରିଟି ଗାର୍ଡ / ରୋଷେୟା/ବେତନ: ୧୩୦୦୦-୧୭୦୦୦।
ଅଗରୱାଲ, ଏଫ୍ଏଫ୍ଏଫ୍ ଲିଃ
9884761210

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

JOB
Marketing Executive / Coordinator, Qualification : 10+2 / Graduate / MBA (Fresher), Salary : 10,000/- to 12000/- per month, E-mail your Biodata with Photo and Mobile No. for SMS interview call. E-mail : konsultant3003@gmail.com

SWIGGY REQUIRES
Work Full Time/ Part Time with Swiggy as a DELIVERY EXECUTIVE (Bike and DL) and earn up to 12000 - 25000 / month (Incentives and Insurance worth 6 lakhs extra).
Walk-in at Swiggy office at Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012 or give a missed call or call us on 011 30017619

See Career Appointment on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

■ ଏଆଇକେଏମ୍ଏସ୍ ପକ୍ଷରୁ ୮ ଦଫା ଦାବିରେ ବିକ୍ଷୋଭ

# କାଜୁ ଜଙ୍ଗଲ ଆଦିବାସୀଙ୍କୁ ହସ୍ତାନ୍ତର ଦାବି

ନୟାଗଡ଼ ଅଫିସ,୨୭।୧୧

ଅଖିଳ ଭାରତ କିଷାନ ମଜଦୁର ସଭା (ଏଆଇକେଏମ୍ଏସ୍) ନୟାଗଡ଼ ଜିଲା କମିଟି ପକ୍ଷରୁ ମଙ୍ଗଳବାର ୮ ଦଫା ଦାବିରେ ଦୁର୍ଗାମଣ୍ଡପ ପଡ଼ିଆଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଦିବାସୀ ଗ୍ରାମଗୁଡ଼ିକର ସରକାରୀ ଜମିରେ ଥିବା କାଜୁ ତୋଟାକୁ ନିଗମ ବଦଳରେ ସ୍ଥାନୀୟ ଆଦିବାସୀଙ୍କୁ ଅଧିକାର ଦେବା ମୁଖ୍ୟତଃ ଦାବି ରହିଛି। ସେହିପରି କାଜୁ ମାଫିଆଙ୍କ ଦ୍ୱାରା ଆଦିବାସୀଙ୍କ ବିରୋଧରେ କରାଯାଇଥିବା ମିଥ୍ୟା ମକଦ୍ଦମାକୁ ପ୍ରତ୍ୟାହାର କରିବା, ଜଙ୍ଗଲ ଜମିରେ ଚାଷବାସ କରି ରହିଆସୁଥିବା ଆଦିବାସୀଙ୍କୁ ଜମିପଟ୍ଟା ପ୍ରଦାନ କରିବା, ସମସ୍ତ ଜମିହୀନ ଓ ବାସହୀନ ଲୋକଙ୍କୁ ତୁରନ୍ତ ଜମି ଓ ଘରଡ଼ିହ ପ୍ରଦାନ, ନୂଆଗାଁ ବ୍ଲକର ସୀମାନ୍ତବର୍ତ୍ତୀ ଗାଁଗୁଡ଼ିକରେ ଜଳସେଚନର ବ୍ୟବସ୍ଥା କରିବା, ସମସ୍ତ ଗରିବ ଲୋକଙ୍କୁ ରାଶନ କାର୍ଡ, ଯୋଗ୍ୟ ହିତାଧିକାରୀ (ବୃଦ୍ଧା, ବୃଦ୍ଧ, ଦିବ୍ୟାଙ୍ଗ , ବିଧବା)ଙ୍କୁ ଭତ୍ତା ବାବଦରେ ମାସିକ ୩ ହଜାର ଟଙ୍କା ପେନସନ୍ ଓ ସବୁ ଆଦିବାସୀ ଗାଁକୁ ମୌଳିକ ସୁବିଧା ରାସ୍ତା ଓ ପାନୀୟ ଜଳ ଯୋଗାଇଦେବା ଭଳି ୮ ଦଫା ଦାବିରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।



ଦୁର୍ଗାମଣ୍ଡପ ପଡ଼ିଆରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଅପରାହ୍ନରେ ସିନ୍ଦୂରିଆଠାରୁ ଶତାଧିକ ଆଦିବାସୀ ଏକ ଶୋଭାଯାତ୍ରାରେ ଦୁର୍ଗାମଣ୍ଡପ ପଡ଼ିଆକୁ ଆସିଥିଲେ। ପରେ ସେଠାରେ ଉପରୋକ୍ତ ଦାବିଗୁଡ଼ିକ ତୁରନ୍ତ ପୂରଣ କରିବା ନିମନ୍ତେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଦିବାସୀ ନେତା ତଥା ଜିଲା କମିଟିର ଆବାହକ କୃଷ୍ଣ ମଲିକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଏଆଇକେଏମ୍ଏସ୍‌ର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ଇଂ. ରାଜା ସୁରେଶ, ଶ୍ରମିକ ନେତା ପ୍ରତାପ ଚନ୍ଦ୍ର ପ୍ରଧାନ, ଗୋବର୍ଦ୍ଧନ ମଲ୍ଲିକ, ଯୁବ ନେତା ଲକ୍ଷ୍ମୀ ନୃସିଂହ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପରେ ସଙ୍ଗଠନ ପକ୍ଷରୁ ଏକ ୫ଜଣିଆ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳଙ୍କୁ ଭେଟି ୮ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିବା ସହିତ ଏହା ଉପରେ ଆଲୋଚନା କରିଥିଲେ।

## କଳାକାର ଭତ୍ତା ପାଇଁ ସାକ୍ଷାତ୍କାର ଆରମ୍ଭ

ଭାପୁର,୨୭।୧୧(ଡି.ଏନ.ଏ.)

ରାଜ୍ୟରେ କଳାକାରମାନଙ୍କୁ ଚିହ୍ନଟ କରି ଯୋଗ୍ୟ ବ୍ୟକ୍ତିମାନଙ୍କୁ ଭତ୍ତା ପ୍ରଦାନ ପାଇଁ ଆବେଦନକାରୀଙ୍କୁ ବ୍ଲକ୍ ପରିସରରେ ସାକ୍ଷାତ୍କାର ନିଆଯାଉଛି। ମଙ୍ଗଳବାର ବ୍ଲକ୍‌ର ବାଘୁଆପଲ୍ଲୀ, ବିଜିପୁର, କଇଁପୁଲିଆ, ୨୯ ତାରିଖରେ ବାଲଗୁଣିଆ, ବଡସହରା, କେନ୍ଦୁପଲୀ, ୩୦ ତାରିଖରେ ଚକ୍ରଧରପ୍ରସାଦ, ପଦ୍ମାବତୀ, ଶାଳପଡା, ୪ ତାରିଖରେ ଭଗବାନପୁର, ଧାନଚାଙ୍ଗଡା, ରାଜମା, ଭାପୁର ୬ ତାରିଖରେ ଗୋଳାପୋଖରୀ, ପଥରଚଳତା, ନିମାଣୀ, ଶାସନ ଏବଂ ୮ ତାରିଖରେ ଫତେଗଡ଼, କରବର ଓ ବାଉଁଶବାଟୀ ପଞ୍ଚାୟତର କଳାକାରମାନେ ସାକ୍ଷାତ୍କାର ଦେବେ। ଚୟନ ପ୍ରକ୍ରିୟା ମୁଖ୍ୟ ଭାବେ ଏବିଡିଓ ଅନ୍ତର୍ଯାମୀ ଦାସ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ସଙ୍ଗୀତା ମହାରଣା, ବଲ୍ଲଭ ପ୍ରଧାନ ଓ ବ୍ଲକ୍ କଳାସଂସ୍କୃତି ସଂଘର ସଭାପତି ଜୟକୃଷ୍ଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ବ୍ଲକ୍‌ର ୨୦ ପଞ୍ଚାୟତରୁ ୩୬୦ଜଣ ବ୍ୟକ୍ତି କଳାକାର ଭତ୍ତା ପାଇଁ ଆବେଦନ କରିଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୧୧୬ଜଣ କଳାକାର ଭତ୍ତା ପାଇବେ।

■ ଜ୍ୱରରେ ଛାତ୍ରୀଙ୍କ ମୃତ୍ୟୁ ଘଟଣା

# କନ୍ୟାଶ୍ରମ ସମ୍ମୁଖରେ ମୃତଦେହ ରଖି ଧାରଣା

ଦଶପଲ୍ଲା,୨୭।୧୧(ଡି.ଏନ.ଏ.)

ଦଶପଲ୍ଲା ବ୍ଲକର ବୁଗୁଡା ସ୍ଥିତ କନ୍ୟାଶ୍ରମର ଜଣେ ଛାତ୍ରୀଙ୍କ ସୋମବାର ଜ୍ୱରରେ ମୃତ୍ୟୁ ଘଟିଥିଲା। ଏହାର ପ୍ରତିବାଦରେ ମଙ୍ଗଳବାର କନ୍ୟାଶ୍ରମ ସମ୍ମୁଖରେ ଛାତ୍ରୀ ସୁନୀତା ଜାନୀଙ୍କ ମୃତଦେହ ରଖି ପରିବାର ଲୋକେ ଧାରଣା ଦେଇଥିଲେ। ଫଳରେ ସେଠାରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା।

ଉକ୍ତ କନ୍ୟାଶ୍ରମରେ ରହି ସୁନୀତା ପାଠ ପଢୁଥିବାବେଳେ ରବିବାର ତାଙ୍କୁ ଦେଖା କରିବା ପାଇଁ ବାପା ଦଶରଥ ଜାନୀ ଉକ୍ତ ହଷ୍ଟଲକୁ ଯାଇଥିଲେ। ସେତେବେଳେ ସୁନୀତା ଜ୍ୱରରେ ପୀଡିତ ଥିବା ଜାଣିବାକୁ ପାଇଥିଲେ। ତେଣୁ ଝିଅକୁ ସାଥିରେ ଧରି ନିଜଗ୍ରାମ ପିଲିପାଡୁକୁ ଚାଲି ଆସିଥିଲେ । ସୋମବାର ସୁନୀତାଙ୍କ ଜ୍ୱର ବଢିବା ଓ ଦେହ ଅଧିକ ଅସୁସ୍ଥ ହେବାରୁ ଚିକିତ୍ସା ନିମନ୍ତେ ତାଙ୍କୁ ପ୍ରଥମେ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ପରେ ନୟାଗଡକୁ ନିଆଯାଇଥିଲା। ସେଠାରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯିବା ବାଟରେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। କନ୍ୟାଶ୍ରମରେ ଶିକ୍ଷକଙ୍କ ଅବହେଳାରୁ ଝିଅ ଜ୍ୱରରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଫଳରେ ମଙ୍ଗଳବାର ସକାଳେ କନ୍ୟାଶ୍ରମ ସମ୍ମୁଖରେ ମୃତଦେହ ରଖି ଅବେହେଳାକାରୀ ଶିକ୍ଷକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ଦାବିରେ ଧାରଣା ଦିଆଯାଇଥିଲା। ଦଶପଲ୍ଲା ତହସିଲଦାର ପ୍ରମୋଦ କୁମାର ଦଳବେହେରା, ଦଶପଲ୍ଲା ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ଆର୍ଥିକ ସହାୟତା ଦେବା ପାଇଁ ତହସିଲଦାର ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ୧୨.୩୦ରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।


କନ୍ୟାଶ୍ରମ ସମ୍ମୁଖରେ ଧାରଣା ଦିଆଯାଇଛି।




## ୨ ବଖରା ଜଳିଗଲା

ଓଡ଼ଗାଁ,୨୭।୧୧(ସ୍ୱ.ପ୍ର.)

ଓଡ଼ଗାଁ ଥାନା, ନୂଆଗାଁ ତହସିଲ ଅନ୍ତର୍ଗତ ବେରୁଆଁବାରୀ ପଞ୍ଚାୟତସ୍ଥ ପୋଡ଼ାସାହି ଗ୍ରାମରେ ଅଗ୍ନିକାଣ୍ଡ ଘଟି ୨ ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ବେଳେ ୨ ପରିବାରଙ୍କ ୨ ବଖରା ଜଳିଯାଇଛି। ବିପନ୍ନ ପରିବାର ହେଲେ କାହ୍ନୁ ନାୟକ ଓ ଚନ୍ଦ୍ର ନାୟକ । ଘଟଣାରୁ ପ୍ରକାଶ, ଉଭୟ ପରିବାରର ଗୋଟିଏ ଲେଖାଏ ଛାତଘର ନିର୍ମାଣାଧୀନ ରହିଛି। ତେଣୁ ଅନ୍ୟ ବଖରାରେ ସେମାନେ ସମସ୍ତ ଧାନଚାଉଳ ଓ ଲୁଗାପଟା ଆଦି ରଖିଥିବା ବେଳେ ତାହା ପୋଡ଼ି ପାଉଁଶ ହୋଇଯାଇଛି। କାହ୍ନୁ ତାଙ୍କ ଝିଅ ବାହାଘର ନିମନ୍ତେ ରଖିଥିବା ପ୍ରାୟ ୮୦ ହଜାର ଟଙ୍କା ମୂଲ୍ୟର ସମସ୍ତ କାଠନିର୍ମିତ ଓ ଅନ୍ୟାନ୍ୟ ସାମଗ୍ରୀ ଜଳିଯାଇଛି। ସ୍ଥାନୀୟ ଅଗ୍ନିଶମ ବାହିନୀ ଖବର ପାଇ ନିଆଁକୁ ଆୟତ୍ତ କରିଥିଲା।

# ଗାଁ ଠାରୁ ସହର ସବୁଠି ହକି ଫିଭର

ନୟାଗଡ଼ ଅଫିସ,୨୭।୧୧

ନୟାଗଡ଼ ଜିଲାର ଗାଁଠାରୁ ସହର ସବୁଠି ମଙ୍ଗଳବାର ଦେଖିବାକୁ ମିଳିଥିଲା ହକି ଫିଭର। ପୁରୁଷ ହକି ବିଶ୍ୱ କପର ଉଦ୍‌ଘାଟନ ପାଇଁ ଗାଁର ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲା ସଦର ମହକୁମାରେ କରାଯାଇଥିଲା ବ୍ୟାପକ ବ୍ୟବସ୍ଥା। ଘଣ୍ଟା ଘଣ୍ଟା ଧରି ଲୋକେ ଏଲ୍ଇଡି ଆଗରୁ ହଟି ନ ଥିଲେ। ବିଜୁ ଯୁବ ବାହିନୀ ପକ୍ଷରୁ ପ୍ରତି ପଞ୍ଚାୟତ କାର୍ଯ୍ୟାଳୟରେ ହକି ଖେଳର ଲାଇଭ୍ ଶୋ'ର ପ୍ରସାରଣ ପାଇଁ ବନ୍ଦୋବସ୍ତ କରାଯାଇଥିଲା। ସେହିଭଳି ସହରର ଖେଳ ପଡ଼ିଆଠାରେ ଜିଲା ପ୍ରଶାସନ ତରଫରୁ ମଧ୍ୟ ଏ ନେଇ ବନ୍ଦୋବସ୍ତ କରାଯାଇଥିଲା। ଖେଳପଡ଼ିଆଠାରେ ଥିବା ମଞ୍ଚରେ ବଡ଼ ପରଦା ମାଧ୍ୟମରେ ଦର୍ଶକମାନେ ଦେଖି ଏହାର ମଜା ଉଠାଇଥିଲେ। ସନ୍ଧ୍ୟା ୫ଟାରୁ ରାତି ପର୍ଯ୍ୟନ୍ତ ଖେଳପଡ଼ିଆଠାରେ ଲୋକମାନଙ୍କ ଭିଡ଼ ଲାଗି ରହିଥିଲା। ଜିଲାପାଳ ଡ. ଏନ୍ ତିରୁମାଲା ନାୟକ, ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ଜିଲା କ୍ରୀଡ଼ା ଅଧିକାରୀ ସୁଜାତା କୁମାରୀ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ପ୍ରମୁଖ ଯୋଗ ଦେଇ ଲୋକମାନଙ୍କୁ ଉତ୍ସାହିତ କରିଥିଲେ। ହକି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବର ସିଧା ପ୍ରସାରଣରେ ଉପସ୍ଥିତ ଦର୍ଶକ ଝୁମି ଉଠିଥିବା ଦେଖିବାକୁ ମିଳିଥିଲା। ହକି କାର୍ଯ୍ୟକ୍ରମର ସିଧା ପ୍ରସାରଣ ପୂର୍ବରୁ ବିଭିନ୍ନ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଏକ ଅନୁଷ୍ଠାନ ପକ୍ଷରୁ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

# ଦୁବାଇରୁ ଫେରିଲା ସୁଶାନ୍ତଙ୍କ ମୃତଦେହ

ନୟାଗଡ଼ ଅଫିସ,୨୭।୧୧

ନୟାଗଡ଼ ଜିଲା ରଣପୁର ଥାନା ରଣ୍ଡା ଗ୍ରାମର ସୁଶାନ୍ତ ଜେନାଙ୍କ ମୃତଦେହ ମଙ୍ଗଳବାରନିଜଗ୍ରାମରେପହଞ୍ଚିଛି।ଗ୍ରାମରେଶୋକାକୁଳପରିବେଶସୃଷ୍ଟିହୋଇଛି। ପ୍ରକାଶ ଯେ, ସୁଶାନ୍ତ ୨୭ ନଭେମ୍ବର ୨୦୧୭ରେ ଦୁବାଇର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଅକ୍ଟୋବର ୪ ତାରିଖ, ୨୦୧୮ରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ସୁଶାନ୍ତଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ସୁଶାନ୍ତଙ୍କ ପିତା ସତ୍ୟବାଦୀ ଜେନା ଏ ନେଇ କେନ୍ଦ୍ରାପଡ଼ାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ଭେଟି ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ। ଅକ୍ଟୋବର ୨୧ରେ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କୁ ଯୋଗାଯୋଗ କରି ମରଶରୀରକୁ ତୁରନ୍ତ ଫେରାଇ ଆଣିବା ପାଇଁ ହସ୍ତକ୍ଷେପ ଲୋଡ଼ିଥିଲେ। ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରେ ତାଙ୍କ ମୃତଦେହ ପହଞ୍ଚିବା ପରେ ପଣ୍ଡାଙ୍କ ତରଫରୁ ତାଙ୍କ ଟିମ୍ ସୁଶାନ୍ତଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ସୁଶାନ୍ତଙ୍କ ମରଶରୀରକୁ ରଣପୁରର ରଣ୍ଡା ଗ୍ରାମକୁ ଅଣାଯାଇଥିଲା। ଉଲ୍ଲେଖଯୋଗ୍ୟ,୨୮ ଦିନ ପରେ ମଧ୍ୟ ସୁଶାନ୍ତଙ୍କ ମୃତଦେହ ଫେରି ନ ଥିବା ନେଇ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ୧ମାସ ୨୨ଦିନ ପରେ ମରଶରୀର ପହଞ୍ଚିଛି। ଫଟୋ କ୍ୟାପସନ୍– ଭୁବନେଶ୍ୱର ବିମାନବନ୍ଦରରେ ମରଶରୀରଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

OFFICE OF THE PRINCIPAL
S.K.C.G. (AUTONOMOUS) COLLEGE, PARALAKHEMUNDI, GAJAPATI
L. No.: 2528/2018 Dt.: 26.11.2018
QUOTATION CALL NOTICE
Sealed quotations are invited from man power and Security Service providing agencies for supplying agencies for supplying supportive semi skilled and unskilled staffs for SKCG Autonomous College, Paralakhemundi, Gajapati.
Detail information including term and conditions for applying are available in the College website: **skcgparala.ac.in**. The last date of submission of quotation is 12th December 2018 and the same will be opened on 13th December 2018 at 12 Noon.
Sd./- Principal










ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୭୫୧୦୧୪
ପ୍ରଫେସର ଶ୍ରୀରାମଚନ୍ଦ୍ର ଦାଶ ଜନ୍ମଶତବାର୍ଷିକୀ
୨୮ ନଭେମ୍ବର ୨୦୧୮ (ବୁଧବାର) ସନ୍ଧ୍ୟା ୬.୦୦ ଘଟିକା
ସ୍ଥାନ : ଭଞ୍ଜ କଳାମଣ୍ଡପ, ଭୁବନେଶ୍ୱର
ଉଦ୍‌ଘାଟକ — ଡକ୍ଟର ସୌମ୍ୟରଞ୍ଜନ ପଟ୍ଟନାୟକ, ମାନ୍ୟବର ସାଂସଦ, ରାଜ୍ୟସଭା ଏବଂ ସମ୍ପାଦକ 'ସମ୍ବାଦ'
ସମ୍ମାନନୀୟ ଅତିଥି — ଡକ୍ଟର ବିଜୟାନନ୍ଦ ସିଂହ, କାର୍ଯ୍ୟକାରୀ ପରିଷଦ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ
ମୁଖ୍ୟବକ୍ତା — ଅଧ୍ୟାପକ ବିଶ୍ୱରଞ୍ଜନ, ବିଶିଷ୍ଟ ସାହିତ୍ୟିକ
ସଭାମୁଖ୍ୟ — ଶ୍ରୀ ହରିହର ମିଶ୍ର, ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ
ଉକ୍ତ ସାରସ୍ୱତ କାର୍ଯ୍ୟକ୍ରମରେ ସାହିତ୍ୟପ୍ରେମୀ ସୁଧୀବୃନ୍ଦ ଯୋଗଦାନ କରିବାକୁ ଅନୁରୋଧ।
ଜୟନ୍ତୀ ରଥ
ସଚିବ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବୁଝି ବିଚାରି କାର୍ଯ୍ୟ କଲେ**
**ପ୍ରମାଦ ନ ପଡ଼ଇ ଭଲେ ।**

ନିଷ୍ଠାର ସହିତ କାର୍ଯ୍ୟ କଲେ କାର୍ଯ୍ୟରେ ସଫଳତା ମିଳିବା ସ୍ଥିରନିଶ୍ଚିତ । ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ ପୂର୍ବରୁ ତାହାର ଭଲମନ୍ଦ ଦିଗ ତଥା ଆଗପଛ ଚିନ୍ତା କରି ଆଗକୁ ବଢ଼ିବା ଉଚିତ ହୋଇଥାଏ । ଏପରି ଭାବିଚିନ୍ତି ବା ବୁଝିବିଚାରି କାର୍ଯ୍ୟ କଲେ ପଛରେ କୌଣସି ପ୍ରକାରର ବାଧା ଉପୁଜୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ବାହାପିଆଙ୍କର ରୀତି**
**ବାହାରେ କାଢ଼ନ୍ତି ଢମ ବାରବୋଡ଼ି**
**ଘରେ ନ ଜଳଇ ବତି ।**

ଘରର ଆର୍ଥିକ ସ୍ଥିତି ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇଥା'ନ୍ତି । ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାପଣିଆକୁ ନେଇ ଅଯଥା ବାହାଦୁରି ଦେଖାଇଥା'ନ୍ତି । ଢମ ଗପିବାର ବା ବଢ଼େଇ କରି କହିବାର ଇଏ ହେଉଛି ଏକ ଶୈଳୀ । ନିଜେ ଯେତେ ନୁହଁ କି ଯାହା ନୁହଁ, ତାହାକୁ ଅତିରଞ୍ଜିତ କରି ଅନ୍ୟ ଆଗରେ ପ୍ରକାଶ କରିବା ଏପରି ବାହାପିଆ ବ୍ୟକ୍ତିଙ୍କ ମନ୍ଦ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ଗଞ୍ଜାମ ପ୍ରତି ବୈମାତୃକ ମନୋଭାବ

# ୬ ଲେନ୍ ହେବନି ଏନଏଚ୍-୧୬

ଛତ୍ରପୁର,୨୭।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଦେଇ ଯାଇଥିବା ଏନଏଚ୍-୧୬ ଛଅ ଲେନ୍ ବିଶିଷ୍ଟ ହେବନି। ବର୍ତ୍ତମାନ ଏନଏଚ୍-୧୬ ଚାରି ଲେନ୍ ବିଶିଷ୍ଟ ରହିଛି। ପୂର୍ବରୁ ଏହାକୁ ୬ ଲେନ୍ ବିଶିଷ୍ଟ କରିବା ପାଇଁ ଏନଏଚଏଆଇ କର୍ତ୍ତୃପକ୍ଷ ନିଷ୍ପତି ନେଇଥିଲେ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲା ଦେଇ ଯାଇଥିବା ଏନଏଚ୍-୧୬ର ସର୍ଭେ କରାଯାଇଥିଲା। ଏଥିପାଇଁ ଭୁବନେଶ୍ୱରସ୍ଥିତ ଏନ୍ଏଚଏଆଇ ପିଡିଙ୍କ ପକ୍ଷରୁ ଏକ ଡିପିଆର୍ ପ୍ରସ୍ତୁତ ହୋଇଥିଲା। ଏହାକୁ କେନ୍ଦ୍ର ସରକାରଙ୍କୁ ପଠାଯାଇଥିଲା। ଏପରିକି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏହାର ସର୍ଭେ ହୋଇ ଡିପିଆର୍ ପ୍ରସ୍ତୁତ ହୋଇଥିଲା। ଏ ସମ୍ପର୍କରେ ପୂର୍ବରୁ ଭୁବନେଶ୍ୱର ସ୍ଥିତ ଏନଏଚଏଆଇ ପିଡିଙ୍କ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କୁ ଏକ ଚିଠି କରାଯିବା ସହ ଛତ୍ରପୁରରେ ଅନୁଷ୍ଠିତ ଗଞ୍ଜାମ ଜିଲା ସଡକ ସୁରକ୍ଷା କମିଟି ବୈଠକରେ ସୂଚନା ଦିଆଯାଇଥିଲା। ରମ୍ଭା, ହଳଦିଆପଦର, ଜଗନ୍ନାଥପୁର ଜଙ୍କସନ, ଛତ୍ରପୁର କଲେଜ-ଡିଆରଡିଏ ଛକ, ପୁଇଁତଳା ଛକ, ପାଲୁର ଜଙ୍କସନ ଠାରେ ଫ୍ଲାଏ ଓଭର ନିର୍ମାଣ ସହ ବିଭିନ୍ନ ସ୍ଥାନରେ ସର୍ଭିସ ରୋଡ ନିର୍ମାଣ କରିବା ପାଇଁ ଡିପିଆରରେ ସଂଯୋଗ କରିବାକୁ ତତ୍କାଳୀନ ଜିଲାପାଳ ପ୍ରେମଚନ୍ଦ୍ର ଚୌଧୁରୀଙ୍କ ପକ୍ଷରୁ ଚିଠି ଦ୍ୱାରା ଏନଏଚଏଆଇ ପିଡିଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଥିଲା। ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଉକ୍ତ ସ୍ଥାନ ମାନଙ୍କରେ ଫ୍ଲାଏ ଓଭର ଏବଂ ସର୍ଭିସ ରୋଡ୍ ନିର୍ମାଣ କରିବାର ଆବଶ୍ୟକତା ରହିଥିବା କୁହାଯାଇଥିଲା।

ମାତ୍ର ଗଞ୍ଜାମ ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ ୬ ଲେନ୍ ବିଶିଷ୍ଟ ନ କରିବା ପାଇଁ ଏନଏଚଏଆଇ ନିଷ୍ପତି ନେଇଛି। ୫୬ କି.ମି. ମଧ୍ୟରୁ ୪୧ କି.ମି. ରାଜପଥରେ କେବଳ ସର୍ଭିସରୋଡ ନିର୍ମାଣ କରାଯିବ ବୋଲି ସୂଚନା ଦିଆଯାଇଛି। ଏହା ଜଣାପଡିବା ପରେ ହୁମ୍ମା ଶୁଖୁଆ ହାଟ ସମ୍ମୁଖ, ରମ୍ଭା ଛକ ଓ ଡିଆରଡିଏ ଛକରେ ଫ୍ଲାଏ ଓଭର ନିର୍ମାଣ କରିବାକୁ ମଙ୍ଗଳବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପ୍ରସ୍ତାବ ଦେଇଛନ୍ତି। ଅପରପକ୍ଷରେ ଏହା ନିର୍ମାଣ ଆଶା କ୍ଷୀଣ ବୋଲି ଜଣାପଡିଛି। ଆନ୍ଧ୍ର ପ୍ରଦେଶରେ ୬ ଲେନ୍ ବିଶିଷ୍ଟ ଏନଏଚ୍ ନିର୍ମାଣ କରାଯାଉଥିବା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ପ୍ରସ୍ତାବରେ ଥାଇ ଶେଷରେ ବାତିଲକୁ ନେଇ ଜିଲା ପ୍ରତି ବୈମାତୃକ ମନୋଭାବ କରାଯାଇଥିବା ସ୍ପଷ୍ଟ ହୋଇଛି। ଏପରିକି ଗଞ୍ଜାମ ଜିଲାର ପୁଇଁତୋଳାଠାରୁ ଜିଲା ସୀମାନ୍ତ ପର୍ଯ୍ୟନ୍ତ ଜାତୀୟ ରାଜପଥ ବିଶାଖାପାଟଣାର ଏନ୍ଏଚ୍ଏଆଇ ପିଡିଙ୍କ ଅଧୀନକୁ ଚାଲିଯାଇଛି। ଜିଲାର ପୁଇଁତୋଳା ଠାରୁ ନାରାୟଣୀ ଛକ ପଯ୍ୟନ୍ତ ଜାତୀୟ ରାଜପଥ ଭୁବନେଶ୍ୱରସ୍ଥିତ ଏନଏଚଏଆଇ ପିଡିଙ୍କ ଅଧିନରେ ରହିଛି।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରଥ ଉଦ୍‌ଘାଟିତ

# ଆଜିଠୁ ୧୧ବ୍ଲକରେ ଲୋକଙ୍କୁ କରିବ ସଚେତନ

ପୁରୀ ଅଫିସ,୨୭।୧୧

ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ କରିଛନ୍ତି। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଜନସାଧାରଣଙ୍କୁ ଏହି ଯୋଜନା ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରଥ ପୁରୀ ଜିଲା ପରିକ୍ରମା କରିବ। ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସିଡିଏମଓ ଭାସ୍କର ସାମନ୍ତରାୟ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ବୁଧବାରଠାରୁ ୩ମାସ ଧରି ପୁରୀ ପୌରାଞ୍ଚଳ ସମେତ ଜିଲାର ୧୧ଟି ବ୍ଲକର ୨୬୮ଟି ପଞ୍ଚାୟତ ପରିକ୍ରମା କରି ଲୋକଙ୍କୁ ସଚେତନ କରିବ। ଏହି ଅବସରରେ ସିଡିଏମଓ ସାମନ୍ତରାୟ କହିଲେ, ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପରିବାର ପିଛା ବାର୍ଷିକ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ମହିଳାଙ୍କ ସକାଶେ ୭ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ସୁରକ୍ଷା ବ୍ୟବସ୍ଥା କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ଆରମ୍ଭ କରି ସମସ୍ତ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ପ୍ରଦାନ କରାଯିବ।

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଫେସର ଡଃ ସୁସ୍ମିତା ମିଶ୍ର
ଅଧ୍ୟକ୍ଷା ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ (ଖଇରାବାଦ-ମୁଗୁପାଳ), ଯାଜପୁର ଜିଲ୍ଲା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଅତୁଲ୍ୟ ପ୍ରଧାନ
ସରପଞ୍ଚ, ଟିକରପଡା ଗ୍ରାମପଞ୍ଚାୟତ
ରସୁଲପୁର ବ୍ଲକ, ଯାଜପୁର

ଭାପୁର ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା
ଗ୍ରାମ୍ୟ ଉନ୍ନୟନ ବିଭାଗ
ଭାପୁର, ନୟାଗଡ

ଧରିତ୍ରୀର ୪୫ତମ ଜନ୍ମଦିନରେ ଖଣ୍ଡପଡ଼ାବାସୀଙ୍କୁ ଶୁଭେଚ୍ଛା।
ଅନୁଭବ ପଟ୍ଟନାୟକ
ବିଧାୟକ, ଖଣ୍ଡପଡ଼ା
ଖଣ୍ଡପଡାକୁ ରାଜ୍ୟର ଶ୍ରେଷ୍ଠ ନିର୍ବାଚନ ମଣ୍ଡଳୀରେ ପରିଣତ କରିବା ପ୍ରକ୍ରିୟାରେ ଆପଣମାନେ ସାମିଲ ହୁଅନ୍ତୁ।

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଭାତ କୁମାର ପୃଷ୍ଟି
ଉପସଭାପତି ଯୁବ ବିଜେଡି, ଯାଜପୁର ଜିଲ୍ଲା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ସଞ୍ଜୟ ପ୍ରଧାନ
ବିଜେଡି ସଭାପତି, ୩୩ ନଂ ଜୋନ
ଯାଜପୁର ଜିଲ୍ଲା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ହୃଦାନନ୍ଦ ସାହୁ
ସଂପାଦକ ବିଜେଡି, ରସୁଲପୁର ବ୍ଲକ କମିଟି

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ରଶ୍ମୀରଂଜନ ନାୟକ
୩୪ନଂ ଜିଲ୍ଲାପରିଷଦ ସଦସ୍ୟ, ଯାଜପୁର ଜିଲ୍ଲା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଚିନ୍ତାମଣି ସୁର
ସରପଞ୍ଚ ପ୍ରଥମାଖଣ୍ଡି ଗ୍ରାମପଞ୍ଚାୟତ, ରସୁଲପୁର ବ୍ଲକ, ଯାଜପୁର
ମୁକୁନ୍ଦଦେବ ମହାନ୍ତି
ସଭାପତି, ପ୍ରଥମାଖଣ୍ଡି ପ୍ରାଥମିକ କୃଷି ସମବାୟ ସେବା ସମିତି, ରସୁଲପୁର ବ୍ଲକ, ଯାଜପୁର

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ
ଯାଜପୁର ଜିଲ୍ଲା କ୍ରସର ମାଲିକ ସଂଘ
ଚଣ୍ଡିଖୋଲ, ଯାଜପୁର ସ୍ୱନକ୍ଷତ୍ର ଅବସରରେ ସଭ୍ୟ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହ ସୁଖ ସମୃଦ୍ଧି କାମନା କରୁଛୁ।
ଚନ୍ଦନ କୁମାର ନାୟକ - ସଭାପତି
ଦିଲ୍ଲୀପ କୁମାର ବଳ - ସମ୍ପାଦକ

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ ଓଡ଼ିଶାରେ ବିଜେପି ଶାସନ ପାଇଁ ଭାରତର ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନହିତକର କାର୍ଯ୍ୟ ପାଇଁ ଦଳେ ଦଳେ ବିଜେପିରେ ଯୋଗଦେବା ପାଇଁ ଅନୁରୋଧ।
ରମେଶ ଚନ୍ଦ୍ର ପରିଡ଼ା
ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଭ୍ୟ

With Best Compliments From-
PRINCIPAL- JAGANNATH JEW COLLEGE AND DHARMASALA MAHILA JUNIOR COLLEGE & STAFF
Ajay Ku. Mishra
Principal, J.J. Mahavidyalaya, Chadeidhara, Jajpur
Namita Parida
Principal, Dharmasala Jr. Mahila College, Dharmasala, Jajpur

'ଧରିତ୍ରୀ'ର ବାର୍ଷିକ ଉତ୍ସବ ଅବସରରେ **ଜଗତ୍‌ସିଂହପୁର ଜିଲ୍ଲା**ର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ ଓ ଭୋଟର ଭାଇଭଉଣୀମାନଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଅମରେନ୍ଦ୍ର ଦାସ
ସଭାପତି
ବିଜୁ ଯୁବ ଜନତା ଦଳ
ଜଗତ୍‌ସିଂହପୁର

ଦୈନିକ ଖବରକାଗଜ 'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଅବସରରେ **ବାଲିକୁଦା-ଏରସେମା ବିଧାନସଭା ନିର୍ବାଚନ ମଣ୍ଡଳୀ**ର ଜନସାଧାରଣ ଓ ସମସ୍ତ ଭୋଟର ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଲଲାଟେନ୍ଦୁ ମହାପାତ୍ର
ପୂର୍ବତନ ବିଧାୟକ
ବାଲିକୁଦା ନିର୍ବାଚନ ମଣ୍ଡଳୀ

'ଧରିତ୍ରୀ'ର ବାର୍ଷିକ ଉତ୍ସବ ଅବସରରେ **ଜଗତ୍‌ସିଂହପୁର ଜିଲ୍ଲା**ର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ ଓ ଭୋଟର ଭାଇଭଉଣୀମାନଙ୍କ ସୁଖ ସମୃଦ୍ଧି କାମନା କରୁଛି।



ଭଗବାନ ସାହୁ ଓ ପରିବାର
ଦୁର୍ଗା ବଜାର, ଜଗତ୍‌ସିଂହପୁର

With Best Compliments From-
ବୃକ୍ଷ ହିଁ ଜୀବନ। ଗଛଟିଏ ଲଗାଇ ପୁଅଝିଅ ପରି ତାକୁ ଲାଳନପାଳନ କରନ୍ତୁ।
SJ. SRINIBAS JENA (Chagali)
ବିଶିଷ୍ଟ ପରିବେଶବିତ୍ ଓ ସାମାଜିକ କର୍ମୀ
Ph: 06725-283945, Mob: 9437156188
Bajabati, Jaraka, Dist- Jajpur

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ ମୁକୁନ୍ଦ ପାତ୍ର ଡିଗ୍ରୀ ଓ ଜୁନିୟର କଲେଜର ଅଧ୍ୟକ୍ଷ ଓ ସହକର୍ମୀ ଶୁଭେଚ୍ଛା ଜଣାଉଛନ୍ତି।
କଣ୍ଟାପଡ଼ା, ଧର୍ମଶାଳା, ଯାଜପୁର
ହେମନ୍ତ କୁମାର ଦାସ - +୨ ଅଧ୍ୟକ୍ଷ
କବିତା ବିଶ୍ୱାଳ - +୩ ଅଧ୍ୟକ୍ଷା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ସଂଚିତା ମହାନ୍ତି
ପୂର୍ବତନ ବିଧାୟିକା
କୋରେଇ ନିର୍ବାଚନ ମଣ୍ଡଳି
ଜିଲ୍ଲା- ଯାଜପୁର

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଦେବାଶିଷ ନାୟକ
ବିଧାୟକ, ବରୀ ନିର୍ବାଚନ ମଣ୍ଡଳୀ
ଜିଲ୍ଲା- ଯାଜପୁର

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ବିଶ୍ୱଜିତ୍ ନାୟକ
ବିଜେପି ନେତା
କୋରେଇ ନିର୍ବାଚନ ମଣ୍ଡଳି
ଜିଲ୍ଲା- ଯାଜପୁର

With Best Compliments From-
Principal & Staffs
Sj. Subhransu Ku. Pattanayak
Dharmasala Mahavidyalaya, Dharmasala, Jajpur

## ସଂକ୍ଷେପରେ

### ଟ୍ରକ-ପିକ୍ଅପ ଧକ୍କା: ରାସ୍ତା ଅବରୋଧ



**ଦଶପଲ୍ଲା,୨୭।୧୧(ଡି.ଏନ.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବୁଗୁଡା ବାଲିସାହି ବ୍ରିଜ ଠାରେ ପୂର୍ବାହ୍ନ ପ୍ରାୟ ୯ଟାରେ ଦଶପଲ୍ଲାରୁ ଫୁଲବାଣୀ ଅଭିମୁଖେ ଯାଉଥିବା ପିକଅପ୍ (ନଂ.ଓଡି ୧୭ ଏମ୍ ୬୮୮୦) ସହ ବିପରୀତ ଦିଗରୁ ଆସୁଥିବା ଓଡି ୦୭ ଏଫ୍ ୯୨୦୧ନମ୍ବର ବିଶିଷ୍ଟ ଟ୍ରକ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୀର୍ଘ ୨ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ରାସ୍ତା ଶୋଚନୀୟ ହେତୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ତେବେ ଏହି ଦୁର୍ଘଟଣାରେ କାହାର କ୍ଷୟକ୍ଷତି ହୋଇନଥିବା ଜଣାପଡିଛି।

### ବିଦ୍ୟାଳୟରୁ କମ୍ପ୍ୟୁଟର ଚୋରି ସନ୍ଦେହଘେରରେ କର୍ମଚାରୀ

**ଭାପୁର,୨୭।୧୧(ଡି.ଏନ.ଏ.):** ଭାପୁର ବ୍ଲକ୍‌ସ୍ଥ ଶାଳପଡ଼ା ପଞ୍ଚାୟତ ବାରବାଟୀ ନୂଆଗାଁ ଗ୍ରାମର ଚିନ୍ତାମଣି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଶନିବାର ରାତିରେ ୨ଟି କମ୍ପ୍ୟୁଟର ଚୋରି ହୋଇଯାଇଛି । ଏ ନେଇ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ନାଏକ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ ହୋଇଛି। ଏ ଘଟଣାରେ ବିଦ୍ୟାଳୟର ଜଣେ କର୍ମଚାରୀ ସନ୍ଦେହଘେରରେ ରହିଛନ୍ତି। ଘଟଣାରୁ ପ୍ରକାଶ, ଏହି ନୋଡାଲ ସ୍କୁଲଟି ନୂଆଗାଁ ଉଚ୍ଚ ବିଦ୍ୟାଳୟ ସହିତ ମିଶ୍ରଣ ହୋଇଥିବା ବେଳେ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏହାର ଦାୟିତ୍ୱ ନେଇଥିଲେ। ତେବେ ଦାୟିତ୍ୱ ଗ୍ରହଣର ପୂର୍ବ ଦିନ ହିଁ ଚୋରି ହୋଇଥିଲା। ୫ଟି କମ୍ପ୍ୟୁଟର ମଧ୍ୟରୁ ୩ଟି ଅଚଳ ଥିବା ବେଳେ ୨ଟି ଭଲ କମ୍ପ୍ୟୁଟର ଚୋରି ହୋଇଛି। ତେବେ ନିକଟରେ ଥିବା ଷ୍ଟାବିଲାଇଜର୍ ଚୋରି ହୋଇନାହିଁ। କମ୍ପ୍ୟୁଟର ରୁମ୍‌ର କୌଣସି ଝରକା ଓ ତାଲା ନ ଭାଙ୍ଗି ଚୋରି ହେବା ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

### ବନ୍ଧୁମିଳନ କାର୍ଯ୍ୟକ୍ରମ

**ନୟାଗଡ଼ ଅଫିସ,୨୭।୧୧:** ନୟାଗଡ଼ ବ୍ଲକ ଇଟାମାଟିସ୍ଥିତ ବାମନ ଅବକାଶ ଉଚ୍ଚ ବିଦ୍ୟାଳୟର ୧୯୮୩ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇଟାମାଟି ଆର୍ଶୀବାଦ ମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାରେ ରହୁଥିବା ସହପାଠୀମାନେ ଏକାଠି ହୋଇଥିଲେ। ସେମାନେ ପୁରୁଣା ଦିନର ସ୍ମୃତିକୁ ରୋମନ୍ଥନ କରି ଭାବବିହ୍ୱଳ ହୋଇଥିଲେ। ଏହି ଅବସରରେ ୩ ଜଣ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ଚକ୍ରଧର ପଟ୍ଟନାୟକ ଓ ଉଦୟନାଥ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଶ୍ରୀଶ୍ରୀ ସ୍ୱପ୍ନେଶ୍ୱର ମହାବୀର ପୀଠରେ ଦୀପ ପ୍ରଜ୍ୱଳନ

**ଦଶପଲ୍ଲା, ୨୭।୧୧(ଡି.ଏନ.ଏ.):** ଅଯୋଧ୍ୟାରେ ଶ୍ରୀରାମଙ୍କ ମନ୍ଦିର ନିର୍ବିଘ୍ନରେ ନିର୍ମାଣ ନିମନ୍ତେ ଦଶପଲ୍ଲା ଅଞ୍ଚଳର ଶ୍ରଦ୍ଧାଳୁମାନେ ଶ୍ରୀଶ୍ରୀ ସ୍ୱପ୍ନେଶ୍ୱର ମହାବୀରଙ୍କ ପୀଠରେ ୧୦୮ ଦୀପ ପ୍ରଜ୍ୱଳନ କରିଥିଲେ। ଦିଲୀପ କୁମାର ମିଶ୍ରଙ୍କ ବେଦ ଉଚ୍ଚାରଣ ସହ ସମୂହ ହନୁମାନ ଚାଳିଶା ପାଠ କରାଯାଇଥିଲା ।

### ମଣ୍ଡଳସ୍ତରୀୟ ବିଜ୍ଞାନ, ପରିବେଶ ମେଳା-୨୦୧୮

**ବୋଲଗଡ଼,୨୭।୧୧(ଡି.ଏନ.ଏ.):** ବୋଲଗଡ଼ ବାମନ ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ମଣ୍ଡଳସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶମେଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ମୋଟ ୧୩୨ଟି ପ୍ରକଳ୍ପକୁ ମେଳାରେ ପ୍ରଦର୍ଶନ କରିଛନ୍ତି। ବୋଲଗଡ଼ ବିଇଓ ବିଭୂତି ଭୂଷଣ ମହାପାତ୍ର ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ମେଳାକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏଠାରୁ ୬ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ କରାଯାଇଛି ବୋଲି ବିଆର୍‌ସିସି ନାରାୟଣ ଛୁଆଳସିଂ ସୂଚନା ଦେଇଛନ୍ତି। ଏହା ହେଲା ଦେଉଳି ଉଚ୍ଚ ବିଦ୍ୟାଳୟର ସୌରଭ ନାୟକ, କଡ଼ବ ଉଚ୍ଚ ବିଦ୍ୟାଳୟର ବିଧୁସ୍ମିତା ବଳିୟାରସିଂହ, ସାଗରଗାଁ ଉଚ୍ଚ ବିଦ୍ୟାଳୟର ଶୁଭମ୍ ସିଂହ, ଏକତାଳିଆ ୟୁପି ବିଦ୍ୟାଳୟର ବିଶ୍ୱନାଥ ସାହୁ, ବୋଲଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନମିତା ଚୌଧୁରୀ ଓ ହରିପୁର ଆବାସିକ ଉଚ୍ଚ ବିଦ୍ୟାଳୟର ଶ୍ରୀକାନ୍ତ ଶବରଙ୍କ ପ୍ରକଳ୍ପ ।

# ୧୪ ବର୍ଷ ବିତିଲା, କାର୍ଯ୍ୟକ୍ଷମ ହେଉନି ସୁଲଭ ଶୌଚାଳୟ

**ଖଣ୍ଡପଡ଼ା,୨୭।୧୧(ସ୍ୱ.ପ୍ର.)**

■ନିର୍ମାଣ ନିମନ୍ତେ ବ୍ୟୟ ହୋଇଥିଲା ୯ ଲକ୍ଷ ଟଙ୍କା

■୨୦୧୨ରୁ ବକେୟା ପଡ଼ିଛି ବିଦ୍ୟୁତ୍ ଦେୟ

ଖଣ୍ଡପଡ଼ା ସହରାଞ୍ଚଳ କେନ୍ଦ୍ରସ୍ଥଳ ତଥା ମେଡ଼ିକାଲ ପରିସରରେ ଏକ ସୁଲଭ ଶୌଚାଳୟ ନିର୍ମାଣ କରାଯାଇଥିଲା। ତେବେ ଦୀର୍ଘ ୧୪ ବର୍ଷ ବିତି ଯାଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ନ ହୋଇ କେବଳ ସୂଚନା ଫଳକରେ ହିଁ ଅଟକି ରହିଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଯେ, ୨୦୦୪ ମସିହାରେ ଖଣ୍ଡପଡ଼ା ଏନ୍‌ଏସିରେ ସୁଲଭ ଇଣ୍ଟର୍‌ନ୍ୟାସନାଲ୍ ଆଣ୍ଡ୍ ସୋସିଆଲ୍ ଅର୍ଗାନାଇଜେଶନ୍ ପକ୍ଷରୁ ଏକ ସୁଲଭ ଶୌଚାଳୟ ଓ ସ୍ନାନାଗାର ଖଣ୍ଡପଡ଼ା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିର୍ମାଣ କରାଯାଇଥିଲା। ନିର୍ମାଣ ପାଇଁ ପ୍ରାୟ ୯ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା । ତତ୍କାଳୀନ ନୟାଗଡ଼ ଜିଲାପାଳ ଜମିଲ୍ ଅହମ୍ମଦ ଖାଁ, ବିଧାୟିକା ବିଜୟଲକ୍ଷ୍ମୀ ପଟ୍ଟନାୟକ, ଏନ୍‌ଏସି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ପ୍ରଧାନ ଏବଂ ସୁଲଭ ଇଣ୍ଟର୍‌ନ୍ୟାସ୍‌ନାଲ୍ ଅଧିକାରୀଙ୍କ ଉପସ୍ଥିତିରେ ତତ୍କାଳୀନ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ । ତେବେ ଏହାର କାର୍ଯ୍ୟକ୍ଷମ ନେଇ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀ କହିଛନ୍ତି ଯେ, ପ୍ରକଳ୍ପଟିକୁ କାର୍ଯ୍ୟକାରୀ କରିବା ଦିଗରେ ଏବେ ଏନ୍‌ଏସି ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି । ଶୌଚାଳୟର ବକେୟା ବିଦ୍ୟୁତ୍ ବିଲ୍ ପୈଠ ହୋଇ ନ ଥିବାରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରାଯାଇଛି । ପୁନଃ ବିଦ୍ୟୁତ୍ ସଂଯୋଗ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଛି । ଖୁବ୍ ଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରାଯିବ ବୋଲି ଷଡଙ୍ଗୀ ସୂଚନା ଦେଇଛନ୍ତି । ବିଧାୟକ ଅନୁଭବ ପଟ୍ଟନାୟକ କହିଥିଲେ, ସୁଲଭ ଶୌଚାଳୟ ଯୋଜନା ଆଉ କାର୍ଯ୍ୟକାରୀ ହେଉନାହିଁ। ଜିଲା ପ୍ରଶାସନ ଚାହିଁଲେ ଆବଶ୍ୟକ ମରାମତି ଓ ଉନ୍ନତିକରଣ ଦ୍ୱାରା ଶୌଚାଳୟଟିକୁ କାର୍ଯ୍ୟକ୍ଷମ କରାଯାଇପାରିବ। ଉଲ୍ଲେଖଯୋଗ୍ୟ, ଏହା କାର୍ଯ୍ୟକାରୀ ହେବାର ୪/୫ ବର୍ଷ ପର୍ଯ୍ୟନ୍ତ ଖଣ୍ଡପଡ଼ା ଏନ୍‌ଏସି ପକ୍ଷରୁ ବିଦ୍ୟୁତ୍ ବିଲ୍ ପଇଠ କରାଯାଉଥିଲା। ୨୦୧୦ ମସିହାଠାରୁ ବିଲ୍ ପଇଠ ନ ହେବାରୁ ୨୦୧୨ ମାର୍ଚ୍ଚରୁ ବିଦ୍ୟୁତ୍ କଟାଯାଇଥିବା କନିଷ୍ଠ ଯନ୍ତ୍ରୀ ବିନୋଦ କୁମାର ମହାରଣା ସୂଚନା ଦେଇଛନ୍ତି। ବିଦ୍ୟୁତ୍ ବକେୟା ବାବଦ ୧୬,୪୨୫ ଟଙ୍କା ଅନାଦେୟ ଥିବାରୁ ସଂଯୋଗ ଓ ବିଲକୁ ବନ୍ଦ କରାଯାଇଛି ବୋଲି ଖଣ୍ଡପଡ଼ା ଫିଡ଼୍‌କୋ ପକ୍ଷରୁ ସୂଚନା ମିଳିଛି । ତେବେ ଶୌଚାଳୟଟିକୁ ଖୁବଶୀଘ୍ର କାର୍ଯ୍ୟକ୍ଷମ କରାଯିବ ବୋଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି ।


କାର୍ଯ୍ୟକ୍ଷମ ହେଉ ନଥିବା ସୁଲଭ ଶୌଚାଳୟ।

# 'ପେନସନ୍ ପ୍ରଦାନରେ ପ୍ରାଥମିକ ଶିକ୍ଷକଙ୍କୁ ଅବହେଳା କରାଯାଉଛି'

**ପୁରୀ ଅଫିସ, ୨୭।୧୧**

ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ଅବକାଶ ଲେନ୍‌ସ୍ଥିତ ଭୁବନେଶ୍ୱରୀଙ୍କ ମନ୍ଦିର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଲକ୍ଷ୍ମୀଧର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ପାଦକ ବିଶ୍ୱନାଥ ବେହେରା କହିଲେ ଯେ, ଶିକ୍ଷକ ହେଉଛନ୍ତି ସମାଜର ପଥ ପ୍ରଦର୍ଶକ। ଅଥଚ ସେହି ଶିକ୍ଷକ ଅବସର ନେବା ପରେ ସେମାନଙ୍କୁ ଅବହେଳା କରାଯାଉଛି। ବର୍ଷ ବର୍ଷ ଧରି ଶିକ୍ଷକମାନେ ପେନସନ୍ ଲାଗି ସରକାରୀ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ପ୍ରାଥମିକ ଶିକ୍ଷକଙ୍କ ପେନସନ୍ ପ୍ରଦାନରେ ଅବହେଳା କରାଯାଉଛି ବୋଲି ସେ କହିଥିଲେ। ଏନେଇ ଜିଲା ଶିକ୍ଷାଧିକାରୀ ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ବେହେରା କହିଛନ୍ତି। ଅବସରପ୍ରାପ୍ତ ଶିକ୍ଷକଙ୍କୁ ଚିକିତ୍ସା ଭତ୍ତା, ସର୍ବନିମ୍ନ ପେନସନ ୯ହଜାର ଟଙ୍କା ପ୍ରଦାନ ଲାଗି ସଂଘ ଦାବି କରିଛି। ଏହି ଅବସରରେ ସଂଘରେ ନୂତନ ଭାବେ ଯୋଗଦାନ କରିଥିବା କାକଟପୁର ଓ ଅସ୍ତରଙ୍ଗ ବ୍ଲକର ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା।

# କ୍ୟାରିୟର ଗଠନରେ ଚାପ ସୃଷ୍ଟି କରାନଯାଉ

**ଖୋର୍ଦ୍ଧା ଅଫିସ,୨୭।୧୧**

ଖୋର୍ଦ୍ଧା ସହରର ସିଗ୍‌ମା ପବ୍ଲିକ ସ୍କୁଲର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ମମତାଞ୍ଜଳୀ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳେଇ, ଉପଜିଲାପାଳ ସରୋଜ ସାହୁ, ଖୋର୍ଦ୍ଧା ବ୍ଲକ ଶିକ୍ଷାଧିକାରୀ ବୈଦ୍ୟନାଥ ସାହୁ, ଆଇନଜୀବୀ ବିଧାନ ମହାନ୍ତି, ଶିକ୍ଷାବିତ୍ ଗୌରହରି ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

# ଆଜି ଶ୍ରୀକ୍ଷେତ୍ର ପରିକ୍ରମା ଭାଗବତ ପରିବାରର ଆଧାତ୍ମିକ ସଭା



ଆଧ୍ୟାତ୍ମିକ ସଭାରେ ଅତିଥିମାନେ।

**ପୁରୀ ଅଫିସ,୨୭।୧୧**

ମାର୍ଗଶିର ମାସ ପଞ୍ଚମୀ ତିଥି ଅର୍ଥାତ୍ ବୁଧବାର ପୁରୀରେ ଅନୁଷ୍ଠିତ ହେବ ଶ୍ରୀକ୍ଷେତ୍ର ପରିକ୍ରମା। ଏହି ଅବସରରେ ମଙ୍ଗଳବାର ଶ୍ରୀମଦ୍ ଭାଗବତ ପରିବାର ପକ୍ଷରୁ ଗୋପାଳବଲ୍ଲଭ ମାର୍ଗସ୍ଥିତ ସୁନ୍ଦରାକାଣ୍ଡ ପରିସରରେ ଏକ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଯାଇଛି। ମହନ୍ତ ଡ. ରାମଚରଣ ଦାସ ମହାରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଭାଗବତାଚାର୍ଯ୍ୟ ରବିନାରାୟଣ ମିଶ୍ର ମହାରାଜ, ମହନ୍ତ ଉମାଶଙ୍କର ଦାସ ମହାରାଜ, ମହନ୍ତ କୃପାରାମ ଦାସ ମହାରାଜ, ମହନ୍ତ ଅଭିରାମ ଦାସମହାରାଜ, ଗୋବିନ୍ଦ ଗୋଧାମ ଗୋଶାଳା ମୁଖ୍ୟ ବିଷ୍ଣୁ ଚରଣ ପଣ୍ଡା ପ୍ରମୁଖ ଯୋଗଦେଇ ଶ୍ରୀକ୍ଷେତ୍ର ପରିକ୍ରମାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ଧର୍ମଗ୍ରନ୍ଥ ଓ ଶାସ୍ତ୍ରରେ ଶ୍ରୀକ୍ଷେତ୍ର ପରିକ୍ରମା ସମ୍ପର୍କରେ ବର୍ଣ୍ଣନା ରହିଛି। ବିଶେଷତଃ ୫୩୦ ବର୍ଷ ତଳେ ଶ୍ରୀଚୈତନ୍ୟଙ୍କ ଉତ୍କଳ ଆଗମନ ପରେ ଶ୍ରୀକ୍ଷେତ୍ର ପରିକ୍ରମାର ମହତ୍ତ୍ୱ ବିକଶିତ ହୋଇଥିଲା ବୋଲି ସନ୍ଥମାନେ ପ୍ରକାଶ କରିଥିଲେ।

# କଳିଙ୍ଗ ପାଇକ ସଂଗଠନର ଶୁଭଭାବନା ସମାରୋହ

**ବୋଲଗଡ଼, ୨୭।୧୧(ଡି.ଏନ.ଏ.)**

ବୋଲଗଡ଼ ନନ୍ଦିଘୋଷ ଭବନରେ ସ୍ୱାଧୀନତା ସଂଗ୍ରାମୀ ତଥା କଳିଙ୍ଗ ପାଇକ ସଂଗଠନର ପ୍ରତିଷ୍ଠାତା ହଟନାଥ ମଙ୍ଗରାଜ ଏବଂ ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀଙ୍କ ଜନ୍ମଦିବସ ଅବସରରେ ସଂଗଠନ ପକ୍ଷରୁ ମଙ୍ଗଳବାର ଶୁଭଭାବନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ସ୍ମୃତି ପରିଷଦ, ଗଡ଼ରୋଡଙ୍ଗ ଦଳବେହେରା ସ୍ମୃତି ପରିଷଦ, ତାପଙ୍ଗ ପିଣ୍ଡିକ ବାହୁବଳେନ୍ଦ୍ର ସ୍ମୃତି ପରିଷଦ, ଦାରୁଠେଙ୍ଗ କୃତିବାସ ପାଟଶାଣୀ ସ୍ମୃତି ପରିଷଦ ଓ ବାଣପୁର ଓଡିଶା ବୀର ମହାସଂଘ ଏଥିରେ ସହଯୋଗ କରିଥିଲା। ସଭାରେ ସାମାଜିକ କର୍ମୀ କୃଷ୍ଣମୋହନ ପାଲଟାସିଂହ ପୌରୋହିତ୍ୟ କରିଥିଲେ । ଉଭୟ ଶତପଥୀ ଓ ମଙ୍ଗରାଜଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ପାଇକ ସାମରିକ କୌଶଳ ଏବଂ କଳା କ୍ଷେତ୍ରରେ ପାରଦର୍ଶିତା ଥିବା ୩୫ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଯୋଗ ଦେଇଥିଲେ।

# ସମ୍ପର୍କ ଯୋଡ଼େ କଳା ଓ ସଂସ୍କୃତି

**ପୁରୀ ଅଫିସ,୨୭।୧୧**

■ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଜମିଲା ନୃତ୍ୟର ଆସର

■୬ ପ୍ରତିଭା ସମ୍ବର୍ଦ୍ଧିତ

ଶ୍ରୀକ୍ଷେତ୍ରର କଳା ଓ ସଂସ୍କୃତି ହେଉଛି ଅନନ୍ୟ। କଳା ଓ ସଂସ୍କୃତି ସମ୍ପର୍କକୁ ଯୋଡିଥାଏ ବୋଲି ମଙ୍ଗଳବାର ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶ୍ରୀଜଗନ୍ନାଥ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ରଙ୍ଗୋଲି-୨୦୧୮ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ପୂର୍ବତନ ପ୍ରଶାସକ ବିନୋଦ କୁମାର ପଣ୍ଡା କହିଛନ୍ତି। ସଂସଦର ସଭାପତି ଭରତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀ ବାର୍ ଆସୋସିଏଶନର ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ, ଯୁବନେତା କୃଷ୍ଣଚନ୍ଦ୍ର ରାୟ, ସ୍ମୃତିରଞ୍ଜନ ପତି, ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, ଅନିରୁଦ୍ଧ ରାଉତ, ପୀତବାସ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ମନ୍ଦାକିନୀ ମହାପାତ୍ର, ଗୋପୀନାଥ ସାହୁ, ବଳରାମ ମହାନ୍ତି, ବିଶ୍ୱନାଥ ମିଶ୍ର, ବିମଳେନ୍ଦୁ ଦାସ, ନିତୁ ପ୍ରିୟଦର୍ଶିନୀ ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ମଞ୍ଚ ଓ ଉପସଭାପତି ନବ କିଶୋର ପ୍ରଧାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ନବପ୍ରତିଭା ନୃତ୍ୟ ଅନୁଷ୍ଠାନ ଓ ଆରତି ଡ୍ୟାନ୍ସ ଗ୍ରୁପ୍ ଏବଂ କୁନି କୁନି ପିଲାମାନେ ଭଜନ ଓ ନୃତ୍ୟ ପରିବେଷଣ କରିଥିଲେ।



କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

# ଫଟୋଗ୍ରାଫରଙ୍କ ବନ୍ଧୁମିଳନ


ଯୋଗ ଦେଇଥିବା ଫଟୋଗ୍ରାଫରମାନେ ।

**ନୟାଗଡ଼ ଅଫିସ,୨୭।୧୧**

ନୟାଗଡ଼ ଜିଲାର ଫଟୋଗ୍ରାଫରଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଶିର୍ମିଳିଝରଣାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫଟୋଗ୍ରାଫରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଦେଖାଦେଉଥିବା ସମସ୍ୟାକୁ କିପରି ସମାଧାନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ବଳଭଦ୍ର ସ୍ୱାଇଁ, ନୃସିଂହ ସାହୁ, ଦେବୁ ମହାପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ପାଣ୍ଡୁ ଚରଣ ଖଟେଇ ବିବରଣୀ ପାଠ କରିଥିଲେ। ପୂର୍ଣ୍ଣଚନ୍ଦ୍ର ସେନାପତି ଧନ୍ୟବାଦ ଦେଇଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଜିଲାର ୭୫ ଜଣ ଫଟୋଗ୍ରାଫର ଯୋଗ ଦେଇଥିଲେ।

# ନବ ନିର୍ମାଣ କୃଷକ ସଂଘର ବୈଠକ


ବୈଠକରେ ନବନିର୍ମାଣ କୃଷକ ସଂଘର ସଦସ୍ୟମାନେ।

**ଖଣ୍ଡପଡ଼ା,୨୭।୧୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଭାପୁର ବ୍ଲକ୍ ଅନ୍ତର୍ଗତ ପଥର ଚକଡ଼ା ଗ୍ରାମପଞ୍ଚାୟତସ୍ଥ ମାଧପୁରଠାରେ ମଙ୍ଗଳବାର ନବ ନିର୍ମାଣ କୃଷକ ସଂଘର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଂଯୋଜିକା ମମତା ନାଥ ଯୋଗଦେଇ ସ୍ୱାଧୀନତାର ୭୦ ବର୍ଷ ପରେ ବି ଚାଷୀମାନେ କିପରି ଅବହେଳିତ ଅବସ୍ଥାରେ ଜୀବନ ବିତାଉଛନ୍ତି ତାହା ପ୍ରକାଶ କରିଥିଲେ। ଚାଷୀଙ୍କୁ ସମ୍ମାନ ଓ ପେନ୍‌ସନ ଦାବି କରି ଆଗାମୀ ଦିନରେ ହେବାକୁ ଥିବା କୃଷକ ଆନ୍ଦୋଳନକୁ ତୀବ୍ର କରିବାକୁ ଉପସ୍ଥିତ ଚାଷୀମାନଙ୍କୁ ସଂଯୋଜିକା ଆହ୍ୱାନ ଦେଇଥିଲେ । ସଭାରେ ବ୍ଲକ୍ ସଂଗଠକ ପୀତବାସ ହାତୀ, ମଦନମୋହନ ନାୟକ, ଲିଙ୍ଗରାଜ ଦାସ, ଧନେଶ୍ୱର ହାତୀ ଓ ପାଣ୍ଡବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT
07303520928

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. ମାସିକ ଦରମା upto Rs.25000/-.
Contact Immediately:
Mob: 8763257042

CONTACT:- 9938414918
ଭୁବନେଶ୍ୱର ପାଇଁ Accountant, Computer Operator, Field Officer, Office Assistant, Receptionist & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (17-30) yrs. Monthly Salary upto Rs. 24000/-.

URGENTLY REQUIRED
Urgently required for BBSR Office. Office Executive/ Counsellor (M/F), Asst. Office Executive/ Telecaller (M/F) & Senior Accounts Executive. Salary Negotiable with other incentives and Accommodation.
Walk in 29.11.2018 and 02.12.2018 between 12.00 - 3.00 PM.
Call: 2573332, 9776833302, 9776830500

REQUIRED
ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା ଓ ବିଶାଖାପାଟଣା ଫାର୍ମା (କେମିକାଲ) କମ୍ପାନୀରେ କାମ କରିବା ପାଇଁ ଶ୍ରମିକ ଏବଂ ଶ୍ରମିକ ଠିକାଦାର ଆବଶ୍ୟକ।
ଯୋଗାଯୋଗ: ୯୯୪୯୮୨୫୭୪୦ / ୯୩୪୮୫୫୯୬୮୨ / ୮୦୯୬୬୬୨୪୪୧

ARCHIES REQUIRES
1. MARKETING EXECUTIVE Experience in gift line
2. ACCOUNTANT
3. SALES MAN 4. PEON
Contact: G-17, Metro House, Vanivihar Sqr. BBSR. Mob.: 9437388056
Email: ramjisls@yahoo.co.in

ପାର୍ଟି କାର୍ଡ୍‌ସ
INVT. CARD & TROPHIES
NEEDS DTP OPTR. DESIGNER
M-9776138837, 9937417848, BBSR.

ଭୁବନେଶ୍ୱର ବସ୍ ଷ୍ଟାଣ୍ଡ ପାଖରେ ଥିବା ଏକ ଲଜ୍‌ପାଇଁ STAFF ଆବଶ୍ୟକ
MARKETING EXECUTIVE / RECEPTIONIST / COOK / KITCHEN HELPER / ROOM BOY
(ରହିବା ଓ ଖାଇବା ମାଗଣା)
ମାହେଶ୍ୱରୀ ପାନ୍ଥ ନିବାସ, ଭୁବନେଶ୍ୱର
9437007055, 7381066155

ସମସ୍ତ AIRPORT ରେ DIRECT JOINING
ଅପାଠୁଆ-ଗ୍ରାଜୁଏଟ୍, Salary- 18000 ରୁ 35000/-
Post : Ground Staff, Cabin Crew, Loader, Supervisor, Flight Cleaner
Mob : 9090732106
9090391585, 7694934663

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱରଠାରେ କାର ଚଳାଇବା ପାଇଁ ପରମାନେଣ୍ଟ ଲାଇସେନ୍ସଧାରୀ ଡ୍ରାଇଭର ଆବଶ୍ୟକ। ରହିବା ପାଇଁ ସୁବିଧା ଓ ଉପଯୁକ୍ତ ବେତନ ଦିଆଯିବ। ବୟସ ୩୦ରୁ ୪୦ ବର୍ଷ ହୋଇଥିବ। ଯୋଗାଯୋଗ ନମ୍ବର-୭୭୫୦୮୯୯୩୯୨ ସହିତ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରିପାରିବେ।

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27000/-.
(Part Time / Full Time)
Contact: 9938676412

REQUIRED
Bhubaneswarରେ Medifast Pharma (Medicine Store)ରେ ଗୋଟିଏ ଅନୁଭବୀ (Experience) ପିଲା ଆବଶ୍ୟକ।
ଯୋଗାଯୋଗ:
7873139928

SR. ACCOUNTANT, PROJECT HEAD, MARKETING, EXCEL EXPERT, TELE-CALLER, LABOUR CONTRACTOR, RECOVERY AGENT, SUPERVISOR
FOR PRE-CAST MANUFACTURING UNIT
Two-Wheeler Must, All Odisha.
9040019196/9778821577

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

ଚେନ୍ନାଇରେ ଚାକିରି + ରୁମ୍। ହିନ୍ଦୀ କହିପାରୁଥିବେ । ଫ୍ରେଶର୍ ନୁହେଁ / ମହିଳା - ପୁରୁଷ ହାଉସ୍ କ୍ଲିନର୍ / ବ୍ୟକ୍ତିଗତ ସେବକ / କାର ଡ୍ରାଇଭର / ଅଫିସ ଆସିଷ୍ଟାଣ୍ଟ / ବରିଷ୍ଠ ନାଗରିକଙ୍କ ପାଇଁ ମେଡିକାଲ ସହାୟକ / ସିକ୍ୟୁରିଟି ଗାର୍ଡ / ରୋଷେୟା/ବେତନ: ୧୩୦୦୦-୧୭୦୦୦। ଅଗରୱାଲ, ଏଫ୍ଏଫ୍ଏଫ୍ ଲିଃ
9884761210

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact:
8339922964

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

JOB
Marketing Executive / Coordinator, Qualification : 10+2 / Graduate / MBA (Fresher), Salary : 10,000/- to 12000/- per month, E-mail your Biodata with Photo and Mobile No. for SMS interview call. E-mail : konsultant3003@gmail.com

SWIGGY REQUIRES
Work Full Time/ Part Time with Swiggy as a DELIVERY EXECUTIVE (Bike and DL) and earn up to 12000 - 25000 / month (Incentives and Insurance worth 6 lakhs extra).
Walk-in at Swiggy office at Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012 or give a missed call or call us on
011 30017619

See Career Appointment on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।